ଧରିତ୍ରୀ
DHARITRI
ଶନିବାର, ଏପ୍ରିଲ ୨୫/୨୦୨୦ (୧୮ ପୃଷ୍ଠା) | Saturday, April 25/2020
୪୬ଶ ଭାଗ ୧୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



**‘ବାହାଘର ଲାଗି କାର୍ଡ ବଣ୍ଟା ସରିଥିଲା’**
ସଲ୍‌ମାନ୍ ଖାନ୍ ବିବାହ ପାଇଁ ରାଜି ଥିଲେ। ଏପରିକି ବିବାହ କାର୍ଡ ମଧ୍ୟ ବାଣ୍ଟି ସାରିଥିଲେ। କିନ୍ତୁ ତାଙ୍କ ମନ ପରିବର୍ତ୍ତନ ହେବାରୁ ସେ ଅବିବାହିତ ରହିଥିବା କହିଛନ୍ତି। ୦୭

୧୮ **ଗୌତମ ଗମ୍ଭୀରଙ୍କ ବଦାନ୍ୟତା**
ପୂର୍ବତନ କ୍ରିକେଟର ତଥା ଭାଜପା ଏମ୍‌ପି ଗୌତମ ଗମ୍ଭୀର ତାଙ୍କ ଘରେ କାମ କରୁଥିବା ଜଣେ ମହିଳାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି।




# ମହାମାରୀରୁ ହେବ ଯୁଗ ନିର୍ଦ୍ଧାରଣ

## ମାନବ ଜାତିକୁ ଏକାଠି କରିଛି କରୋନା: ବିଲ୍ ଗେଟ୍ସ

ୱାଶିଂଟନ,୨୪।୪

କୋଭିଡ୍-୧୯ ହେଉଛି ପ୍ରଥମ ଆଧୁନିକ ମହାମାରୀ, ଯାହା ଏହି ଯୁଗର ସଂଜ୍ଞା ନିରୂପଣ କରିବ। ଏହି ସମୟ ଦେଇ ଗତି କରୁଥିବା କୌଣସି ବ୍ୟକ୍ତି ମହାମାରୀକୁ ଭୁଲିପାରିବେ ନାହିଁ ବୋଲି ଆମେରିକାର ବିଶିଷ୍ଟ ଜନହିତୈଷୀ ଶିଳ୍ପପତି ବିଲ୍ ଗେଟ୍ସ କହିଛନ୍ତି। ବିଲ୍ ଗେଟ୍ସଙ୍କ ମତରେ ବର୍ତ୍ତମାନ ଲୋକେ ଯେଉଁ କଷ୍ଟ ଅନୁଭବ କରୁଛନ୍ତି ତାକୁ ବ୍ୟକ୍ତ କରିହେବ ନାହିଁ। ଏହା ଆଗାମୀ ଅନେକ ବର୍ଷ ଧରି ଅନୁଭୂତ ହେଉଥିବ। ଏହି ରୋଗ ଅବିଚାରିତ ଭାବେ ଗରିବ



ବିଲ୍ ଗେଟ୍ସ

ସମୁଦାୟ ଜାତିଗତ ସଂଖ୍ୟାଲଘୁଙ୍କୁ କଷ୍ଟ ଦେଇଚାଲିଛି। ଏହାର ମୁକାବିଲା ପାଇଁ ଜାରି ଶଟ୍‌ଡାଉନ୍ ଯୋଗୁ ସ୍ୱଳ୍ପ ଆୟକାରୀ, ସଂଖ୍ୟାଲଘୁ ଶ୍ରମିକ ବହୁଳ ଭାବେ ପ୍ରଭାବିତ। ଦେଶଗୁଡ଼ିକ ଏହି ସ୍ଥିତିରୁ ମୁକୁଳିବାକୁ ଆରମ୍ଭ କଲେ ସମାଧାନ କ୍ଷେତ୍ରରେ ଯେପରି ଅସମାନତା ନ ହୁଏ ସେନେଇ ନୀତି ନିର୍ଦ୍ଧାରକମାନଙ୍କୁ ନିଶ୍ଚିତ କରିବାକୁ ପଡ଼ିବ ବୋଲି ଗେଟ୍ସ ଶୁକ୍ରବାର ଏକ ବିସ୍ତୃତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଶିଳ୍ପପତି ଗେଟ୍ସ କହିଛନ୍ତି, ଏହି ଭାଇରସ୍ ସବୁ ବର୍ଗର ଲୋକଙ୍କ କ୍ଷତି ସାଧନ କରିଛି। ସ୍ୱାସ୍ଥ୍ୟ, ସମ୍ପଦ ଓ ସୁଖ ସ୍ୱାଚ୍ଛନ୍ଦ୍ୟ ସବୁକିଛିକୁ କରୋନା ଛଡ଼ାଇ ନେଇଛି। ଏହା ଏକ ବିଶ୍ୱଯୁଦ୍ଧ ସଦୃଶ। କେବଳ ଫରକ ଏତିକି ଯେ, ଏହି ଯୁଦ୍ଧରେ ଆମେ ସମସ୍ତେ ଗୋଟିଏ ପକ୍ଷରେ ହିଁ ରହିଛୁ। ଏହି ରୋଗ ସମ୍ପର୍କରେ ସମସ୍ତେ ଏକାଠି ହୋଇ ଶିକ୍ଷା ☞ପୃଷ୍ଠା-୪

# ମୌସୁମୀରେ ଆସିପାରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ

ନୂଆଦିଲ୍ଲୀ, ୨୪।୪

ଆଉ କିଛି ସପ୍ତାହ ପରେ କରୋନା ଭାଇରସ୍ ଜନିତ ସଂକ୍ରମଣ କମିଯିବ ବୋଲି କୁହାଯାଉଛି। କିନ୍ତୁ ଜୁଲାଇ କିମ୍ବା ଅଗଷ୍ଟ ମୌସୁମୀ ସମୟରେ ଏହା ପୁଣି ଭାରତକୁ ଲେଉଟିପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା ବ୍ୟକ୍ତ କଲେଣି। ଲକ୍‌ଡାଉନ୍ ଶେଷ ହେବା ପରେ ଭାରତୀୟମାନେ କିଭଳି ଶାରୀରିକ ଦୂରତ୍ୱ ବଜାୟ ରଖି ସଂକ୍ରମଣ ସ୍ତରକୁ କମାଇବେ ତା’ ଉପରେ ସବୁକିଛି ନିର୍ଭର କରୁଛି ବୋଲି ସେମାନେ କହିଛନ୍ତି।

ଶିବ ନାଦାର ବିଶ୍ୱବିଦ୍ୟାଳୟର ପ୍ରଫେସର ସମିତ୍ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ବର୍ତ୍ତମାନ ଯେଉଁ ହାରରେ ସଂକ୍ରମଣ ଦେଖିବାକୁ ମିଳୁଛି, ତାହା କିଛି ସପ୍ତାହ କିମ୍ବା କିଛି ମାସ ପରେ କମିଯାଇପାରେ। ତଥାପି ମୌସୁମୀ



ବେଳକୁ ଦ୍ୱିତୀୟ ପର୍ଯ୍ୟାୟ କୋଭିଡ୍-୧୯ ଭାରତକୁ ଲେଉଟିପାରେ। କାରଣ ସାମାଜିକ ଦୂରତ୍ୱ ବଜାୟ ରଖିବାରେ ଭାରତୀୟମାନେ କେତେ ସଜାଗ ରହୁଛନ୍ତି ତାହା ମୁଖ୍ୟ ବିଷୟ ପାଲଟିବ। ଭଟ୍ଟାଚାର୍ଯ୍ୟଙ୍କ ସହ ଏକମତ ହୋଇଛନ୍ତି ବେଙ୍ଗାଲୁରୁସ୍ଥିତ ☞ପୃଷ୍ଠା-୪



ଜର୍ମାନୀର ମ୍ୟୁନିକ୍ ସହରରେ କରୋନାର ଦୌରାତ୍ମ୍ୟ ବଢ଼ିବାରେ ଲାଗିଥିବାବେଳେ ଜଣେ କଳାକାରଙ୍କ ବିଙ୍ଗୋ ମ୍ୟୁଜିକ୍ ଶୁଣୁଛନ୍ତି ବାଲ୍‌କୋନିରେ ଥିବା ଲୋକେ।

# ୧୦ ଦିନରେ ବଢ଼ିଗଲେ ୩୪ ଆକ୍ରାନ୍ତ

ଭୁବନେଶ୍ୱର, ୨୪।୪(ବ୍ୟୁରୋ)

- ଯାଜପୁରକୁ ଟପିଗଲା ଭଦ୍ରକ
- ଭଦ୍ରକରେ ଆଉ ୫ କରୋନା ଚିହ୍ନଟ
- ସମସ୍ତେ ପଶ୍ଚିମବଙ୍ଗ ଫେରନ୍ତା



ରାଜ୍ୟରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରଥମେ ବିଦେଶ ଫେରନ୍ତାଙ୍କ ପାଇଁ ରାଜ୍ୟରେ ସଂକ୍ରମଣ ବଢ଼ିଥିଲା। ହେଲେ ଏବେ ପଶ୍ଚିମବଙ୍ଗ ଫେରନ୍ତା ଚିନ୍ତା ବଢ଼ାଇଛି। ଶୁକ୍ରବାର ଭଦ୍ରକର ଆଉ ୫ଜଣ ପଶ୍ଚିମବଙ୍ଗ ଫେରନ୍ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଏମାନେ ସମସ୍ତେ ପୁରୁଷ। ଦୁଇଜଣଙ୍କ ବୟସ ୪୦ବର୍ଷ ହୋଇଥିବାବେଳେ ଅନ୍ୟମାନେ ୨୯, ୪୧ ଓ ୨୪ ବର୍ଷର ବୋଲି ଜଣାପଡିଛି। ତିହିଡ଼ି ଓ ଧାମନଗର ବ୍ଲକର ଦୁଇଜଣ ଲେଖାଏ ରହିଥିବାବେଳେ ଅନ୍ୟଜଣଙ୍କ ସମ୍ପର୍କରେ ସୂଚନା ମିଳିପାରିନି। ତେବେ ସମସ୍ତ ଆକ୍ରାନ୍ତ ପଶ୍ଚିମବଙ୍ଗ ଫେରନ୍ତା। ଏମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଠାବ କରାଯିବା ପାଇଁ ଯୋଗାଯୋଗ କରାଯାଉଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ, ମାର୍ଚ୍ଚ ୧୫ରେ ରାଜ୍ୟର ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏପ୍ରିଲ ୫ ଅର୍ଥାତ୍ ୨୧ ଦିନରେ କୋଭିଡ୍-୧୯ରେ ୩୦ଜଣ ଆକ୍ରାନ୍ତ ହୋଇଥିଲେ। ତେବେ ଏପ୍ରିଲ ୬ରୁ ୧୪ ତାରିଖ ଏହି ୯ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇ ୬୦ରେ ପହଞ୍ଚିଥିଲା।

କିନ୍ତୁ ଗତ ୧୫ରୁ ୨୪ ତାରିଖ ୧୦ଦିନ ମଧ୍ୟରେ ଆଉ ୩୪ ବୃଦ୍ଧି ପାଇ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୪ ଛୁଇଁଛି। ଅଳ୍ପ କେତେଜଣଙ୍କୁ ଛାଡ଼ିଦେଲେ ସମସ୍ତେ ହେଉଛନ୍ତି ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଜିଲାର। ଏମାନେ ପଶ୍ଚିମବଙ୍ଗ ଫେରନ୍ତା କିମ୍ବା ସେମାନଙ୍କ ସଂସ୍ପର୍ଶରେ ଆସି ଅନ୍ୟମାନେ ସଂକ୍ରମିତ ହୋଇଛନ୍ତି।

ଅନ୍ୟପକ୍ଷରେ ଆକ୍ରାନ୍ତଙ୍କ ସଂଖ୍ୟାରେ ଭୁବନେଶ୍ୱର ତଳକୁ ଯାଜପୁର ରହିଥିବାବେଳେ ଶୁକ୍ରବାର ଭଦ୍ରକରୁ ଆଉ ୫ଜଣ ପଜିଟିଭ ଚିହ୍ନଟ ହେବା ପରେ ଏହି ଜିଲା ଯାଜପୁର ଓ ବାଲେଶ୍ୱରକୁ ଟପିଯାଇଛି। ଏବେ ବାଲେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଥିବାବେଳେ ଯାଜପୁରରେ ୧୨ ଓ ଭଦ୍ରକରେ ୧୬ ହୋଇଛି। ରାଜ୍ୟର ମୋଟ ୯୪ ଆକ୍ରାନ୍ତଙ୍କ ମଧ୍ୟରୁ ଏହି ୩ ଜିଲାର ୩୮ଜଣ ରହିଛନ୍ତି। ସେପଟେ ୩୩ଜଣ ସୁସ୍ଥ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ଘଟିଛି। ତେଣୁ ବର୍ତ୍ତମାନ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୬୦ ରହିଛି ଓ ୧୭୦ଜଣ ସନ୍ଦିଗ୍ଧ ହସ୍ପିଟାଲ ଆଇସୋଲେଶନରେ ରହିଥିବା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ କହୁଛି।

# ସ୍ଥଗିତ ରଥଯାତ୍ରାର ଇତିହାସ

ପୁରୀ ଅଫିସ,୨୪।୪

ଜୁନ୍ ୨୩ରେ ରଥଯାତ୍ରା। ହେଲେ ବର୍ତ୍ତମାନ ରାଜ୍ୟରେ କରୋନା ସ୍ଥିତି ବେଶ୍ ଉଦ୍‌ବେଗଜନକ ରହିଛି। ଯେଉଁଭଳି ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଛି ଜୁନ୍ ବେଳକୁ ଏହାର କୋପ ଅଧିକ ଥିବା ଭଳି ଜଣାପଡୁଛି। ତେଣୁ ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ବନ୍ଦ ହେବା ସମ୍ଭାବନା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଇତିହାସ ପୃଷ୍ଠାକୁ ଓଲଟାଇଲେ ରଥଯାତ୍ରା ବନ୍ଦ ହେବା ସେମିତି କିଛି ନୂଆ ନୁହେଁ। ପୂର୍ବରୁ ଶ୍ରୀମନ୍ଦିର ଉପରେ ଆକ୍ରମଣଜନିତ ପ୍ରତିକୂଳ ପରିସ୍ଥିତିରେ ମହାପ୍ରଭୁ ଶ୍ରୀକ୍ଷେତ୍ର ବାହାରେ ରହିଥିବାବେଳେ ୧୫୫ବର୍ଷ ଧରି ହୋଇପାରିନି ଦାରୁଦିଅଁଙ୍କ ଘୋଷଯାତ୍ରା। ଇତିହାସରୁ ଜଣାପଡ଼େ ଲୁଣ୍ଠନ ଆଶାରେ ଯବନ ଓ ବିଧର୍ମୀମାନେ ୧୮ଥର ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ। ଏଥିଲାଗି ୨୨ଥର ମହାପ୍ରଭୁଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିଥିଲା। ଶ୍ରୀକ୍ଷେତ୍ର ଛାଡ଼ି ୧୬୪ ବର୍ଷ ୪ମାସ ବାହାରେ ରହିଥିଲେ ଦାରୁଦିଅଁ। ଏହି ସମୟ ମଧ୍ୟରେ ମାତ୍ର ୮ଥର ଶ୍ରୀକ୍ଷେତ୍ର ବାହାରେ ଏବଂ ଥରେ ଶ୍ରୀମନ୍ଦିର ଭିତରେ ହିଁ ରଥଯାତ୍ରା ସମ୍ଭବ ହୋଇପାରିଛି। ଅର୍ଥାତ୍ ୧୫୫ ବର୍ଷ ବନ୍ଦ ରହିଥିଲା ମହାପ୍ରଭୁଙ୍କ ରଥଯାତ୍ରା।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀମନ୍ଦିର ଉପରେ ୧୮ଥର ଆକ୍ରମଣ ମଧ୍ୟରୁ ୬୭୦-୬୭୫ ମସିହା ମଧ୍ୟରେ ରକ୍ତବାହୁ ଆକ୍ରମଣ କରିବା ପରେ ମହାପ୍ରଭୁ ମହାନଦୀର ଜଳପଥରେ ଯାଇ ସୋନପୁରରେ ପହଞ୍ଚିଥିଲେ। ସୋନପୁରଠାରୁ ୩୦କି.ମି. ଦୂର ଛଳିଆ ପାହାଡ଼ ପାଦଦେଶରେ ଥିବା ବାଘାପଲ୍ଲୀରେ ୪୫ବର୍ଷ ଏକାନ୍ତରେ ଉପାସିତ ହୋଇଥିଲେ। ସେତେବେଳେ ରଥଯାତ୍ରା ସମ୍ଭବ ହୋଇ ନ ଥିଲା। ଏହାପରେ ଆକ୍ରମଣ ଆଶଙ୍କା ଦେଖାଦେବାରୁ ଦାରୁବିଗ୍ରହଙ୍କୁ ପାହାଡ଼ର ଅପର ପାର୍ଶ୍ୱ ଏକ ଗୁମ୍ଫାରେ ୯୯ବର୍ଷ ଧରି ପାତାଳି କରାଯାଇଥିଲା। ସେହି ୧୪୪ ବର୍ଷ ମଧ୍ୟରେ ରଥଯାତ୍ରା ହୋଇଥିବା ପ୍ରମାଣ ମିଳିନାହିଁ।☞ପୃଷ୍ଠା-୪

- ୧୬୪ବର୍ଷ ୪ମାସ ଶ୍ରୀମନ୍ଦିର ବାହାରେ ରହିଛନ୍ତି ମହାପ୍ରଭୁ
- ୧୫୫ବର୍ଷ ବନ୍ଦ ରହିଛି ରଥଯାତ୍ରା
- ୮ଥର ପୁରୀ ବାହାରେ, ଥରେ ଶ୍ରୀମନ୍ଦିର ଭିତରେ ହୋଇଛି ରଥଯାତ୍ରା



# ବିଧି ରକ୍ଷା ହେଉ: ଶଙ୍କରାଚାର୍ଯ୍ୟ

## ଶ୍ରୀମନ୍ଦିର ଭିତରେ ହେବ ଅକ୍ଷୟ ତୃତୀୟା ନୀତି

ପୁରୀ ଅଫିସ,୨୪।୪

- ମେ ୩ ପରେ ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି
- ମେଘନାଦ ପାଚେରି ଭିତରେ ହେବ ରଥ ନିର୍ମାଣ ଅନୁକୂଳ ଓ ଚନ୍ଦନଯାତ୍ରା ନୀତି

ଶ୍ରୀମନ୍ଦିର ଭିତରେ ହେବ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା । ରଥଖଳାରେ ନୁହେଁ ମେଘନାଦ ପାଚେରି ପରିସରରେ ହେବ ଅକ୍ଷୟ ତୃତୀୟା ନୀତି । ମହାପ୍ରଭୁଙ୍କ ରଥ ନିର୍ମାଣ ଅନୁକୂଳ କରାଯିବ । କିନ୍ତୁ ମେ ୩ ତାରିଖ ପରେ କରୋନା ମୁକାବିଲା ନେଇ ସରକାରଙ୍କ ନୂଆ ଗାଇଡ୍‌ଲାଇନ ପରେ ରଥଯାତ୍ରା ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। କରୋନା କଟକଣା ଭିତରେ କିପରି ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଏବଂ ଅକ୍ଷୟ ତୃତୀୟା ନୀତି କରାଯିବ ସେ ନେଇ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଲୋଡିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି। ଶୁକ୍ରବାର ରାତିରେ ଗୋବର୍ଦ୍ଧନ ମଠରେ ଅନୁଷ୍ଠିତ ବୈଠକ ପରେ ଗଜପତି ମହାରାଜା କହିଥିଲେ, ମହାପ୍ରଭୁଙ୍କ ବିଧି ରକ୍ଷା ହେଉ ☞ପୃଷ୍ଠା-୪

# ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୪(ବ୍ୟୁରୋ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନେଇ ଆଶଙ୍କା ଦେଖାଦେଇଛି। କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ସମସ୍ତ ସାମାଜିକ ଏବଂ ଧାର୍ମିକ କାର୍ଯ୍ୟକ୍ରମ ଉପରେ କଟକଣା ଜାରି କରିଛନ୍ତି। ଏହି ମହାମାରୀର ପ୍ରକୋପ ସମ୍ପୂର୍ଣ୍ଣ ନ ହଟିବା ଯାଏ ଏଭଳି କଟକଣା ବଳବତ୍ତର ରହିବା ଏକ ପ୍ରକାର ନିଶ୍ଚିତ ହୋଇଛି। ଏଭଳି ସଙ୍କଟମୟ ପରିସ୍ଥିତିରେ ଆସନ୍ତା ଜୁନ ୨୩ରେ ହେବାକୁ ଥିବା ଶ୍ରୀଜୀଉଙ୍କ ରଥଯାତ୍ରା କିପରି ହେବ ସେନେଇ ରାଜ୍ୟ ☞ପୃଷ୍ଠା-୪

ଗ୍ରାମୀଣ ଅର୍ଥ ବ୍ୟବସ୍ଥା ପାଇଁ ବଡ଼ ଚ୍ୟାଲେଞ୍ଜ
........୪........

**ଆଜିର ସମ୍ପାଦକୀୟ**

ଲକ୍‌ଡାଉନ୍‌ରେ ବାବୁ ଅନୁପସ୍ଥିତ

**ଆଜିର ମନ୍ତବ୍ୟ**

“ବିଶ୍ୱ ଅର୍ଥନୀତି ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାରୁ ଚାଇନାକୁ ମୂଲ୍ୟ ଦେବାକୁ ପଡ଼ିବ।


-ମାଇକ୍ ପମ୍ପିଓ, ଆମେରିକା ପରରାଷ୍ଟ୍ର ସଚିବ

# ଆଣ୍ଡାମାନ ନିକଟରେ ଦାନା ବାନ୍ଧୁଛି ବାତ୍ୟା

ଭୁବନେଶ୍ୱର,୨୪।୪(ବ୍ୟୁରୋ)

କରୋନା ସଂକ୍ରମଣ ଆଶଙ୍କାରେ ସମଗ୍ର ଦେଶ ସଙ୍କଟ ଦେଇ ଗତିକରୁଛି। ଏଭଳି ଘଡିସନ୍ଧି ସମୟରେ ସମ୍ଭାବ୍ୟ ବାତ୍ୟା ଡରାଇବା ଆରମ୍ଭ କଲାଣି। ମେ ୩ ତାରିଖ ବେଳକୁ ଓଡିଶା ପୁଣି ଏକ ବାତ୍ୟାର ସମ୍ମୁଖୀନ ହେବା ନେଇ ଆଶଙ୍କା ଦେଖାଦେଇଛି। ତେବେ ଏହା ଓଡ଼ିଶା ଆସିବ କି ନାହିଁ ସେ ନେଇ ଅଦ୍ୟାବଧି ସ୍ପଷ୍ଟ ହେଇନାହିଁ। ଆସନ୍ତା ୨୭ କିମ୍ବା ୨୮ ତାରିଖ ବେଳକୁ ବାତ୍ୟା ରୂପରେଖ ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯିବ ବୋଲି କୁହାଯାଇଛି।

ଚଳିତ ମାସ ୨୮ ତାରିଖ ବେଳକୁ ଏହା ଘୂର୍ଣ୍ଣିବଳୟର ରୂପ ନେବ। ୩୦ ତାରିଖ ବେଳକୁ ଲଘୁଚାପରେ ପରିଣତ ହେବ। ଏହା ଧୀରେ ଧୀରେ ଘନୀଭୂତ ହୋଇ ବାତ୍ୟା ରୂପନେବ।



- ଓଡ଼ିଶାକୁ ବିପଦ ନାହିଁ, ୨/୩ ବେଳକୁ ମ୍ୟାନ୍‌ମାର ଅତିକ୍ରମ କରିପାରେ
- ଉତ୍ତର ଓଡ଼ିଶାରେ ହୋଇପାରେ ବର୍ଷା
- ୨୮ ବେଳକୁ ସ୍ପଷ୍ଟ ହେବ ଚିତ୍ର

ମେ ୨ରୁ ୩ ତାରିଖ ମଧ୍ୟରେ ଏହା ମ୍ୟାନ୍‌ମାର ଅତିକ୍ରମ କରିବ। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟ୍ରପିକାଲ ମେଟ୍ରୋଲୋଜି(ଆଇଆଇଟିଏମ୍) ଏବଂ ଆମେରିକା ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ (ଜିଏଫ୍‌ଏସ୍) ଏଭଳି ପୂର୍ବାନୁମାନ କରିଛି।

ସୂଚନା ଅନୁଯାୟୀ, ଆଣ୍ଡାମାନ ନିକୋବର ଦ୍ୱୀପ ନିକଟରେ ସୃଷ୍ଟି ହେବାକୁ ଥିବା ଏହି ବାତ୍ୟା ଭାରତୀୟ ଉପକୂଳ ଆଡକୁ ମୁହାଁଇ ମ୍ୟାନ୍‌ମାର ଏବଂ ବାଂଲାଦେଶ ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ତେବେ ଏହି ବାତ୍ୟା ଓଡିଶାକୁ ମୁହାଁଇବ କି ନାହିଁ ସେ ନେଇ କିଛି ସ୍ପଷ୍ଟ କରାଯାଇ ନାହିଁ। ପୁଣେସ୍ଥିତ ଆଇଆଇଟିଏମ୍ ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ, ମେ ୧ ବେଳକୁ ଲଘୁଚାପ ବାତ୍ୟାର ରୂପ ନେଇ ମ୍ୟାନ୍‌ମାର ଏବଂ ବାଂଲାଦେଶ ଆଡକୁ ମୁହାଁଇବା ସମ୍ଭାବନା ରହିଛି। ତେବେ ଏହାର ଗତି ପଥ ମଧ୍ୟ ବଦଳି ପାରେ ବୋଲି କୁହାଯାଇଛି। ସେହିପରି ଆମେରିକା ନ୍ୟାଶନାଲ ଓସେନିକ ଆଣ୍ଡ ଆଟମୋସ୍ପିୟରିକ୍ ଆଡ୍‌ମିନିଷ୍ଟ୍ରେଶନ(ଏନ୍‌ଓଏଏ) ଏବଂ ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ(ଜିଏଫ୍‌ଏସ୍) ତଥ୍ୟ ଅନୁଯାୟୀ, ଦକ୍ଷିଣ ଆଣ୍ଡାମାନ ନିକୋବର ଦ୍ୱିପପୁଞ୍ଜ ନିକଟରେ ଏପ୍ରିଲ ୩୦ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହେବ। ମେ ୧ ରେ ଏହା ବାତ୍ୟା ରୂପ ନେଇ ଆଣ୍ଡାମାନ ଓ ନିକୋବରକୁ ଅତିକ୍ରମ କରିବ। ଏହା ଉତ୍ତର ଦିଗକୁ ଗତି କରି ମ୍ୟାନ୍‌ମାରରେ ସ୍ଥଳଭାଗ ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଉତ୍ତର ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ବିଭିନ୍ନ ପାଣିପାଗ ମଡେଲ ଜଣାଇଛି। ଆସନ୍ତା ୩୦ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୧ ତାରିଖ ବେଳକୁ ଏହା ଲଘୁଚାପ ରୂପ ନେବା ସମ୍ଭାବନା ରହିଛି। ତେବେ ଏହାର ଗତିବିଧି କେଉଁ ଆଡକୁ ହେବ ଏବେଠାରୁ ପୂର୍ବାନୁମାନ କରିବା ସମ୍ଭବ ନୁହେଁ। ଆସନ୍ତା ୨୭/୨୮ ତାରିଖ ବେଳକୁ ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ମେ ୩ରେ ଅଦିନିଆ ବାତ୍ୟା ‘ଫନୀ’ ଓଡିଶା ଉପକୂଳବର୍ତ୍ତୀ ଜିଲାକୁ ଛାରଖାର କରି ଦେଇଥିଲା। ଫନୀକୁ ବର୍ଷେ ପୂରିବାକୁ ଯାଉଛି। ଏହାର କ୍ଷତି ଭରଣା ହୋଇ ନ ଥିବା ବେଳେ ଆଉ ଏକ ବାତ୍ୟା ଆଣ୍ଡାମାନ ନିକୋବର ଦୀପପୁଞ୍ଜ ନିକଟରେ ଦାନା ବାନ୍ଧବା ଆରମ୍ଭ କଲାଣି।



ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ଲକ୍‌ଡାଉନ ନିୟମର ଉଲ୍ଲଂଘନ କରି ନିକଟରେ ଦିଲ୍ଲୀରୁ ଏକ କାର୍ଗୋ ବିମାନରେ କୋଲକାତା ଯାଇଥିବା ଚର୍ଚ୍ଚା ହେଉଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅନୁରୋଧ କ୍ରମେ ପ୍ରଶାନ୍ତ କୋଲକାତା ଯାଇଥିବା କୁହାଯାଉଥିବାବେଳେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏହାର ତଦନ୍ତ ଆରମ୍ଭ କରିଛି। ଦିଲ୍ଲୀ ଓ କୋଲକାତା ବିମାନବନ୍ଦରରେ ଥିବା ସିସିଟିଭି ଫୁଟେଜ୍‌ର ଯାଞ୍ଚ କରାଯାଉଛି।





ବ୍ରିଟେନରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ କ୍ଲାପ୍ ଫର୍ ଆୱାର କେୟାର୍ସ ଅଭିଯାନ ବେଳେ ହେମେଲ୍ ହେମ୍ପଷ୍ଟିଡ୍‌ର ଏକ ବାଲ୍‌କୋନିରେ ଛିଡ଼ା ହୋଇଛନ୍ତି ଜଣେ ବ୍ୟକ୍ତି।

## ଦକ୍ଷିଣ ଏସିଆ ପାଇଁ ପ୍ରିନ୍ସ ଚାର୍ଲ୍ସଙ୍କ ଜରୁରୀ ପାଣ୍ଠି



**ଲଣ୍ଡନ, ୨୪।୪(ପି.ଟି.)** ଭାରତ ସମେତ ଦକ୍ଷିଣ ଏସୀୟ ରାଷ୍ଟ୍ର ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ପାଇଁ ବ୍ରିଟିଶ ଯୁବରାଜ ଚାର୍ଲ୍ସ କୋଭିଡ୍-୧୯ ଜରୁରୀ ପାଣ୍ଠି ଆରମ୍ଭ କରିଛନ୍ତି। ବ୍ରିଟେନରେ ରହୁଥିବା ଏହିସବୁ ଦେଶର ନାଗରିକ ଉକ୍ତ ପାଣ୍ଠିକୁ ଦାନ କରିବା ଲାଗି ସେ ଅନୁରୋଧ କରିଛନ୍ତି। କରୋନା ମୁକାବିଲାରେ ସେ ବ୍ରିଟେନର ଏସୀୟ ସମ୍ପ୍ରଦାୟଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। କରୋନା ଜନିତ ଲକ୍‌ଡାଉନ ଯୋଗୁ ଦକ୍ଷିଣ ଏସିଆରେ ୪ କୋଟି ପିଲା ସମସ୍ୟାର ସମ୍ମୁଖୀନ ହେବା ସହ ୪୦ କୋଟି ଦିନ ମଜୁରିଆ କାମଧନ୍ଦା ହରାଇଛନ୍ତି। ସେମାନଙ୍କୁ ସହାୟତା କରିବା ଲାଗି ଆଗେଇ ଆସିବାକୁ ପ୍ରିନ୍ସ ଚାର୍ଲ୍ସ ଅନୁରୋଧ କରିଛନ୍ତି। ୭୧ ବର୍ଷୀୟ ଯୁବରାଜ ନିଜେ କରୋନା ସଂକ୍ରମିତ ହୋଇଥିଲେ।

## ପିଏମ୍ କେୟାର୍ସ ଫଣ୍ଡ୍‌ର ହିସାବ ଯାଞ୍ଚ କରିବେନି ସିଏଜି




**ନୂଆଦିଲ୍ଲୀ,୨୪।୪:** କରୋନା ମୁକାବିଲା ଲାଗି ପିଏମ୍ କେୟାର୍ସ ଫଣ୍ଡ (ପ୍ରାଇମ୍ ମିନିଷ୍ଟର୍ସ ସିଟିଜିନ୍ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ଇନ୍ ଇମର୍ଜେନ୍ସି ସିଚୁଏଶନ୍) ପାଣ୍ଠି ଗଠନ କରାଯାଇଛି। କରୋନା ବିପତ୍ତିରେ ଦେଶର କୋଣ ଅନୁକୋଣରୁ ଏଠାକୁ କରମୁକ୍ତ ଦାନଅର୍ଥ ଆସୁଛି। ଏହି ପାଣ୍ଠିରୁ କରୋନା ପୀଡ଼ିତ ଓ ଦେଶର ଗରିବ, ନିରାଶ୍ରୟଙ୍କ ଲାଗି ଅର୍ଥ ଖର୍ଚ୍ଚ କରାଯାଉଛି। ଏହି ପାଣ୍ଠିକୁ ସିଏଜି ( କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ) ଯାଞ୍ଚ କରିବେ ନାହିଁ। ଏହାକୁ ବିଭିନ୍ନ ବ୍ୟକ୍ତି ଓ ସଂସ୍ଥା ଦାନ କରୁଥିବାରୁ ସିଏଜି ପକ୍ଷରୁ ଏସବୁର ହିସାବ କିମ୍ବା ଯାଞ୍ଚ କରାଯିବ ନାହିଁ ବୋଲି ସୂତ୍ରରୁ ଜଣାପଡ଼ିଛି।

ମାର୍ଚ୍ଚ ୨୮ରେ ଗଠିତ ଏହି ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥିବାବେଳେ କେତେଜଣ ମନ୍ତ୍ରୀ ଟ୍ରଷ୍ଟି ରହିଛନ୍ତି। ଟ୍ରଷ୍ଟିଙ୍କ ବିନା ଅନୁମତିରେ ଏହାକୁ ଯାଞ୍ଚ କରାଯାଇ ପାରିବ ନାହିଁ ବୋଲି ସିଏଜିର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଟ୍ରଷ୍ଟି ଦ୍ୱାରା ନିଯୁକ୍ତ ସ୍ୱାଧୀନ ଯାଞ୍ଚକର୍ତ୍ତା ଏହାକୁ ଅଡିଟ୍ କରିପାରିବେ। ୧୯୪୮ରୁ ପିଏମ୍ ନ୍ୟାଶନାଲ ରିଲିଫ ଫଣ୍ଡ୍ ଥିବାବେଳେ ଏହାକୁ ବ୍ୟବହାର କରିବାକୁ ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ଏହି ଫଣ୍ଡ୍‌ର ଏବେ ଆବଶ୍ୟକତା ନ ଥିଲା। ରାଜ୍ୟଗୁଡ଼ିକରେ ରିଲିଫ ଫଣ୍ଡ ଥିବାବେଳେ ପିଏମ୍ କେୟାର୍ସ ଫଣ୍ଡ୍‌ର କୌଣସି ଆବଶ୍ୟକତା ନ ଥିଲା ବୋଲି ଅନେକ ମୁଖ୍ୟମନ୍ତ୍ରୀ ମତ ଦେଇଛନ୍ତି। ଅଦ୍ୟାବଧି ପିଏମ୍ ନ୍ୟାଶନାଲ ରିଲିଫ ଫଣ୍ଡ୍‌ର ସିଏଜି ତଦନ୍ତ କରାଯାଇ ନ ଥିବାବେଳେ ୨୦୧୩ ଉତ୍ତରାଖଣ୍ଡ ବନ୍ୟା ରିଲିଫ ସମୟରେ ବିଭିନ୍ନ ପ୍ରଶ୍ନ ଉଠିଥିଲା।

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୬,୮୧୭ | ୫,୫୫୯ | ୯୫୭ | ୩୦୧ |
| ତାମିଲନାଡୁ | ୧,୬୫୫ | ୮୬୭ | ୮୬୬ | ୨୨ |
| ଦିଲ୍ଲୀ | ୨,୫୧୪ | ୧,୬୦୪ | ୮୫୭ | ୫୩ |
| ତେଲଙ୍ଗାନା | ୯୭୦ | ୬୯୩ | ୨୫୨ | ୨୫ |
| କେରଳ | ୪୫୦ | ୧୧୬ | ୩୩୧ | ୩ |
| ଉତ୍ତରପ୍ରଦେଶ | ୧,୬୨୧ | ୧,୩୭୦ | ୨୨୬ | ୨୫ |
| ଆନ୍ଧ୍ରପ୍ରଦେଶ | ୯୫୫ | ୬୮୧ | ୧୪୫ | ୨୯ |
| ରାଜସ୍ଥାନ | ୨,୦୦୮ | ୧,୫୦୪ | ୪୭୩ | ୩୧ |
| ମଧ୍ୟପ୍ରଦେଶ | ୧,୮୪୬ | ୧,୫୪୪ | ୨୧୦ | ୯୨ |
| କର୍ଣ୍ଣାଟକ | ୪୭୪ | ୩୦୪ | ୧୫୨ | ୧୮ |
| ଗୁଜରାଟ | ୨,୮୧୫ | ୨,୪୨୩ | ୨୬୫ | ୧୨୭ |
| ହରିୟାଣା | ୨୭୫ | ୮୬ | ୧୮୬ | ୩ |
| ଜମ୍ମୁ-କଶ୍ମୀର | ୩୫୪ | ୩୪୦ | ୧୦୯ | ୫ |
| ପଶ୍ଚିମବଙ୍ଗ | ୫୧୪ | ୩୯୩ | ୧୦୩ | ୧୮ |
| ପଞ୍ଜାବ | ୨୯୮ | ୨୧୧ | ୭୦ | ୧୭ |
| ଓଡ଼ିଶା | ୯୪ | ୬୦ | ୩୩ | ୧ |
| ବିହାର | ୨୧୪ | ୧୬୮ | ୪୪ | ୨ |
| ଉତ୍ତରାଖଣ୍ଡ | ୪୮ | ୨୩ | ୨୫ | - |
| ଆସାମ | ୩୬ | ୧୬ | ୧୯ | ୧ |
| ଚଣ୍ଡିଗଡ଼ | ୨୭ | ୧୨ | ୧୫ | - |
| ଲଦାଖ | ୧୮ | ୨ | ୧୬ | - |
| ହିମାଚଳ ପ୍ରଦେଶ | ୪୦ | ୨୦ | ୧୮ | ୨ |
| ଆଣ୍ଡାମାନ ଓ ନିକୋବର | ୨୭ | ୧୬ | ୧୧ | - |
| ଛତିଶଗଡ଼ | ୩୬ | ୬ | ୩୦ | - |
| ଗୋଆ | ୭ | | ୭ | - |
| ପୁଡୁଚେରୀ | ୭ | ୩ | ୪ | - |
| ଝାଡ଼ଖଣ୍ଡ | ୫୭ | ୪୬ | ୮ | ୩ |
| ମଣିପୁର | ୨ | | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ନାଗାଲାଣ୍ଡ | ୧ | | ୧ | - |
| ମିଜୋରାମ | ୧ | ୧ | | - |
| ତ୍ରିପୁରା | ୨ | | ୨ | - |
| ମୋଟ | ୨୪,୪୨୧ | ୧୮,୨୦୫ | ୫,୪୩୭ | ୭୭୯ |

https://www.covid19india.org ତଥ୍ୟ ଅନୁଯାୟୀ (ଶୁକ୍ରବାର ରାତି ୯ଟା ୩୦ ସୁଦ୍ଧା)

# ଲକ୍‌ଡାଉନ୍‌ର ମାସକ ପରେ ଏପରି ସ୍ଥିତି



**ନୂଆଦିଲ୍ଲୀ,୨୩।୪:** ମାର୍ଚ୍ଚ ୨୪ ତାରିଖ ମଧ୍ୟରାତ୍ରିରେ ଭାରତରେ ଜାରି କରାଯାଇଥିଲା ଲକ୍‌ଡାଉନ୍। ସେତେବେଳେ ଦେଶରେ ମାତ୍ର ୫୦୦ ସଂକ୍ରମିତ ଥିବାବେଳେ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇ ୧୦ ଜଣ ବ୍ୟକ୍ତିଙ୍କ ଜୀବନ ଯାଇଥିଲା। ବିଶ୍ୱର ସର୍ବବୃହତ୍ ଓ ସବୁଠୁ ବଡ଼ କଟକଣାକୁ ଶୁକ୍ରବାର ମାସେ ପୂରିଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୨୩,୫୦୨ରେ ପହଞ୍ଚି ୭୨୨ ଜଣଙ୍କ ମୃତ୍ୟୁ ଘଟିଛି। ସଂକ୍ରମଣ ମାମଲାରେ ଏହି ବୃଦ୍ଧି ହାର ପାଶ୍ଚାତ୍ୟ ଦେଶଗୁଡ଼ିକ ତୁଳନାରେ ମନ୍ଥର। ତେବେ ଆଗକୁ ଲକ୍‌ଡାଉନ୍ ହଟାଗଲେ ଓ ଆନ୍ତଃ ରାଜ୍ୟ ଶ୍ରମିକ ଯାତାୟାତକୁ ଅନୁମତି ମିଳିଲେ ଦେଶବ୍ୟାପୀ ସଂକ୍ରମଣ ଓ ମୃତ୍ୟୁ ହାର କେଉଁ ସ୍ଥିତିରେ ପହଞ୍ଚିବ ତା'ର ଏକ ଚିତ୍ର ଅଙ୍କାଯାଇପାରେ।

କରୋନା ଭୂତାଣୁ ସଂକ୍ରମଣ ହାର ବିଭିନ୍ନ ରାଜ୍ୟରେ ସେଗୁଡ଼ିକର ସୂଚକକୁ ନେଇ ଭିନ୍ନ ଭିନ୍ନ ସ୍ତରରେ ରହିଛି। ସେହିପରି ଜନସଂଖ୍ୟା ଅନୁପାତରେ ସନ୍ଦିଗ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରେ ମଧ୍ୟ ଅନେକ ତାରତମ୍ୟ ରହିଛି। ମଧ୍ୟପ୍ରଦେଶ ଓ ତାମିଲନାଡୁ କଥା ବିଚାର କଲେ ଏହି ଦୁଇ ରାଜ୍ୟର ଜନସଂଖ୍ୟା ପ୍ରାୟ ସମାନ। ଦୁଇ ରାଜ୍ୟରେ କରେନା ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ଊଣାଅଧିକେ ସମାନ। ହେଲେ ଗତ ୨୨ ତାରିଖ ସୁଦ୍ଧା ପ୍ରତି ୧୦ ଲକ୍ଷରେ ମଧ୍ୟପ୍ରଦେଶରେ ୩୫୦ ଜଣଙ୍କ ନମୁନା ପରୀକ୍ଷା କରାଯାଇଥିବାବେଳେ ତାମିଲନାଡୁରେ ଏହି ସଂଖ୍ୟା ୭୦୦ରୁ ଊର୍ଦ୍ଧ୍ୱ। ଅର୍ଥାତ୍ ମଧ୍ୟପ୍ରଦେଶରେ ତାମିଲନାଡୁ ତୁଳନାରେ ଦୁଇଗୁଣ ଲୋକଙ୍କ ପଜିଟିଭ୍ ବାହାରିଛି।

ଭାରତରେ କୋଭିଡ୍-୧୯ ମୁକାବିଲା ପାଇଁ ଅଗ୍ରଣୀ ଭୂମିକା ନେଇଥିବା ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇଏମ୍‌ସିଆର୍) ଅଧୀନ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏପିଡେମୋଲୋଜିରେ ବୈଜ୍ଞାନିକ ତରୁଣ ଭଟ୍ଟନାଗର କାର୍ଯ୍ୟରତ। ତରୁଣଙ୍କ ମତରେ ଉଚ୍ଚ ଟେଷ୍ଟିଂ ହାର ଏକ ରାଜ୍ୟର କଣ୍ଟାକ୍ଟ-ଟ୍ରେସିଂ ପ୍ରୋଗ୍ରାମର କାର୍ଯ୍ୟକାରିତାକୁ ସୂଚାଉଛି। ଲାବ୍‌ଗୁଡ଼ିକ କାର୍ଯ୍ୟ କରୁଛି ଓ ସର୍ଭିଲାନ୍ସ ପ୍ରୋଗ୍ରାମ୍ ମଧ୍ୟ ଠିକ୍ ଭାବେ ଚାଲୁଛି ବୋଲି ଏଥିରୁ ଜଣାପଡ଼େ। ସେହିପରି ଦିଲ୍ଲୀ ଓ ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ଜାତୀୟ ହାରଠାରୁ ବହୁ ଗୁଣ ଅଧିକ। ଏହି ଦୁଇ ରାଜ୍ୟରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଯାଞ୍ଚ ଅଧିକ କରାଯାଉଥିଲେ ମଧ୍ୟ ସଂକ୍ରମଣ କମୁନାହିଁ। ଅନ୍ୟପକ୍ଷରେ କେରଳରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। କରେନା ପଜିଟିଭ୍‌ମାନଙ୍କୁ ସଙ୍ଗରୋଧ କରାଯାଇ କଣ୍ଟେନମେଣ୍ଟ ପଦକ୍ଷେପ ନିଆଯାଇଥିବାରୁ ଦକ୍ଷିଣ ଭାରତର ଏହି ରାଜ୍ୟରେ ସୁଫଳ ମିଳିଥିବା ତରୁଣ କହିଛନ୍ତି। ତେବେ କେରଳଠାରୁ ଦିଲ୍ଲୀ ଓ ମହାରାଷ୍ଟ୍ର ମଧ୍ୟରେ ଫରକ କ'ଣ? ଭେଲୋରସ୍ଥିତ ଖ୍ରିଷ୍ଟିୟାନ ମେଡିକାଲ କଲେଜ ପ୍ରାଧ୍ୟାପକ ତଥା ଭାରତର ବିଶିଷ୍ଟ ଭାଇରୋଲୋଜିଷ୍ଟ ଟି. ଜାକୋବ୍ ଜନ୍‌ଙ୍କ ଯୁକ୍ତିକୁ ତରୁଣ ସମର୍ଥନ କରି କହିଛନ୍ତି, ଏକ ରାଜ୍ୟରେ ଜନସ୍ୱାସ୍ଥ୍ୟ ସେବା କେତେ ପ୍ରଭାବଶାଳୀ ଢଙ୍ଗରେ ପ୍ରଦାନ କରାଯାଉଛି ତାହା ବଡ଼ କଥା। କେରଳରେ ଟେଷ୍ଟିଂ ଆଗୁଆ କରାଯାଇଥିବାବେଳେ ମହାରାଷ୍ଟ୍ର ଓ ଦିଲ୍ଲୀ ଏହି କ୍ଷେତ୍ରରେ ପଛରେ ପଡ଼ିଯାଇଥିଲେ। ପର୍ଯ୍ୟବେକ୍ଷକଙ୍କ ମତରେ ଗୁଜରାଟ ମଧ୍ୟ ସନ୍ଦିଗ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କ୍ଷେତ୍ରରେ ଆଗରେ ରହିଛି। ଏହାର ଟେଷ୍ଟିଂ ରେଟ୍ ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ତୁଳନାରେ ଉଚ୍ଚତର। ଏହାସତ୍ତ୍ୱେ ଗୁଜରାଟରେ ମାମଲାର ଡବ୍ଲିଙ୍ଗ୍ ରେଟ୍ ଅଧିକ ରହିଛି। ବିହାର, ଛତିଶଗଡ଼ ଓ ଓଡ଼ିଶା ଭଳି ରାଜ୍ୟରେ ଟେଷ୍ଟିଂ ମଧ୍ୟମ ଧରଣର ହୋଇଥିଲେ ବି କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବିଶେଷ ଅଧିକ ନୁହେଁ।

### ସିକିମ, ନାଗାଲାଣ୍ଡ, ତ୍ରିପୁରା କରୋନାମୁକ୍ତ

ଦେଶବ୍ୟାପୀ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଇତିମଧ୍ୟରେ ଭଲ ଖବର ଆସିଛି ସିକିମ, ନାଗାଲାଣ୍ଡ ଓ ତ୍ରିପୁରାରୁ। ଏହି ୩ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ଶୂନ। ବିଦେଶୀ ପର୍ଯ୍ୟଟକଙ୍କ ଗସ୍ତ ଉପରେ ସିକିମ ସରକାର ମାର୍ଚ୍ଚ ପ୍ରଥମ ସପ୍ତାହରେ କଟକଣା ଜାରି ସହ ଅନ୍ୟ କେତେକ ପଦକ୍ଷେପ ନେଇଥିବାରୁ ସେଠାରେ ଜଣେ ହେଲେ କରୋନା ରୋଗୀ ନାହାନ୍ତି। ସେହିପରି ନାଗାଲାଣ୍ଡରେ ଜଣେ ମାତ୍ର ସଂକ୍ରମିତ ଥିଲେ। ଦିମାପୁର ଜିଲାର ଏହି ବ୍ୟକ୍ତିଙ୍କୁ ଆସାମକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଛି। ନାଗାଲାଣ୍ଡରେ ୬୦୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୪୩ ଜଣଙ୍କ ନେଗେଟିଭ୍ ବାହାରିଥିବାବେଳେ ଅବଶିଷ୍ଟ ୬୪ ଜଣଙ୍କ ରିପୋର୍ଟ ଆସନ୍ତା ୨୬ରେ ଆସିବ। ଅନୁରୂପ ଭାବେ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ ଘୋଷଣା କରିଛନ୍ତି ଯେ, ତାଙ୍କ ରାଜ୍ୟ ସମ୍ପୂର୍ଣ୍ଣ କରୋନାମୁକ୍ତ। ତ୍ରିପୁରାର ପ୍ରଥମ କୋଭିଡ୍-୧୯ ରୋଗୀ (ମହିଳା) ଆଇସୋଲେଶନରେ ରହିବା ପରେ ସୁସ୍ଥ ହୋଇ ଫେରିଛନ୍ତି। ଦ୍ୱିତୀୟ ସଂକ୍ରମିତ ମଧ୍ୟ ଆଇସୋଲେଶନରେ ରହି ଆରୋଗ୍ୟ ହୋଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## 'ମଜୁରି ପାଇଁ ଶିଳ୍ପସଂସ୍ଥାକୁ ବାଧ୍ୟ କରାଯାଇପାରିବନି'

**ନୂଆଦିଲ୍ଲୀ,୨୪।୪(ପି.ଟି.):** ଲକ୍‌ଡାଉନ ସମୟରେ କର୍ମଚାରୀଙ୍କୁ ମଜୁରି ପୈଠ କରିବା ଲାଗି ଶିଳ୍ପସଂସ୍ଥାଗୁଡ଼ିକୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ଶ୍ରମ ସମ୍ପର୍କିତ ସଂସଦୀୟ କମିଟି ଅଧ୍ୟକ୍ଷ ତଥା ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି। ଏହି କମିଟି ଗୁରୁବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଶିଳ୍ପ ସମ୍ପର୍କିତ ନିୟମାବଳୀ, ୨୦୧୯ ଉପରେ ରିପୋର୍ଟ ପ୍ରଦାନ କରିଛି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ପ୍ରତିଷ୍ଠାନ ବନ୍ଦ ରହିଲେ, ଏହାର କର୍ମଚାରୀଙ୍କୁ କ୍ଷତିପୂରଣ ମିଳିବ କି ନାହିଁ ତାହା ଉପରେ କମିଟିରେ ଭିନ୍ନ ମତ ପ୍ରକାଶ ପାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ପ୍ରତିଷ୍ଠାନ ଦୀର୍ଘଦିନ ବନ୍ଦ ରହିଲେ, ଏହା ଚାଲୁ ହେବା ପର୍ଯ୍ୟନ୍ତ ଶ୍ରମିକଙ୍କୁ ମଜୁରି ଦେବା ନ୍ୟାୟସଙ୍ଗତ ହୋଇ ନ ପାରେ ବୋଲି ରିପୋର୍ଟରେ କୁହାଯାଇଛି। ଏଭଳି କ୍ଷେତ୍ରରେ ପ୍ରତିଷ୍ଠାନ ବନ୍ଦ କିମ୍ବା କର୍ମଚାରୀ ଛଟେଇ ଲାଗି ନିଯୁକ୍ତିଦାତା ଦାୟୀ ରହିବେ କି ନାହିଁ ତାହା ଉପରେ ଆନୁଷଙ୍ଗିକ ଧାରାରେ ସ୍ପଷ୍ଟୀକରଣ ଚାହିଁଛି କମିଟି।

## ସଂଖ୍ୟାଲଘୁଙ୍କ ଉପରେ ବଢ଼ୁଛି ଜୁଲମ

**ମୁଖ୍ୟମନ୍ତ୍ରୀମାନଙ୍କୁ ୧୦୧ ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ଚିଠି**



ନୂଆଦିଲ୍ଲୀର ନିଜାମୁଦ୍ଦିନ ମରକଜ୍‌ରେ ଆୟୋଜିତ ତବଲିଘି ଜମାତ୍‌ରେ ମୁସଲମାନ ସମ୍ପ୍ରଦାୟର ଲୋକେ ଯୋଗଦେବା ପରେ ଦେଶରେ କରୋନା ସଂକ୍ରମଣ ବୃଦ୍ଧି ପାଇଥିବା କୁହାଯାଉଛି। ଏହାକୁ ନେଇ ବିଭିନ୍ନ ରାଜ୍ୟରେ ମୁସଲମାନମାନଙ୍କୁ ଲଗାତର ହଇରାଣ କରାଯାଉଥିବା ନେଇ ରିପୋର୍ଟ ପ୍ରକାଶ ପାଉଛି। ଏପରି କି କେତେକ ସ୍ଥଳେ ସେମାନଙ୍କୁ ସାମାଜିକ ବାସନ୍ଦ ମଧ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ଦେଶର ୧୦୧ ପୂର୍ବତନ ପ୍ରଶାସନିକ ଅଧିକାରୀ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳମାନଙ୍କୁ ଏକ ଖୋଲାଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ଅପ୍ରୀତିକର ଘଟଣାକୁ ଏଡ଼ାଇବା ଲାଗି ସମସ୍ତ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସକାଶେ ଏଥିରେ ଅନୁରୋଧ କରାଯାଇଛି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ପୂର୍ବତନ ସଚିବ ଅନିତା ଅଗ୍ନିହୋତ୍ରୀଙ୍କ ସମେତ ଅନ୍ୟମାନେ ଅଛନ୍ତି।

## କରୋନା ରୋଗୀଙ୍କ ଉପରେ ହେବ ସେପ୍ସିସ୍ ଔଷଧର ପରୀକ୍ଷା



**ନୂଆଦିଲ୍ଲୀ,୨୪।୪:** ସେପ୍ସିସ୍ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧକୁ ଗୁରୁତର କୋଭିଡ୍-୧୯ ରୋଗୀଙ୍କଠାରେ ପରୀକ୍ଷାମୂଳକ ଭାବେ ପ୍ରୟୋଗ କରିବା ଲାଗି ନିଷ୍ପତ୍ତି ହୋଇଛି। ଦେଶର ତିନୋଟି ପ୍ରମୁଖ ହସ୍ପିଟାଲ ଦିଲ୍ଲୀ ଏମ୍ସ, ଭୋପାଳ ଏମ୍ସ ଏବଂ ଚଣ୍ଡିଗଡ଼ର ପିଜିଆଇଏମ୍‌ଇଆର୍‌ରେ ଏହି ଔଷଧର ପରୀକ୍ଷା କରାଯିବ। ଉପରୋକ୍ତ ୩ ହସ୍ପିଟାଲରେ ୫୦ ଜଣ ଗୁରୁତର କରୋନା ରୋଗୀ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ରହିଛନ୍ତି। ସେମାନଙ୍କୁ ସେପ୍ସିଭାକ୍‌ର ସାମାନ୍ୟ ଡୋଜ୍ (୦.୩ ଏମ୍‌ଏଲ୍) ଇଣ୍ଟର-ଡର୍ମାଲ ଇଞ୍ଜେକ୍‌ଶନ ଭାବେ ଦିଆଯିବ। ଏହା ଗୁରୁତର କରୋନା ରୋଗୀଙ୍କ ମୃତ୍ୟୁହାର କମାଇବା ସହ ସେମାନଙ୍କୁ ତୁରନ୍ତ ଭଲ କରିପାରିବ ବୋଲି ଆଶା କରାଯାଉଛି। ସେଥିପାଇଁ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂସ୍ଥା ଉପରୋକ୍ତ ହସ୍ପିଟାଲକୁ ଔଷଧର କ୍ଲିନିକାଲ ପରୀକ୍ଷା ପାଇଁ ବାଛିଛନ୍ତି। ୨୦୦୭ରେ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍‌ଆଇଆର୍) ଏବଂ ଅହମଦାବାଦର ଔଷଧ କମ୍ପାନୀ କାଡିଲା ଫାର୍ମାସ୍ୟୁଟିକାଲ୍ସ ଲିଃ ମିଳିତ ଭାବେ ସେପ୍ସିଭାକ୍ ପ୍ରସ୍ତୁତ କରିଥିଲେ। ରକ୍ତ ସଂକ୍ରମଣ ଜନିତ ରୋଗ ସେପ୍ସିସ୍ ଚିକିତ୍ସା କ୍ଷେତ୍ରରେ ଏହା ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା।

# ଆତ୍ମନିର୍ଭରଶୀଳତା ବଡ଼ ଶିକ୍ଷା

**ସରପଞ୍ଚଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା**




- କରୋନା ମୁକାବିଲା ପାଇଁ 'ଦୋ ଗଜ୍ କୀ ଦୂରୀ' ମନ୍ତ୍ରକୁ ପ୍ରଶଂସା
- ଇ-ଗ୍ରାମସ୍ୱରାଜ ପୋର୍ଟାଲ, ମାଲିକାନା ଯୋଜନାର ଶୁଭାରମ୍ଭ

**ନୂଆଦିଲ୍ଲୀ,୨୪।୪(ପି.ଟି.):** କୋଭିଡ୍-୧୯ ସଂକ୍ରମଣର ମୁକାବିଲା କରିବାରେ ଜନସାଧାରଣଙ୍କ ଦୃଢ଼ତାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ମହାମାରୀ ଭାରତକୁ ଆତ୍ମନିର୍ଭରଶୀଳତାର ଶିକ୍ଷା ଦେଇଛି। ଗ୍ରାମାଞ୍ଚଳ ଲୋକେ ସାମାଜିକ ଦୂରତ୍ୱର ସଂଜ୍ଞା ଯେପରି ସରଳ ଶବ୍ଦରେ ' ଦୋ ଗଜ୍ କୀ ଦୂରୀ' ରଖିଛନ୍ତି ଓ ଏହାର ଗୁରୁତ୍ୱ ଅନ୍ୟମାନଙ୍କୁ ବୁଝାଇବାରେ ସମର୍ଥ ହୋଇଛନ୍ତି ତାହାକୁ ପ୍ରଧାନମନ୍ତ୍ରୀ ବେଶ୍ ପ୍ରଶଂସା କରିଛନ୍ତି। ସଙ୍କଟ ସମୟରେ ଲୋକଙ୍କ ଦକ୍ଷତା ଓ ଜ୍ଞାନର ପରୀକ୍ଷା ହୋଇଥାଏ। ମହାମାରୀ ମୁକାବିଲାରେ ଗ୍ରାମାଞ୍ଚଳ ଲୋକେ ସେମାନଙ୍କର ଶ୍ରେଷ୍ଠ ଉଦ୍ୟମ ଦେଖାଇଛନ୍ତି। ଦୋ ଗଜ୍ କୀ ଦୂରୀ (୬ ଫୁଟ୍ ଦୂରତା) ରକ୍ଷା କରିବା କୋଭିଡ୍-୧୯କୁ ମୁକାବିଲାରେ ସର୍ବଶ୍ରେଷ୍ଠ ଅସ୍ତ୍ର ବୋଲି ଭିଡିଓ କନ୍‌ଫରେନ୍ସ ଜରିଆରେ ପଞ୍ଚାୟତ ସଦସ୍ୟମାନଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ କହିଛନ୍ତି।

ଶୁକ୍ରବାର ପଞ୍ଚାୟତିରାଜ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ସରପଞ୍ଚ ଓ ଗ୍ରାମପଞ୍ଚାୟତ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ମୌଳିକ ଆବଶ୍ୟକତା ପାଇଁ ସବୁ ଗ୍ରାମସଭା, ବ୍ଲକ ଓ ଜିଲା ଆତ୍ମନିର୍ଭରଶୀଳ ହେବା ଆବଶ୍ୟକ। କୋଭିଡ୍-୧୯କୁ ନେଇ ସାରା ବିଶ୍ୱ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଦେଶବାସୀ ଧୈର୍ଯ୍ୟ ଓ ସାହସ ଦେଖାଇଛନ୍ତି। ଏହି ଅବସରରେ ପଞ୍ଚାୟତ ମୁଖିଆ ଓ ସଦସ୍ୟମାନେ କରୋନା ଜନିତ ସଙ୍କଟ ପରିଚାଳନାରେ ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଶରୀରର ରୋଗ ପ୍ରତିରୋଧ ଶକ୍ତି ବଢ଼ାଇବା ଓ ସୁସ୍ଥ ରହିବାକୁ କଢ଼ା (ଏକପ୍ରକାର ଘରୋଇ ଆୟୁର୍ବେଦିକ ଉପଚାର) ସେବନ କରିବା, ହାତ ଧୋଇବା ଏବଂ ମୁହଁକୁ ମାସ୍କ କିମ୍ବା ଗାମୁଛାରେ ଘୋଡ଼ାଇବା ଲାଗି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଇ-ଗ୍ରାମସ୍ୱରାଜ ପୋର୍ଟାଲ ଏବଂ ମୋବାଇଲ ଆପ୍‌ର ଶୁଭାରମ୍ଭ କରିଥିଲେ। ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରିତାରେ ପଞ୍ଚାୟତିରାଜ ମନ୍ତ୍ରଣାଳୟର ଏହି ପୋର୍ଟାଲ ଏକ ନୂଆ ପଦକ୍ଷେପ। ଏଥିସହିତ ଗ୍ରାମାଞ୍ଚଳରେ ସମନ୍ୱିତ ସମ୍ପତ୍ତି ବୈଧତା ସମସ୍ୟାର ସମାଧାନ ଲାଗି ମାଲିକାନା ଯୋଜନାର ଶୁଭାରମ୍ଭ କରିଥିଲେ ପ୍ରଧାନମନ୍ତ୍ରୀ। ଏହି ଯୋଜନାରେ ଡ୍ରୋନ ପ୍ରଯୁକ୍ତି ଦ୍ୱାରା ଗ୍ରାମାଞ୍ଚଳର ଆବାସଯୋଗ୍ୟ ଜମିର ସୀମା ନିର୍ଦ୍ଧାରଣ କରାଯିବା ସହ ଜନସାଧାରଣଙ୍କୁ ସେମାନଙ୍କ ଜମିର ପ୍ରମାଣପତ୍ର ପ୍ରଦାନ କରାଯିବ।

## ୩ ରାଜ୍ୟକୁ ପଠାଗଲା କେନ୍ଦ୍ରୀୟ ଟିମ୍

**ନୂଆଦିଲ୍ଲୀ,୨୪।୪:** ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗ ଓ କରୋନା ନିୟନ୍ତ୍ରଣରେ ବିଫଳତାର ତଦନ୍ତ ଲାଗି ଗୁଜରାଟ, ତେଲଙ୍ଗାନା ଓ ତାମିଲନାଡୁକୁ କେନ୍ଦ୍ରୀୟ ଟିମ୍ ପଠାଯାଇଛି। ପୂର୍ବରୁ ପଶ୍ଚିମବଙ୍ଗକୁ ଏହି ଟିମ୍ ତଦନ୍ତରେ ଯାଇଥିଲା। ଗୁଜରାଟର ଅହମଦାବାଦ ଓ ସୁରଟ, ମହାରାଷ୍ଟ୍ରର ଠାଣେ, ତେଲଙ୍ଗାନାର ହାଇଦ୍ରାବାଦ ଏବଂ ତାମିଲନାଡୁର ଚେନ୍ନାଇ ସହର କରୋନାର ହଟ୍‌ସ୍ପଟ୍‌ରେ ପରିଣତ ହୋଇଛି। କେନ୍ଦ୍ରୀୟ ଟିମ୍ ଉକ୍ତ ସହରଗୁଡ଼ିକରେ ଲକ୍‌ଡାଉନ ନିୟମାବଳୀର କାର୍ଯ୍ୟକାରିତା, ଜରୁରୀ ସାମଗ୍ରୀ ଯୋଗାଣ, ସାମାଜିକ ଦୂରତ୍ୱ ଆଦି ଠିକ୍‌ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ଅନୁଧ୍ୟାନ କରିବ। ଏଥିସହିତ ସ୍ୱାସ୍ଥ୍ୟ ଭିତ୍ତିଭୂମି, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ଏବଂ ଶ୍ରମିକ ଓ ଗରିବଙ୍କ ପାଇଁ ରିଲିଫ କେନ୍ଦ୍ରଗୁଡ଼ିକର ସ୍ଥିତି ମଧ୍ୟ ଏହି ଟିମ୍ ଅନୁଧ୍ୟାନ କରିବ।


ପ୍ୟାରିସ୍‌ର ଜନଶୂନ୍ୟ ଇଫେଲ୍ ଟାୱାର ଦେଇ ମାସ୍କ ପିନ୍ଧି ଯାଉଛନ୍ତି ଜଣେ ପଥଚାରୀ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ଉପରାଷ୍ଟ୍ରପତିଙ୍କ ପ୍ରଶଂସା

**ଭୁବନେଶ୍ୱର,୨୪।୪(ବ୍ୟୁରୋ):** ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ଏକ ଜାତୀୟସ୍ତରୀୟ ଇଂଲିଶ ମୁଦ୍ରିତ ଗଣମାଧମରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କର ଏକ ସ୍ତମ୍ଭ ପ୍ରକାଶ ପାଇଥିଲା। ଏହି ଆଲେଖ୍ୟରେ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର କେତେକ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ବିଶେଷକରି କିଛିଦିନ ତଳେ କରୋନା ସଂକ୍ରମଣକୁ ହ୍ରାସ କରିବା ପାଇଁ କ୍ଷେତ୍ରସ୍ତରରେ ସରପଞ୍ଚଙ୍କ ଭୂମିକାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେମାନଙ୍କୁ ଜିଲାର ସର୍ବୋଚ୍ଚ ପ୍ରଶାସନିକ କ୍ଷମତା ଉପଭୋଗ କରୁଥିବା ଜିଲାପାଳଙ୍କ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଭାରତୀୟ ବ୍ୟବସ୍ଥାରେ ପଞ୍ଚାୟତ ପ୍ରତିନିଧି ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଏହା ପ୍ରମାଣିତ କରିଛି। ଏହିମାନେ ହିଁ ସଚେତନତାର ବାର୍ତ୍ତା ପ୍ରଚାର କରିବା ସହ କରୋନା ସଂକ୍ରମଣକୁ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଉପରାଷ୍ଟ୍ରପତି କହିଛନ୍ତି।

### ଓଡ଼ିଶାରେ ଆଜିଠୁ ରମ୍‌ଜାନ୍

**କଟକ ଅଫିସ୍,୨୪।୪:** ମୁସଲ୍‌ମାନ୍ ସମ୍ପ୍ରଦାୟର ପବିତ୍ର ମାସ ରମଜାନ୍ ଓଡ଼ିଶାରେ ଶନିବାରଠାରୁ ଆରମ୍ଭ ହେଉଛି। ଶୁକ୍ରବାର ସନ୍ଧ୍ୟାରେ କଟକସ୍ଥିତ ରାଜ୍ୟ ଅଞ୍ଜୁମାନ୍ ଇସ୍‌ଲାମିଆ ଚାନ୍ଦ କମିଟି ତରଫରୁ ଏନେଇ ସୂଚନା ଦିଆଯାଇଛି। ତେବେ ସରକାରୀ କଟକଣା ଯୋଗୁ ମସ୍‌ଜିଦ୍‌ରେ ସମୁହ ନମାଜ୍ ପାଠ ହେବ ନାହିଁ। ନିଜ ନିଜ ଘରେ ନମାଜ୍ ପାଠ କରିବା ପାଇଁ ପରାମର୍ଶ ଦିଆଯାଇଛି। କରୋନା ଭୂତାଣୁର ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ରକ୍ଷା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଇଦୁଲ୍-ଫିତର୍‌ରେ ରମଜାନ୍ ମାସ ଶେଷ ହେବ।

### ଓଡ଼ିଶାର ୩୬.୨୮ ଲକ୍ଷ ଚାଷୀଙ୍କୁ ଆର୍ଥିକ ସହାୟତା

#### କିଷାନ ନିଧି ଯୋଜନାରେ କେନ୍ଦ୍ର ଦେଲା ୨ ହଜାର ଲେଖାଏ ଟଙ୍କା

**ଭୁବନେଶ୍ୱର, ୨୪।୪(ବ୍ୟୁରୋ):** ଦେଶବ୍ୟାପୀ ଜାରି ରହିଥିବା ଲକ୍‌ଡାଉନରୁ କୃଷି ଓ ଏହାର ଆନୁଷଙ୍ଗିକ କାର୍ଯ୍ୟକୁ କେନ୍ଦ୍ର ସରକାର ବାଦ୍ ଦେଇଛନ୍ତି। ଏହାସହ ଦେଶର ଗରିବ କୃଷକମାନଙ୍କୁ କୃଷି କାର୍ଯ୍ୟରେ ସହାୟତା ସ୍ୱରୂପ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନା ଜରିଆରେ ୨ ହଜାର ଟଙ୍କାର ଗୋଟିଏ ଲେଖାଏ କିସ୍ତି ତୁରନ୍ତ ଯୋଗାଇ ଦେଇଛନ୍ତି। ଏହାଦ୍ୱାରା ଏପ୍ରିଲ ୨୨ ସୁଦ୍ଧା ପିଏମ୍-କିଷାନ ଯୋଜନାରେ ସାମିଲ ହୋଇଥିବା ଦେଶର ୮ କୋଟିରୁ ଉର୍ଦ୍ଧ୍ୱ କୃଷକ ଉପକୃତ ହୋଇପାରିଛନ୍ତି। ଏ ବାବଦରେ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ୧୬,୧୪୬ କୋଟି ଟଙ୍କା ବ୍ୟୟ କରିଛନ୍ତି। ଇତିମଧ୍ୟରେ ଓଡ଼ିଶାର ୩୬.୨୮ ଲକ୍ଷ କୃଷକ ମଧ୍ୟ ପିଏମ୍-କିଷାନ ଯୋଜନାରେ ୨ ହଜାର ଟଙ୍କା ଲେଖାଏ ସହାୟତା ପାଇଛନ୍ତି। ଏଥିପାଇଁ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନବରଙ୍ଗପୁର ଜିଲା ତାରାଗାଁ ପଞ୍ଚାୟତର ଚାଷୀ କ୍ଷେତ୍ରପାଳ ବିଶି ଏହି ଯୋଜନାରେ ୨ ହଜାର ଟଙ୍କାର ସହାୟତା ପାଇଛନ୍ତି। ତାଙ୍କର ଅଢ଼େଇ ଏକର ଜମି ରହିଛି। ଲକ୍‌ଡାଉନ ସମୟରେ ସେ ଏହି ସହାୟତା ପାଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ସେହିପରି ମାଲକାନଗିରି ଜିଲା ଗୌଡ଼ଗୁଡ଼ା ପଞ୍ଚାୟତର ଲକ୍ଷ୍ମୀକାନ୍ତଙ୍କୁ ମଧ୍ୟ ଗୋଟିଏ କିସ୍ତି ବାବଦକୁ ୨ ହଜାର ଟଙ୍କା ମିଳିଛି। ଲକ୍‌ଡାଉନ କାରଣରୁ ତାଙ୍କୁ ପାଖାପାଖି ଗୋଟିଏ ମାସ ହେବ କିଛି କାମ ମିଳୁ ନ ଥିଲା। ଏବେ ସେ ଅର୍ଥ ପାଇଥିବାରୁ ପରିବାର ଚଳାଇବା ସହ ଚାଷ କାମ ଆରମ୍ଭ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଲକ୍‌ଡାଉନ ବେଳେ ସମ୍ଭାବ୍ୟ ଆର୍ଥିକ ମାନ୍ଦାବସ୍ଥାର ମୁକାବିଲା ନିମନ୍ତେ ଗତ ମାର୍ଚ୍ଚ ୨୬ରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ୧.୭୦ ଲକ୍ଷ କୋଟି ଟଙ୍କାର ରିଲିଫ ପ୍ୟାକେଜ ଘୋଷଣା କରିଥିଲେ। ଏହି ଯୋଜନା ଅଧୀନରେ ପିଏମ୍ କିଷାନ ହିତାଧିକାରୀ କୃଷକମାନଙ୍କୁ ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ କିସ୍ତି ସ୍ୱରୂପ ୨ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି।

# ବଜ୍ରପାତରେ ଗଲା ୮ ଜୀବନ

**ଖୁଣ୍ଟା/କୁଆମରା/କେନ୍ଦୁଝର/ରୂପ୍‌ସା/ବସ୍ତା ,୨୪।୪(ଡି.ଏନ୍.ଏ./ସ୍ୱ.ପ୍ର)**



- ମାଛ ଧରୁଥିବା ବେଳେ ୩ ସାଙ୍ଗ ଟଳି ପଡ଼ିଲେ
- ବିଲରେ କାମ କରୁଥିବା ମହିଳା, ମତ୍ସ୍ୟଜୀବୀ ମୃତ
- ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଫେରିବା ନୋହିଲା

ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲାରେ ଶୁକ୍ରବାର କାଳବୈଶାଖୀ ତାଣ୍ଡବ ରଚିଛି। ପ୍ରବଳ ଝଡ଼ତୋଫାନ ସାଙ୍ଗକୁ ବଜ୍ରପାତରେ ୮ ଜଣଙ୍କ ଜୀବନ ଯାଇଛି। ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକମାନେ ହେଲେ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଡ଼ପଥରା ଗ୍ରାମର ଦିବ୍ୟ ଶଙ୍କର ମହାନ୍ତ, ଯାମିନୀକାନ୍ତ ମହାନ୍ତ ଓ କୌଶିକ ମହାନ୍ତ, କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ନାରଦପୁର ପଞ୍ଚାୟତ ସୁରୁପତଳା ଗ୍ରାମର ରାଣ୍ଡୁ ମୁଣ୍ଡା ଏବଂ ବଳଭଦ୍ରପୁର ଗ୍ରାମର ଉର୍ମିଳା ମୁଦି, ବାଲେଶ୍ୱର ଜିଲା ସଦର ବ୍ଲକ ରସଲପୁର ପଞ୍ଚାୟତ ବଡ଼ଧନାଡି ଗ୍ରାମର ସିଦ୍ଧାର୍ଥ ମାଝି, ଅନୁଗୋଳ ବ୍ଲକ ବାଲୁଅକଟା ଗାଁର ନାରାୟଣ ସାହୁ ଓ ବନ୍ଦାଣପଶି ଗାଁର ବାବାଜୀ ସାହୁ।

ମଧ୍ୟାହ୍ନରେ ଖୁଣ୍ଟା ବ୍ଲକ ଅଞ୍ଚଳରେ କାଳବୈଶାଖୀର ପ୍ରକୋପ ଦେଖିବାକୁ ମିଳିଥିଲା। ବଡ଼ପଥରା ଗ୍ରାମର ୩ ସାଙ୍ଗ ମିଶି ଗ୍ରାମ ପୋଖରୀରେ ବନିଶୀ ପକାଇ ମାଛ ଧରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଖବର ପାଇ ଖୁଣ୍ଟା ଅଗ୍ନିଶମ ବିଭାଗ ପହଞ୍ଚି ଗୁରୁତର ୩ ସାଙ୍ଗ ଦିବ୍ୟ ଶଙ୍କର, ଯାମିନୀକାନ୍ତ ଓ କୌଶିକଙ୍କୁ ଚିକିତ୍ସା ପାଇଁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ଦିବ୍ୟ ଶଙ୍କର ବିବାହିତ ଥିବାବେଳେ ଅନ୍ୟ ୨ ଜଣ କଲେଜ ଛାତ୍ର। ଖୁଣ୍ଟା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ସେହିପରି କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ନାରଦପୁର ପଞ୍ଚାୟତ ଅନ୍ତର୍ଗତ ସୁରୁପତଳା ଗ୍ରାମର ରାଣ୍ଡୁ ମୁଣ୍ଡା ନାମ୍ନୀ ଜଣେ ମହିଳା ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ବଳଭଦ୍ରପୁର ଗ୍ରାମର ଉର୍ମିଳା ମୁଦି ଓ ଯାତ୍ରୀ ମହାକୁଡ଼ ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ବଜ୍ରପାତ ଯୋଗୁ ଘଟଣାସ୍ଥଳରେ ଉର୍ମିଳାଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୁରୁତର ଆହତ ଯାତ୍ରୀ ମହାକୁଡ଼ଙ୍କୁ ଚିକିତ୍ସା ପାଇଁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ବାଲେଶ୍ୱର ଜିଲା ସଦର ବ୍ଲକ ରସଲପୁର ପଞ୍ଚାୟତ ବଡ଼ଧନାଡି ଗ୍ରାମର ସିଦ୍ଧାର୍ଥ ମାଝି ଜଣେ ମତ୍ସ୍ୟଜୀବୀ। ଝଡ଼ବର୍ଷା ସମୟରେ ସେ ନିଜ ଭୁଟୁଭୁଟି ପାଖକୁ ଯାଇଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବସ୍ତା ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।



ଶୁକ୍ରବାର ରାଜଧାନୀରେ ଝଡ଼ବର୍ଷା ପରର ଦୃଶ୍ୟ।

# ୧୪ ଜିଲାରେ ଝଡ଼ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

**ରାଜଧାନୀରେ ଝଡ଼ବର୍ଷା, କମିଲା ତାତି**

ସମୁଦ୍ର ପତ୍ତନଠାରୁ ୧.୫ କି.ମି. ଉପରେ ଉତ୍ତର ବିହାରରୁ ଦକ୍ଷିଣ ଝାଡଖଣ୍ଡ ଏବଂ ଉତ୍ତର ଛତିଶଗଡ ଉପରେ ଏକ ଟ୍ରଫ୍ ଲାଇନ ସୃଷ୍ଟି ହୋଇଛି। ଏଥିସହିତ ତେଲଙ୍ଗାନା ଓ ବିଦର୍ଭ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଗତ ୩/୪ ଦିନ ହେବ ରାଜ୍ୟର ବିଭିନ୍ନ ଜିଲାରେ ଝଡ଼ବର୍ଷା ଲାଗି ରହିଛି। ଆସନ୍ତା ୩୦ ତାରିଖ ଯାଏ ପାଗ ଏଭଳି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କାଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଭଦ୍ରକ, ସମ୍ବଲପୁର, ଦେବଗଡ, କେନ୍ଦୁଝର, ମୟୂରଭ, ବାଲେଶ୍ୱର, ଯାଜପୁର, ଖୋର୍ଦ୍ଧା, କେନ୍ଦ୍ରାପଡା ଏବଂ ଝାରସୁଗଡାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ୪୦ରୁ ୫୦ କି.ମି. ବେଗରେ ପବନ ବହିବ। ଏସବୁ ଜିଲା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ଜାରି କରିଛି। ଏଥିସହିତ ସୁନ୍ଦରଗଡ, କଳାହାଣ୍ଡି, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହି ସବୁ ଜିଲା ପାଇଁ ଏଲୋୱାର୍ନିଂ ଜାରି କରାଯାଇଛି।

ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହୋଇଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା କୋଷାଗୁମୁଡାରେ ସର୍ବାଧିକ ୬ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କେନ୍ଦ୍ରାପଡା ଜିଲା ଗରଦପୁର, ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲଠାରେ ୫, କୁଜଙ୍ଗ ଓ ମାର୍ଶାଘାଇରେ ୪, ଯାଜପୁର, ଭଦ୍ରକ ଜିଲା ଚାନ୍ଦବାଲି, କେନ୍ଦ୍ରାପଡାର ରାଜକନିକା, ବାଲେଶ୍ୱରର ଜଳେଶ୍ୱରରେ ୪ ସେଣ୍ଟିମିଟର ଲେଖାଏ ବର୍ଷା ରେକର୍ଡ କରାଯାଇଛି। ସେହିପରି ଅନ୍ୟାନ୍ୟ ଭାଗରେ ମଧ୍ୟ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି। ଝଡବର୍ଷା ଲାଗି ରହୁଥିବାରୁ ରାଜ୍ୟରେ ତାତି ହ୍ରାସ ପାଇଛି। ବିଭିନ୍ନ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ତଳେ ରହୁଛି। ଆସନ୍ତା ୩୦ ତାରିଖ ଯାଏ ଉପକୂଳ ଓଡିଶାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିବା ବେଳେ ପଶ୍ଚିମ ଏବଂ ଦକ୍ଷିଣ ଓଡିଶାର ଗୋଟିଏ ଦୁଇଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ସେଲସିୟସ୍ ଉପରେ ରହିବ ବୋଲି ଅନୁମାନ କରାଯାଇଛି।

ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଘଡଘଡି ସହ ବର୍ଷା ହୋଇଛି। ସନ୍ଧ୍ୟା ୫ଟା ୪୫ ମିନିଟରୁ ୮ଟା ୩୦ ଯାଏ ତୁହାକୁ ତୁହା ବର୍ଷା ଲାଗି ରହିଥିଲା।

# ବାହାର ରାଜ୍ୟ ଫେରନ୍ତାଙ୍କ ପଞ୍ଜୀକରଣ ଆରମ୍ଭ

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱର ପରେ ରାଜ୍ୟରେ କରୋନା ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଛି ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର। ବିଶେଷକରି ପଶ୍ଚିମବଙ୍ଗ ଫେରନ୍ତାଙ୍କ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ସର୍ବାଧିକ ରହିଛି। ରାଜ୍ୟରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପୂର୍ବରୁ ବିଦେଶ ଗସ୍ତ କରିଥିବା ବ୍ୟକ୍ତିଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଥିଲା। ଏହାର ସୁଫଳ ମଧ୍ୟ ମିଳିଥିଲା। ଏଥିରୁ ଶିକ୍ଷା ଗ୍ରହଣ କରି ବର୍ତ୍ତମାନ ଲକ୍‌ଡାଉନରେ ଭାରତର ବିଭିନ୍ନ ସ୍ଥାନରେ ଫସିଥିବା ଓଡ଼ିଆଙ୍କ ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ସରପଞ୍ଚଙ୍କ ସହ ଭିଡିଓ ବାର୍ତ୍ତାଳାପ କରି ବାହାର ରାଜ୍ୟ ଫେରନ୍ତା ଶ୍ରମିକ, ଛାତ୍ରୀଛାତ୍ର ଏବଂ କର୍ମୀଙ୍କ ପଞ୍ଜୀକରଣ କରାଇବା ଉପରେ ଗୁରୁତ୍ୱ ଦେଇଥିଲେ।

ଏହି କ୍ରମରେ ଶୁକ୍ରବାରଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମାଧ୍ୟମରେ ଏହା କରାଯାଉଛି। କୌଣସି ବ୍ୟକ୍ତିବିଶେଷ ରାଜ୍ୟ ବାହାରେ ଥିଲେ, ସେମାନଙ୍କ ପରିବାର ସଦସ୍ୟ ମଧ୍ୟ ପଞ୍ଜୀକରଣ କରାଇ ପାରିବେ। ଶଟ୍‌ଡାଉନ ଥିବାରୁ ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ଅଫ୍ ଲାଇନ ପଞ୍ଜୀକରଣ ଏତେଟା ଦେଖାଯାଇ ନ ଥିଲା। ହେଲେ ରାଜ୍ୟର ଅନ୍ୟ ପ୍ରାନ୍ତରେ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ପଞ୍ଜୀକରଣ ଦେଖିବାକୁ ମିଳିଥିଲା। ବିଶେଷ କରି ଗୁଜରାଟ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ତାମିଲନାଡୁ, କେରଳ, ନୂଆଦିଲ୍ଲୀ, କର୍ନାଟକରେ ବହୁ ଓଡ଼ିଆ ଫସି ରହିଛନ୍ତି। ଏମାନେ ଏଣିକି https://covid19.odisha.gov.in/ ୱେବସାଇଟ୍‌ରେ ନିଜକୁ ପଞ୍ଜୀକରଣ କରାଇବା ସହ ନିଜ ଅଞ୍ଚଳରେ ପହଞ୍ଚି ୧୪ ଦିନିଆ କ୍ୱାରାଣ୍ଟାଇନ ନିୟମ ପାଳନ କରିବେ। ଏହି ୱେବସାଇଟ୍‌କୁ ଯାଇ ଏହାର ବାମ ପାର୍ଶ୍ୱରେ ଥିବା ରେଜିଷ୍ଟ୍ରେଶନ ଉପରେ କ୍ଲିକ୍ କରି ଆବଶ୍ୟକ ତଥ୍ୟ ପ୍ରଦାନ କରିବେ। ନିୟମ ଅନୁଯାୟୀ ସମସ୍ତ ତଥ୍ୟ ଦେବା ପରେ ପଞ୍ଜୀକରଣ ପ୍ରକ୍ରିୟା ସମାପ୍ତ ହେବ। ୱେବ୍‌ସାଇଟ୍‌ରେ ପଞ୍ଜୀକରଣ ନେଇ ଘୋଷଣା ହେବା ପରେ ବ୍ୟାପକ ୱେବ୍ ଟ୍ରାଫିକ୍ ଦେଖାଦେଇଥିଲା। ଏହାଦ୍ୱାରା ୱେବ୍‌ସାଇଟ୍ ଖୋଲିବାରେ ମଧ୍ୟ ଅସୁବିଧା ଦେଖାଦେଇଥିଲା। ପରେ ଏହି ସମସ୍ୟା ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।



ଶଟ୍‌ଡାଉନ୍ ପରେ ଭଦ୍ରକ ସହର ଶୂନଶାନ ରାସ୍ତାରେ ପୋଲିସ ପହରା ଦେଉଛି।

# ଆୟୁଷ ଡାକ୍ତରଙ୍କୁ ଉପେକ୍ଷା

**ବ୍ରହ୍ମଗିରି,୨୪।୪(ଡି.ଏନ୍.ଏ):** ସମ୍ପ୍ରତି ମହାମାରୀ କରୋନା ବିରୋଧ ଯୁଦ୍ଧରେ ଆଗଧାଡ଼ିର ଯୋଦ୍ଧା ଭାବେ ସାମିଲ ହୋଇଛନ୍ତି ଆୟୁଷ ଡାକ୍ତର। ମାତ୍ର ଏମାନେ ଏବେ ସରକାରୀ ସ୍ତରରେ ଉପେକ୍ଷିତ। ଏଥିଯୋଗୁ ଏମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଓଡ଼ିଶା ଆୟୁଷ ଡାକ୍ତର ସଂଘର ସଭାପତି ଜ୍ୟୋତିରଞ୍ଜନ ଗାହାଣ କହିଛନ୍ତି, ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୪୮୫ ଜଣ ଆୟୁଷ ଡାକ୍ତରଙ୍କୁ ରାଜ୍ୟ ସରକାର ଏନ୍‌ଆର୍‌ଏଚ୍‌ଏମ୍ ଜରିଆରେ ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇଛନ୍ତି। ଅନେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍‌ବିବିଏସ୍ ଡାକ୍ତରଙ୍କ ଅଭାବ ଯୋଗୁ ଏମାନେ ୧୩ ବର୍ଷ ଧରି ରୋଗୀ ସେବା ତୁଲାଉଛନ୍ତି। ଏପରି କି ଏହି କରୋନା ସମୟରେ ଏମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିଭାଉଛନ୍ତି। ସରକାର କରୋନା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଓ ଡାକ୍ତରମାନଙ୍କୁ ମୁଖ୍ୟ ଯୋଦ୍ଧା ଭାବେ ଘୋଷଣା କରି ୪ମାସର ଦରମା ଆଗୁଆ ପ୍ରଦାନ, ୫୦ ଲକ୍ଷ ଟଙ୍କାର ବୀମା ସହିତ ଅନ୍ୟାନ୍ୟ ଯୋଜନାମାନ ଘୋଷଣା କରିଛନ୍ତି। ଏହି ଆୟୁଷ ଡାକ୍ତରମାନେ ଏନ୍‌ଆର୍‌ଏଚ୍‌ଏମ୍ ଅଧୀନରେ ଚୁକ୍ତିଭିତ୍ତିକ ଚାକିରି କରିଥିବାରୁ ଏହି ଯୋଜନାରେ ସାମିଲ ହୋଇ ପାରିନାହାନ୍ତି। ସରକାରଙ୍କ ଏଭଳି ଉଦାସୀନ ମନୋଭାବ ଯୋଗୁ ଅଧିକାଂଶ ଡାକ୍ତର ଚାକିରି ଛାଡ଼ିଦେଇଥିବାବେଳେ ବର୍ତ୍ତମାନ ୧୨୮୩ ଜଣ ଆୟୁଷ ଡାକ୍ତର କାର୍ଯ୍ୟ କରୁଛନ୍ତି। ତେଣୁ ସରକାର ଏହି ଡାକ୍ତରମାନଙ୍କ ପ୍ରତି ସହାନୁଭୂତିଶୀଳ ମନୋଭାବ ନେଇ ସହାୟତା ଓ ସୁବିଧା ଯୋଗାଇଦେବାକୁ ସଂଘ ସଭାପତି ଗାହାଣ ଦାବି କରିଛନ୍ତି।

# ଗଞ୍ଜାମର ୩ ପଞ୍ଚାୟତକୁ ଜାତୀୟ ପୁରସ୍କାର

**ଛତ୍ରପୁର,୨୪।୪(ଡି.ଏନ୍.ଏ.)**

ଜାତୀୟ ପଞ୍ଚାୟତିରାଜ ଦିବସରେ ୩ଟି ବିଭାଗରେ ଗଞ୍ଜାମ ଜିଲାର ୩ ପଞ୍ଚାୟତକୁ ୨୦୧୮-୧୯ର ଜାତୀୟ ପଞ୍ଚାୟତ ପୁରସ୍କାର ମିଳିଛି। ଓଡିଶାରେ ଶ୍ରେଷ୍ଠ ବିକାଶ ପ୍ଲାନ କରିବାରେ ଗଞ୍ଜାମ ବ୍ଲକର କାଇଁଚପୁର ପଞ୍ଚାୟତ, ଶ୍ରେଷ୍ଠ ଚାଇଲ୍ଡ ଫ୍ରେଣ୍ଡଲି ପଞ୍ଚାୟତ ବିଭାଗରେ ବେଲଗୁଣ୍ଠା ବ୍ଲକର ବଡ଼ବରସିଙ୍ଗି ପଞ୍ଚାୟତ ଏବଂ ସାନଖେମୁଣ୍ଡି ବ୍ଲକ ପୋଡାମାରି ପଞ୍ଚାୟତକୁ ନାନାଜୀ ଦେଶମୁଖ ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର ମିଳିଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ଟୁଇଟ କରି ଜଣାଇଛନ୍ତି। ଏହି ସଫଳତା ପାଇଁ ଗଞ୍ଜାମ ଡିଆର୍‌ଡିଏ ଟିମ ଓ ସଂପୃକ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବିଡ଼ିଓ, ସରପଞ୍ଚ ଓ ଅନ୍ୟମାନଙ୍କୁ ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଧ୍ୟ ଟୁଇଟ କରି ଶୁଭେଚ୍ଛା ଜଣାଇଛନ୍ତି।

# ଶ୍ରମିକଙ୍କୁ ଆଣିବା ଆଗରୁ କରୋନା ପରୀକ୍ଷା ଜରୁରୀ

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

**ସବୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଆଲୋଚନା**

କରୋନା ସ୍ଥିତିକୁ ନେଇ ସବୁ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନ ଶୁକ୍ରବାର ଆଲୋଚନା କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ହର୍ଷବର୍ଦ୍ଧନ ଆଲୋଚନା ମଧ୍ୟ କରିଛନ୍ତି। ମନ୍ତ୍ରୀ ଦାସ ରାଜ୍ୟର ସ୍ଥିତି ନେଇ ମତ ରଖିବା ଅବସରରେ କହିଛନ୍ତି, କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟରେ ଫସି ରହିଥିବା ଶ୍ରମିକମାନଙ୍କ ସମସ୍ୟାକୁ ଗୁରୁତର ସହ ଗ୍ରହଣ କରନ୍ତୁ। ତାଲାବନ୍ଦ ଖୋଲିବା ପରେ ରାଜ୍ୟକୁ ଫେରିବାକୁ ଚାହୁଁଥିବା ଶ୍ରମିକଙ୍କ ତଥ୍ୟ ସଂଗ୍ରହ ଲାଗି ରାଜ୍ୟକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦିଅନ୍ତୁ। ରାଜ୍ୟକୁ ଫେରିବା ପୂର୍ବରୁ ସେହି ଶ୍ରମିକଙ୍କ କରୋନା ପରୀକ୍ଷା କରାଯିବା ଜରୁରୀ। ପରୀକ୍ଷା ପରେ ସେମାନଙ୍କୁ ପ୍ରମାଣପତ୍ର ସହିତ ଫସିଥିବା ରାଜ୍ୟରୁ ଅଣାଯିବା ଦରକାର। ଏଥିଲାଗି ଏକ ଆନ୍ତଃ ରାଜ୍ୟ ଏବଂ ସୀମା ସମ୍ପର୍କିତ ମନ୍ତ୍ରୀସ୍ତରୀୟ କମିଟି ଗଠନ ହେବା ଆବଶ୍ୟକ। ତେବେ ସମସ୍ୟା ସମାଧାନର ରାସ୍ତା ବାହାରିପାରିବ। ସବୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଏକଥାକୁ ସୁନିଶ୍ଚିତ କରିବା ଦରକାର ଯେ, ବାହାରେ ଫସିଥିବା ଶ୍ରମିକଙ୍କୁ ଫେରିବା ଆଗରୁ କରୋନା ପରୀକ୍ଷା କରି ଛାଡ଼ିବେ। ଏଥିଲାଗି ସବୁ ରାଜ୍ୟକୁ କେନ୍ଦ୍ର ପକ୍ଷରୁ କରୋନା ପରୀକ୍ଷା କିଟ୍ ପଠାଯିବା ଦରକାର ବୋଲି ଦାସ କହିଛନ୍ତି।

ସେ ଆହୁରି କହିଛନ୍ତି, ଓଡ଼ିଶାରେ ଔଷଧ ଏବଂ ମେଡିକାଲ ଉପକରଣ ପ୍ରସ୍ତୁତି ପାଇଁ ଫାର୍ମାସ୍ୟୁଟିକାଲ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ପ୍ରତିଷ୍ଠା ହେବା ଦରକାର। ଏହାସହ ଜାତୀୟ ଔଷଧ ବିତରଣ ନିୟମ ପ୍ରଣୟନ ହେବା ଜରୁରୀ। ରାଜ୍ୟରେ ଏକ ଜାତୀୟ ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯାଉ। ଏହାଦ୍ୱାରା ତ୍ୱରିତ ପଦକ୍ଷେପ ଲାଗି ସ୍ୱାସ୍ଥ୍ୟ ବିପର୍ଯ୍ୟୟ ପରିଚାଳନା ଟିମ୍ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଲିମ ଦେଇପାରିବ। କେନ୍ଦ୍ରୀୟ ମେଡିକାଲ ଉପକରଣ କିଣିବାକୁ ଏକ ସ୍ୱତନ୍ତ୍ର ସଂସ୍ଥା ପ୍ରତିଷ୍ଠା କରାଯାଉ। ଓଡ଼ିଶାରେ ଜାତୀୟ ଫାର୍ମାସ୍ୟୁଟିକାଲ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେଲେ ଅତ୍ୟାଧୁନିକ ଗବେଷଣା ମାଧ୍ୟମରେ ନୂତନ ଔଷଧ ବିକଶିତ କରିବାର ସୁଯୋଗ ମିଳିପାରିବ। ନୂତନ ଜାତୀୟ ମାନବ ସମ୍ବଳ ପରିଚାଳନା ନିୟମ ଅଣାଯାଉ ବୋଲି ମନ୍ତ୍ରୀ ଦାସ ଆଲୋଚନା ବେଳେ ମତ ରଖିଛନ୍ତି।

# କରୋନା ସଂକ୍ରମଣ ରୋକିପାରେ ନିକୋଟିନ

**କ୍ଲିନିକାଲ ପରୀକ୍ଷା ଅପେକ୍ଷାରେ ଫ୍ରାନ୍ସ ଗବେଷକ**

**ପ୍ୟାରିସ,୨୪।୪**

ଫ୍ରାନ୍ସରେ ହୋଇଥିବା ଏକ ସଦ୍ୟତମ ଅନୁସନ୍ଧାନ ଅନୁଯାୟୀ, ନିକୋଟିନ ଲୋକଙ୍କୁ କରୋନା ଭାଇରସ୍‌ରୁ ରକ୍ଷା କରିପାରିବ। ହେଲେ ମହାମାରୀ କରୋନାକୁ ରୋକିବା କିମ୍ବା ଚିକିତ୍ସା ପାଇଁ ନିକୋଟିନ ବ୍ୟବହାର କରାଯାଇପାରିବ କି ନାହିଁ ସେନେଇ ପରବର୍ତ୍ତୀ ପରୀକ୍ଷଣ ନିମନ୍ତେ ଯୋଜନା କରାଯାଇଛି। ପ୍ୟାରିସର ଏକ ପ୍ରମୁଖ ହସ୍ପିଟାଲ 'ପିଟି-ସାଲ୍‌ପ୍ରେଟିଅର୍'ରେ ଗବେଷକମାନେ ୩୪୩ କରୋନା ସଂକ୍ରମିତଙ୍କୁ ପରୀକ୍ଷା କରିଥିଲେ, ଯାହାଙ୍କ ମଧ୍ୟରୁ ୧୩୯ ଜଣଙ୍କଠାରେ ରୋଗର ସାମାନ୍ୟ ଲକ୍ଷଣ ଥିଲା। ଏହି ରୋଗୀମାନଙ୍କ ମଧ୍ୟରୁ ମାତ୍ର ୫% ଧୂମପାନ କରିଥାନ୍ତି, ଯାହାକି ଫ୍ରାନ୍ସର ମୋଟ ଜନସଂଖ୍ୟାର ପ୍ରାୟ ୩୫% ଧୂମପାନ ହାର ତୁଳନାରେ ବହୁତ କମ୍। ଗତ ମାସରେ ଇଂଲଣ୍ଡର ଏକ ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟ ଅନୁଯାୟୀ, ଚାଇନାର ୧୦୦୦ ସଂକ୍ରମିତଙ୍କ ମଧ୍ୟରୁ ୧୨.୬ % ଧୂମପାନକାରୀ ଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ, ଚାଇନାର ମୋଟ ଜନସଂଖ୍ୟାର ୨୬% ଲୋକ ଧୂମପାନ କରନ୍ତି। ଏହାକୁ ତୁଳନା କଲେ ଚାଇନାର କରୋନାରେ ସଂକ୍ରମିତ ହୋଇଥିବା ଧୂମପାନକାରୀଙ୍କ ସଂଖ୍ୟା ନଗଣ୍ୟ।

ଫ୍ରାନ୍ସର ପାଶ୍ଚର ଇନଷ୍ଟିଚ୍ୟୁଟ୍‌ର ଜଣାଶୁଣା ସ୍ନାୟୁବିଜ୍ଞାନୀ ତଥା ଗବେଷକ ଦଳର ସଦସ୍ୟ ଜିନ୍-ପିୟରେ ଚେଞ୍ଜକ୍ସଙ୍କ କହିବା ଅନୁଯାୟୀ, ନିକୋଟିନ ଗ୍ରାହୀ କୋଷ(ରିସେପ୍ଟର ସେଲ୍)ଗୁଡ଼ିକରେ ଅଠାଭଳି ଲାଗି ରହିପାରେ। ଫଳରେ ତାହା ଭୂତାଣୁକୁ କୋଷରେ ପ୍ରବେଶ କରିବାରୁ ରୋକିଥାଏ। ତେଣୁ ଶରୀରରେ ତାହା ବ୍ୟାପିପାରେ ନାହିଁ। ଗବେଷକମାନେ ଏବେ ଏହାର କ୍ଲିନିକାଲ ପରୀକ୍ଷା ପାଇଁ ଫ୍ରାନ୍ସର ସ୍ୱାସ୍ଥ୍ୟ ବିଭାଗର ଅନୁମୋଦନକୁ ଅପେକ୍ଷା କରିଛନ୍ତି। ସେମାନେ ପିଟି-ସାଲ୍‌ପ୍ରେଟିଅର ହସ୍ପିଟାଲର ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପରେ ନିକୋଟିନ ପ୍ୟାଚ୍ ବ୍ୟବହାର କରିବାକୁ ଯୋଜନା କରୁଛନ୍ତି। ସେମାନେ ଦେଖିବାକୁ ଚାହାନ୍ତି ଯେ, ଉକ୍ତ ପ୍ୟାଚ୍ ସ୍ୱାସ୍ଥ୍ୟକର୍ମୀଙ୍କୁ ଭୂତାଣୁ ସଂକ୍ରମଣରୁ କିଭଳି ରକ୍ଷା କରିପାରୁଛି। ଏପରି କି ଡାକ୍ତରଖାନାରେ ଭର୍ତ୍ତି ରୋଗୀଙ୍କ ଶରୀରରେ ମଧ୍ୟ ଏହି ପ୍ୟାଚ୍ ବ୍ୟବହାର କରିବାକୁ ଗବେଷକମାନେ ଚାହୁଁଛନ୍ତି। ଏହାଦ୍ୱାରା ନିକୋଟିନ୍ ପ୍ୟାଚ୍ ରୋଗର ଲକ୍ଷଣ ହ୍ରାସ କରିବାରେ ସହାୟକ ହେଉଛି କି ନାହିଁ ତାହା ଜାଣିହେବ ବୋଲି ଗବେଷକ ଦଳର ପ୍ରଫେସର ଜାହରି ଆମ୍ୟୁରା କହିଛନ୍ତି।



ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥାର ଅତି ତୀବ୍ର ପ୍ରତିକ୍ରିୟା ବା 'ସାଇଟୋକାଇନ ଷ୍ଟ୍ରମ୍‌ସ' ଯୋଗୁ କୋଭିଡ୍-୧୯ ଏବଂ ଇନ୍‌ଫ୍ଲୁଏଞ୍ଜା ଭଳି ରୋଗ ସାଂଘାତିକ ହୋଇପାରେ। ହେଲେ ନିକୋଟିନ 'ସାଇଟୋକାଇନ ଷ୍ଟ୍ରମ୍‌ସ'କୁ ରୋକିବାରେ ସହାୟକ ହେଉଛି କି ନାହିଁ ତାହା ଜାଣିବା ପାଇଁ ଗବେଷକମାନେ ଅନୁସନ୍ଧାନ କରୁଛନ୍ତି, ଯାହା କୋଭିଡ୍-୧୯ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ସେମାନେ ଏ କଥା ବି ସ୍ପଷ୍ଟ କରିଛନ୍ତି ଯେ, ସେମାନଙ୍କ ଅନୁସନ୍ଧାନର ଉଦ୍ଦେଶ୍ୟ ଲୋକଙ୍କୁ ଧୂମପାନ କରିବାକୁ ଉତ୍ସାହିତ କରିବା ନୁହେଁ, ବରଂ ଏହି ମହାମାରୀ ଭୂତାଣୁ ବିରୋଧରେ ସୁରକ୍ଷାତ୍ମକ ଉପାୟ ଭାବେ ନିକୋଟିନକୁ ବ୍ୟବହାର କରାଯାଇପାରିବ। ଅନ୍ୟପକ୍ଷରେ ଆମେ ଭୁଲିବା ଉଚିତ ନୁହେଁ ଯେ, ନିକୋଟିନ ଶରୀରକୁ ମଧ୍ୟ କ୍ଷତି ପହଞ୍ଚାଇଥାଏ ବୋଲି ଫ୍ରାନ୍ସର ଜଣେ ପ୍ରମୁଖ ସ୍ୱାସ୍ଥ୍ୟ ଅଧିକାରୀ ଜେରୋମ୍ ସାଲୋମନ କହିଛନ୍ତି। ଧୂମପାନ କରୁ ନ ଥିବା ଲୋକେ କୌଣସି ବିକଳ୍ପ ନିକୋଟିନ ବ୍ୟବହାର କରନ୍ତୁ ନାହିଁ। ତାହାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇପାରେ ଏବଂ ସେମାନେ ନିଶାରେ ଆସକ୍ତ ହୋଇପାରନ୍ତି ବୋଲି ସାଲୋମନ ସତର୍କ କରାଇ ଦେଇଛନ୍ତି।

ସୂଚନାଥାଉ କି, ପ୍ରତିବର୍ଷ ଫ୍ରାନ୍ସରେ ତମାଖୁ ବ୍ୟବହାର ଯୋଗୁ ପ୍ରାୟ ୭୫ ହଜାର ଲୋକ ପ୍ରାଣହରାନ୍ତି। ଏବେ କରୋନା ଭୂତାଣୁର ପ୍ରକୋପରେ ଫ୍ରାନ୍ସରେ ୨୨ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିସାରିଲାଣି। ୧ ଲକ୍ଷ ୬୦ ହଜାରରୁ ଅଧିକ ଲୋକ ସଂକ୍ରମିତ ହୋଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସୁକୁମାରୀ ରାଜ ଦୁହିତା,**
**କରମରେ ଅଛି ଯୋଗୀ ଘଇତା।**

ଯାହାର ଯାହା ଭୋଗ କରିବାର ଥାଏ ତାକୁ କେହି ବଦଳାଇ ପାରି ନ ଥାଏ। ଯୋଗୀ ଘରେ ସବୁବେଳେ ଅଭାବ। ଗାଁରୁ ଗାଁକୁ ବୁଲି ଭିକ ମାଗି ଆଣିଲେ ଖାଏ ନ ହେଲେ ଉପାସେ ଶୁଏ। ଏପରି ସ୍ଥଳେ ଅତି ଅଲିଅଳରେ ବଢ଼ି ଆସିଥିବା ଝିଅ ଯିଏ କି ଦୁଃଖ କଷ୍ଟ କିଛି ଜାଣି ନ ଥାଏ। ସେ ଯଦି ଅତି ଦୁଃଖ କଷ୍ଟରେ ଚଳୁଥିବା ଘରକୁ ଯାଏ ତା' ହେଲେ ସେଠି ସେ କିପରି ଚଳିବ ସେ ନେଇ ତା'ର ଦୁଃଖ ଦୁର୍ଦ୍ଦଶା ବଢ଼ି ଯାଇଥାଏ। ଫଳସ୍ୱରୂପ ସେ ନିଜ ଭାଗ୍ୟକୁ ଆଦରି ପଡ଼ି ରହିବା ଛଡ଼ା ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅମଞ୍ଜା ମଞ୍ଜା,**
**ମଞ୍ଜି ନାହିଁ ତା'ର ଭୂଇଁରୁ ଗଜା।**

ସମୟ ବା ଋତୁ ଅନୁସାରେ ଛତୁ ଫୁଟିଥାଏ। ବର୍ଷାହେଲେ ମାଟି ଓଦା ହୁଏ। ପହିଲି ଅସରା ପରେ ବା ବର୍ଷାପାଣି ପଡ଼ିଲେ ପାଳଗଦା ମୂଳେ, ବାଲିଚରରେ ଓ ଢ଼ିପ ଜାଗାରେ ଛତୁ ମନକୁ ମନ ଫୁଟି ଉଠୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗ୍ରାମୀଣ ଅର୍ଥ ବ୍ୟବସ୍ଥା ପାଇଁ ବଡ଼ ଚ୍ୟାଲେଞ୍ଜ

- ୨୦% ବଢ଼ିଛି ଗ୍ରାମାଞ୍ଚଳ ବେକାରି
- ବୃହତ୍ ସଂଖ୍ୟକ ଲୋକଙ୍କୁ କାମ ଯୋଗାଇବା କଷ୍ଟକର
- ଚାହିଦା କମିବାରୁ ବଜାର ପ୍ରଭାବିତ
- ପରିବାରିକ ସମସ୍ୟା, ଅଶାନ୍ତି ବଢୁଛି
- ସରକାରଙ୍କ ପ୍ୟାକେଜ ପର୍ଯ୍ୟାପ୍ତ ନୁହେଁ

**ନୂଆଦିଲ୍ଲୀ,୨୪।୪**

ଦେଶର ମୋଟ୍ ୧୩୦ କୋଟି ଜନସଂଖ୍ୟା ମଧ୍ୟରୁ ଗ୍ରାମାଞ୍ଚଳରେ ଦୁଇତୃତୀୟାଂଶ ଲୋକ ବସବାସ କରୁଛନ୍ତି। ୨୦୧୬ର ବିମୁଦ୍ରୀକରଣ, ମରୁଡ଼ି ସମେତ ଅନ୍ୟ ସମସ୍ୟା ଗତ କିଛି ବର୍ଷ ଧରି ଗ୍ରାମାଞ୍ଚଳର ସ୍ଥିତିକୁ ପ୍ରଭାବିତ କରିଛି। ବର୍ତ୍ତମାନର ୪୦ ଦିନିଆ ଲକ୍‌ଡାଉନ ଏହି ସମସ୍ୟାକୁ ଆହୁରି ଉତ୍କଟ କରିଛି। ଏଥିଲାଗି ଗ୍ରାମୀଣ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଦେଇ ଗତି କରୁଛି ବୋଲି ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

ବ୍ଲୁମ୍‌ବର୍ଗ ଇକୋନୋମିକ୍ସ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନ ରୁରାଲ ଟ୍ରାକର ମୁତାବକ, ଗତ ବର୍ଷ ଫେବୃୟାରୀ ତୁଳନାରେ ଚଳିତ ବର୍ଷ ଫେବୃୟାରୀରେ ଉତ୍ପାଦନ ୩.୭% ଖସିଛି। ମୋଟ ୯ ମାସ ମଧ୍ୟରୁ ୮ ମାସ ଉତ୍ପାଦନ ନିମ୍ନରେ ରହିଛି। ଏସ୍କର୍ଟ ଲିମିଟେଡ୍ ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ ମାର୍ଚ୍ଚରେ ଟ୍ରାକ୍ଟର ବିକ୍ରି ଯଥାକ୍ରମେ ୫୪% ଏବଂ ୨୭% ଖସିଛି। ଏହାବାଦ ଗ୍ରାମାଞ୍ଚଳରେ ଦୁଇଚକିଆ ଯାନ ବିକ୍ରି ୪୦% ନିମ୍ନରେ ରହିଛି। ଲୋକଙ୍କର ଚାହିଦା ଖସିବାରୁ ଏଭଳି ଟ୍ରେଣ୍ଡ ଦେଖିବାକୁ ମିଳୁଛି। ଏହି ପ୍ରସଙ୍ଗ ଉପରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ଅହମ୍ମଦାବାଦର ପ୍ରଫେସର ରିତିକା ଖେରା କହିଛନ୍ତି, ଗ୍ରାମାଞ୍ଚଳ ଲୋକଙ୍କ ଆୟ ରେମିଟାନ୍ସ ବା ବାହାରୁ ଆସୁଥିବା ଅର୍ଥ ସହ ସମ୍ପର୍କ ରହିଛି। ଲକ୍‌ଡାଉନ ପାଇଁ ଲୋକଙ୍କର ମାନସିକ ଅବସ୍ଥା ପ୍ରଭାବିତ ହୋଇଛି, ଯାହାର ପ୍ରଭାବ ବଜାର ଉପରେ ମଧ୍ୟ ପଡୁଛି। ଗ୍ରାମାଞ୍ଚଳ ଅର୍ଥ ବ୍ୟବସ୍ଥାକୁ ଆଗେଇନେବା ଲାଗି ଲୋକଙ୍କର ଖର୍ଚ୍ଚ ଏକ ପ୍ରମୁଖ ଭୂମିକା ନେଇଥାଏ। ନୂଆଦିଲ୍ଲୀ ଭିତ୍ତିକ ପିପୁଲ ରିସର୍ଚ୍ଚ ଇଣ୍ଡିଆ ପକ୍ଷରୁ ହୋଇଥିବା ଏକ ସର୍ଭେ ମୁତାବକ ଦେଶର ପରିବାରଗୁଡ଼ିକର ମୋଟ ଖର୍ଚ୍ଚ ମଧ୍ୟରେ ଗ୍ରାମାଞ୍ଚଳର ଅଂଶ ୫୭% ରହିଛି। ଏଣୁ ଗ୍ରାମାଞ୍ଚଳ ଲୋକଙ୍କର ଚାହିଦା କ୍ଷତିଗ୍ରସ୍ତ ହେଲେ ସାରା ଦେଶର ଅର୍ଥ ବ୍ୟବସ୍ଥା ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇବା ସ୍ୱାଭାବିକ।

ଲକ୍‌ଡାଉନ ପ୍ରବାସୀ ଶ୍ରମିକଙ୍କ ଲାଗି ଏକ ଝଟକା ଦେଇଥିବା ରିପୋର୍ଟରେ କୁହାଯାଇଛି। କିଛି ପ୍ରାନ୍ତରେ ଫସଲ ଅମଳ ପ୍ରଭାବିତ ହେବାରୁ ଫସଲ ନଷ୍ଟ ଏବଂ ଅମଳ ହୋଇଥିଲେ ପରିଚାଳନା କରିବାକୁ ଲୋକ ଅଭାବ ଏବଂ ଅନ୍ୟ ସମସ୍ୟା ଉପୁଜିଛି। ଭୂତାଣୁ ଲଗାତର ଭାବେ ବଢୁଥିବାରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହାର ଚାପ ବଢ଼ିଛି। ଏବେ ପ୍ରବାସୀ ଶ୍ରମିକ ବହୁ ସଂଖ୍ୟାରେ ଘରକୁ ଫେରୁଛନ୍ତି। ଏତେ ସଂଖ୍ୟକ ଲୋକଙ୍କ ଲାଗି ଜୀବିକା ଗ୍ରାମାଞ୍ଚଳରେ ସୃଷ୍ଟି କରିବା କଷ୍ଟକର। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଡେଭଲପମେଣ୍ଟ ଷ୍ଟଡିଜର ଆସୋସିଏଟ୍ ପ୍ରଫେସର ନିକିତା ସୁଦ କହିଛନ୍ତି, ଲୋକଙ୍କ ନିକଟରେ କାମ ନ ଥିବାରୁ ପୋଷଣ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ୟା ଏବଂ ପାରିବାରିକ ହିଂସା ବଢୁଛି। ଗତ ୨୦ଦିନରେ ଗ୍ରାମାଞ୍ଚଳ ବେକାରି ୨୦% ବଢ଼ିଛି। ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ରିପୋର୍ଟ ମୁତାବକ ୪୦୦ ନିୟୁତ ଶ୍ରମିକଙ୍କ ମଧ୍ୟରେ ଗରିବୀ ଆହୁରି ଉତ୍କଟ ହେବ। ଗଣମାଧ୍ୟମ ରିପୋର୍ଟ ମୁତାବକ ଲକ୍‌ଡାଉନ ସମସ୍ୟା ଯୋଗୁ ପ୍ରାୟ ୨୦୦ ଲୋକ ଭୋକ, ଆତ୍ମହତ୍ୟା ଭଳି ଅନ୍ୟ ସମସ୍ୟାରୁ ମୃତ୍ୟୁମୁଖରେ ପଡିଛନ୍ତି।

ଗ୍ରାମାଞ୍ଚଳ ବେକାରି ଉତ୍କଟ ହେଉଥିବାରୁ କୃଷିକ୍ଷେତ୍ରକୁ ପ୍ରୋତ୍ସାହନ ଏବଂ ଜୀବିକା ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯିବ ଆବଶ୍ୟକ ବୋଲି ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ ରିସର୍ଚ୍ଚର ପରାମର୍ଶଦାତା ଶଶାଙ୍କ ଭିଡେ ମତବ୍ୟକ୍ତ କରିଛନ୍ତି। ଖାଦ୍ୟ ନିରାପତ୍ତା ଜୀନବଧାରଣ ବାଦ୍ ଅନ୍ୟ କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ମାନ୍ଦାବସ୍ଥା ଏବଂ କରୋନା ଦେଶର ଅର୍ଥ ବ୍ୟବସ୍ଥା ଗତିକୁ ୪ ଦଶନ୍ଧିର ସର୍ବନିମ୍ନ ସ୍ତରକୁ ନେଇଯିବା ଆଶଙ୍କା ପ୍ରକଟ କରାଯାଇଛି। କେନ୍ଦ୍ର ସରକାର ମଧ୍ୟ ୧.୭ ଲକ୍ଷ କୋଟିର ପ୍ୟାକେଜ ବାଦ୍ ଅନ୍ୟ କିଛି ପଦକ୍ଷେପ ଘୋଷଣା କରିଛନ୍ତି। ଅନ୍ୟ ଦେଶଗୁଡ଼ିକ ଗ୍ରହଣ କରିଥିବା ବ୍ୟବସ୍ଥା ତୁଳନାରେ ଏହା ପର୍ଯ୍ୟାପ୍ତ ନୁହେଁ। ଏବେ ଲୋକଙ୍କ ନିକଟରେ କାମ ନ ଥିବା ଯୋଗୁ ହାତ ଉଧାରି ବଢ଼ିବ, ଯାହା ଗରିବଙ୍କ ଚିନ୍ତା ବଢ଼ାଇବ ବୋଲି ବ୍ଲୁମ୍‌ବର୍ଗର ଏହି ରିପୋର୍ଟରେ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

## ମୌସୁମୀରେ ଆସିପାରେ ...

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି)ର ପ୍ରଫେସର ରାଜେଶ ସୁନ୍ଦରେସାନ୍। ବର୍ତ୍ତମାନ ଦେଖାଦେଇଥିବା ସଂକ୍ରମଣ ଯେତେବେଳେ ସ୍ୱାଭାବିକ ସ୍ତରକୁ ଚାଲିଆସିବ, ସେତେବେଳେ ଏହା ପୁନଶ୍ଚ ବଢ଼ିବାର ସୁଯୋଗ ରହିଛି। ଟ୍ରାଭେଲ ବା ଯାତ୍ରା ଉପରେ କଟକଣା ହଟିଲା ପରେ ଚାଇନାରେ ଯେଭଳି ଏହା ପୁଣି କେତେକାଂଶରେ କାୟା ବିସ୍ତାର କଲା, ତାହା ଭାରତରେ ଦେଖାଦେଇପାରେ ବୋଲି ସୁନ୍ଦରେସାନ୍ କହିଛନ୍ତି।

ମାର୍ଚ୍ଚ ୨୫ରେ ଭାରତରେ କରୋନା ସଂକ୍ରମଣ ସଂଖ୍ୟା ୬୧୮ ଥିବା ବେଳେ ୧୩ ଜଣ ପ୍ରାଣ ହରାଇଥିଲେ। ସେତେବେଳେ ସରକାର ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରି ପରବର୍ତ୍ତୀ ସମୟରେ ଏହାକୁ ମେ ୩ ଯାଏ ବଢ଼ାଇଛନ୍ତି। ତେବେ ୨୪ ଏପ୍ରିଲ ସୁଦ୍ଧା ଦେଶରେ ୭୧୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୩,୦୭୭ ଲୋକ ସଂକ୍ରମିତ ହୋଇଛନ୍ତି। ଶୁଭ ଖବର ହେଉଛି ଯେ, ଲକ୍‌ଡାଉନ୍ ପୂର୍ବରୁ ଯେଭଳି ୩.୪ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ଦୁଇଗୁଣା ହେଉଥିଲା ତାହା ଏବେ ୭.୫ ଦିନ ଲାଗୁଛି। ୧୮ ରାଜ୍ୟ ଜାତୀୟ ହାରଠାରୁ ଭଲରେ ଅଛନ୍ତି। ଗତ ୧୦ ଦିନରେ ଆରୋଗ୍ୟ ହାର ଦୁଇଗୁଣା ବୃଦ୍ଧି ପାଇଛି। ଏଥିରୁ ସୂଚିତ ହେଉଛି ଯେ, ଆମର ଅଭିବୃଦ୍ଧି କର୍ଭ ନିମ୍ନମୁଖୀ ହେଉଛି ବୋଲି ଭଟ୍ଟାଚାର୍ଯ୍ୟ କହିଛନ୍ତି। ତେବେ ଚାଇନା ଓ ୟୁରୋପରେ ନିକଟରେ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ, ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ ସୁସ୍ଥ ହୋଇଥିଲେ ସେମାନଙ୍କଠାରେ ପୁଣି କରୋନା ଲେଉଟିବାର ଆଶଙ୍କା ରହିଛି। ତେଣୁ ଦ୍ୱିତୀୟ ପର୍ଯ୍ୟାୟରେ ସଂକ୍ରମଣ ହେଲେ ତାହା ସମଗ୍ର ଜନସଂଖ୍ୟା ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ବୈଜ୍ଞାନିକମାନେ ମତ ଦେଉଛନ୍ତି। ଆଇଆଇଏସ୍‌ସି ଓ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ (ଟିଆଇଏଫ୍‌ଆର୍)ର ମିଳିତ ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି, ଅଲଗା ରହିବା, ଗୃହରେ ଏକାନ୍ତବାସ, ସାମାଜିକ ଦୂରତ୍ୱ ଏବଂ ଲକ୍‌ଡାଉନ ପରବର୍ତ୍ତୀ କଟକଣା ଆଦି ଠିକ୍ ଭାବେ ଅନୁସରଣ କରାଯାଇପାରିଲେ କୋଭିଡ୍-୧୯କୁ ନିୟନ୍ତ୍ରଣରେ ରଖାଯାଇପାରନ୍ତା। ନ ହେଲେ ଭାରତରେ ଏହା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବ। ଲକ୍‌ଡାଉନ ଜାରି ରହିଥିବାରୁ ଏହା ସମସ୍ତଙ୍କ ପାଇଁ ଏକ ପ୍ରକୃଷ୍ଟ ସମୟ ଆଣିଦେଇଛି। ସେଥିପାଇଁ ଜନସାଧାରଣ ନିଜକୁ ପରୀକ୍ଷା କରିନେବା, ସଂକ୍ରମିତମାନେ ଏକାନ୍ତବାସରେ ରହିବା, ଉତ୍ତମ ସ୍ୱାସ୍ଥ୍ୟ ଲାଗି ନିଜକୁ ପ୍ରସ୍ତୁତ କରିବା ଏବଂ ଟିକା ପାଇଁ ଗବେଷଣା ଜୋରଦାର ହେବା ଦରକାର ବୋଲି ସୁନ୍ଦରେସାନ୍ କହିଛନ୍ତି।

ଗବେଷକଙ୍କ ମତରେ ସଂକ୍ରମିତ ରୋଗୀ କିମ୍ବା ସନ୍ଦିଗ୍ଧଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି ନିଶ୍ଚିତ ଭାବେ ଆକ୍ରାନ୍ତ ହୋଇ ଏହା ବଢ଼ାଇବାରେ ସହାୟକ ହୋଇଥାଆନ୍ତି। ଯଦି ଅଧିକାଂଶ ଲୋକଙ୍କ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ, ତାହା ହେଲେ କମ୍ ଲୋକ ସନ୍ଦିଗ୍ଧ ରହିବେ ଓ ସଂକ୍ରମଣ ହ୍ରାସ ପାଇବ। ଲକ୍‌ଡାଉନ୍ ହଟିବା ପରେ ଯଦି ଲୋକମାନେ କଟକଣାରେ ନ ରହିବେ, ତାହା ହେଲେ ସନ୍ଦିଗ୍ଧ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ଦ୍ୱିତୀୟ ପର୍ଯ୍ୟାୟ କରୋନାକୁ ବଢ଼ିବାରେ ଖୋରାକ ଯୋଗାଇବ ବୋଲି ବୈଜ୍ଞାନିକମାନେ କହିଛନ୍ତି।

## ମହାମାରୀରୁ ହେବ ...

ଗ୍ରହଣ କରିପାରିବା ଏବଂ ଏହା ବିରୋଧରେ ଲଢ଼େଇ ପାଇଁ ଅସ୍ତ୍ର ବିକଶିତ କରିପାରିବା। ସଂକ୍ରମଣଜନିତ କ୍ଷତିକୁ ସୀମିତ କରିବା ଲାଗି ବିଶ୍ୱରେ ଏକ ନବପ୍ରବର୍ତ୍ତନ ଦେଖିବାକୁ ମିଳିଛି। ଯାଞ୍ଚ, ଚିକିତ୍ସା, ଟିକା ଓ ନୀତି ସଂକ୍ରମଣକୁ ରୋକିବାରେ ବିଶେଷ ସହାୟକ ହେବା ସଙ୍ଗେ ସଙ୍ଗେ ଅର୍ଥନୀତିର କ୍ଷତିକୁ ମଧ୍ୟ ହ୍ରାସ କରିବ।

ସମ୍ପ୍ରତି ସାରା ବିଶ୍ୱରେ ବିକଶିତ ହେଉଥିବା ୭୦ରୁ ଊର୍ଦ୍ଧ୍ୱ ଭାକ୍‌ସିନ ବିଭିନ୍ନ ପର୍ଯ୍ୟାୟରେ ରହିଛି। ସେଗୁଡ଼ିକ ମଧ୍ୟରୁ ୪-୫ଟି ଦୌଡ଼ର ଶୀର୍ଷରେ ରହିଥିବାବେଳେ ଏକ ସଫଳ କୋଭିଡ୍-୧୯ ଟିକା ବଜାରକୁ ଆସିବା ପାଇଁ ୧୨ରୁ ୧୮ ମାସ ଲାଗିଯାଇପାରେ। ମୋଟାମୋଟି ଭାବେ ଏହି ମହାମାରୀ ଏବେ ସମଗ୍ର ମାନବ ଜାତିକୁ ଏକାଠି କରିଦେଇଛି ବୋଲି ଗେଟ୍ସ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, କରୋନା ମୁକାବିଲା ପାଇଁ ବିଲ୍ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ଗତ ସପ୍ତାହରେ ୧୫୦ ନିୟୁତ ଡଲାର ଦାନ କରିଥିଲା। ଗେଟ୍ସଙ୍କ ମତରେ ଅଦ୍ୟାବଧି ଭାରତ ଓ ନାଇଜେରିଆ ଭଳି ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ବିଶ୍ୱର ମୋଟ ସଂକ୍ରମିତଙ୍କଠାରୁ ବହୁ କମ୍ ଆକ୍ରାନ୍ତ ରହିଛନ୍ତି। ତେଣୁ ଏହି ଦେଶଗୁଡ଼ିକରେ ସନ୍ଦିଗ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସ୍ଥିତି ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ହେଉଛି ତାଙ୍କ ଫାଉଣ୍ଡେଶନର ପ୍ରାଥମିକତା। ମହାମାରୀର ଭାକ୍‌ସିନ ଗବେଷଣା କ୍ଷେତ୍ରରେ ନିୟୋଜିତ ଅଗ୍ରଣୀ କମ୍ପାନୀଗୁଡ଼ିକୁ ଗେଟ୍ସ ଫାଉଣ୍ଡେଶନ ସହାୟତା ଦେଉଛି। ସେମାନଙ୍କ ଗବେଷଣା ସଫଳ ହେଲେ ମହାମାରୀ ଉପରେ ବିଜୟ ଲାଭ ସମ୍ଭବ।

## ପ୍ରଧାନମନ୍ତ୍ରୀଙ୍କ ସହ କଥା...

ସରକାର ଚିନ୍ତାରେ ପଡ଼ି ଯାଇଛନ୍ତି। ରଥଯାତ୍ରାର ପ୍ରାୟ ଦେଢମାସ ଆଗରୁ ପ୍ରସ୍ତୁତ ହେବାକୁ ପଡିଥାଏ। ଆସନ୍ତା ୨୬ ତାରିଖରେ ଅକ୍ଷୟ ତୃତୀୟା ପଡୁଛି। ସେହିଦିନ ମହାପ୍ରଭୁଙ୍କ ରଥଯାତ୍ରା ଲାଗି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଭଳିସ୍ଥିତିରେ ରଥଯାତ୍ରା ହେବ କି ନାହିଁ ସେନେଇ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ଶହଶହ ବର୍ଷ ଧରି ଚାଲି ଆସୁଥିବା ଏହି ମହାନ ପରମ୍ପରାକୁ ନେଇ ଉଭୟ ଆଲୋଚନା କରିଛନ୍ତି। ରଥଯାତ୍ରା ସମୟରେ ପୁରୀରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଛି। ତେଣୁ କିପରି ଭାବେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ପାରିବ ସେନେଇ ଉଭୟ ଆଲୋଚନା କରିଛନ୍ତି। ତେବେ ରଥଯାତ୍ରା ହେବ କି ନାହିଁ ସେ ବିଷୟରେ କିଛି ସ୍ପଷ୍ଟ କରାଯାଇ ନାହିଁ। ଦ୍ୱାଦଶ ଶତାବ୍ଦୀରୁ ଚଳି ଆସୁଥିବା ଏହି ବିଶ୍ୱ ପ୍ରସିଦ୍ଧ ପରମ୍ପରାକୁ ବଜାୟ ରଖିବା ନେଇ ଉଭୟ କଂଗ୍ରେସ ଓ ଭାଜପା ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। କରୋନା ସଂକ୍ରମଣ କଟକଣା ଯୋଗୁ ଶ୍ରୀମନ୍ଦିରରେ ମାର୍ଚ୍ଚ୨୨ତାରିଖରୁ ସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଛି। କେବଳ କେତେକ ସେବାୟତଙ୍କ ଦ୍ୱାରା ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନ କରାଯାଉଛି। ରାଜ୍ୟରେ କୋଭିଡ-୧୯ ସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ରାଜ୍ୟରେ ୯୪ଟି କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୩୩ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜଣେ ବ୍ୟକ୍ତିଙ୍କ ଏହି ରୋଗରେ ମୃତ୍ୟୁ ହୋଇଥିବା ମୁଖ୍ୟମନ୍ତ୍ରୀ ଆଲୋଚନା ବେଳେ ସୂଚନା ଦେଇଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

## ସ୍ଥଗିତ ରଥଯାତ୍ରାର ...

୧୫୦୯ରେ ଶ୍ରୀମନ୍ଦିର ଉପରେ ଚତୁର୍ଥ ଆକ୍ରମଣ କାଳରେ ମହାପ୍ରଭୁ ଚିଲିକାର ଚଢେଇଗୁହା ପାହାଡ଼ ଗୁମ୍ଫାରେ ବିଜେ କରିଥିଲେ। ୧୬୦୧ରେ ମିର୍ଜା ଖୁରୁମ୍ ଆକ୍ରମଣ ସମୟରେ ଦାରୁବିଗ୍ରହ ପୁରୀ ଜିଲା କପିଳେଶ୍ୱରପୁରଠାରେ ଥିଲେ। ୧୬୦୭ରେ ହାସିମ୍ ଖାଁ ଆକ୍ରମଣ କରିବାରୁ ଗଡ଼ଖୋର୍ଦ୍ଧାର ଗୋପାଳ ମନ୍ଦିରରେ ଦାରୁବିଗ୍ରହ ବିଜେ କରିଥିଲେ। ୧୬୧୨ରେ କଲ୍ୟାଣମଲ୍ଲଙ୍କ ଆକ୍ରମଣ ବେଳେ ଚିଲିକାର ଗୁରୁବାଇ ଗଡ଼ ଭିତରେ ଠାକୁରଙ୍କୁ ରଖାଯାଇଥିଲା। ୧୬୧୭ରେ ମକରମ୍ ଖାଁ ଆକ୍ରମଣ କରିବାରୁ ବାଣପୁରର ଗବପଦରଠାରେ ବର୍ଷେରୁ ଅଧିକ ସମୟ ରହିଥିଲେ ଦାରୁଦିଅଁ। ୧୭୩୧ରେ ତକି ଖାଁଙ୍କ ଆକ୍ରମଣ କାଳରେ ପ୍ରଥମେ ବାଣପୁରର ନଇରୀଠାରେ ବର୍ଷେ ୪ ମାସ ରହିବାପରେ ଗଞ୍ଜାମ ଜିଲାର ଖଲ୍ଲିକୋଟ ଦେଇ ଚିକିଲିଠାରେ ପାଖାପାଖି ଦୁଇବର୍ଷ ଠାକୁର ରହିଥିଲେ। ତକି ଖାଁଙ୍କ ଦ୍ୱିତୀୟ ଆକ୍ରମଣ ସମୟରେ ୧୭୩୩ ମସିହାରେ ମହାପ୍ରଭୁ ଗଞ୍ଜାମ ଜିଲାର ଆଠଗଡ଼ ନିକଟ ହାତୀବାରି ପାହାଡ଼ ଉପତ୍ୟକାର ମାରଦାଠାରେ ୨ବର୍ଷ ୨ମାସ ରହିଥିଲେ। ଏହିସବୁ ସମୟରେ ମଧ୍ୟ ରଥଯାତ୍ରା ହୋଇପାରି ନ ଥିଲା।

ଅନ୍ୟପକ୍ଷରେ ବିଭିନ୍ନ ଆକ୍ରମଣ ଯୋଗୁ ୮ଥର ପୁରୀ ବାହାରେ ଏବଂ ଥରେ ଶ୍ରୀମନ୍ଦିର ଭିତରେ ଗୁପ୍ତରେ ହିଁ ରଥଯାତ୍ରା ହୋଇଥିଲା । ୧୫୬୮ରେ କଳାପାହାଡ଼ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ। ସେତେବେଳେ ମହାପ୍ରଭୁଙ୍କୁ କଳାପାହାଡ଼ ଗଙ୍ଗା ନଦୀକୂଳରେ ପୋଡ଼ିଦେବାକୁ ସୈନ୍ୟମାନଙ୍କୁ ଆଦେଶ ଦେଇଥିଲେ । କୌଶଳକ୍ରମେ ଅଧାପୋଡ଼ା ବିଗ୍ରହଙ୍କ ମଧ୍ୟରୁ ବ୍ରହ୍ମ ସଂଗ୍ରହ କରି ବିଶର ମହାନ୍ତି ମୃଦଙ୍ଗ ଭିତରେ ପୂରାଇ କୁଜଙ୍ଗ ଗଡ଼କୁ ଚାଲିଆସିଥିଲେ। କୁଜଙ୍ଗ ଗଡ଼ଠାରୁ ୨ କି.ମି. ଦୂର ମହାବୀର ଆଶ୍ରମରେ ବ୍ରହ୍ମଙ୍କୁ ରଖି ସେଠାରେ ମୂର୍ତ୍ତି ଗଢ଼ାଇ ୨ ବର୍ଷ ପୂଜା କରିବା ପରେ କୁଜଙ୍ଗ ରାଜା ଏକଥା ଜାଣିପାରିଥିଲେ। ସେ ଗଡ଼ରେ ଏକ ମନ୍ଦିର ନିର୍ମାଣ କରି ମହାବୀର ଆଶ୍ରମରୁ ମହାପ୍ରଭୁଙ୍କୁ ଆଣି ବିଜେ କରାଇଥିଲେ। ସେହିଠାରେ ୫ବର୍ଷ(୧୫୭୦ରୁ ୧୫୭୪) ପର୍ଯ୍ୟନ୍ତ ରଥଯାତ୍ରା ହୋଇଥିବା ସୂଚନା ମିଳେ। ସେହିପରି ୧୬୧୧ରେ କଲ୍ୟାଣମଲ୍ଲଙ୍କ ଆକ୍ରମଣ ବେଳେ ମହାପ୍ରଭୁ ଚିଲିକା ମଧ୍ୟରେ ଥିବା ମହିଷା ନାସୀକୁ ଚାଲିଯାଇଥିଲେ। ସେତେବେଳେ ରଥଯାତ୍ରା ଆସିଯିବାରୁ ସେହି ଦ୍ୱୀପରେ ଗୋଟିଏ ବର୍ଷ ରଥଯାତ୍ରା ହୋଇଥିଲା । ୧୬୨୧ରେ ମହାପ୍ରଭୁ ଅନ୍ଧାରି ଗଡ଼ରେ ବିଜେ କରିଥିଲେ । ସେତେବେଳେ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ ମୀର୍ଜା ଅହମ୍ମଦ ବେଗ୍। ମହାପ୍ରଭୁଙ୍କ ସନ୍ଧାନ ପାଇ ଆକ୍ରମଣକାରୀ ଅନ୍ଧାରିଗଡ଼କୁ ଯାତ୍ରା କରିବାରୁ ରାତାରାତି ଦାରୁଦିଅଁଙ୍କ ବିଗ୍ରହ ସ୍ଥାନାନ୍ତର ସମ୍ଭବ ହୋଇ ନ ଥିଲା। ସେବକମାନେ ତାଙ୍କର ବ୍ରହ୍ମ ସ୍ଥାନାନ୍ତର କରିଥିଲେ ଖୋର୍ଦ୍ଧା ନିକଟରେ ଥିବା ଗଡ଼ମାଣତ୍ରୀ ବା ମାଣତ୍ରୀଗଡ଼କୁ। ସେଠାରେ ଠାକୁରଙ୍କ ନବକଳେବର ହେବା ପରେ ସେହି ଗଡ଼ରେ ଗୋଟିଏ ବର୍ଷ ରଥଯାତ୍ରା ହୋଇଥିଲା। ସେହିପରି ୧୭୩୩ରେ ତକି ଖାଁର ଦ୍ୱିତୀୟ ଆକ୍ରମଣ ବେଳେ ଚିଲିକାର ଉତ୍ତର କୂଳରେ ଥିବା ନଇରୀ ଗ୍ରାମରେ ଗୋଟିଏଥର ରଥଯାତ୍ରା ହୋଇଥିବା ଜଣାପଡ଼େ।

ଆଉ ଗୋଟିଏ ବର୍ଷ ଅର୍ଥାତ୍ ୧୬୯୨ରେ ଶ୍ରୀମନ୍ଦିର ଭିତରେ ଗୁପ୍ତରେ ହୋଇଥିଲା ରଥଯାତ୍ରା। ଘଣ୍ଟଘଣ୍ଟି ବାଜି ନ ଥିଲା କିମ୍ବା ଭକ୍ତମାନଙ୍କ ଭିତରକୁ ଯିବାକୁ ଅନୁମତି ମିଳି ନ ଥିଲା। ଏହିବର୍ଷ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ ଏକ୍ରାମ୍ ଖାଁ। ହଠାତ୍ ଆକ୍ରମଣ କରିଥିବାରୁ ମହାପ୍ରଭୁଙ୍କୁ ଶ୍ରୀମନ୍ଦିର ବେଢାରେ ଥିବା ମା' ବିମଳାଙ୍କ ମନ୍ଦିର ପଛପଟକୁ ସ୍ଥାନାନ୍ତର କରାଯାଇଥିଲା। ଶ୍ରୀମନ୍ଦିରକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରି ଦାରୁଦିଅଁଙ୍କୁ ସମ୍ପୂର୍ଣ୍ଣ ଭାବେ ପୋଡ଼ି ଦେବାକୁ ଦିଲ୍ଲୀର ବାଦ୍‌ଶାହା ଔରଙ୍ଗଜେବଙ୍କ ଆଦେଶ ଥିଲା। ହେଲେ ତତ୍କାଳୀନ ଗଜପତି କୂଟନୀତି ପ୍ରୟୋଗ କରି ନକଲି ବିଗ୍ରହ ତିଆରି କରି ଏକ୍ରାମ୍ ଖାଁଙ୍କୁ ହସ୍ତାନ୍ତର କରିଥିଲେ। ଏଥିସହ ୩୦ହଜାର ଟଙ୍କା ତାଙ୍କୁ ପେଚକସ ଦେଇଥିଲେ। ସେଥିରେ ସେ ଖୁସି ହୋଇ କେବଳ ସିଂହଦ୍ୱାର ଗୁମୁଟର ଖଣ୍ଡେ ଭାଙ୍ଗିଦେବା ପାଇଁ ଆଦେଶ ଦେଇଥିଲେ। ଆଉ ତାହା ହିଁ ହୋଇଥିଲା। ସିଂହଦ୍ୱାରରୁ ନକଲି ବିଗ୍ରହଙ୍କୁ ଚମ ଦଉଡ଼ିରେ ବାନ୍ଧି ସେ କଟକ ନେଇଯାଇଥିଲେ। ଏହି ସୁଯୋଗରେ ସମସ୍ତ ବିଗ୍ରହମଙ୍କୁ ଭାର୍ଗବୀ ନଦୀପଥରେ ନେଇ କୋକଳଗଡ଼ରେ ଥିବା ଗଜପତିଙ୍କ ପ୍ରତିଷ୍ଠିତ ମା' ଭଗବତୀଙ୍କ ମନ୍ଦିରରେ ବିଜେ କରାଯାଇଥିଲା। ସେଠାରେ ରହିବା ବେଳେ ଚନ୍ଦନ ଯାତ୍ରା ପଡ଼ିବାରୁ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ସେହିଠାରେ ଅନୁଷ୍ଠିତ ହୋଇଥିଲା। ଚନ୍ଦନ ଯାତ୍ରା ପରେ ଦାରୁଦିଅଁଙ୍କୁ ଗୁପ୍ତରେ ପୁଣି ଶ୍ରୀମନ୍ଦିରକୁ ଫେରାଇ ଅଣାଯାଇଥିଲା। ସେହି ସମୟରେ ଶ୍ରୀମନ୍ଦିର ଚାରିଦ୍ୱାର ବନ୍ଦ କରିଦିଆଯାଇଥିଲା। ବାହାର ଲୋକ କେହି ମନ୍ଦିର ଭିତରକୁ ପ୍ରବେଶ କରିପାରୁ ନ ଥିଲେ। ସେତେବେଳେ ଏକାଦଶୀରେ ମହାଦୀପ ଉଠି ନ ଥିଲା କି ରୁକ୍ମିଣୀ ହରଣ ନୀତି ମଧ୍ୟ ହୋଇ ନ ଥିଲା। ବାହାର ପୋଖରିଆରେ ପଟା ପଡ଼ି ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଣସର ଘରେ ଅଣସର ନୀତି ହେବା ପରେ ଶ୍ରୀଗୁଣ୍ଡିଚା ମହାପ୍ରଭୁଙ୍କୁ ଭଅଣ୍ଡ ଘରକୁ ବିଜେ କରାଯାଇଥିଲା। ଭଅଣ୍ଡ ଘର ହୋଇଥିଲା ଗୁଣ୍ଡିଚା ଘର। ସେଠାରେ ୯ ଦିନ ରହିବା ପରେ ମହାପ୍ରଭୁ ବାହୁଡି ଆସିଥିଲେ ରତ୍ନସିଂହାସନକୁ। ଦକ୍ଷିଣ ଦ୍ୱାର ଚୋରା କବାଟ ବାଟେ ପାଳିଆ ସେବକମାନେ ଯାଇ ଏହି ନୀତି ଗୁପ୍ତରେ ସମ୍ପାଦନ କରିଥିଲେ।

ବର୍ତ୍ତମାନ ପରିସ୍ଥିତିରେ ମନ୍ଦିର ଉପରେ ବାହ୍ୟ ଆକ୍ରମଣ ସମ୍ଭାବନା ନ ଥିଲେ ମଧ୍ୟ ତା'ଠାରୁ ଭୟଙ୍କର ସାଜିଛି ମହାମାରୀ କରୋନା। ଏହି ପ୍ରାଣଘାତୀ ଭୂତାଣୁ ଏବେ ସମଗ୍ର ବିଶ୍ୱରେ ତାଣ୍ଡବ ରଚୁଥିବାବେଳେ ଦିନକୁ ଦିନ ଏହାର କୋପ ବଢ଼ିବାରେ ଲାଗିଛି। ଏହାର କୌଣସି ଔଷଧ ବାହାରି ନ ଥିବାରୁ ସବୁଆଡ଼େ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି। ରଥଯାତ୍ରାରେ ଲକ୍ଷାଧିକ ଲୋକଙ୍କ ଭିଡ଼ ହୋଇଥାଏ। ଭାବର ଠାକୁରଙ୍କ ଘୋଷଯାତ୍ରାରେ ଯୋଗ ଦେବାକୁ କାହିଁ କେଉଁଆଡ଼ୁ ଭକ୍ତ ଶ୍ରୀକ୍ଷେତ୍ରକୁ ଧାଇଁ ଆସନ୍ତି। ତେଣୁ ଏଭଳିସ୍ଥିତିରେ ରଥଯାତ୍ରା ହେଲେ ଭକ୍ତଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବା ଅସମ୍ଭବ ହୋଇପଡ଼ିବ। ଏହିସବୁ କାରଣରୁ ଚଳିତ ବର୍ଷ ରଥଯାତ୍ରା ବନ୍ଦ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

## ବିଧି ରକ୍ଷା ହେଉ...


ପୁରୀ ଗୋବର୍ଦ୍ଧନ ମଠରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ପ୍ରଶାସନିକ ଅଧିକାରୀ, ବରିଷ୍ଠ ସେବାୟତ ଓ ଅନ୍ୟମାନେ।

ବୋଲି ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଛନ୍ତି। ତେବେ କୋଭିଡ୍-୧୯ ଗାଇଡଲାଇନ ମୁତାବକ ମେ ୩ତାରିଖ ପର୍ଯ୍ୟନ୍ତ ବାହାରେ କୌଣସି ଯାତ୍ରା ହୋଇପାରିବ ନାହିଁ। ଲକ୍‌ଡାଉନ ଶେଷ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସମସ୍ତ ରୀତିନୀତି ଶ୍ରୀମନ୍ଦିର ପରିସରରେ ହେବ। ଆସନ୍ତା ରବିବାର ଅକ୍ଷୟ ତୃତୀୟା ନୀତି ଅର୍ଥାତ୍ ମହାପ୍ରଭୁଙ୍କ ରଥ ନିର୍ମାଣ ଅନୁକୂଳ ଶ୍ରୀମନ୍ଦିର ଭିତରେ ହିଁ ହେବ। ସେହିପରି ଅକ୍ଷୟ ତୃତୀୟାରୁ ଆରମ୍ଭ ହେବାକୁ ଥିବା ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ମଧ୍ୟ ମନ୍ଦିର ଭିତରେ କରାଯିବ। ତେବେ କେଉଁଠି କିପରି ହେବ ଶନିବାର ଜିଲାପାଳ ସମ୍ପୃକ୍ତ ସେବକଙ୍କ ସହ ଆଲୋଚନା କରି ଚୂଡ଼ାନ୍ତ କରିବେ। ମେ ୩ ତାରିଖ ପରେ ସରକାର ଯେଉଁ ଗାଇଡଲାଇନ ଆଣିବେ ତାହାକୁ ଦୃଷ୍ଟିରେ ରଖି ରଥଯାତ୍ରା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ତେବେ ସରକାରଙ୍କ ନିୟମ ମାନି କିପରି ରଥଯାତ୍ରା ହୋଇପାରିବ ସେ ନେଇ ଆମେ ନିବେଦନ ରଖିବୁ ବୋଲି ଗଜପତି ମହାରାଜା କହିଛନ୍ତି। ବୈଠକରେ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ସମେତ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ୍ କରିବା ପୂର୍ବରୁ ମଧ୍ୟାହ୍ନରେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। କରୋନା କଟକଣାକୁ ଦୃଷ୍ଟିରେ ରଖି ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଏବଂ ରଥଯାତ୍ରା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସେବାୟତ ସଦସ୍ୟ ମହାପ୍ରଭୁଙ୍କ କୌଣସି ପରମ୍ପରା ବନ୍ଦ କରାଯିବ ନାହିଁ ବୋଲି କହିଥିଲେ। ଏହାକୁ ନେଇ ଆଲୋଚନା କିଛି ସମୟ ବେଶ୍ ସରଗରମ୍ ରହିଥିଲା। ଶେଷରେ ସଦସ୍ୟମାନେ ଗଜପତି ମହାରାଜାଙ୍କ ଉପରେ ନିଷ୍ପତ୍ତି ଛାଡିଥିଲେ। ମାତ୍ର ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ କୌଣସି ଧାର୍ମିକ ପ୍ରସଙ୍ଗରେ ଗୋବର୍ଦ୍ଧନ ପୀଠର ପରମପୂଜ୍ୟପାଦ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ହିଁ ନିଷ୍ପତ୍ତି ନେଇପାରିବେ। ତେଣୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ୍ କରିବା ଲାଗି ଗଜପତି କହିଥିଲେ। ସନ୍ଧ୍ୟାରେ ସମସ୍ତେ ଗୋବର୍ଦ୍ଧନ ମଠରେ ପହଞ୍ଚି ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମକ୍ଷେତ୍ରରେ ବାକ୍ୟୁଦ୍ଧ,କଥା କଟାକଟିଜନିତ ମତାନ୍ତରର ଆଶଙ୍କା ରହିଛି। ଅବଶ୍ୟ ପରକ୍ଷଣରେ ଅନ୍ୟାନ୍ୟ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇପାରେ। ଆନୁଷ୍ଠାନିକ କ୍ଷେତ୍ର ପାଇଁ କୌଣସି ପ୍ରତିକୂଳ ପ୍ରଭାବ ପଡିବ ନାହିଁ। ସାମାଜିକ ସ୍ତରରେ ପାଖ ପଡୋଶୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ** ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ମତାନ୍ତର ଓ ଯୁକ୍ତିତର୍କ ମାଧ୍ୟମରେ ବିଜାତୀୟ ବ୍ୟକ୍ତିଙ୍କ ସହ କଳହ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ** ମାନସିକ ସ୍ତରରେ ବ୍ୟଗ୍ରତା ଓ ଅସ୍ଥିରତା ଆଜିର ମୁଖ୍ୟ ସମସ୍ୟା ରୂପେ ଦେଖାଦେବ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା, ରପ୍ତାନି କାରବାରରେ କଳହ କିମ୍ବା ବନ୍ଧୁଙ୍କ ସହ ମତାନ୍ତର ଏହାର କାରଣ ହୋଇପାରେ। ଅସୁବିଧାରେ ପଡିଥିବା ଲୋକଟିକୁ ସାହାଯ୍ୟ କରିବେ କିନ୍ତୁ ସମାଲୋଚିତ ହେବାକୁ ପଡିପାରେ।

**କର୍କଟ** ବିଭିନ୍ନ ପ୍ରକାରର ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ହୋଟେଲ, ଯାନ୍ତ୍ରିକ ଶିଳ୍ପ ଓ ପରିବହନରେ ସଫଳତା ମିଳିବ । ଅଫିସ୍‌ରେ ସହକର୍ମୀମାନଙ୍କ ସହ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ସିଂହ** ନିଜର କଥା ଓ ବ୍ୟବହାରରେ ସଂଯମତା ଅବଲମ୍ବନ କଲେ ଉପକୃତ ହୋଇପାରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଖୋଜୁଥିବା ଜିନିଷ ହଠାତ୍ ପାଇଯିବାର ଆଶା କରାଯାଇପାରେ।

**କନ୍ୟା** ପରିବାରର ଅଶାନ୍ତ ପରିସ୍ଥିତି, ଗୃହଛିଦ୍ର,ବନ୍ଧୁଙ୍କ ଅନୁଚିତ କାର୍ଯ୍ୟକଳାପ ଦୁଶ୍ଚିନ୍ତାର କାରଣ ହୋଇପାରେ। ମନ ଭଲ ନ ଥିବାରୁ ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। କଚେରି ମାମଲା ଦିଗରୁ ସାମୟିକ ଆଶ୍ୱସ୍ତି ଲାଭର ସୂଚନା ପାଇବେ। ଅନ୍ୟମନସ୍କତା ହୋଇପାରନ୍ତି।

**ତୁଳା** ଯାହା ଚାହୁଁଛନ୍ତି ତାହା କରିପାରିବେ,ପ୍ରତିବନ୍ଧକ ବିନା ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। ଜମିଜମା କିମ୍ବା ନିର୍ମାଣ ଓ ସାଂଗଠନିକ କ୍ଷେତ୍ରରେ ବିତର୍କର ସମ୍ଭାବନା ରହିଛି। ଯାନବାହନ ଚାଳନାରେ ସତର୍କ ରହନ୍ତୁ, ଅନ୍ୟଥା ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ବନ୍ଧୁ ଗହଣରେ ବ୍ୟବହାରିକ ବ୍ୟତିକ୍ରମ ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** ନିର୍ଦ୍ଦିଷ୍ଟ ସମୟରେ ଆପଣଙ୍କ ଅନୁପସ୍ଥିତି ପାଇଁ କୈଫିୟତ ଦେବାକୁ ପଡିପାରେ। ଆପଣଙ୍କ ଆସିବା ବାଟକୁ ଚାହିଁ ବସିଥିବା ବନ୍ଧୁଟି ମନେ ମନେ ବହୁତ ବିରକ୍ତି ପ୍ରକାଶ କରିବ। ପୂର୍ବର ଅସୁବିଧାଜନକ ସମୟ କ୍ରମଶଃ ବଦଳି ଯିବ ଓ ବନ୍ଧୁମାନେ ସହଯୋଗର ହାତ ବଢାଇବେ। ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।


**ଧନୁ** ପରିବାର ମଧ୍ୟରେ ବୁଝାମଣାର ଅଭାବଜନିତ ସମସ୍ୟା ଯୋଗୁଁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ମାନସିକ ଅସ୍ଥିରତା ମଧ୍ୟରେ ପଡୋଶୀମାନେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ମଧ୍ୟ କଳହ କରିପାରନ୍ତି । ଆର୍ଥିକ ସ୍ଥିତି ବହୁତ ଭଲ ରହିବ ଏବଂ କୌଣସି ମୂଲ୍ୟବାନ ଜିନିଷ ଖରିଦ କରିପାରନ୍ତି।

**ମକର** ପାରିବାରିକ କ୍ଷେତ୍ରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସଭାସମିତିରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ଶୀଘ୍ର ଆସିବାକୁ କହି ଆସି ନ ଥିବା ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ବିବାଦ ଅପସରି ଯିବ ଓ କାମ ମଧ୍ୟ ସନ୍ତୋଷଜନକ ରହିବ। ତଥାପି ପିଲାମାନଙ୍କ ସକାଶେ କୌଣସି ବ୍ୟକ୍ତିଙ୍କ ସହ ତର୍କର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନର ଆଶା ରହିଛି।


**ମୀନ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଅନ୍ୟମାନଙ୍କ କଥାକୁ ନେଇ ମାନସିକ ସୁସ୍ଥତା କେତେକାଂଶରେ ବାଧାପ୍ରାପ୍ତ ହେବ। ଆର୍ଥିକ ଦିଗରୁ ଦିନଟି ସନ୍ତୋଷଜନକ ରହିବା ସହ ପାରିବାରିକ ସଦ୍‌ଭାବଜନିତ ମନ ଖୁସୀ ରହିବ। ବନ୍ଧୁ ଗହଣରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ କାରଣ ଅଯଥା ମନାନ୍ତର ସୃଷ୍ଟି ହୋଇପାରେ।

ଆଜି ବୈଶାଖ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଶନିବାର,ଏପ୍ରିଲ୍ ୨୫ ତାରିଖ, ରମଜାନ ମାସର ରୋଜା ଆରମ୍ଭ, ବିଶ୍ୱ ମ୍ୟାଲେରିଆ ଦିବସ ଓ ବିଶ୍ୱ ପଶୁଚିକିତ୍ସା ଦିବସ,(ଏପ୍ରିଲ୍ ଶେଷ ଶନିବାର), ରାଶି ନକ୍ଷତ୍ର-କୃତ୍ତିକା। ବୃଷ, ବିଛା ରାଶିର ଘାତଚନ୍ଦ୍ର, ତୃତୀୟାର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୯.୩୮ମି.ଗତେ ଘ.୦୧.୦୧ମି.ମଧ୍ୟେ, ରାତ୍ରି ଘ.୦୮ .୨୦ମି.ଗତେ ଘ.୧୦.୩୬ମି.ମଧ୍ୟେ, ଘ.୧୨.୦୭ମି.ଗତେ ଘ.୦୧.୩୭ମି.ମଧ୍ୟେ, ରାତ୍ରି ଘ.୦୨.୨୩ମି.ଗତେ ଘ.୦୩.୫୩ମି.ମଧ୍ୟେ ଅମୃତ ବେଳା । ଦିବା ଘ.୦୮.୩୫ମି. ଗତେ ଘ.୧୦.୧୦ମି.ମଧ୍ୟେ ରାହୁକାଳ।



ହଲିଉଡ୍ ରାପର ଫ୍ରେଡ୍ ଗଡ୍‌ସନ ମାତ୍ର ୩୫ ବର୍ଷ ବୟସରେ ଦୁନିଆରୁ ବିଦାୟ ନେଇଛନ୍ତି। ଫ୍ରେଡ୍‌ଙ୍କ ବନ୍ଧୁ ଡିଜେ ସେଲ୍‌ଫଙ୍କ ଦ୍ୱାରା ସୋସିଆଲ ମିଡିଆରେ ଏହି ସୂଚନା ଦିଆଯାଇଛି। ସୋସିଆଲ ମିଡିଆ ୟୁଜର ତଥା ଷ୍ଟାର୍‌ମାନେ ଡିଜେ ସେଲ୍‌ଫଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଦୁଃଖ ପ୍ରକାଶ କରିଛନ୍ତି। ଫ୍ରେଡ୍ ଆଇସିୟୁରେ ଥିଲେ ଏବଂ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ମଧ୍ୟ ଆସୁଥିଲା। କିନ୍ତୁ ତାଙ୍କର କିଡ୍‌ନୀ ସମସ୍ୟା ଜାରି ରହିଥିଲା। ଜ୍ୱର ମଧ୍ୟ ଯଥେଷ୍ଟ କମିଯାଇଥିଲା। ଫ୍ରେଡ୍ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ଥିଲେ।

# ‘ପ୍ରାଣାୟାମ କରନ୍ତୁ ସଂକ୍ରମିତ’



**ନୂଆଦିଲ୍ଲୀ:** କରୋନାରେ ଆକ୍ରାନ୍ତ ହୋଇ ସୁସ୍ଥ ହୋଇଥିବା ଦିଲ୍ଲୀର ପ୍ରଥମ ବ୍ୟକ୍ତି ଅନ୍ୟ ଆକ୍ରାନ୍ତଙ୍କ ପାଇଁ ପ୍ରାଣାୟାମ କରିବାକୁ ପରାମର୍ଶ ଦେଇଛନ୍ତି। କରୋନାରୁ ସୁସ୍ଥ ହେବାରେ ଏହା ବେଶ ଉପଯୋଗୀ ବୋଲି ଦିଲ୍ଲୀର ସମ୍ପୃକ୍ତ ବ୍ୟବସାୟୀ ରୋହିତ ଦତ୍ତ ଦାବି କରିଛନ୍ତି। ଚିକିତ୍ସା ସମୟରେ ସେ ଯୋଗ କରୁଥିଲେ ବୋଲି ପ୍ରକାଶ କରିଛନ୍ତି। ଏହି ସମୟରେ ନିଃଶ୍ୱାସ ପ୍ରଶ୍ୱାସରେ ନିୟନ୍ତ୍ରଣ ଅଭ୍ୟାସ କରୋନାରୁ ମୁକ୍ତି ପାଇବା ଦିଗରେ ବହୁତ ପ୍ରଭାବଶାଳୀ ବୋଲି ୪୫ ବର୍ଷୀୟ ରୋହିତ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କହିଛନ୍ତି। ଏଥିସହ ପ୍ରାଣାୟାମ ଚିନ୍ତାସ୍ତର ହ୍ରାସ କରିବାରେ ମଧ୍ୟ ଉପଯୋଗୀ ବୋଲି ସେ ପ୍ରକାଶ କରିଛନ୍ତି।

ଫେବୃୟାରୀ ୨୪ରେ ରୋହିତ ୟୁରୋପରୁ ଫେରିବା ପରେ ତାଙ୍କୁ ପ୍ରଥମେ ଜ୍ୱର ହୋଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ରାମ ମନୋହର ଲୋହିଆ ଡାକ୍ତରଖାନାକୁ ନିଆଯାଇ କରୋନା ଟେଷ୍ଟ କରାଯାଇଥିଲା। କରୋନା ପଜିଟିଭ ଆସିବା ପରେ ସେ ଚିନ୍ତାରେ ପଡ଼ିଯାଇଥିଲେ। କିନ୍ତୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ମନରେ ସକରାତ୍ମକ ଚିନ୍ତାଧାରା ଆଣିବାକୁ ଚେଷ୍ଟା କରିଥିଲେ। ତେଣୁ ଆକ୍ରାନ୍ତମାନେ ଭୟଭୀତ ନ ହୋଇ ଡାକ୍ତରଙ୍କ ଉପରେ ବିଶ୍ୱାସ ରଖିବା ସହ ପଜିଟିଭ ଚିନ୍ତା କରିବାକୁ ସେ ପରାମର୍ଶ ଦେଇଛନ୍ତି। ଡାକ୍ତର, ସ୍ୱାସ୍ଥ୍ୟ କର୍ମୀଙ୍କ ଉପରେ ଆକ୍ରମଣକୁ ସେ ନିନ୍ଦା କରିବା ସହ ଏପରି ନ କରିବାକୁ ଅନୁରୋଧ କରିଛନ୍ତି।

# ବାହାଘର ଲାଗି କାର୍ଡ ବଣ୍ଟା ସରିଥିଲା



ସଲମାନ୍ ଖାନ୍

**ମୁମ୍ବାଇ:** ଦବଙ୍ଗ ଖାନ୍ ସଲମାନ୍‌ଙ୍କ ବିବାହକୁ ନେଇ ପ୍ରଶଂସକମାନେ ସବୁବେଳେ ଉତ୍ସାହିତ ଥାନ୍ତି। ରିଲ୍‌ରେ ଅନେକ ଥର ବିବାହ ବନ୍ଧନରେ ବାନ୍ଧି ହୋଇଥିବା ସଲ୍‌ମାନ୍ ରିୟଲ ଲାଇଫ୍‌ରେ କିନ୍ତୁ ଆଜି ପର୍ଯ୍ୟନ୍ତ ବ୍ୟାଚଲର୍ ଅଛନ୍ତି। ସଲ୍‌ମାନ୍ ବିବାହ ପାଇଁ ମନସ୍ଥ କରିଥିଲେ। ଏପରିକି ବିବାହ କାର୍ଡ ମଧ୍ୟ ବାଣ୍ଟି ସାରିଥିଲେ। କିନ୍ତୁ ତାଙ୍କ ମନ ପରିବର୍ତ୍ତନ ହେବାରୁ ସେ ଅବିବାହିତ ରହିଗଲେ। ଏ କଥା ଖୋଦ୍ ଦବଙ୍ଗ ଖାନ୍ ଏକ ଟିଭି ଶୋ’ରେ କହିଥିଲେ। ସେ କହିଥିଲେ, ବିବାହ କରିବାକୁ ତାଙ୍କର ସମସ୍ତ ପ୍ରସ୍ତୁତି ସରିଥିଲା। ପରେ ତାଙ୍କର ଇଚ୍ଛା ହେଲାନି ବାହା ହେବାକୁ। ସେହିପରି ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ସାଜିଦ୍ ନାଦିୟାଡୱାଲା ଏ ସମ୍ପର୍କରେ କିଛି ରୋଚକପୂର୍ଣ୍ଣ କଥା ପ୍ରକାଶ କରିଥିଲେ। ସାଜିଦ୍ କହିଥିଲେ, ୧୯୯୯ ମସିହାରେ ସଲ୍‌ମାନ୍ ବିବାହକୁ ନେଇ ବେଶ୍ ଆଗ୍ରହୀ ଥିଲେ। ଏଥିପାଇଁ ଝିଅ ମଧ୍ୟ ପସନ୍ଦ କରିସାରିଥିଲେ। ସଲ୍‌ମାନଙ୍କ ତାଙ୍କ ବାପାଙ୍କ ବାର୍ଥ ଡେ’ ଅବସରରେ ନଭେମ୍ବରରେ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିପାଇଁ କାର୍ଡ ମଧ୍ୟ ବାଣ୍ଟିଥିଲେ। ଯେତେବେଳେ ବିବାହ ସମୟ ନିକଟତର ହୋଇଗଲା ସେତେବେଳେ ତାଙ୍କର ବିବାହ କରିବାକୁ ମୁଡ୍ ନାହିଁ ବୋଲି କହିଥିଲେ। ତେଣୁ ବିବାହ ବନ୍ଦ ରହିଥିଲା। ପ୍ରକାଶଥାଉ କି, ବର୍ତ୍ତମାନ ବଲିଉଡ୍‌ରେ ସଲ୍‌ମାନ ଏବଂ ୟୁଲିଆ ବନ୍ତୁରଙ୍କ ସମ୍ପର୍କକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। ଦେଖାଯାଉ ଆଗକୁ କ’ଣ ଘଟୁଛି। ଏବେ ଲକ୍‌ଡାଉନ୍ ଚାଲିଥିବାରୁ ସଲ୍‌ମାନ ତାଙ୍କ ଫାର୍ମହାଉସ୍‌ରେ ସମୟ ବିତାଉଥିବା ଜଣାପଡ଼ିଛି।



# କରୋନା ରୋଗୀଙ୍କ ସହ ବିବାହ ବାର୍ଷିକୀ

**ରାଞ୍ଚି:** ଏବେ କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ ନିଜର ସବୁ ସ୍ୱପ୍ନ ଓ ସୁଖସୁବିଧାଥିବା ଜୀବନ ଉପଭୋଗ କରିବାରୁ ବଞ୍ଚିତ ହେଉଛନ୍ତି। ଏମିତି କି ଜୀବନର କେଉଁ ମୁହୂର୍ତ୍ତରେ ସେମାନଙ୍କୁ ବିପଦ ଗ୍ରାସ କରିବ ସେନେଇ ବି ଚିନ୍ତାରେ ଅଛନ୍ତି। ଏମିତି ସମୟରେ ଝାଡ଼ଖଣ୍ଡର ରାଞ୍ଚିରେ ଥିବା ରିମ୍ସ (ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍)ର ଏକ ଡାକ୍ତର ଦମ୍ପତି ଡାକ୍ତରଖାନାରେ ବିବାହବାର୍ଷିକୀ ପାଳନ କରି ଉଦାହରଣ ସୃଷ୍ଟି କରିଛନ୍ତି। ରିମ୍ସର ଡାକ୍ତର ନିଶିକାନ୍ତ ପାଠକ ଏବଂ ତାଙ୍କ ପତ୍ନୀ ରିଥିକା ଉଭୟ କରୋନା ଭାଇରସ୍ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ସେଥିପାଇଁ ସେମାନେ ଘର ପରିବାର ଲୋକଙ୍କ ପାଖକୁ ଯାଇପାରୁନାହାନ୍ତି। ତେଣୁ ଡାକ୍ତରଖାନାରେ ହିଁ ଯେଉଁ ସମୟ ମିଳୁଛି ସେହି ସମୟ ମଧ୍ୟରେ ଖୁସି ବାଣ୍ଟିବାକୁ ଚେଷ୍ଟା କରୁଛନ୍ତି। ଏହି ଉଦ୍ଦେଶ୍ୟରେ ସେମାନେ ନିଜ ବିବାହବାର୍ଷିକୀ ପାଳନ କରିବା ପାଇଁ ଡାକ୍ତରଖାନାରେ ସମସ୍ତ କରୋନା ରୋଗୀଙ୍କୁ ଟ୍ରିଟ୍ ଦେଇଛନ୍ତି। ରୋଗୀମାନଙ୍କ ସହ ଡାକ୍ତର ଦମ୍ପତି ଏଭଳି ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରିଥିବାରୁ ଡାକ୍ତରଖାନା ପରିବେଶ ଏକ ଭିନ୍ନ ପ୍ରକାରର ଖୁସିରେ ଭରି ଯାଇଥିଲା। ରୋଗୀଙ୍କ ମନରେ ଏକ ସକାରାତ୍ମକ ଭାବନା ଭରି ଯାଇଥିଲା। ଏଥିପାଇଁ ଏବେ ଏହି ଡାକ୍ତର ଦମ୍ପତିଙ୍କୁ ସବୁ ମହଲରୁ ଶୁଭେଚ୍ଛା ଦିଆଯାଉଛି। ଏମିତି କି ମୁଖ୍ୟମନ୍ତ୍ରୀ ମଧ୍ୟ ଏହି କରୋନା ଯୋଦ୍ଧାଙ୍କୁ ସ୍ୱତନ୍ତ୍ରଭାବେ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

# କଟକଣା କୋହଳ ପରେ ଟ୍ରାଫିକ ଜାମ୍



**ବାଙ୍ଗାଲୋର:** କର୍ନାଟକ ସରକାର ରାଜ୍ୟରୁ କୋଭିଡ-୧୯ ମୁକାବିଲା ପାଇଁ ଜାରି କରିଥିବା କଟକଣାକୁ କେତେକ ସ୍ଥାନରେ ଗୁରୁବାରଠାରୁ ଆଂଶିକ ଭାବେ କୋହଳ କରିବା ପରେ ଶୁକ୍ରବାର ସକାଳେ ବହୁ ସଂଖ୍ୟାରେ ଗାଡ଼ି ରାସ୍ତାରେ ଦେଖିବାକୁ ମିଳିଥିଲା। ଏଥିଯୋଗୁ କିଛି ସ୍ଥାନରେ ଟ୍ରାଫିକ ଜାମ୍ ହୋଇଥିବା ମଧ୍ୟ ଜଣାଯାଇଥିଲା। ଏହାକୁ ନେଇ କର୍ନାଟକ କଂଗ୍ରେସ ପକ୍ଷରୁ ସରକାରଙ୍କୁ ସମାଲୋଚନା କରାଯାଇଛି। ସରକାରଙ୍କ ଅବ୍ୟବସ୍ଥା ଯୋଗୁ ଏପରି ହୋଇଥିବା ରାଜ୍ୟ କଂଗ୍ରେସ ଟୁଇଟ୍ କରି ଅଭିଯୋଗ କରିଛି।

ଆଇଟି ଏବଂ ଆଇଟି ସମ୍ପର୍କିତ ସେବାକୁ ଅତ୍ୟାବଶ୍ୟକ ତଥା ସର୍ବନିମ୍ନ କର୍ମଚାରୀଙ୍କ ଦ୍ୱାରା ଚାଲୁକରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯାଇଛି। ସେହିପରି କେତେକ ନିର୍ମାଣ କାର୍ଯ୍ୟ, ପ୍ୟାକେଜିଂ ସାମଗ୍ରୀ ଉତ୍ପାଦନ, କୋରିୟର ସର୍ଭିସ ଆଦି ପାଇଁ ମଧ୍ୟ କର୍ନାଟକ ସରକାର ଅନୁମତି ଦେଇଛନ୍ତି। ଜନସାଧାରଣଙ୍କ ଅସୁବିଧାକୁ ହ୍ରାସ କରିବାକୁ କେତେକ ଅତିରିକ୍ତ ସେବା ତଥା କାର୍ଯ୍ୟକୁ ଅନୁମତି ଦିଆଯିବା ନେଇ ରାଜ୍ୟର ମୁଖ୍ୟ ଶାସନ ସଚିବ ଟିଏମ୍ ବିଜୟ ଭାସ୍କର ଏକ ନିର୍ଦ୍ଦେଶନାମା ମାଧ୍ୟମରେ ସୂଚନା ଦେଇଥିଲେ। ଏହି ସେବାଗୁଡିକ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନିୟମାବଳୀ ଆଧାରରେ ଆବଦ୍ଧାଞ୍ଚଳ ମୁକ୍ତ ଭାବେ ଘୋଷିତ ସ୍ଥାନଗୁଡ଼ିକରେ ଉପଲବ୍ଧ ହେବ ବୋଲି କୁହାଯାଇଛି। ଏଥିସହ ସାମାଜିକ ଦୂରତା ରକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ତେବେ ଏହି କଟକଣାକୁ ସାମାନ୍ୟ କୋହଳ ନେଇ ଘୋଷଣା ହେବା ପରେ ସେଠାରେ ପୂର୍ବଭଳି ବହୁମାତ୍ରାରେ ଯାନବାହନ ଚଳାଚଳ ଆରମ୍ଭ କରିଛି।

# କରୋନା ପଜିଟିଭ୍ ପରେ ବି କମିନି ମନୋବଳ

**ନୂଆଦିଲ୍ଲୀ:** ସାରା ବିଶ୍ୱ କରୋନା ଭାଇରସ୍‌କୁ ନେଇ ଆତଙ୍କିତ ହୋଇପଡ଼ିଛି। ସମସ୍ତେ ଏହି ସଂକ୍ରମଣକୁ ନେଇ ଭୟଭୀତ ହୋଇପଡ଼ିଥିବା ବେଳେ ଏହାରି ଭିତରେ ଦିଲ୍ଲୀ ପୋଲିସର ମନୋବଳ ବେଶ୍ ପ୍ରଶଂସନୀୟ। କରୋନା ପଜିଟିଭ୍ ହେବା ପରେ ବି ସେମାନଙ୍କ ଉତ୍ସାହରେ ନା ଉଣା ହୋଇଛି ନା ମନରେ କିଛି ଭୟ ଅଛି। ବିନ୍ଦାସ୍ ମୁଡ୍‌ରେ ସେମାନେ ଯୋଗ ଓ ବ୍ୟାୟାମ କରୁଥିବା ନଜର ଆସିଛନ୍ତି। ଏହି ଦୃଶ୍ୟ ଦେଖିବାକୁ ମିଳିଛି ଦିଲ୍ଲୀର ଆରଏମ୍ଏଲ୍ ହସ୍ପିଟାଲରେ। କିଛିଦିନ ତଳେ ଚାନ୍ଦିନୀମହଲ ଥାନାର ୮ଜଣ ପୋଲିସକର୍ମୀ କରୋନାରେ ସଂକ୍ରମିତ ହେବାରୁ ସେମାନଙ୍କୁ ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ସୁସ୍ଥରହିବା ପାଇଁ ସଂକ୍ରମିତ ପୋଲିସମାନେ ସକାଳୁ ଉଠି ନିଜ ୱାର୍ଡରେ ଯୋଗ ଓ ବ୍ୟାୟାମ ଜାରି ରଖିଛନ୍ତି। ଯାହାଦ୍ୱାରା ସେମାନଙ୍କ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇବା ସହ ସେମାନେ କୌଣସି ବିଷାଦ ଗ୍ରସ୍ତ ନ ହୋଇ ଶୀଘ୍ର ସୁସ୍ଥ ହୋଇଯିବେ। ସାରା ବିଶ୍ୱରେ କରୋନା ରୋଗୀଙ୍କ ଭିତରେ ଏଭଳି ଉତ୍ସାହ କେହି କେବେ ଦେଖି ନ ଥିବାବେଳେ ଏହି ପୋଲିସମାନଙ୍କ ଏଭଳି ଭିଡିଓ ଏବେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କରୋନା ଯୋଦ୍ଧା ହୋଇ କର୍ତ୍ତବ୍ୟ ସମ୍ପାଦନ କରୁଥିବା ପୋଲିସ ଏବେ ସଂକ୍ରମଣର ଶୀକାର ହେଉଛନ୍ତି। ଦିଲ୍ଲୀରେ ଏପର୍ଯ୍ୟନ୍ତ ୧୯ଜଣ ପୋଲିସ କରୋନାରେ ଆକ୍ରାନ୍ତ ହୋଇସାରିଲେଣି।

ବ୍ୟାୟାମ କରୁଛନ୍ତି ପୋଲିସ କର୍ମୀ



# ସାଇକେଲରେ ମୁମ୍ବାଇରୁ ଗୋରଖପୁର



**ମୁମ୍ବାଇ:** ଦେଶରେ ଲକ୍‌ଡାଉନ୍ ଯୋଗୁ ସବୁ ଏକପ୍ରକାର ଠପ୍ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ସମସ୍ତ ପ୍ରବାସୀଙ୍କୁ ଯିଏ ଯେଉଁଠାରେ ଅଛନ୍ତି, ସେଠାରେ ରହିବାକୁ ନିବେଦନ କରିଛନ୍ତି। ମହାରାଷ୍ଟ୍ର ସରକାର ସମସ୍ତ ପ୍ରବାସୀ ଶ୍ରମିକଙ୍କ ପାଇଁ ରହିବା, ଖାଇବା ବ୍ୟବସ୍ଥା କରିବାକୁ ଆଶ୍ୱାସନା ମଧ୍ୟ ଦେଇଛନ୍ତି। ହେଲେ ସବୁ ଉଦ୍ୟମ ପରେ ବି ପ୍ରବାସୀଙ୍କ ଘର ବାହୁଡା ଥମିବାର ନାଁ ନେଉନି। ନାନା ସମସ୍ୟା ଭୋଗୁଥିବା ଲୋକମାନେ କାହା କଥା ନ ଶୁଣି ଚାଲିକରି କିମ୍ବା ସାଇକେଲ୍‌ରେ ଗାଁକୁ ଫେରୁଥିବା ଦେଖିବାକୁ ମିଳୁଛି। ଇତିମଧ୍ୟରେ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରୁ ୨୦ଜଣ ଶ୍ରମିକ ଗୋଷ୍ଠୀ ୧୦ଟି ସାଇକେଲ୍‌ରେ ପ୍ରାୟ ୧୭୦୦ କିଲୋମିଟର ଦୂର ଉତ୍ତରପ୍ରଦେଶ ଗୋରଖପୁରକୁ ଯାତ୍ରା କରିଥିବା ଜଣାପଡ଼ିଛି। ମୁମ୍ବାଇରେ ରହିବା, ଖାଇବା ଅସୁବିଧା ହେବା ସହ ପାଖରେ ଟଙ୍କା ନ ଥିବାରୁ ଶ୍ରମିକମାନେ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ସରକାର ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରି ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଆଉ କିଛିଦିନ ସେଠାରେ ରହିଥିଲେ ଭୋକ ଉପାସରେ ତାଙ୍କର ମୃତ୍ୟୁ ଘଟିଥାନ୍ତା ବୋଲି ସେମାନେ କହିଛନ୍ତି। ତେଣୁ ସାଇକେଲ୍‌ରେ ଗାଁକୁ ଯିବା ପାଇଁ ସେମାନେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

# ଘରକୁ ଯିବା ଲାଗି ଅନଶନରେ ଛାତ୍ରୀଛାତ୍ର

**କୋଟା:** କରୋନା ଭାଇରସ୍ ମୁକାବିଲା ପାଇଁ ଦେଶରେ ଲକ୍‌ଡାଉନ ଜାରି ରହିଛି। ଏଥିଯୋଗୁ ଯିଏ ଯେଉଁଠାରେ ଅଛନ୍ତି ସେଠାରେ ହିଁ ଫସି ରହିଛନ୍ତି। ଇତିମଧ୍ୟରେ ରାଜସ୍ଥାନର କୋଟାରେ ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶ ପରୀକ୍ଷା ପାଇଁ କୋଚିଂ ନେଉଥିବା ପ୍ରାୟ ୪୦ହଜାର ଛାତ୍ର ସେଠାରେ ଫସି ରହିଥିବା ଜଣାପଡ଼ିଛି। ଏଥିରେ କେତେକ ବିହାରର ଛାତ୍ରୀଛାତ୍ର ମଧ୍ୟ ରହିଛନ୍ତି। ଏବେ ଏହି ଛାତ୍ରୀଛାତ୍ର ଘରକୁ ଫେରିବା ପାଇଁ ହଷ୍ଟେଲରେ ଅନଶନ ଆରମ୍ଭ କରିଛନ୍ତି। ସେମାନଙ୍କୁ ଘରକୁ ଆଣିବା ପାଇଁ ଏକ ବସ୍ ପଠାଇବାକୁ ପିଲାମାନେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ନିବେଦନ କରିଛନ୍ତି। ହଷ୍ଟେଲର ଛାତ ଉପରେ ହାତରେ ପ୍ଲାକାର୍ଡ ଧରି ଘରକୁ ଫେରିବା ପାଇଁ ପିଲାମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିବା ଦେଖିବାକୁ ମିଳିଛି। ଏଥିସହ ସେମାନେ ମହାତ୍ମା ଗାନ୍ଧୀଙ୍କ ସିଦ୍ଧାନ୍ତକୁ ଦର୍ଶାଇ ଖରାପ୍ କଥା ଦେଖ ନାହିଁ, ଖରାପ୍ କଥା କୁହ ନାହିଁ ଓ ଖରାପ କଥା ଶୁଣ ନାହିଁର ଏକ ବାର୍ତ୍ତା ମଧ୍ୟ ଦେଇଛନ୍ତି। ନିବେଦନ କରୁଥିବା ସମୟରେ ପିଲାମାନେ ସାମାଜିକ ଦୂରତ୍ୱ ରକ୍ଷା କରିଥିବା ନଜର ଆସିଛି। ଅପରପକ୍ଷେ ବର୍ତ୍ତମାନ କୋଟାରୁ ପିଲାଙ୍କୁ ଆଣିବା ସମ୍ଭବପର ନୁହେଁ ବୋଲି ନୀତିଶ କୁମାର ସ୍ପଷ୍ଟ କରିସାରିଛନ୍ତି। କିଛି ଦିନ ପୂର୍ବରୁ ସେ ପିଲାଙ୍କୁ ଲକ୍‌ଡାଉନ ପାଳିବା ସହ ଯିଏ ଯେଉଁଠାରେ ଅଛ ସେଠାରେ ହିଁ ଥାଅ ବୋଲି କହିଥିଲେ।



# ଅନୁଷ୍କାଙ୍କୁ ପ୍ରଶଂସା କଲେ ବିରାଟ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ନିଜର ଦମ୍‌ଦାର ଅଭିନୟ ବଳରେ ଆଜି ବଲିଉଡ୍‌ରେ ଜଣେ ଶ୍ରେଷ୍ଠ ଅଭିନେତ୍ରୀଙ୍କ ମଧ୍ୟରେ ଗଣା ହେଉଛନ୍ତି। ସେ ଜଣେ ଭଲ ଅଭିନତ୍ରୀ ଓ ଜଣେ କେୟାରିଂ ଲାଇଫ୍ ପାର୍ଟନର ବୋଲି କହିକ କ୍ରିକେଟର ବିରାଟ କୋହଲି ତାଙ୍କର ଭୂରି ଭୂରି ପ୍ରଶଂସା କରିଛନ୍ତି। ଅନୁଷ୍କାଙ୍କ ପାଇଁ ସେ ଏକ ହେଲ୍‌ଦି ଲାଇଫ ମେଣ୍ଟେନ କରିପାରୁଛନ୍ତି ବୋଲି ବିରାଟ କହିଛନ୍ତି। ସାରା ଦେଶରେ ବର୍ତ୍ତମାନ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ଲକ୍‌ଡାଉନ୍‌ରେ ସମସ୍ତେ ଏକପ୍ରକାର ବନ୍ଦ ହୋଇ ରହିଛନ୍ତି। ଭିନ୍ନ ଭିନ୍ନ ଶୈଳୀରେ ବିଭିନ୍ନ କାର୍ଯ୍ୟ କରି ସମୟ ଅତିବାହିତ କରୁଛନ୍ତି। ନିକଟରେ ଅନୁଷ୍କା ଏକ ଲାଇଭ୍ ଚାଟ୍ ଜରିଆରେ ଜୀବନରେ ଘଟୁଥିବା ସକରାତ୍ମକ ପରିବର୍ତ୍ତନ ବିଷୟରେ କଥା ହୋଇଥିଲେ। ଆମେ ଦୁହେଁ ଦୁହିଁଙ୍କ ଡାଏଟ୍ ପ୍ରତି ବହୁ ଯତ୍ନଶୀଳ। ଅନୁଷ୍କା ଆଉ ମଧ୍ୟ କହିଛନ୍ତି, ଆମେ ପୂର୍ବରୁ ହିଁ ଡାଏଟ ପ୍ରତି ଧ୍ୟାନ ରଖିଛୁ। ସେପରି ବାଧ୍ୟତାମୂଳକ କିଛି କରୁନାହୁଁ। କାରଣ ଆମେ ଦୁହେଁ ଶାକାହାରୀ। ଯେଉଁ ଖାଦ୍ୟ ଆମ ପାଇଁ ଠିକ୍ ନୁହେଁ ଆମେ ତାକୁ ଖାଉନାହୁଁ। ଅନୁଷ୍କା କହିଛନ୍ତି ଯେ, ସମସ୍ତେ କିନ୍ତୁ କିଛି ନା କିଛି ଏକ୍ସରସାଇଜ୍ କରିବା ଦରକାର। ଏହା ନିଜର ସ୍ୱାସ୍ଥ୍ୟ ଏବଂ ମନକୁ ସୁସ୍ଥ ରଖିଥାଏ। ତେବେ ବିରାଟ କହିଛନ୍ତି ଯେ, ଅନୁଷ୍କା ମୋ ଜୀବନରେ ବହୁତ କିଛି ପରିବର୍ତ୍ତନ ଆଣିଛନ୍ତି। ସବୁ ପରିସ୍ଥିତିରେ ଧୈର୍ଯ୍ୟର ସହିତ ସାମ୍ନା କରିବା ଦରକାର। ଏପରି କଲେ ଲକ୍ଷ୍ୟସ୍ଥଳରେ ସହଜରେ ପହଞ୍ଚିପାରିବ।



# ବାଲ୍ୟବିବାହ ରୋକିଛି କରୋନା

**ଯୋଧପୁର:** ଏବେ କରୋନା ଭାଇରସ୍ ସଂକ୍ରମଣ ହିଁ ମଣିଷକୁ ବଞ୍ଚିବାର ନୂଆ ଷ୍ଟାଇଲ୍ ଶିଖାଇ ଦେଇଛି। ଏମିତି ଅନେକ ସମସ୍ୟା ଥିଲା, ଯାହାକୁ କୋଟିକୋଟି ଟଙ୍କା ଖର୍ଚ୍ଚକରି ସରକାର କରିପାରୁ ନ ଥିଲେ, ତାକୁ ସମାଧାନ କରିପାରିଛି କରୋନା। ଏଇ ଯେମିତି ବାୟୁମଣ୍ଡଳର ପ୍ରଦୂଷଣକୁ ରୋକିବା, ଗଙ୍ଗାନଦୀକୁ ସଫା ରଖିବା ଇତ୍ୟାଦି। ଠିକ୍ ଏମିତି ଏକ ସାମାଜିକ ସମସ୍ୟା ହେଉଛି ବାଲ୍ୟବିବାହ। ରାଜସ୍ଥାନରେ ବାଲ୍ୟବିବାହ ପ୍ରଥାକୁ ବେଶ୍ ସମ୍ମାନ ଦିଆଯାଏ। ବିଶେଷକରି ଅକ୍ଷୟତୃତୀୟା ପୂର୍ବରୁ ବାଲ୍ୟବିବାହ ସପ୍ତାହ ପାଳନ କରାଯାଏ। କିନ୍ତୁ ଏଥର ସଂକ୍ରମଣ ଭୟରେ ଅନେକ ସ୍ଥାନରେ ବାଲ୍ୟବିବାହ ହୋଇପାରିନାହିଁ। ରାଜ୍ୟର ବିଭିନ୍ନ ଜିଲାରେ କଲେକ୍ଟରମାନଙ୍କୁ ଏହି ସମୟରେ ବାଲ୍ୟବିବାହ ରୋକିବା ପାଇଁ ସତର୍କ ଦୃଷ୍ଟି ରଖିବା ପାଇଁ କୁହାଯାଇଥାଏ। ସରକାରଙ୍କ ଆକଟ ଥିଲେ ବି ଅନେକ ସ୍ଥାନରେ ଲୋକେ ନିଜ ପରମ୍ପରା ଅନୁସାରେ ବାଲ୍ୟବିବାହ କରାଇଥାନ୍ତି। କିନ୍ତୁ ଏଥର ସବୁଆଡ଼େ ଲୋକେ କରୋନା ଭୟରେ କୌଣସି ପ୍ରକାର ଭୋଜିଭାତ କରିବା ପାଇଁ ପ୍ରସ୍ତୁତ ହେଉନାହାନ୍ତି। ସେମାନେ ନିଜେ ନିଜେ ସତର୍କ ହୋଇ ଅଲଗା ରହୁଛନ୍ତି। କିନ୍ତୁ ବାଲ୍ୟବିବାହ ରୋକିବା ପାଇଁ କାମ କରୁଥିବା କିଛି ସଂସ୍ଥାର କହିବା ଅନୁସାରେ ଗ୍ରାମାଞ୍ଚଳରେ କରୋନା ଭାଇରସ୍ ନେଇ ଲୋକେ କମ୍ ସଚେତନ। ସେଥିପାଇଁ ବାଲ୍ୟବିବାହ ଆୟୋଜନ କରିବାର ସମ୍ଭାବନା ରହିଛି। ତେଣୁ ପୋଲିସକୁ ସତର୍କ ରହିବାକୁ ହେବ।

# ‘କରୋନା’ ବିୟର

**ନୂଆଦିଲ୍ଲୀ:** ସମଗ୍ର ବିଶ୍ୱରେ କରୋନା ଭାଇରସ୍ ଆତଙ୍କ ଖେଳାଇ ଚାଲିଛି। ଚାଇନାର ଉହାନ ସହରରୁ ଆରମ୍ଭ ହୋଇଥିବା ଏହି ଭାଇରସ୍ ଏବେ ବିଶ୍ୱର ସମସ୍ତ ଦେଶକୁ ଗ୍ରାସ କରିସାରିଲାଣି। ଏକ ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ମହାମାରୀ କରୋନା ଭୂତାଣୁରେ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ବେଳେ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିସାରିଲାଣି। ଏପରି ସ୍ଥିତିରେ କିଛି ଲୋକ ଏହି ପ୍ରାଣଘାତୀ ଭୂତାଣୁକୁ ଏକ ବିୟର ସହିତ ଯୋଡ଼ି ଦେଖୁଛନ୍ତି। ଏହା ଜଣାପଡ଼ିଛି ଗୁଗଲ୍ ସର୍ଚ୍ଚ ଟ୍ରେଣ୍ଡ୍‌ରୁ। ଯେଉଁଥିରେ ଲୋକେ ‘କରୋନା ବିୟର ଭାଇରସ୍’ ସର୍ଚ୍ଚ କରିଛନ୍ତି। ଏହା ମଧ୍ୟ ଜଣାପଡ଼ିଛି ଯେ, ଲୋକେ କରୋନା ଭାଇରସ୍ ଏବଂ ମେକ୍ସିକୋର ପ୍ରସିଦ୍ଧ ବିୟର ବ୍ରାଣ୍ଡ୍ ‘କରୋନା’କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ‘କରୋନା ବିୟର ଭାଇରସ୍’ ସର୍ଚ୍ଚ କରିବାରେ ଏଷ୍ଟୋନିୟାର ପୂର୍ବ ୟୁରୋପୀୟ ରାଷ୍ଟ୍ର ସବୁଠୁ ଆଗରେ ରହିଛି। ‘ଗୁଗଲ ଟ୍ରେଣ୍ଡ୍’ର ରିପୋର୍ଟ ଅନୁଯାୟୀ, ୧୮ ଜାନୁୟାରୀ ପରେ ଗୁଗଲରେ ‘କରୋନା ଭାଇରସ୍’, ‘ବିୟର ଭାଇରସ୍’କୁ ଖୁବ୍ ସର୍ଚ୍ଚ କରାଯାଇଛି। ଏହା ବ୍ୟତୀତ ଗୁଗଲରେ କରୋନା ଭାଇରସ୍‌ର ଲକ୍ଷଣକୁ ନେଇ ଲୋକେ ବହୁକିଛି ସର୍ଚ୍ଚ କରୁଛନ୍ତି। ଅନ୍ୟପକ୍ଷରେ ବିୟର କମ୍ପାନୀ ‘କରୋନା ଏକ୍ସଟ୍ରା’ ପକ୍ଷରୁ କୁହାଯାଇଛି, ଗ୍ରାହକ ବିୟର ସହିତ ପ୍ରାଣଘାତୀ କରୋନା ଭାଇରସ୍ କେବେ ବି ଯୋଡ଼ିବେ ନାହିଁ। କାହିଁକି ନା ଭୂତାଣୁ ସହ ବିୟରର କୌଣସି ସମ୍ପର୍କ ନାହିଁ।



## କରୋନା ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ

**ଗୋପ, ୨୪।୪(ଡି.ଏନ୍.ଏ):** ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ଗୋପ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି କରୋନା ସ୍ଥିତି ସମୀକ୍ଷା କରିବା ସହ ପ୍ରଶାସନକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାହାର ରାଜ୍ୟରୁ ଆସିବାକୁ ଥିବା ବ୍ୟକ୍ତିଙ୍କର କିପରି ଭାବେ ଡାଟାବେସ୍ ପ୍ରସ୍ତୁତ କରାଯାଇଛି ଏବଂ ସେମାନଙ୍କୁ ସଙ୍ଗରୋଧ ଭାବେ ରଖିବା ଲାଗି କ'ଣ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ବିଡିଓ ଦାପ୍ରିରାଣୀ ଦାସଙ୍କୁ ପଚାରି ବୁଝିଥିଲେ। ପଞ୍ଚାୟତ ସ୍ତରରେ ଅତି କମ୍‌ରେ ୧୦୦ଟି ଶଯ୍ୟା ପ୍ରସ୍ତୁତ ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କରୋନା ମୁକାବିଲା ଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଥିବା ବିଡିଓ ଦାସ କହିଛନ୍ତି।

**ସଂକ୍ଷେପରେ**

## ବଜ୍ରପାତରେ ଗର୍ଭବତୀଙ୍କ ସମେତ ୬ ଆହତ

**ଖୋର୍ଦ୍ଧା ଅଫିସ,୨୪।୪:** ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦେଉଳଟାଙ୍ଗୀ ଗ୍ରାମରେ ଶୁକ୍ରବାର ରାତିରେ ବଜ୍ରପାତରେ ୨ ମୁସଲମାନ ପରିବାରର ୫ ଜଣଙ୍କ ସମେତ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତମାନେ ହେଲେ ରାଜିଆ ବିବି (୨୬), ରସିଡା ବିବି (୩୮), ସେକ ଦମଦମ୍(୨୫), ରେସମା ବେଗମ୍ (୧୩), ଫତିମା ବିବି (୪୫) ଏବଂ ଘନଶ୍ୟାମ ମାଝି (୫୦)। ବଜ୍ରପାତରେ ୨ଜଣ ମୁସଲମାନ ପରିବାରଙ୍କ ଘର ପୋଡି ହୋଇଯାଇଛି। ଆହତଙ୍କ ମଧ୍ୟରେ ଜଣେ ଗର୍ଭବତୀ ରହିଥିବା ଜଣାପଡିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟାରେ ପ୍ରବଳ ବର୍ଷା ସହ ପବନ ହୋଇଥିଲା। ଆହତମାନେ ଘରେ ଥିବାବେଳେ ରାତି ପ୍ରାୟ ୮ଟାରେ ହଠାତ୍ ବଜ୍ରପାତ ହୋଇଥିଲା। ଆହତମାନଙ୍କୁ ପରିବାର ଲୋକେ ଅଟୋ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।

## କଳାକାରଙ୍କ ବକେୟା ପାଉଣା ଦେଲା ସଂସ୍କୃତି ବିଭାଗ

**ଭୁବନେଶ୍ୱର, ୨୪।୪(ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କଳାକାରଙ୍କ ବକେୟା ପାଉଣା ଗୁରୁବାର ପ୍ରଦାନ କରାଯାଇଛି। ୨୦୧୯ ଆର୍ଥିକ ବର୍ଷରେ ଆୟୋଜିତ ହୋଇଥିବା ବିଭିନ୍ନ ସାଂସ୍କୃତିକ, ସାରସ୍ୱତ କାର୍ଯ୍ୟକ୍ରମଗୁଡ଼ିକର ବାକିଥିବା ପାଉଣା ତୁରନ୍ତ ପ୍ରଦାନ କରିବାକୁ ବିଭାଗୀୟ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଅର୍ଥ ମଞ୍ଜୁରୀ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତ୍ୱରିତ ପଦକ୍ଷେପ ନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସମ୍ମତି ପ୍ରକାଶ କରିବା ପରେ ତାଲିକାଭୁକ୍ତ ସମସ୍ତ ଅନୁଷ୍ଠାନଗୁଡ଼ିକର ବକେୟା ପାଉଣା ପଇଠ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ ପାଇଛି। ଅନୁଷ୍ଠାନଗୁଡ଼ିକ ନିଜ ନିଜର ବ୍ୟାଙ୍କ୍ ଖାତା ଯାଞ୍ଚ କରି ଅର୍ଥପ୍ରାପ୍ତି ସମ୍ବନ୍ଧରେ ଅବଗତ ହେବାପାଇଁ କୁହାଯାଇଛି। କରୋନା ପାଇଁ କୌଣସି ନୂତନ କାର୍ଯ୍ୟକ୍ରମ କରାଯିବ ନାହିଁ ବୋଲି ବିଭାଗ ସ୍ପଷ୍ଟ କରିଛି। ଜନସମାଗମ, ସାଂସ୍କୃତିକ କାର୍ଯ୍ୟକ୍ରମ, ଥିଏଟର୍, ଡ୍ରାମା, ନୃତ୍ୟ ପରିବେଷଣ ଓ ସଙ୍ଗୀତ ସମାରୋହ ଭଳି ସମସ୍ତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣଭାବେ ବାରଣ କରାଯାଇଛି। ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ବିଭାଗୀୟ ୱେବ୍‌ସାଇଟ୍(http://odishaculture.in)ରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଥିବା ସଂସ୍କୃତି ନିର୍ଦ୍ଦେଶକ ବିଜୟ କୁମାର ନାୟକ କହିଛନ୍ତି।

## ଗଜପତି ମହାରାଜାଙ୍କ ମତକୁ ଭାଜପାର ସ୍ୱାଗତ

ଭୁବନେଶ୍ୱର, ୨୪।୪(ବ୍ୟୁରୋ) - ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଲକ୍‌ଡାଉନ୍ ଓ ରଥଯାତ୍ରାକୁ ନେଇ ଦେଇଥିବା ବାର୍ତ୍ତାକୁ ରାଜ୍ୟ ଭାଜପା ପକ୍ଷରୁ ସ୍ୱାଗତ କରାଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତି ଏ ସମ୍ପର୍କରେ ଟୁଇଟ୍ କରି ଜଣାଇବା ସହ ଉଲ୍ଲେଖ କରିଛନ୍ତି ଯେ, ଲକ୍‌ଡାଉନ୍‌କୁ ନେଇ ମେ' ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍‌କୁ ପାଳନ କରିବାକୁ ଗଜପତି ଆହ୍ୱାନ ଦେଇଛନ୍ତି। ଏହାକୁ ମୁଁ ସ୍ୱାଗତ କରୁଛି ବୋଲି ସମୀର କହିଛନ୍ତି।

# ଅସଲି ପୋଷାକରେ ନକଲି ଆଇପିଏସ୍ ଅଫିସର







- କମିଶନରେଟ ପୋଲିସକୁ ନାକେଦମ କରି ଧରାପଡ଼ିଲେ ମହିଳା
- କନଷ୍ଟେବଲ ସ୍ୱାମୀଙ୍କ ବଦଳି, ସୁବିଧା ପାଇଁ ଚାପ ପକାଉଥିଲେ
- ଘରୁ ମିଳିଲା ନକଲି ବନ୍ଧୁକ, ବ୍ୟାଜ୍, ପରିଚୟପତ୍ର

**ଭୁବନେଶ୍ୱର,୨୪।୪ (ବ୍ୟୁରୋ)**

'ହାଲୋ ମୁଁ ୨୦୧୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ଶର୍ମିଷ୍ଠା କହୁଛି। ମୁଁ କୋଭିଡ୍-୧୯ ଡ୍ୟୁଟିରେ ସେଣ୍ଟ୍ରାଲ ଡେପୁଟେଶନରେ ଭୁବନେଶ୍ୱର ଆସିଛି। ମୋ ପାଇଁ ଗାଡି, ଘର, ଚାକର, ରାଶନ ଦରକାର।' କମିଶନରେଟ ପୋଲିସକୁ ଏଭଳି ଫୋନ୍ କରି ନାକେଦମ୍ କରିଥିବା ଜଣେ ନକଲି ମହିଳା ଆଇପିଏସ୍ ଅଫିସର ଶୁକ୍ରବାର ଧରାପଡିଛନ୍ତି। ତାଙ୍କ ନିକଟରୁ ଅସଲି ପୋଲିସ ପୋଷାକ, ନକଲି ବନ୍ଧୁକ, ଆଇପିଏସ୍ ବ୍ୟାଜ୍, ପରିଚୟପତ୍ର ମିଳିଛି। ଏଥିସହ ତାଙ୍କ ମୋବାଇଲ୍ ଫୋନ୍‌କୁ ଜବତ କରାଯାଇଛି। ପୋଲିସ ଚାକିରି କରିଥିବା ସ୍ୱାମୀ ଓ ଭାଇଙ୍କ ବଦଳି ପାଇଁ ସେ ଏପରି ନାଟକ ରଚିଥିବା ଜଣାପଡିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଉକ୍ତ ମହିଳାଙ୍କ ଘର ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱର ଫରେଷ୍ଟ ପାର୍କ ଅଞ୍ଚଳରେ ରହୁଛନ୍ତି। ତାଙ୍କ ସ୍ୱାମୀ ଓ ଭାଇ ପୋଲିସ ଚାକିରି କରିଛନ୍ତି। ସ୍ୱାମୀ କୋରାପୁଟରେ ଅବସ୍ଥାପିତ ଥିବାବେଳେ ଭାଇ ମଧ୍ୟ ଦୂରରେ କାର୍ଯ୍ୟରତ। ମହିଳା ଜଣକ ଗର୍ଭବତୀ ଅଛନ୍ତି। ତେଣୁ ସେ ନିଜକୁ ଜଣେ ଆଇପିଏସ୍ ଅଫିସର ପରିଚୟ ଦେଇ ଜଣେ କନ୍‌ଷ୍ଟେବଲଙ୍କ ବଦଳି ଓ ଲକ୍‌ଡାଉନ୍ ଡ୍ୟୁଟିକୁ କୋହଳ କରିବାକୁ ବହୁ ପୋଲିସ ଅଧିକାରୀଙ୍କୁ ଫୋନ୍ କରି ଚାପ ପକାନ୍ତି। ଏପରିକି ସେମାନଙ୍କୁ ଖରାରେ ଡ୍ୟୁଟି ନ ଦେବାକୁ ଧମକ ଦିଅନ୍ତି। ଏହାକୁ ନେଇ କିଛିଦିନ ହେବ ଅନେକ ପୋଲିସ ଅଧିକାରୀ ଅସ୍ତବ୍ୟସ୍ତ ହୋଇପଡିଥିଲେ। ଶେଷରେ ସନ୍ଦେହ ହେବାରୁ ତାଙ୍କ ଫୋନ୍ ନମ୍ବରକୁ ଟ୍ରେସ୍ କରାଯିବା ପରେ ସେ ଆଇପିଏସ୍ ଅଫିସର ନ ଥିବା ଜଣାପଡିଥିଲା। ଶୁକ୍ରବାର ରିଜର୍ଭ ଇନ୍ସପେକ୍ଟର ବିଜୟ ରତ୍ନ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ଫରେଷ୍ଟ ପାର୍କ ନିକଟ ଘରୁ ତାଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିବା ପରେ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ତାଙ୍କ ଘରୁ ବିଭିନ୍ନ ନକଲି ସାମଗ୍ରୀ ଓ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ଅଧିକ ତଦନ୍ତ ପରେ ତାଙ୍କ ଫେସବୁକ୍ ଆକାଉଣ୍ଟରେ ମଧ୍ୟ ଓଡ଼ିଶା ପ୍ରଶାସନିକ ସେବାରେ ସେ ଚାକିରି କରିଥିବା ମିଛ ପୋଷ୍ଟ କରିଥିବା ଦେଖିବାକୁ ମିଳିଥିଲା। ହେଲେ ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିବା ବଦଳରେ ସିଆର୍‌ପିସି ୪୧ରେ ନୋଟିସ ଦେଇ ଛାଡିଥିବା ଜଣାପଡିଛି।

# ନକଲି ମଦ କାରଖାନା ଠାବ





**ଖୋର୍ଦ୍ଧା ଅଫିସ/ ବେଗୁନିଆ,୨୪।୪(ଡି.ଏନ.ଏ.)**

- ୧୫୦ ଲିଟର ମଦ ଜବତ, ମହିଳା ଗିରଫ
- ୧୭ ଲକ୍ଷ ୬୦ ହଜାର ଟଙ୍କା, ୩ ମେଶିନ, କାର ଜବତ

ବେଗୁନିଆ ଥାନା ତଥା ବୋଲଗଡ ବ୍ଲକ ଅଧୀନ ରାସୋଳ ଗାଁ ନିକଟ ଏକ ନିଛାଟିଆ ଘରେ ଚାଲିଥିବା ନକଲି ମଦ କାରଖାନା ଉପରେ ଖୋର୍ଦ୍ଧା ଅବକାରୀ ବିଭାଗ ଓ ପୋଲିସ ମିଳିତ ଭାବେ ଶୁକ୍ରବାର ଚଢାଉ କରିଛି। ସେଠାରୁ ୬୦ ଲିଟର ଦେଶୀ ମଦ, କାର ଡିକିରୁ ୯୦ ଲିଟର ମଦ, ୩ଟି ପଲିଥିନ ପ୍ୟାକିଂ ମେଶିନ୍, ଏକ ଜେନେରେଟର ଓ କାର (ଓଆର୦୨ ବିଟି-୫୭୭୬) ଜବତ କରିଛି। ଏଥିରେ ସମ୍ପୃକ୍ତ ମହିଳା ମୀନତି ପାଇକରାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଘଟଣାସ୍ଥଳରୁ ତାଙ୍କ ସ୍ୱାମୀ ଫେରାର ହୋଇଯାଇଛନ୍ତି। ମୀନତିଙ୍କ ଘରୁ ୧୭ ଲକ୍ଷ ୬୦ ହଜାର ଟଙ୍କା ଜବତ କରାଯାଇଛି। ଚଢାଉରେ ଅବକାରୀ ଇନ୍ସପେକ୍ଟର ରଞ୍ଜନ କୁମାର ନାୟକ, ରଶ୍ମିରଞ୍ଜନ ସାହୁଙ୍କ ସହ ଖୋର୍ଦ୍ଧା ସ୍ପେଶାଲ ସ୍କ୍ୱାଡ କର୍ମଚାରୀ ସାମିଲ ହୋଇଥିଲେ। ଦମ୍ପତି ଘର ଭିତରେ ବେଆଇନ ଭାବେ ମଦ କାରବାର ଚଳାଇ ଆସୁଥିଲେ। ବାହାରୁ ଦେଶୀ ମଦ ଆଣି ଏଠାରେ ପ୍ୟାକିଂ କରି କାର ଯୋଗେ ବିଭିନ୍ନ ସ୍ଥାନକୁ ବିକ୍ରି ଲାଗି ପଠାଉଥିଲେ। ତେବେ ପ୍ରଶ୍ନ ଉଠିଛି, ଦୀର୍ଘ ଦିନ ଧରି ଦମ୍ପତି ଏହି କାରବାର ଚଳାଇଥିବା ବେଳେ କିପରି ସ୍ଥାନୀୟ ପୋଲିସ ଏବଂ ଅବକାରୀ ବିଭାଗ ଜାଣିପାରିଲେ ନାହିଁ। ମୋଟା ଅଙ୍କର ବଟି ନେଇ ଉଭୟ ବିଭାଗର କେତେଜଣ କର୍ମଚାରୀ ଚୁପ୍ ବସିଥିଲେ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ କହିଛନ୍ତି, କୌଣସି ପରିସ୍ଥିତିରେ ବେଆଇନ ମଦ କାରବାରକୁ ପ୍ରୋତ୍ସାହନ ଦିଆଯିବ ନାହିଁ। ଏଥିରେ କୌଣସି ପୋଲିସ ଅଧିକାରୀଙ୍କ ହାତ ରହିଥିବା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବନ୍ଦ ଘରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମଦ ଜବତ

**ଖୋର୍ଦ୍ଧା ଅଫିସ,୨୪।୪**



- ବାହାରିଲା ୨ ହଜାର ପେଟି ବିଅର, ୬ଶହରୁ ଉର୍ଦ୍ଧ୍ୱ ମଦ ବୋତଲ
- ଦୋକାନ ସିଲ୍ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ
- ପୋଲିସ ଓ ଅବକାରୀ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ

ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲା ତୋଟାପଡାସ୍ଥିତ ଏକ ବନ୍ଦ ଘରର ତାଲା ଭାଙ୍ଗି ପୋଲିସ ଓ ଅବକାରୀ ବିଭାଗ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ନାମୀଦାମୀ କମ୍ପାନୀର ବିଦେଶୀ ମଦ ଶୁକ୍ରବାର ଜବତ କରିଛି। ଘର ମଧ୍ୟରେ ଭର୍ତ୍ତି ହୋଇ ପ୍ରାୟ ୨ ହଜାର ପେଟି ବିୟର ଓ ୬ ଶହ ବୋତଲରୁ ଉର୍ଦ୍ଧ୍ୱ ବିଭିନ୍ନ କମ୍ପାନୀର ବିଦେଶୀ ମଦ ରହିଥିଲା। ଏହି ଘଟଣାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ହେଲେ ଏତେ ପରିମାଣର ମଦ କେଉଁଠାରୁ ଆସି ଘରେ ରହିଥିଲା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୋଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ଏହାକୁ ନେଇ ଅବକାରୀ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଶୁକ୍ରବାର ମଧ୍ୟାହ୍ନରେ ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ ବିଶେଷ ସୂତ୍ରରୁ ଖବରପାଇ ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଆଦର୍ଶ ଥାନା ଅଧିକାରୀ ଉମାଶଙ୍କର ସିଂଙ୍କ ସମେତ ଉକ୍ତ ବନ୍ଦ ଘର ଉପରେ ଚଢାଉ କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ଭାଙ୍ଗିଥିଲେ। କୋଠରି ଭିତରେ ବିଦେଶୀ ମଦ ପେଟି ଭର୍ତ୍ତି ହୋଇ ରହିଥିଲା। ଏ ନେଇ ଏସ୍‌ପି ସ୍ୱାଇଁ କୁହନ୍ତି, ଘଟଣାର ତଦନ୍ତ ଜାରି ରଖିଛି। ଲକ୍‌ଡାଉନ ଯୋଗୁ ମାର୍ଚ୍ଚ ୨୨ଠାରୁ ମଦ କାରବାର ବନ୍ଦ ରହିଛି। ତେବେ ଏତେ ପରିମାଣର ମଦ କେଉଁଠୁ ଆସିଲା, କିଏ ଏଠାରେ ଗଚ୍ଛିତ ରଖିଛି ଓ ଏହାର ମାଷ୍ଟରମାଇଣ୍ଡ କିଏ, ତାହାର ଖୋଳତାଡ ଚାଲିଛି। ନିକଟରେ ରହିଥିବା ମଦ କାଉଣ୍ଟରକୁ ସିଲ୍ କରିବାକୁ ଅବକାରୀ ବିଭାଗକୁ ଏସ୍‌ପି ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଜାତୀୟ ରାଜପଥ ରାସ୍ତା କଡ ପଲ୍ଲା ତୋଟାପୋଡାରେ ଜଣେ ବ୍ୟବସାୟୀ ମଦ ବିକ୍ରି ଲାଗି ୨ ବର୍ଷ ତଳେ ଲାଇସେନ୍ସ ପାଇଥିଲେ। ମାର୍ଚ୍ଚ ୩୦ରେ ମଦ ଦୋକାନ ଲାଇସେନ୍ସରେ ଅବଧି ସରିଛି। ତେବେ ଦୋକାନ ଖୋଲିବା ଦିନଠାରୁ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଏହା ବନ୍ଦ ରହିଛି। ଅନ୍ୟପକ୍ଷେ ସମ୍ପୃକ୍ତ ବ୍ୟବସାୟୀ ଦୋକାନ ବନ୍ଦ ସତ୍ତ୍ୱେ ପ୍ରତି ମାସର ମଦ କୋଟା ଉଠାଇ ଚାଲିଥିବା ଅବକାରୀ ଇନ୍ସପେକ୍ଟର ରଞ୍ଜନ ନାୟକ ସ୍ୱୀକାର କରିଛନ୍ତି। ଅପରପକ୍ଷରେ ପୋଲିସେ ଦ୍ୱାରା ଜବତ ମଦ ପୂର୍ବରୁ ପ୍ରତି ମାସରେ ଉଠାଯାଇଥିବା ମଦକୁ ଏଠାରେ ଗଚ୍ଛିତ ରଖାଯାଇଥିବା ନେଇ ଦୋକାନର ଜଣେ କର୍ମଚାରୀ ପୋଲିସକୁ କହିଛନ୍ତି।

## ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**କଟକ ସଦର, ୨୪।୪ (ଡି.ଏନ.ଏ.)**

କଣ୍ଡୋରନଗର ଥାନା ପୋଲିସ ଗଡ଼ମା ଗାଁର ସ୍ତ୍ରୀ ସାଜିଦା ପରବିନ(୨୦)ଙ୍କୁ ବିଷ ପିଆଇ ମାରି ଦେଇଥିବା ସ୍ୱାମୀ ସମୀର ଉଦ୍ଦିନ ଖାଁଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୨୧ ତାରିଖରେ ମୃତ ମହିଳାଙ୍କ ପିତାଙ୍କଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୫୭/୨୦ରେ ମାମଲା ପୋଲିସ ରୁଜୁ କରିଥିଲା। ପୋଲିସ ସୂତ୍ରରୁ ପ୍ରକାଶ ୨୦୧୯ ଡିସେମ୍ବରରେ ବିରିଡି ଥାନା ଅନ୍ତର୍ଗତ ଅଢଙ୍ଗଗଡ଼ ମୁସଲିମ୍ ସାହିର ଜଲିଲ ଖାନଙ୍କ ଝିଅ ସାଜିଦାଙ୍କୁ ଅଭିଯୁକ୍ତ ବିବାହ କରିଥିଲେ। ବିବାହ ପରେ ୧ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଶାଶୁ ଘର ଲୋକମାନେ ଚାପ ପକାଇ ଶାରୀରିକ ନିର୍ଯାତନା ଦେଉଥିଲେ। ଗତ ୧୫ ତାରିଖ ଶାଶୁ ଘର ଲୋକମାନେ ତାଙ୍କ ଝିଅକୁ ବିଷ ପିଆଇ ମାରି ଦେବାର ଉଦ୍ୟମ କରିଥିଲେ ବୋଲି ମୃତକଙ୍କ ପିତା ଏତଲାରେ ଦର୍ଶାଇଛନ୍ତି। ଚିକିତ୍ସା ପାଇଁ ସାଜିଦ୍‌ଙ୍କୁ କଟକ ବଡ ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଖବରଦାତାଙ୍କ ଘର ଉପରକୁ ବୋମାମାଡ଼

**କୋଣାର୍କ, (ଡି.ଏନ.ଏ)/ ପୁରୀ ଅଫିସ, ୨୪।୪**

- ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ହେଉ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଏକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ସଞ୍ଜୟ ପତିଙ୍କ କୋଣାର୍କ ଏନ୍‌ଏସି ୪ନଂ ୱାର୍ଡର ବାଲିସାହିସ୍ଥିତ ବାସଭବନକୁ ଦୁର୍ବୃତ୍ତମାନେ ଗୁରୁବାର ବିଳମ୍ବିତ ରାତିରେ ବୋମା ମାଡ଼ କରିଛନ୍ତି। ଦୁର୍ବୃତ୍ତମାନେ ୩ଟି ବୋମା ପକାଇଥିବା ଜଣାପଡ଼ିଛି। ଦୁଇଟି ବୋମା ଘର ସମ୍ମୁଖରେ ପଡ଼ିଥିବାବେଳେ ଗୋଟିଏ ବୋମା ତାଙ୍କ ଗୁହାଳ ଘର ଆଜବେଷ୍ଟସ୍ ଉପରେ ପଡ଼ିବାରୁ ଆଜବେଷ୍ଟସ୍ କିଛି ଅଂଶ ନଷ୍ଟ ହୋଇଯାଇଛି । ତେବେ ବୋମାମାଡରେ ପତିଙ୍କ ପରିବାରର କାହାର କିଛି କ୍ଷତି ହୋଇନାହିଁ। ଏହି ସମୟରେ ପତିଙ୍କ ବ୍ୟତୀତ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ପତିଙ୍କୁ ତାଙ୍କ ସାନଭାଇ ଫୋନ ଯୋଗେ ଜଣାଇବା ପରେ ସେ କୋଣାର୍କ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ଅବଗତ କରାଇଥିଲେ । ବୋମା ମାଡ଼ ଶବ୍ଦ ଶୁଣି କୋଣାର୍କ ବଜାରରେ ପାଟ୍ରୋଲିଂ କରୁଥିବା ପୋଲିସ ସମସ୍ତ ରାସ୍ତାକୁ ସିଲ କରି ଦେଇଥିଲା। ମାଧିପୁର ଛକରେ ପାଟ୍ରୋଲିଂ କରୁଥିବା ପୋଲିସ କର୍ମଚାରୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଦୁର୍ବୃତ୍ତମାନେ ଦୁଇଟି ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରି ଖସି ପଳାଇଥିଲେ। ପୋଲିସ ସେମାନଙ୍କ ପିଛା କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶୁକ୍ରବାର ଘଟଣାସ୍ଥଳକୁ ପୁରୀ ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା, ନିମାପଡା ଏସ୍‌ଡିପିଓ ପ୍ରଦୀପ୍ତ କୁମାର ଦଳାଇ ଓ ସାଇଣ୍ଟିଫିକ୍ ଟିମ, ସ୍ପେଶାଲ ସ୍କ୍ୱାଡ୍ ଯାଇ ତଦନ୍ତ କରିଛନ୍ତି। ବୋମା ମାଡ଼ର କାରଣ ଜଣାପଡ଼ିନାହିଁ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ, କୋଣାର୍କ ଏନ୍‌ଏଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ କୋଣାର୍କ ସାମ୍ବାଦିକ ସଂଘ ଦାବି କରିଛି। ସେହିପରି ପୁରୀ ଜିଲା ଖବରଦାତାମାନେ ଏହି ଘଟଣା ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ଆଦି ବିଭିନ୍ନ ଦାବି ଏଥିରେ ଉଲ୍ଲେଖ ରହିଛି।

# କରୋନା ମୁକାବିଲା: ଚତୁର୍ଥ ପର୍ଯ୍ୟାୟ ସଫଳତା ୩ ଜିଲାବାସୀ ଦେଖାଇବେ

**ଭୁବନେଶ୍ୱର, ୨୪।୪(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ଆତଙ୍କ ଖେଳାଇବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ଯେଉଁଭଳି ବୃଦ୍ଧି ପାଉଛି, ସରକାରଙ୍କ ଚିନ୍ତା ମଧ୍ୟ ଅନୁରୂପ ଭାବେ ବଢ଼ିଚାଲିଛି। ତେଣୁ ଏହି ମହାମାରୀକୁ ରୋକିବା ପାଇଁ ହେଲେ ଆମକୁ ସତର୍କ ଏବଂ ସଚେତନ ରହିବାକୁ ପଡ଼ିବ। ରାଜ୍ୟର ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର ଆଦି ୩ଟି ଜିଲାରେ ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏହିସବୁ ଜିଲାରେ ୬୦ ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇ ତନାଘନା ଜାରି ରହିଛି। କାରଣ ଭୁବନେଶ୍ୱରରେ ଶଟ୍‌ଡାଉନ ଯୋଗୁ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ସେ କହିଛନ୍ତି ଯେ, ବିଶେଷକରି କରୋନା ମୁକାବିଲା କ୍ଷେତ୍ରରେ ଚତୁର୍ଥ ପର୍ଯ୍ୟାୟରେ ଓଡିଶା କେତେ ବାଟ ସଫଳ ହେବ ତା'ର ରାସ୍ତା ସୀମାନ୍ତ ଜିଲାବାସୀ ତଥା ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁରବାସୀମାନେ ହିଁ ଦେଖାଇବେ। ରାଜ୍ୟ ବାହାରୁ ଯେତେବେଳେ ୫ ଲକ୍ଷ ଭଉଣୀଭାଇ ଫେରିବେ ସେତେବେଳେ ଏହି ସୀମାବର୍ତ୍ତୀ ଅଞ୍ଚଳ ରାଜ୍ୟ ସରକାରଙ୍କୁ ମାର୍ଗଦର୍ଶନ କରିପାରିବେ କି ନାହିଁ ବାଗ୍‌ଚୀ ପ୍ରଶ୍ନ କରିଛନ୍ତି। ତେଣୁ ଲୁଚାଛପା ନୁହେଁ, ସକ୍ତ କ୍ୱାରାଣ୍ଟାଇନରେ ରୁହନ୍ତୁ। ନିଜ ଖବର ଗ୍ରାମବାସୀ, ପଞ୍ଚାୟତ ତଥା ପ୍ରଶାସନକୁ ଆଗୁଆ ଜଣାନ୍ତୁ ଏବଂ ଶିଶୁ ଓ ବୟସ୍କ ବ୍ୟକ୍ତିଙ୍କୁ ନିରାପଦ ରଖନ୍ତୁ ବୋଲି ସୀମାନ୍ତବାସୀଙ୍କୁ ବାଗ୍‌ଚୀ ଆହ୍ୱାନ ଦେଇଛନ୍ତି। ସେହିଭଳି ସୀମାନ୍ତ ଜିଲାର ଅଧିବାସୀଙ୍କୁ କରୋନା ନେଇ ୪ଟି ପ୍ରମୁଖ ଦିଗ ଉପରେ ଗୁରୁତ୍ୱ ଦେବାକୁ ନିବେଦନ କରିଛନ୍ତି। ଶଟ୍‌ଡାଉନ ହେଉ କି ଲକ୍‌ଡାଉନ ହେଉ ୯୦ ପ୍ରତିଶତ ସଫଳତାରେ ଆମେ ଚଳିପାରିବା ନାହିଁ ବା ଆମ ବିପଦ ଘୁଞ୍ଚିବ ନାହିଁ। ତେଣୁ ଆମକୁ ଶତ ପ୍ରତିଶତ ସଫଳତା ହିଁ ଆଣିବାକୁ ପଡ଼ିବ ବୋଲି ବାଗ୍‌ଚୀ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

# ନିୟମ ଉଲ୍ଲଂଘନକାରୀଙ୍କୁ ଜଳଖିଆ ମନା

**ଭୁବନେଶ୍ୱର,୨୪।୪ (ବ୍ୟୁରୋ)**

**ରାଜଧାନୀରେ ମିଳିଲା ବରା,ଚପ୍ ଓ ସିଙ୍ଗଡ଼ା**

କୋଭିଡ-୧୯ ପାଇଁ ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ ରହିଛି। କେବଳ ପାର୍ସଲ ନେବା ପାଇଁ କିଛି ହୋଟେଲ ଖୋଲା ରହିଛି। ରାଜଧାନୀର ଶହୀଦ ନଗର ସ୍ଥିତ ନିୟୁ ବିଦ୍ୟା ଗାଙ୍ଗୁରାମରେ ସମସ୍ତ ନିୟମକୁ ଶୃଙ୍ଖଳିତ ଭାବେ ପାଳନ କରାଯାଇ ବିଭିନ୍ନ ପ୍ରକାର ମିଠା, ବରା, ଆଳୁଚପ, ସିଙ୍ଗଡା, ପନିର୍ ଚପ୍, କଚୁଡି ଆଦି ବିକ୍ରି କରାଯାଉଛି। ଯେଉଁମାନେ ଗାଡ଼ି ଧରି ଦୋକାନକୁ ଆସି,ସାମାଜିକ ଦୂରତା ରକ୍ଷା ବା ମାସ୍କ ପିନ୍ଧୁନାହାନ୍ତି, ସେମାନଙ୍କୁ ଜଳଖିଆ ଦିଆଯାଉନି। ଯେଉଁ ଗ୍ରାହକମାନେ ବିଏମସି ଓ କମିଶନରେଟ ପୋଲିସର ସମସ୍ତ ନିୟମକୁ ପାଳନ କରୁଛନ୍ତି ସେମାନଙ୍କୁ ପାର୍ସଲ ଯୋଗେ ଯୋଗାଇ ଦିଆଯାଉଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଦୋକାନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ କୋଭିଡ-୧୯ ରାପିଡ ଆଣ୍ଟି ବଡି ଟେଷ୍ଟ କରାଯାଇଛି। ଗ୍ରାହକଙ୍କଠାରୁ ଟଙ୍କା ଗ୍ରହଣ ବା ଫେରସ୍ତ ପରେ ସାନିଟାଇଜର ଏବଂ ହ୍ୟାଣ୍ଡୱାଶ ବ୍ୟବହାର କରିବାକୁ ଦିଆଯାଉଛି।



ଶହୀଦନଗରସ୍ଥିତ ଜଳଖିଆ ଦୋକାନ।

# ବନ୍ୟପ୍ରାଣୀଙ୍କୁ ଖାଦ୍ୟ ବଣ୍ଟନ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**



- ଖାଦ୍ୟ ଦେଇ ଭିକାରୀ ସଜାନ୍ତୁ ନାହିଁ: ପିସିସିଏଫ୍
- ଲକ୍‌ଡାଉନ୍ ପରେ ନ ପାଇଲେ ଆକ୍ରମଣ କରିବେ
- ଅଭ୍ୟାସ ନ ବଦଳାଇବାକୁ ବିଶେଷଜ୍ଞଙ୍କ ପରାମର୍ଶ

ଲକ୍‌ଡାଉନ୍ ଜାରି ରହିଥିବାବେଳେ ବହୁ ବ୍ୟକ୍ତି ବିଶେଷ ଓ ସଂଗଠନ ଭୋକରେ ଥିବା ବୁଲା ଗୋରୁଗାଈ, କୁକୁର ଆଦିଙ୍କୁ ଖାଦ୍ୟ ବାଣ୍ଟୁଛନ୍ତି। ସରକାର ମଧ୍ୟ ଏମାନଙ୍କ ପାଇଁ ୯୦ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। କାରଣ ଏସବୁ ପ୍ରାଣୀ ମଣିଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ବିଶେଷକରି ଏମାନେ ରାସ୍ତା କଡ଼ ଜଳଖିଆ ଦୋକାନ, ଡାବା, ହୋଟେଲ, ଦୋକାନ ବୁଲି ଭୋକ ଶୋଷ ମେଣ୍ଟାଇଥାନ୍ତି। ହେଲେ ଗୃହପାଳିତ ପଶୁ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ବହୁ ପାର୍ଥକ୍ୟ ରହିଛି। ଏହି ପାର୍ଥକ୍ୟକୁ କିଛି ବ୍ୟକ୍ତି ଓ ସଂସ୍ଥା ବୁଝି ନ ପାରି ମାଙ୍କଡ଼ ଓ ଜଙ୍ଗଲୀ ଜନ୍ତୁଙ୍କୁ ସେଓ, କଦଳି ଆଦି ଖାଇବାକୁ ଦେଉଛନ୍ତି। ଏହା ବନ୍ୟପ୍ରାଣୀଙ୍କ ପ୍ରକୃତିର ପରିପନ୍ଥୀ। ଯଦି ଏମାନଙ୍କ ଖାଦ୍ୟାଭ୍ୟାସ ବଦଳିଯିବ ତେବେ ଲକ୍‌ଡାଉନ୍ ପରେ କିମ୍ବା ଭବିଷ୍ୟତରେ ଏମାନେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବେ। ଏହି ଘଟଣାକୁ ପିସିସିଏଫ୍ (ୱାଇଲ୍ଡଲାଇଫ୍) ତଥା ମୁଖ୍ୟ ବନ୍ୟପାଣୀ ତତ୍ତ୍ୱାବଧାରକ ସନ୍ଦୀପ ତ୍ରିପାଠୀ ଗୁରୁତ୍ୱର ସହ ନେଇଛନ୍ତି। ବନ୍ୟପ୍ରାଣୀମାନଙ୍କୁ ଖାଇବାକୁ ଦେଇ ଭିକାରୀରେ ପରିଣତ ନ କରିବାକୁ ସେ ନିଜ ଫେସ୍‌ବୁକ୍ ଆକାଉଣ୍ଟରୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ବନ୍ୟପ୍ରାଣୀମାନେ ନିଜେ ନିଜର ଯତ୍ନ ନେଇପାରିବେ। ଲକ୍‌ଡାଉନ ପୂର୍ବରୁ ସେମାନେ କୌଣସି ସୁପର ମାର୍କେଟରୁ ତାଙ୍କର ଖାଦ୍ୟ ସଂଗ୍ରହ କରୁ ନ ଥିଲେ ବୋଲି ପିସିସିଏଫ୍ କହିଛନ୍ତି।

ଅନ୍ୟପଟେ ବନ୍ୟପ୍ରାଣୀଙ୍କୁ ଖାଦ୍ୟ ବଣ୍ଟନକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମଧ୍ୟ ବିରୋଧାଭାଷ ପ୍ରକାଶ କରିଛନ୍ତି। ବନ୍ୟପ୍ରାଣୀ ବିଶେଷଜ୍ଞ ଆଦିତ୍ୟ ପଣ୍ଡା କହିଛନ୍ତି, ମାଙ୍କଡ଼ ବା ଅନ୍ୟ କେଉଁ ବି ବନ୍ୟପ୍ରାଣୀଙ୍କୁ ଖାଇବାକୁ ଦେବା ପ୍ରଥମତଃ ବନ୍ୟପ୍ରାଣୀ ସଂରକ୍ଷଣ ଆଇନର ଉଲ୍ଲଂଘନ। ତା' ପରେ ମାଙ୍କଡ଼ଙ୍କୁ ଯେଉଁ ଖାଦ୍ୟସବୁ ଦିଆଯାଉଛି, ସେଗୁଡ଼ା ତା'ର ପ୍ରାକୃତିକ ଖାଦ୍ୟ ନୁହେଁ। ତେଣୁ ତାଙ୍କର ଦେହ ଖରାପ ହେବା ସ୍ୱାଭାବିକ। ସବୁଠାରୁ ବଡ଼ କଥା ହେଲା ମାଙ୍କଡ଼ମାନଙ୍କର ବ୍ୟବହାର। ମାଙ୍କଡ଼ ସମାଜରେ ସବୁଠାରୁ ତଳିଆ ସ୍ତରର ମାଙ୍କଡ଼ ଖାଦ୍ୟ ଆଣି ସବଳମାନଙ୍କୁ ଦେଇଥାନ୍ତି। ମଣିଷ ତାଙ୍କୁ ଯେଉଁ ଖାଦ୍ୟ ଦେବାରେ ଲାଗିଛି, ମାଙ୍କଡ଼ମାନେ ସ୍ୱାଭାବିକ ଭାବରେ ମଣିଷକୁ ନିଜଠାରୁ ନୀଚ ସ୍ତରରେ ଭାବିବ ହିଁ ଭାବିବ। ଲକ୍‌ଡାଉନ ସିନା ଉଠିଯିବ। କିନ୍ତୁ ସେତେବେଳକୁ ମାଙ୍କଡ଼ଙ୍କ ସ୍ୱଭାବ ବଦଳି ଯାଇଥିବ। ସେମାନେ ମଣିଷକୁ ସେଓ, କଦଳି, କେକ୍ ଭଳି ଖାଦ୍ୟ ମାଗିବା ଅଭ୍ୟାସ ହୋଇଯାଇଥିବ। ଆଉ ନ ପାଇଲେ ଆକ୍ରମଣ ମଧ୍ୟ କରିବାକୁ ପଛେଇବେନି।

ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ମାଙ୍କଡ଼ ବା ମୟୂର କୋଣସି ବି ବନ୍ୟପ୍ରାଣୀଙ୍କୁ ମଣିଷର ଖାଦ୍ୟ ଖାଇବାକୁ ଦେବା ଉଚିତ୍ ନୁହେଁ। ମଣିଷ ଆଉ ବନ୍ୟପ୍ରାଣୀ ସଂଘର୍ଷ ମୁକାବିଲାରେ ଏହା ନିହାତି ଅନ୍ତରାୟ ସୃଷ୍ଟି କରିବ। ଆଜି ବିନା ପରିଶ୍ରମରେ ଖାଦ୍ୟ ପାଇଲେ ତାଙ୍କ ସ୍ୱଭାବରେ ପରିବର୍ତ୍ତନ ଆସିବ। ଭବିଷ୍ୟତରେ ଏପରି ମାଗଣା ଖାଦ୍ୟ ପାଇଁ ନିଶ୍ଚୟ ସଂଘର୍ଷ ହେବ। ଜଙ୍ଗଲରେ ହାତୀକୁ ଖାଦ୍ୟ ମିଳୁନାହିଁ ବୋଲି ଆମେ କ'ଣ ହାତୀଙ୍କ ପାଇଁ ଖାଦ୍ୟ ବଣ୍ଟନ କରିବା ବୋଲି ଶୁଭେନ୍ଦୁ ପ୍ରଶ୍ନ କରିଛନ୍ତି।

**ସଂକ୍ଷେପରେ**

## ଡାକ୍ତରଙ୍କୁ ଦୁର୍ବ୍ୟବହାର: ସରପଞ୍ଚ ଗିରଫ

**ନିଶ୍ଚିନ୍ତକୋଇଲି,୨୪।୪(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନଗସପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ନଗସପୁର ସରପଞ୍ଚ ସୁଧାଂଶୁ ଶେଖର ଭୂୟାଁଙ୍କୁ ନେମାଳ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅଭିଯୋଗ ଅନୁସାରେ, ଗୁରୁବାର ପୂର୍ବାହ୍ନରେ ନଗସପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ଅଜନ୍ତା ମହାନ୍ତି ରୋଗୀ ଦେଖୁଥିଲେ। ଏହି ସମୟରେ ସରପଞ୍ଚ ଭୂୟାଁ ତାଙ୍କ ପାଖକୁ ଯାଇ କରୋନା ମୁକାବିଲା ନେଇ ଆଶାକର୍ମୀଙ୍କ ଏକ ବୈଠକ କରିବାକୁ କହିଥିଲେ। ମାତ୍ର ଡାକ୍ତର ରୋଗୀ ଦେଖୁଥିବାରୁ ପରେ ବୈଠକ ପାଇଁ ମତ ଦେଇଥିଲେ। ମାତ୍ର ସରପଞ୍ଚ ଏଥିରେ ରାଗିଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ସେଠାରେ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏନେଇ ଡା. ମହାନ୍ତି ନିଶ୍ଚିନ୍ତକୋଇଲି ମେଡିକାଲ ଅଫିସରଙ୍କୁ ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ମେଡିକାଲ ଅଫିସର ଅମିତ ଜେନା ଏନେଇ ନେମାଳ ଥାନାରେ ଜଣାଇଥିଲେ। ନେମାଳ ଥାନା ଅଧିକାରୀ ନୀହାର ମହାନ୍ତି ଏକ ମାମଲା (ନଂ-୪୭/୨୦)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ଭୂୟାଁ କହିଛନ୍ତି, ତାଙ୍କ ନାମରେ ହୋଇଥିବା ଅଭିଯୋଗ ଭିତ୍ତିହୀନ।

## ଆମ୍ବୁଲାନ୍ସରେ ପାସେଞ୍ଜର ବୋହି ଅଡୁଆରେ ଚାଳକ

**ପାଟଣା, ୨୪।୪(ସ୍ୱ.ପ୍ର.):** ସାରାଦେଶ କରୋନା ପାଇଁ ଲକ୍‌ଡାଉନ ଥିବା ବେଳେ କେତେକ ଲୋକ ଗଳାବାଟ ଦେଇ ଆଇନ ଉଲ୍ଲଂଘନ କରିବାକୁ ପଛାଉନାହାନ୍ତି। କେନ୍ଦୁଝର ଜିଲା ପାଟଣା ଥାନା ଉଦୟପୁର ଗ୍ରାମର ଜଣେ ଘରୋଇ ଆମ୍ବୁଲାନ୍ସ ଚାଳକ ଗୁରୁବାର ସନ୍ଧ୍ୟାରେ ଲକ୍‌ଡାଉନକୁ ଉଲ୍ଲଂଘନ କରି ଯାଜପୁର ଜିଲା ମଙ୍ଗଳପୁର ଥାନା ଜୟନ୍ତିରା ଗ୍ରାମରୁ ୩ଜଣ ପାସେଞ୍ଜରଙ୍କୁ ନିଜ ଗାଁକୁ ଆଣିଥିବା ସୂଚନା ମିଳିଛି। ପାଟଣା ପୋଲିସ ମାମଲା (ନଂ. ୭୧/୨୦ ) ରୁଜୁ କରି ତଦନ୍ତ ଜାରି ରଖିଛି। ଶୁକ୍ରବାର କେନ୍ଦୁଝର ଟାଉନ ଥାନା ଅଞ୍ଚଳରୁ ପାଟଣା ପୋଲିସ ଆମ୍ବୁଲାନ୍ସ ଜବତ କରିଛି। ପାସେଞ୍ଜରଙ୍କୁ ଉଦୟପୁର ଆଣିବା ପାଇଁ ଉକ୍ତ ଚାଳକ ୫ ହଜାର ଟଙ୍କା ନେଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଆମ୍ବୁଲାନ୍ସ ଚାଳକଙ୍କୁ ନୋଟିସ ଦେଇ ପୋଲିସ ଛାଡି ଦେଇଛି।

## ସରକାରୀ ସହାୟତା ପ୍ରଦାନକୁ ଗୁରୁତ୍ୱ

**କଟକ ଅଫିସ୍,୨୪।୪:** କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ନିମନ୍ତେ ପଦକ୍ଷେପ ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ପ୍ରତିଦିନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି। ବିଶେଷକରି ଚିକିତ୍ସାସେବା, ସରକାରୀ ସହାୟତା, ସାମାଜିକ ଦୂରତା ଅବଲମ୍ବନ ଦିଗରେ ନିଆଯାଉଥିବା ପଦକ୍ଷେପକୁ ବ୍ୟାପକ କରାଯାଉଛି। ପଞ୍ଚାୟତଗୁଡ଼ିକରେ ୩୮୮ଟି ଏବଂ ପୌରାଞ୍ଚଳରେ ୧୯ଟି ଆସ୍ଥାୟୀ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ଏଥି ସହିତ ସାଧାରଣ ଲୋକଙ୍କ ଠାରେ ଯଦି କାଶ, ଥଣ୍ଡା, ଛିଙ୍କ, ନିଶ୍ୱାସ ପ୍ରଶ୍ୱାସ ଜନିତ ସମସ୍ୟା ଆଦିର ଲକ୍ଷଣ ଦେଖାଦିଏ, ସେମାନଙ୍କୁ ତୁରନ୍ତ ୧୦ଟି ଘରୋଇ ଚିକିତ୍ସା କେନ୍ଦ୍ର ଏବଂ କ୍ଲିନିକରେ ଚିକିତ୍ସା ପାଇଁ ସ୍ଥିର କରାଯାଇଛି । ଖାଦ୍ୟ ସୁରକ୍ଷା ଯୋଜନାରେ ୧୬ ଲକ୍ଷ ୧୨ ହଜାର ୬୨ ହିତାଧିକାରୀଙ୍କୁ ୨ଲକ୍ଷ ୫୮ ହଜାର ୯୩୬ କୁଇଣ୍ଟାଲ ଚାଉଳ ବଣ୍ଟାଯାଇଛି। ୧୭୦ଟି ପଞ୍ଚାୟତ ଏବଂ ୪ଟି ପୌରାଞ୍ଚଳରେ ଯଥାକ୍ରମେ ୩ ଲକ୍ଷ ୫୬ ହଜାର ୧୫୫ ଏବଂ ୧ ଲକ୍ଷ ୨୭ ହଜାର ୯୪୭ ଜଣଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଛି । ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୨ ଲକ୍ଷ ୬୬ ହଜାର ୩୧୭ ଜଣଙ୍କୁ ୫୭ କୋଟି ୩୬ ଲକ୍ଷ ୧୪ ହଜାର ୭ଶହ ଟଙ୍କାର ଭତ୍ତା ଦିଆଯାଇଛି। ଶୁକ୍ରବାର ସୁଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରୁ ୧ ଲକ୍ଷ ୧୭ ହଜାର ୪୪୬ଜଣ ନିର୍ମାଣ ଶ୍ରମିକଙ୍କୁ ୧୫ଶହ ଟଙ୍କା ଲେଖାଏ ଏବଂ ୨୬୮୨ଜଣ ରାସ୍ତାକଡ଼ ଉଠାଦୋକାନୀଙ୍କୁ ୩ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ସହାୟତା କୁପନ ସମସ୍ତ ୧ଲକ୍ଷ ୮୩ ହଜାର ୬୯୩ ଜଣ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

# କରୋନା ସ୍ଥିତି ପରଖିଲେ ସଚିବ

**ଯାଜପୁର ଅଫିସ,୨୪।୪**


ସଚିବ ମେହେର୍ଦ୍ଦା କ୍ୱାରାଣ୍ଟାଇନ ସେଣ୍ଟର ପରିଦର୍ଶନ କରୁଛନ୍ତି।

- କ୍ୱାରାଣ୍ଟାଇନ କେନ୍ଦ୍ର ଉପରେ ଗୁରୁତ୍ୱାରୋପ
- ନିୟମିତ ମନିଟରିଂ କରିବାକୁ ପରାମର୍ଶ
- ତଳସ୍ତରରୁ କାର୍ଯ୍ୟ କରିବାକୁ ଯୋଜନା ପ୍ରସ୍ତୁତି
- ଜଣେ ଅଧିକାରୀଙ୍କୁ ଏକାଧିକ ଦାୟିତ୍ୱ ଦିଆ ନ ଯାଉ

ପଶ୍ଚିମବଙ୍ଗ ଫେରନ୍ତା ଶ୍ରମିକଙ୍କ ଯୋଗୁ ରାଜ୍ୟର ଉତ୍ତର ଓଡ଼ିଶାରେ କରୋନା ସ୍ଥିତି ଜଟିଳ ହେବାରେ ଲାଗିଛି। ଶୁକ୍ରବାର ସୁଦ୍ଧା ଯାଜପୁର ଜିଲାରେ ୧୨ ଜଣଙ୍କ ରିପୋର୍ଟ ପଜିଟିଭ ବାହାରିଛି। ପୂର୍ବରୁ କ୍ୱାରାଣ୍ଟାଇନ କେନ୍ଦ୍ରଗୁଡିକର ପରିଚାଳନାରେ ତତ୍ପରତା ତଥା ଅଧିକ ଗୁରୁତ୍ୱ ଦେଇ ନ ଥିବାରୁ ଆଗକୁ ଆହୁରି ସଂକ୍ରମଣ ବ୍ୟାପିବା ସମ୍ଭାବନା ଥିବା ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ଜିଲାରେ ଏଯାବତ୍ ଜିଲାରେ ୩୩୬ଟି କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲାଯାଇଛି। ଅନେକ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହେଉଛି। ତେଣୁ ସଂକ୍ରମଣକୁ ରୋକିବା ଲାଗି ଯାଜପୁର ଜିଲା ପାଇଁ ମନିଟରିଂ ଅଫିସରଭାବେ ନିଯୁକ୍ତ ରାଜ୍ୟପାଳଙ୍କ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ସମସ୍ତ କ୍ୱାରାଣ୍ଟାଇନ କେନ୍ଦ୍ରର ମୌଳିକ ସୁବିଧାଗୁଡିକୁ ସୁନିଶ୍ଚିତ କରିବା ସହ ଏକ ଡାଟାବେସ୍ ପ୍ରସ୍ତୁତ ପାଇଁ ପରାମର୍ଶ ଦେଇଛନ୍ତି। ଗୁରୁବାର ସ୍ଥାନୀୟ ସର୍କିଟ ହାଉସଠାରେ ପହଞ୍ଚି ସଚିବ ମେହେର୍ଦ୍ଦା ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ କରୋନାର ସାମ୍ପ୍ରତିକ ସ୍ଥିତି, ନିଆଯାଇଥିବା ପଦକ୍ଷେପ, ଭବିଷ୍ୟତ ପାଇଁ ପ୍ରସ୍ତୁତ କାର୍ଯ୍ୟସୂଚୀ ସମ୍ପର୍କରେ ଡା. ମେହେର୍ଦ୍ଦା ସମୀକ୍ଷା କରିବା ସହ ମାଇକ୍ରୋ ଲେବେଲ୍ ପ୍ଲାନିଂ ବା ତଳସ୍ତରରୁ କାର୍ଯ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ କ୍ୱାରାଣ୍ଟାଇନ ସେଣ୍ଟରର ଠିକଣା, ଦାୟିତ୍ୱରେ ଥିବା ଅଧିକାରୀଙ୍କ ନାମ, ଯୋଗାଯୋଗ ନମ୍ବର, କେନ୍ଦ୍ରରେ କେତେଜଣ ଲୋକଙ୍କୁ ରଖାଯିବ, କେତେଜଣ ରହିଛନ୍ତି, ସେମାନଙ୍କ ପାଇଁ ଖାଦ୍ୟ, ପାନୀୟ, ଶୌଚ ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଇତ୍ୟାଦିର ଡାଟାବେସ କରାଯାଇଛି। ଏହାକୁ ନିୟମିତ ମନିଟରିଂ କରାଯିବାକୁ ସେ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଯେହେତୁ ସମସ୍ତ ଅଧିକାରୀ ବା କର୍ମଚାରୀ ଜିଲାପାଳଙ୍କ ଅଧୀନରେ କାର୍ଯ୍ୟରତ ; ତେଣୁ ଜଣେ ଅଧିକାରୀ ବା କର୍ମଚାରୀଙ୍କୁ ଏକାଧିକ ଦାୟିତ୍ୱ ଦିଆ ନ ଯାଉ। ଅନେକ ଅଫିସ ଲକଡାଉନ ଯୋଗୁ ବନ୍ଦ ପଡିଥିବାରୁ ସେଠାରୁ ମଧ୍ୟ କର୍ମଚାରୀଙ୍କୁ ଆଣି କାର୍ଯ୍ୟରେ ଲଗାଇବାକୁ ସେ ପରାମର୍ଶ ଦେଇଥିଲେ। ଏହାସହ କରୋନା ସମ୍ପର୍କିତ ମାର୍ଗଦର୍ଶିକା ଆଧାରରେ କାର୍ଯ୍ୟ ପରିଚାଳନା ବିଶେଷ କରି ରୋଗୀସେବା, ସନ୍ଦିଗ୍ଧଙ୍କଠାରୁ ସ୍ୱାବ ସଂଗ୍ରହବେଳେ ସତର୍କତା, କ୍ୱାରାଣ୍ଟାଇନରେ ଥିବାବେଳେ ସେମାନଙ୍କ ଚିକିତ୍ସା ଇତ୍ୟାଦିକୁ ପରିଚାଳନା ପାଇଁ ସଚିବ ମେହେର୍ଦ୍ଦା ପରାମର୍ଶ ଦେଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ସଚିବ ମେହେର୍ଦ୍ଦା ଡୁବୁରୀସ୍ଥିତ କଳିଙ୍ଗନଗର କୋଭିଡ ହସପିଟାଲକୁ ପରିଦର୍ଶନ କରିବା ସହ ସେଠାକର ସୁପରିଟେଣ୍ଡେଣ୍ଟ ଡା. ସୁଧାଂଶୁଶେଖର ସୂତାରଙ୍କ ସହ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଏନ୍‌ସି କଲେଜସ୍ଥିତ କୋଭିଡ କେୟାର ସେଣ୍ଟରରେ ରହୁଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା କରି ସାରି ତ୍ରିଲୋଚନପୁର କଣ୍ଟେନମେଣ୍ଟ ଜୋନ ଅନୁଧ୍ୟାନ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲାପାଳ କାର୍ଯ୍ୟାଳୟର କଣ୍ଟ୍ରୋଲରୁମକୁ ପରିଦର୍ଶନ ଓ ଅନୁଧ୍ୟାନ କରିଥିଲେ। ଏହି ସମୀକ୍ଷା ଓ ଗସ୍ତ ସମୟରେ ଜିଲାପାଳ ରଞ୍ଜନ କୁମାର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଯାଜପୁର ଅତିରିକ୍ତ ଜିଲାପାଳ ମିହିରପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ସିଡିଏମଓ ସୁଧାଂଶୁଶେଖର ବଳ, ପାର୍ଥସାରଥି ମିଶ୍ର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମହମ୍ମଦ ରଫିକ୍ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି

**କଟକ ଅଫିସ୍,୨୪।୪**


ମହମ୍ମଦ ରଫିକ୍

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ମହମ୍ମଦ ରଫିକ୍‌ଙ୍କୁ ନିଯୁକ୍ତି ମିଳିଛି। ଏନେଇ ଆଇନ ମନ୍ତ୍ରଣାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସହ ଆଲୋଚନା ପରେ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିବା ଜଷ୍ଟିସ୍ ରଫିକଙ୍କ ବଦଳି ଓ ନୂଆ ନିଯୁକ୍ତି ଉପରେ ରାଷ୍ଟ୍ରପତି ମୋହର ମାରିଛନ୍ତି। ଗତ ୧୮ତାରିଖରେ ସୁପ୍ରିମ୍‌କୋର୍ଟର କଲେଜିୟମ୍ ଜଷ୍ଟିସ୍ ରଫିକ୍‌ଙ୍କ ନାମକୁ ସୁପାରିସ କରିଥିଲେ। ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍.ଝାବେରିଙ୍କ ଅବସର ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ଜଷ୍ଟିସ୍ କୁମାରୀ ସଞ୍ଜୁ ପଣ୍ଡା ଜାନୁୟାରୀ ୪ ତାରିଖଠାରୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଦାୟିତ୍ୱ ତୁଲାଉଥିଲେ।

ଜଷ୍ଟିସ୍ ରଫିକ୍ ୧୯୬୦ ମେ' ୨୫ରେ ରାଜସ୍ଥାନର ଚୁରୁ ଜିଲାର ସୁଜଙ୍ଗରରେ ଜନ୍ମଗ୍ରହଣ କରିଥିଲେ। ୧୯୮୪ ଜୁଲାଇରେ ଆଇନ୍‌ଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିବାବେଳେ ୧୯୮୬ ରୁ ୧୯୮୭ ପର୍ଯ୍ୟନ୍ତ ରାଜସ୍ଥାନ ହାଇକୋର୍ଟରେ ସହକାରୀ ସରକାରୀ ଆଇନ୍‌ଜୀବୀ ଭାବେ କାର୍ଯ୍ୟ କରିଥିଲେ। ୧୯୮୭ ରୁ ୧୯୯୦ ପର୍ଯ୍ୟନ୍ତ ଡେପୁଟି ସରକାରୀ ଆଇନଜୀବୀ ରହିବା ସହ ୧୯୯୨ ରୁ ୨୦୦୧ ପର୍ଯ୍ୟନ୍ତ ସେ ରାଜସ୍ଥାନ ହାଇକୋର୍ଟରେ ଷ୍ଟାଣ୍ଡିଂ କାଉନ୍‌ସିଲ୍ ଭାବେ ପ୍ରତିନିଧିତ୍ୱ କରିଥିଲେ। ୧୯୯୯ରୁ ୨୦୦୬ ପର୍ଯ୍ୟନ୍ତ ଅତିରିକ୍ତ ଆଡ୍‌ଭୋକେଟ ଜେନେରାଲ ଓ ୨୦୦୬ ମେ'ରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ସେ ଦୁଇଥର ରାଜସ୍ଥାନ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଏହାପରେ ଜଷ୍ଟିସ ରଫିକ ୧୩ ନଭେମ୍ବର ୨୦୧୯ରେ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# ଯାଜପୁର ଜିଲାରେ ଶଟ୍‌ଡାଉନ ସଫଳ


ଯାଜପୁର ରୋଡ ସହର ଜନଶୂନ୍ୟ ହୋଇପଡ଼ିଛି।

- ଜନଶୂନ୍ୟ ସହର, ବଜାର
- ଏଡିଜି ପ୍ରିୟଦର୍ଶୀ, ଡିଆଇଜି ସିଂଙ୍କ ଶଟଡାଉନ ସମୀକ୍ଷା
- ବହିରାଗତଙ୍କ ପାଇଁ ଖୋଲିଲା ଅନଲାଇନ ପଞ୍ଜୀକରଣ

**ଯାଜପୁର ଅଫିସ,୨୪।୪:** ରାଜ୍ୟର ବିଶେଷକରି ଉତ୍ତର ଓଡିଶାରେ କରୋନା ଭୂତାଣୁ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାର ମୁକାବିଲା କରିବାକୁ ଭୁବନେଶ୍ୱର ପରେ ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲାକୁ ୬୦ ଘଣ୍ଟିଆ ସମ୍ପୂର୍ଣ୍ଣ ସଟଡାଉନ କରାଯାଇଛି। ଏହିକ୍ରମରେ ଯାଜପୁର ଜିଲାର ସଦର ମହକୁମା ସହ ଯାଜପୁରରୋଡ ସହର, ପାଣିକୋଇଲି, ଚଣ୍ଡିଖୋଲ, ବିଞ୍ଝାରପୁର, ବରୀ, ଧର୍ମଶାଳା ପ୍ରଭୃତି ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ଜନଶୂନ୍ୟ ରହିଥିଲା। ଡାକ୍ତରଖାନା, କେତେକ ଔଷଧ ଦୋକାନ, ପୋଲିସ, ଅଗ୍ନିଶମ ବ୍ୟବସ୍ଥା ଓ ଆମ୍ବୁଲାନ୍ସ ସେବା, କେତେକ ପେଟ୍ରୋଲ ପମ୍ପ, ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ ଗାଡ଼ି, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅନୁଷ୍ଠାନ ବ୍ୟତୀତ ଅନ୍ୟ ସବୁ ବନ୍ଦ ରହିଥିଲା। ଏହି ଅବସରରେ ଏଡିଜି ଏସ.କେ. ପ୍ରିୟଦର୍ଶୀ ଓ ଡିଆଇଜି ଆଶିଷ କୁମାର ସିଂ ଯାଜପୁର ଜିଲା ଗସ୍ତ କରି ଶଟଡାଉନ ଓ କଣ୍ଟେନମେଣ୍ଟ ଜୋନଗୁଡିକ ଅଞ୍ଚଳ ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ଜିଲାସାରା ଲୋକ ସ୍ୱତଃପ୍ରବୃତ୍ତ ଭାବେ ଶଟଡାଉନ ନିର୍ଦ୍ଦେଶକୁ ମାନି ଚଳିଥିବା ଦେଖାଯାଇଥିଲା। ଏହାବାଦ ବହିରାଗତଙ୍କ ପାଇଁ ପଞ୍ଜିକରଣ ସକାଶେ ଅନଲାଇନ ପଞ୍ଜିକରଣ କାର୍ଯ୍ୟ ଶୁକ୍ରବାର ଆରମ୍ଭ ହୋଇଛି। କୋଭିଡ୧୯.ଓଡିଶା.ଜେଓଭି.ଇନ ଠିକଣାରେ ଯେହେକି ବହିରାଗତ ପଞ୍ଜୀକରଣ କରିପାରିବେ। ତେବେ ପ୍ରଥମ ଦିନରେ କେତେ ପଞ୍ଜୀକରଣ ହୋଇଛି ତାର ଠିକ ବିବରଣୀ ପରଦିନ ଜଣାପଡିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି।

# ସରକାରଙ୍କୁ ଘରୋଇ ବସ୍ ମାଲିକ ସଂଘର ଦାବି

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

- ୬ ମାସ ପାଇଁ ବ୍ୟାଙ୍କ ସୁଧ, ଟିକସ ଛାଡ଼ କର
- ବୀମା ନବୀକରଣ ବୈଧତା ୬ ମାସ ଘୁଞ୍ଚାଅ

ଲକ୍‌ଡାଉନ୍ ଯୋଗୁ ବସ୍ ମାଲିକ କ୍ଷତି ଅସମ୍ଭାଳ ହେଲାଣି। ମାର୍ଚ୍ଚ ୨୪ରୁ ୧୪ ହଜାରରୁ ଊର୍ଦ୍ଧ୍ୱ ଘରୋଇ ବସ୍ ଚଳାଚଳ ବନ୍ଦ ରହିଛି। ଏଥିଯୋଗୁ ଟିକସ, ବୀମା, ଇଏମ୍‌ଆଇ ଏବଂ କର୍ମଚାରୀଙ୍କ ଖର୍ଚ୍ଚ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଆର୍ଥିକ କ୍ଷତିକୁ ନେଇ ବସ୍‌ମାଲିକମାନେ ଏକ ପ୍ରକାର ଅଣନିଃଶ୍ୱାସୀ ହୋଇ ପଡିଲେଣି। ରାଜ୍ୟ ସରକାର ସହାୟତା ପ୍ରଦାନ ନ କଲେ ବସ୍ ଚଳାଇବା କଷ୍ଟକର ହେବ। ଏ ନେଇ ଶୁକ୍ରବାର ମାଲିକ ସଂଘ ପକ୍ଷରୁ ପରିବହନ ସଚିବଙ୍କୁ ପୁଣି ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ବସ୍ ଚଳାଇବା ପାଇଁ ୬ ମାସର ମୋଟର ଭେହିକିଲ୍(ଏମ୍‌ଭି) ଟିକସ ଛାଡ କରିବା, ବୀମା ନବୀକରଣ ଅବଧିକୁ ୬ ମାସ ବୃଦ୍ଧି, ବ୍ୟାଙ୍କ ସୁଧ ୬ ମାସ ପାଇଁ ଛାଡ କରିବାକୁ ସରକାରଙ୍କ ପାଖରେ ଦାବି କରାଯାଇଛି। ଲକ୍‌ଡାଉନ୍ ପରେ ଗାଡି ଚଳାଚଳ ହେବ। ଏଥିପାଇଁ ଆରଟିଓଙ୍କୁ ଲେଖି ଦେବାକୁ ପଡିବ। ଟିକସ ପଇଠ ପରେ ଗାଡି ଚଳାଇବାକୁ ଅନୁମତି ମିଳିବ। ବର୍ତ୍ତମାନ ପରିସ୍ଥିତିରେ ଟିକସ୍ ଦେଇ ଗାଡି ଚଳାଇବା ସମ୍ଭବ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ଟିକସ୍‌କୁ ଯେଉଁ ମାସରେ ବସ୍ ଚାଲିବ ସେ ମାସରେ ଭରଣା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଯଦି ଏପରି କରା ନ ଯିବ ତେବେ ଗାଡି ଚଳାଇବା ସମ୍ଭବ ହେବ ନାହିଁ। ବସ୍ ଚଳାଚଳ କଲେ ମଧ୍ୟ ପୂର୍ବଭଳି ଯାତ୍ରୀ ଯିବା ଆସିବା କରିବେ କି ନାହିଁ ତାହା ଠିକ୍ ନାହିଁ। ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାର ଦାବିଗୁଡିକ ପୂରଣ କରିବା ଦିଗରେ ଦୃଷ୍ଟି ଦେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

# ୨ଗୁଣ ବଢ଼ିବ ମ୍ୟାଲେରିଆ ଜନିତ ମୃତ୍ୟୁ

**ଆଫ୍ରିକାର ଉପସାହାରୀୟ ରାଷ୍ଟ୍ର ହେବ ଅଧିକ ପ୍ରଭାବିତ**

**ନୂଆଦିଲ୍ଲୀ,୨୪।୪(ପିଟି)**

ବିଶ୍ୱବ୍ୟାପୀ କୋଭିଡ-୧୯ ବା କରୋନା ମହାମାରୀ ଭୟଙ୍କର ରୂପ ଧାରଣ କରିଛି। ଏହା ବିଶେଷକରି ଆଫ୍ରିକା ମହାଦେଶର ସବ୍ ସାହାରାନ୍ ବା ଉପସାହାରୀୟ ରାଷ୍ଟ୍ରଗୁଡ଼ିକୁ ବିଶେଷଭାବେ ପ୍ରଭାବିତ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଏଠାରେ କରୋନା ସଂକ୍ରମଣ ସମୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବା ସହ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଏହି ସମୟରେ ଯଦି ଠୋସ୍ ପଦକ୍ଷେପ ଗ୍ରହଣ କରା ନ ଯିବ ତେବେ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ୨ଗୁଣ ମଧ୍ୟ ବୃଦ୍ଧି ପାଇପାରେ ବୋଲି କୁହାଯାଇଛି। ବିଶ୍ୱର ପ୍ରାୟ ୯୫% ମ୍ୟାଲେରିଆ ରୋଗ ଏବଂ ତତ୍‌ଜନିତ ମୃତ୍ୟୁ ଉପସାହାରୀୟ ରାଷ୍ଟ୍ରଗୁଡ଼ିକରେ ଦେଖା ଦେଇଥାଏ। ସେଠାକାର ପ୍ରତିକୂଳ ଜଳବାୟୁ ଯୋଗୁ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଅନ୍ୟସ୍ଥାନ ଅପେକ୍ଷା ଅଧିକ ରହିଥାଏ। ଅପରପକ୍ଷରେ ଅଧିକ ପରିମାଣର ମ୍ୟାଲେରିଆ ଔଷଧ ବ୍ୟବହାର ମୃତ୍ୟୁ ଆଶଙ୍କାକୁ ବଢ଼ାଇ ଥାଏ। ଏହାକୁ ନିୟନ୍ତ୍ରଣ କରା ନ ଗଲେ ୨୦୧୮ର ମୃତ୍ୟୁ ସଂଖ୍ୟାର ଦୁଇଗୁଣ ଟପିଯିବ। ଆଫ୍ରିକାର ଉପସାହାରୀୟ ୪୧ରାଷ୍ଟ୍ରରେ କରୋନା ମହାମାରୀ ସଂକ୍ରମଣ ସମୟରେ ୯ଟି କାରଣ ଯୋଗୁ ମ୍ୟାଲେରିଆ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇଯିବ। ସବୁଠାରୁ ମୁଖ୍ୟ କାରଣ ହେଉଛି ମ୍ୟାଲେରିଆ ନିରାକରଣ ପାଇଁ ବ୍ୟବହାର କରାଯାଉଥିବା ଔଷଧ ଏବଂ ଟିକାକୁ ଏହି ରାଷ୍ଟ୍ରଗୁଡ଼ିକରେ ବାତିଲ କରାଯାଇଛି। ପ୍ରାୟ ୭୫% କମ୍ ଔଷଧ ଯୋଗାଣ ହେଉଛି। ଏଭଳିସ୍ଥିତିରେ ଚିକିତ୍ସା ସୁବିଧା ନ ପାଇ ମୃତ୍ୟୁ ସଂଖ୍ୟା ଅହେତୁକ ବୃଦ୍ଧି ପାଇବ। ୨୦୨୦ରେ ଏହି ରାଷ୍ଟ୍ରଗୁଡ଼ିକରେ ମୃତ୍ୟୁ ସଂଖ୍ୟା ୭.୬୯ଲକ୍ଷରେ ପହଞ୍ଚି ଯାଇପାରେ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି। ୨୦୧୮ରେ ଏଠାରେ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ୪ଲକ୍ଷ ମଧ୍ୟରେ ରହିଥିଲା। ଆଫ୍ରିକାରେ କରୋନାଭାଇରସ୍ ସଂକ୍ରମଣଙ୍କ ସଂଖ୍ୟା ୫୧ପ୍ରତିଶତ ବୃଦ୍ଧି ପାଇଛି। ଏବେ କରୋନାକୁ ପ୍ରତିହତ କରିବାକୁ ଜରୁରିକାଳୀନ ପରିସ୍ଥିତିରେ ଟିକା ପ୍ରସ୍ତୁତ କରାଯାଉଛି। ଆମମାନଙ୍କୁ ସମସ୍ତଙ୍କୁ ଏଭଳି ପରିସ୍ଥିତିରେ ସଜାଗ ରହିବାକୁ ପଡ଼ିବ ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରସ ଆଧାନମ୍ ଘେବ୍ରେୟସସ୍ କହିଛନ୍ତି।

# ତାଣ୍ଡବ ରଚିଲା କାଳବୈଶାଖୀ

**ବାଲେଶ୍ୱର ଅଫିସ/ବାରିପଦା ଅଫିସ/ଠାକୁରମୁଣ୍ଡା/କେନ୍ଦୁଝର/ ବଡବିଲ, ୨୪।୪(ଡି.ଏନ.ଏ./ସ୍ୱ.ପ୍ର.)**

- ଭାଙ୍ଗିଲା ଶତାଧିକ ଗଛ
- ଭୁଶୁଡିଲା ମୋବାଇଲ ଟାୱାର, ଉଡିଲା ଛପର

ଶୁକ୍ରବାର ଅପରାହ୍ନରେ ଉତ୍ତର ଓଡ଼ିଶାରେ କାଳବୈଶାଖୀ ସାଙ୍ଗକୁ ବଜ୍ରପାତ ହୋଇ ଜୀବନହାନି ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି। ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳର ବହୁ ଗଛ ଭାଙ୍ଗିବା ସହ ଘରର ଛପର ଉଡିଯାଇଛି। ବିଦ୍ୟୁତଖୁଣ୍ଟ ଭାଙ୍ଗି ପଡିବା ଯୋଗୁ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଛି। ସହଦେବଖୁଣ୍ଟା ଥାନା ଅଧୀନ ଚାନ୍ଦବାଲିପଡିଆ ନିକଟସ୍ଥ ଏକ କୋଠା ଉପରେ ବସିଥିବା ମୋବାଇଲ ଟାୱାର ଭୁଶୁଡି ପଡିଛି। ଅଗ୍ନିଶମ ବିଭାଗ ପହଞ୍ଚି ଘରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିଛି। କୌଣସି ଜୀବନ ନଷ୍ଟ ହୋଇ ନ ଥିବା ବେଳେ ଉକ୍ତ ଅଞ୍ଚଳରେ ମୋବାଇଲ ନେଟୱାକ୍ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି।

ମୟୂରଭଞ୍ଜ ଜିଲା ବାରିପଦା ସହରରେ ମଧ୍ୟ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। କଚେରୀ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟରେ ମା' ଅମ୍ବିକା ହୋଟେଲ ଉପରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିଥିଲା। ସେଠାରେ କେହି ନ ଥିବାରୁ କାହାର କିଛି କ୍ଷୟକ୍ଷତି ହୋଇନାହିଁ। ଠାକୁରମୁଣ୍ଡା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଲୋକମାନଙ୍କ ଘର ଛପର ଉଡିଯିବା ସହ ଶହ ଶହ ଗଛ ଭାଙ୍ଗିଯାଇଛି। ଜରକ ପଞ୍ଚାୟତର ଘଣ୍ଟିଆଦର, ପାଣପୋଷି, ହାତୀଗୋଡା ପଞ୍ଚାୟତର ଅଖାପଲାଣ, ହାତୀଗୋଡ଼ା ଗ୍ରାମ ଓ ଦିଗଧର ପଞ୍ଚାୟତର ଅନେକ ଲୋକଙ୍କ ଘର ଛପର ପବନରେ ଉଡିଯାଇଛି। ଜରକ ପଞ୍ଚାୟତ ଘଣ୍ଟିଆଦର ଗ୍ରାମର ହୃଷିକେଶ ମହାନ୍ତଙ୍କ ୩ ବଖରା ଆଜବେଷ୍ଟସ ଉଡିଯିବା ସହ ଭିତରେ ଥିବା ଆସବାବପତ୍ର ନଷ୍ଟ ହୋଇଯାଇଛି। ସେହିପରି ଗ୍ରାମର ବିଦ୍ୟାଧର ମହାନ୍ତ, ତ୍ରିଲୋଚନ ମହାନ୍ତ, ବିଜୟ ମହାନ୍ତ, ଉପେନ୍ଦ୍ର ମହାନ୍ତ, କରୁଣାକର ମହାନ୍ତ, ଦୈତାରୀ ମହାନ୍ତ, ଶତ୍ରୁଘ୍ନ ମହାନ୍ତ, ମଙ୍ଗୁଲୁ ମହାନ୍ତ, ଚିନ୍ମୟ ମହାନ୍ତ, ବିଡିଓ ହୋ, ପାଣପୋଷି ଗ୍ରାମର ଗଣେଶ୍ୱର ମହାନ୍ତ, ଉଗ୍ରେସନ ମହାନ୍ତ, ହାତୀଗୋଡ଼ା ପଞ୍ଚାୟତ ହାତୀଗୋଡ଼ା ଗ୍ରାମର ଗାଙ୍ଗୀ ବିରୁଆଙ୍କ ଆଜବେଷ୍ଟସ ଘର ଉପରେ ଗଛ ପଡିଯାଇ ଭାଙ୍ଗି ଯିବା ସହ ଆସବାବପତ୍ର ନଷ୍ଟ ହୋଇଯାଇଛି। ଅଖାପଲାଣ ଗ୍ରାମର ବୁଧୁରାମ ସିଂ ଓ ଦିଗଧର ଗ୍ରାମର ବେଣୁ ନାୟକଙ୍କ ଘର ଛପର ଉଡିଯାଇଛି। କାଳ ବୈଶାଖୀ ପ୍ରଭାବରେ କେନ୍ଦୁଝରରେ ମଧ୍ୟ ବ୍ୟାପକ କ୍ଷତି ହୋଇଛି। ଅନେକ ଅଞ୍ଚଳରେ ଗଛ, ବିଦ୍ୟୁତ ଖୁଣ୍ଟ ଭାଙ୍ଗିପଡିଛି। ଚମ୍ପୁଆ ଓ ଝୁମ୍ପୁରା ଅଞ୍ଚଳରେ ଗଛ ଉପୁଡି ପଡିବା ସହ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଗାଡି, ଘର, ଦୋକାନ ଉପରେ ଗଛ ଡାଳ ପଡି କ୍ଷତିଗ୍ରସ୍ତ ହୋଇଛି। ଚାଷୀ କରିଥିବା ପନିପରିବା ଉପରେ ବର୍ଷା ଓ କୁଆପଥର ମାଡ଼ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼ବିଲରେ ଘଡଘଡି ସାଙ୍ଗକୁ କୁଆପଥର ବର୍ଷା ହୋଇଛି। ପ୍ରବଳ ବେଗରେ ପବନ ବହିବା ଯୋଗୁ ବିଦ୍ୟୁତ ତାର ଛିଣ୍ଡି ବିଦ୍ୟୁତ ବିଚ୍ଛିନ୍ନ ହୋଇଛି।


ଠାକୁରମୁଣ୍ଡା ଅଞ୍ଚଳରେ ଏକ ଘର ଉପରୁ ଉଡ଼ିଯାଇଥିବା ଆଜବେଷ୍ଟସ।



ବାରିପଦା ସହରର ଏକ ହୋଟେଲ ଉପରେ ଗଛ ଭାଙ୍ଗିପଡିଛି।


ବାଲେଶ୍ୱର ଜିଲା ଚାନ୍ଦବାଲିପଡିଆରେ ଏକ କୋଠା ଉପରେ ଭୁଶୁଡି ପଡିଥିବା ମୋବାଇଲ ଟାୱାର।

## ଚୋରକୁ ପିଟି ହତ୍ୟା, ୫ଗିରଫ

**ବାରିପଦା ଅଫିସ/ବେତନଟୀ, ୨୪।୪(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବେତନଟୀ ଥାନା ଦହିକୁଟି ପଞ୍ଚାୟତ ଅନ୍ତର୍ଗତ ଖମାରି ଗ୍ରାମର କେତେକ ଲୋକଙ୍କ ମାଡ଼ରେ ଜଣେ ଚୋରର ମୃତ୍ୟୁ ଘଟିଛି। ଏନେଇ ପୋଲିସ ଏକ ମାମଲା(ନଂ.୯୫/୨୦୨୦) ରୁଜୁ କରି ୫ ଜଣଙ୍କୁ ଗିରଫ କରିଛି। ମୃତକ ହେଲେ କ୍ରିଷ୍ଣା ବେହେରା ଓରଫ(କନ୍ଦା)। ତାଙ୍କ ଘର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ରାଣୀବନ୍ଧ ନିକଟ ଛୁରିଣୀ ଗ୍ରାମରେ। ଗିରଫ ଅଭିଯୁକ୍ତ ଗିରିଶ ଚନ୍ଦ୍ର ପଣ୍ଡା, ଗୁଣନିଧି ମହାନ୍ତ, ଜନ୍ମେଞ୍ଜୟ ମହାନ୍ତ, ବାଇଧର ମହାନ୍ତ ଓ ଇମେଜ ମହାନ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ଅଶୋକ କୁମାର ନାୟକ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତିରେ ମୃତ କ୍ରିଷ୍ଣା ବେତନଟୀ ଥାନା ଖମାରି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଚୋରି କରିବା ପାଇଁ ଯାଇଥିଲେ। ଗ୍ରାମବାସୀ ଧରି ଏକ ଗଛରେ ବାନ୍ଧିନିସ୍ତୁକ ମାଡ଼ମାରି ବେତନଟୀ ପୋଲିସକୁ ଜଣାଇଥିଲେ। ଗୁରୁବାର ସକାଳେ ପୋଲିସ ପହଞ୍ଚି କ୍ରିଷ୍ଣାଙ୍କୁ ଉଦ୍ଧାର କରି ପ୍ରଥମେ ବେତନଟୀ ଓ ପରେ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି କରିଥିଲା। ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ମା' ଶବ ଚିହ୍ନଟ କରିବା ପରେ ପୋଲିସ ବ୍ୟବଚ୍ଛେଦ କରାଇଛି।

# ସୂର୍ଯ୍ୟକିରଣରେ ଶୀଘ୍ର ମରେ କରୋନା ଭୂତାଣୁ

ୱାଶିଂଟନ, ୨୪।୪

କରୋନା ଭାଇରସ୍‌କୁ ନେଇ ବିଭିନ୍ନ ଦେଶରେ ଗବେଷଣା ଜାରି ରହିଛି। ମାତ୍ର ଏହାର ଉପଯୁକ୍ତ ଚିକିତ୍ସା ପଦ୍ଧତି ଏପର୍ଯ୍ୟନ୍ତ ବାହାରି ପାରିନାହିଁ। ଇତିମଧ୍ୟରେ ଏକ ନୂଆ ଗବେଷଣାରୁ ଜଣାପଡ଼ିଛି, ସୂର୍ଯ୍ୟକିରଣ ଦ୍ୱାରା କରୋନା ଭାଇରସ୍ ଶୀଘ୍ର ମରିଯାଏ। ଆମେରିକାର କେତେଜଣ ବିଶେଷଜ୍ଞ ଏହି ନୂତନ ଗବେଷଣା ଆଧାରରେ ଏହା ପ୍ରକାଶ କରିଛନ୍ତି। ଏହି ଗବେଷଣାକୁ ସାର୍ବଜନୀନ କରାଯାଇ ନ ଥିବାବେଳେ ଅଧିକ ପରୀକ୍ଷା ନିରୀକ୍ଷା ଚାଲିଛି। ହୋମ୍‌ଲ୍ୟାଣ୍ଡ ସୁରକ୍ଷା ସଚିବଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପରାମର୍ଶଦାତା ୱିଲିୟମ୍ ବ୍ରାୟନ, ହ୍ୱାଇଟ୍ ହାଉସରେ ଖବରଦାତାଙ୍କୁ ସୂଚନାଦେଇ କହିଛନ୍ତି, ସରକାରୀ ବୈଜ୍ଞାନିକଙ୍କ ଗବେଷଣା ଅନୁଯାୟୀ ସୂର୍ଯ୍ୟଙ୍କ ଅତି ବାଇଗଣି ରଶ୍ମି ଭାଇରସ୍ ଉପରେ ପ୍ରଭାବ ପକାଇଥାଏ। ତେଣୁ ଗ୍ରୀଷ୍ମରେ କରୋନା ଭାଇରସ୍‌ର ପ୍ରଭାବ କମ୍ ରହିବ। ୱିଲିୟମ୍ ବ୍ରାୟନ ଆହୁରି ମଧ୍ୟ କହିଛନ୍ତି, ସୋଲାର ଲାଇଟ୍ ଭଳି ଏହା ଭାଇରସକୁ ମାରିବାର କ୍ଷମତା ରଖିଛି।




ସୂର୍ଯ୍ୟଙ୍କ ଅତି ବାଇଗଣି ରଶ୍ମିରେ ଷ୍ଟେରିଲାଇଜିଂ ପ୍ରଭାବ ରହିଛି। କାରଣ ବିକିରଣ ଭାଇରସ୍‌ର ଜେନେଟିକ୍ ମ୍ୟାଟେରିଆଲ ଓ ତା'ର ଦୁଇଗୁଣା କ୍ଷମତାକୁ ନଷ୍ଟ କରିଦେଇଥାଏ। ମୁଖ୍ୟ ପ୍ରଶ୍ନ ହେଉଛି, ଏହି ଗବେଷଣାରେ ବ୍ୟବହୃତ ବାଇଗଣି ରଶ୍ମିର ତୀବ୍ରତା ଓ ତରଙ୍ଗ କ'ଣ ଏବଂ ଏହା ଗ୍ରୀଷ୍ମ ଋତୁରେ ପ୍ରାକୃତିକ ଆଲୋକ ସ୍ଥିତିକୁ ଠିକ୍ ଭାବେ ଅନୁକରଣ କରେ କି ନାହିଁ। ଟେକ୍ସାସ ଏ ଆଣ୍ଡ ଏମ୍ ୟୁନିଭର୍ସିଟିର ଜୀବ ବିଜ୍ଞାନ ବିଭାଗର ବିଶେଷଜ୍ଞ ବେଞ୍ଜାମିନ ନ୍ୟୁମାନ କହିଛନ୍ତି, ସୂର୍ଯ୍ୟରଶ୍ମି ଦ୍ୱାରା କରୋନା ନିପାତ ହେବାର ପରୀକ୍ଷା କିପରି କରାଯାଇଥିଲା ଓ ଫଳାଫଳ କେଉଁ ଆଧାରରେ ନିର୍ଣ୍ଣୟ କରାଯାଇଥିଲା ତାହା ଜାଣିବା ଉଚିତ। କରୋନା ଭାଇରସ୍‌କୁ ଗଣନା କରିବାର ବିଭିନ୍ନ ଉପାୟ ରହିଛି। କିନ୍ତୁ ଏହାକୁ କେଉଁ ଦିଗରୁ ଅଧ୍ୟୟନ କରାଯାଇଛି ତାହା ଜାଣିବା ଅତି ଜରୁରୀ ବୋଲି ସେ କହିଛନ୍ତି।

ମେରିଲାଣ୍ଡର ନ୍ୟାଶନାଲ ବାୟୋଡିଫେନ୍ସ ଆନାଲିସିସ୍ ଏବଂ କାଉଣ୍ଟମେଜର ସେଣ୍ଟରରେ କରାଯାଇଥିବା ପରୀକ୍ଷଣର ପ୍ରମୁଖ ଫଳାଫଳକୁ ବ୍ରାୟନ୍ ଏକ ସ୍ଲାଇଡ୍ ମାଧ୍ୟମରେ ଦେଖାଇଥିଲେ। ଏହା ଦର୍ଶାଇଥିଲା ଯେ, ୭୦-୭୫ ଡିଗ୍ରୀ ଫାରେନହିଟ୍(୨୧-୨୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା)ରେ ଓ ଏହାସହ ୨୦ ପ୍ରତିଶତ ଆର୍ଦ୍ରତାରେ କରୋନା ଭାଇରସ୍ ୧୮ ଘଣ୍ଟାରେ ନଷ୍ଟ ହୋଇଯାଉଛି। କବାଟର ହ୍ୟାଣ୍ଡେଲ ଓ ଷ୍ଟେନ୍‌ଲେସ ଷ୍ଟିଲ୍ ଉପରେ ମଧ୍ୟ ଏହି ଭୂତାଣୁ ଏତିକି ସମୟ ପର୍ଯ୍ୟନ୍ତ ସକ୍ରିୟ ରୁହେ। ହେଲେ ଆର୍ଦ୍ରତା ୮୦ ପ୍ରତିଶତ ବଢ଼ିଗଲେ ମାତ୍ର ୬ ଘଣ୍ଟାରେ ଅଧା ଭାଇରସ୍ ନଷ୍ଟ ହୋଇଯାଇଥାଏ। ଯେତେବେଳେ ଏହା ସୂର୍ଯ୍ୟକିରଣରେ ରଖାଯାଉଛି ତେବେ ଏହା ନଷ୍ଟ ହେବାକୁ ମାତ୍ର ୨ ମିନିଟ ଲାଗୁଛି। ବ୍ରାୟନ୍ ଆଉ ଏକ ସିଦ୍ଧାନ୍ତରେ ପହଞ୍ଚିଛନ୍ତି ଯେ, ଗ୍ରୀଷ୍ମ ପରିବେଶରେ ସଂକ୍ରମଣ ହ୍ରାସ ହୋଇପାରିବ। ସେ ଆହୁରି ମଧ୍ୟ କହିଛନ୍ତି, ଭାଇରସ୍ ହ୍ରାସ ହେବାର ଅର୍ଥ ନୁହେଁ ଯେ ରୋଗ ସମ୍ପୂର୍ଣ୍ଣ ଭାବେ ବିଲୋପ ହୋଇଗଲା। ତେଣୁ ସାମାଜିକ ଦୂରତା ଭଳି ନିର୍ଦ୍ଦେଶାବଳୀ ସମ୍ପୂର୍ଣ୍ଣ ରୂପେ ଉଠାଯାଇପାରିବ ନାହିଁ। ଯଦି ଆମେ ଭାବିବା ଗ୍ରୀଷ୍ମରେ ଭାଇରସ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ତେବେ ଏହା ଆମର ଦାୟିତ୍ୱହୀନତା ହେବ ବୋଲି ବ୍ରାୟନ୍ କହିଛନ୍ତି।

ପୂର୍ବରୁ ମଧ୍ୟ ଏହା ଦେଖାଯାଇଛି ଯେ, ଗ୍ରୀଷ୍ମ ଓ ଆର୍ଦ୍ରତାରେ ଏହି ଭୂତାଣୁ କମ୍ ବଢୁଥିବା ବେଳେ ଶୀତ ଓ ଶୁଖିଲା ପାଗରେ ଏହା ଅଧିକ ବୃଦ୍ଧି ପାଇଥାଆନ୍ତି। ସେଥିପାଇଁ ଦକ୍ଷିଣ ଗୋଲାର୍ଦ୍ଧ ଦେଶରେ ଏହାର ବିସ୍ତାର ହାର କମ୍ ବୋଲି କୁହାଯାଏ। ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆରେ ୭,୦୦୦ରୁ କମ୍ ସଂକ୍ରମିତ ଥିବା ବେଳେ ୭୭ ଜଣଙ୍କ ମୃତ୍ୟୁ ହୋଇଛି। ଯାହା ଅନେକ ଉତ୍ତର ଗୋଲାର୍ଦ୍ଧ ଦେଶଠାରୁ କମ୍। ଏହାର କାରଣ ହେଲା ଶୀତଦିନେ ରେସ୍ପିରେଟୋରି ଡ୍ରପ୍‌ଲେଟ୍ସ ଅଧିକ ସମୟ ପର୍ଯ୍ୟନ୍ତ ବାୟୁମଣ୍ଡଳରେ ରହିଥାଏ ଏବଂ ଉତ୍ତପ୍ତ ପୃଷ୍ଠରେ ଭାଇରସ୍ ଶୀଘ୍ର ନଷ୍ଟ ହୋଇଥାଏ। କାରଣ ଚର୍ବିର ଏକ ପ୍ରତିରକ୍ଷା ସ୍ତର ଶୀଘ୍ର ଶୁଖିଯାଇଥାଏ।

ଆମେରିକାର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ବିଶ୍ୱାସ କରନ୍ତି ଯେ, ଗ୍ରୀଷ୍ମ ଋତୁରେ କୋଭିଡ୍-୧୯ ରୋଗ ଧୀରେ ହେଲେ ମଧ୍ୟ ଫ୍ଲୁ ପରି ଅନ୍ୟ ଋତୁକାଳୀନ ଭୂତାଣୁଙ୍କ ସଂକ୍ରମଣ ହାର କମ୍ ହୋଇଥାଏ।

## ରନ୍ଧନ ଗ୍ୟାସ୍ ଟାଙ୍କି ଫାଟି ଯୁବକ ଜୀବନ୍ତ ଦଗ୍ଧ

ଅମରପାଲି, ୨୪।୪ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ସାନକିରାସିରା ଗ୍ରାମରେ ଶୁକ୍ରବାର ରୋଷେଇ ବେଳେ ରନ୍ଧନ ଗ୍ୟାସ୍ ଟାଙ୍କି ଫାଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିନୁ ପଧାନ(୨୪)। ସାନକିରାସିରା ଗାଁ ମୁଣ୍ଡରେ ସିନୁ ତାଙ୍କ ମା' ପମି ଓ ବଡଭାଇ ଗୋବର୍ଦ୍ଧନଙ୍କ ସହିତ ଏକାଠି ରହୁଥିଲେ। ମା ଘରେ ନ ଥିବାରୁ ମଧ୍ୟାହ୍ନରେ ସିନୁ ରୋଷେଇ କରୁଥିଲେ। ଏହି ସମୟରେ ଗ୍ୟାସ୍ ଲିକ୍ ହେବାରୁ ନିଆଁ ଲାଗି ଯାଇଥିଲା। ଧୂଆଁ ହୋଇ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଜୋରରେ ଥିଲା ଯେ, ଘରର କାନ୍ଥ ଭାଙ୍ଗିବା ସହ ଆଜବେଷ୍ଟସ୍ ଛପର ଉଡି ଯାଇଥିଲା । ନିଆଁ ଲାଗି ମୃତକଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ବଡଭାଇ ଗୋବର୍ଦ୍ଧନ କୌଣସି ମତେ ଘର ବାହାରକୁ ପଳାଇ ଆସିଥିବାବେଳେ ସିନୁ ଭିତରେ ରହି ଯାଇଥିଲେ। ପ୍ରଚଣ୍ଡ ନିଆଁରେ ସେ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ଖବର ପାଇ ବୀରମହାରାଜପୁର ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୁବଳୟା ପୋଲିସ ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(ନ.୨/୨୦)ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରଦୀପ ପ୍ରଧାନ କହିଛନ୍ତି। ସିନୁ ଗାଁ ମୁଣ୍ଡରେ ଏକ ତେଜରାତି ଦୋକାନ କରିଥିଲେ।


ବିସ୍ଫୋରଣ ଯୋଗୁଁ ଭାଙ୍ଗି ଯାଇଥିବା ଘର ।

## ସଂକ୍ଷେପରେ

### ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ସୁନ୍ଦରଗଡ, ୨୪।୪ (ଡି.ଏନ୍.ଏ.)
ସୁନ୍ଦରଗଡ ଜିଲା ତଳସର ଥାନା ଅନ୍ତର୍ଗତ ପେରୁଆଭାଡି ଜଙ୍ଗଲରୁ ଶୁକ୍ରବାର ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସ୍ଥାନୀୟ ଗ୍ରାମବାସୀ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ତଦନ୍ତ ପରେ ମୃତ ବ୍ୟକ୍ତି ଜଣକ ସବଡେଗା ବ୍ଲକ କୁରୁମକେଲ ପଞ୍ଚାୟତ ଅନ୍ତର୍ଗତ କୁବାପଡାର ଇଗ୍ନେସ କିଣ୍ଡୋ(୫୭)ବୋଲି ଚିହ୍ନଟ କରାଯାଇଥିଲା। ମୃତକଙ୍କ ପରିବାର ସହିତ ଯୋଗାଯୋଗ କରିବା ପରେ ପୋଲିସ ବିଭାଗରେ ଚାକିରି କରୁଥିବା ଇଗ୍ନେଶ କିଛିବର୍ଷ ତଳେ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ଜଣାପଡିଥିଲା। ପାଞ୍ଚଦିନ ତଳେ ହଠାତ୍ ସେ ଘରୁ କୁଆଡେ ନିଖୋଜ ହୋଇ ଯାଇଥିଲେ। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### କାର୍ଡ ନ ଥିବା ଯୋଗ୍ୟ ହିତାଧିକାରୀ ପାଇବେ ରାଶନ

ମାଲକାନଗିରି, ୨୪।୪(ଡି.ଏନ୍.ଏ):
ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା ଯୋଜନାରେ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ମିଳିବ। ଗୁରୁବାର ରାଜ୍ୟ ଖାଉଟି ଯୋଗାଣ ବିଭାଗ ପକ୍ଷରୁ ଏନେଇ ସମସ୍ତ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ପତ୍ର ଦ୍ୱାରା ଅବଗତ କରାଯାଇଛି। ଜିଲାରେ ଅନେକ ଲୋକଙ୍କ ଖାଉଟି କାର୍ଡ ଥିଲେ ମଧ୍ୟ ସଂଶୋଧିତ ତାଲିକା ପ୍ରସ୍ତୁତି ବେଳେ ବାଦ୍ ପଡିଥିଲେ। ସରକାରଙ୍କ ଏହି ନିର୍ଦ୍ଦେଶ ପରେ ବାଦ୍ ପଡିଥିବା ହିତାଧିକାରୀଙ୍କୁ ପୁନର୍ବାର କାର୍ଡ ମିଳିବ। ସେମାନେ ଏହି କାର୍ଡ ଦ୍ୱାରା ଆଗାମୀ ୩ମାସର ଖାଉଟି ସାମଗ୍ରୀ ପାଇପାରିବେ। ଅନ୍ୟପକ୍ଷରେ ଯେଉଁମାନଙ୍କର ଟ୍ରକ୍, କୋଠାଘର, ବ୍ୟବସାୟ ଏବଂ ପରିବାର ଲୋକ ଚାକିରି କରୁଥିଲେ ସେମାନେ ଏଥିରୁ ବାଦ୍ ପଡିବେ ବୋଲି ସହକାରୀ ଯୋଗାଣ ଅଧିକାରୀ ମନୋଜ କୁମାର ପ୍ରଧାନ କହିଛନ୍ତି।

### ୨ ଶିକାରୀ ଗିରଫ

ପାଲଲହଡା, ୨୪।୪(ଡି.ଏନ.ଏ.):
ପାଲଲହଡ଼ା ବନ ବିଭାଗ ୨ ଶିକାରୀଙ୍କୁ ଗିରଫ କରିଛି। ଗୁରୁବାର ଟମ୍ପର ଗ୍ରାମର କେତେଜଣ ଶିକାର ପାଇଁ ଯାଇଥିବା ଖବରପାଇ ଫରେଷ୍ଟର ଭୀମସେନ ଶତପଥୀଙ୍କ ନେତୃତ୍ୱରେ ବନରକ୍ଷୀ ନିରଞ୍ଜନ କେରାଇ ଓ ଅନ୍ୟମାନେ ସେମାନଙ୍କ ପିଛା କରିଥିଲେ। ତେବେ ଶିକାରୀମାନେ ଦୌଡ଼ି ପଳାଇ ଯିବାକୁ ବସିଥିବା ବେଳେ ନାରାୟଣ ହାସଁଦା ଓ ମଙ୍ଗଲ ତୁବିଦ ଧରାପଡିଥିଲେ। ସେମାନଙ୍କ ପାଖରୁ ଧନୁତୀର, ବାରୁଦ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ନଂ. ୧୮/୨୦ରେ ମାମଲା ରୁଜୁ କରାଯାଇଥିବା ଫରେଷ୍ଟର ଭୀମସେନ ଶତପଥୀ ସୂଚନା ଦେଇଛନ୍ତି।

## ଚାନ୍ଦିଲି ପାହାଡ଼ରେ ମାଓବାଦୀ କ୍ୟାମ୍ପ ଠାବ

ବଲାଙ୍ଗୀର ଅଫିସ, ୨୪।୪


ଜବତ ମାଓବାଦୀଙ୍କ ସାମଗ୍ରୀ ସହ ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର।

- ଗୁଳି ସହ ବିଭିନ୍ନ ରନ୍ଧନ ସାମଗ୍ରୀ ଜବତ
- ଗୁଳି ବିନିମୟରେ ମାଓବାଦୀ ଆହତ ହୋଇଥିବା ସନ୍ଦେହ

ବଲାଙ୍ଗୀର ଜିଲା ଲାଠୋର ଥାନା ଅନ୍ତର୍ଗତ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲରେ ଗୁରୁବାର ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏହି ଗୁଳି ବିନିମୟ ପରେ ମାଓବାଦୀ ଦଳ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇଥିଲେ । ପୋଲିସ ମାଓବାଦୀଙ୍କ କ୍ୟାମ୍ପ ଠାବ କରି ସେଠାରୁ ବହୁ ସାମଗ୍ରୀ ଜବତ୍ କରିଥିଲା। ତେବେ ପୋଲିସ ପକ୍ଷରୁ ଶୁକ୍ରବାର ମଧ୍ୟ କୋମ୍ବିଂ ଅପରେଶନ୍ ଜାରି ରହିଛି ଏବଂ ଚାନ୍ଦିଲି ପାହାଡକୁ ପୋଲିସ ଘେରି ରଖିଛି ବୋଲି ବଲାଙ୍ଗୀର ଏସ୍‌ପି ସନ୍ଦୀପ ମାଡକର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ତାଙ୍କ ସୂଚନାନୁସାରେ ଚାନ୍ଦିଲି ପାହାଡ ଅଞ୍ଚଳରେ ବଲାଙ୍ଗୀର-ବରଗଡ-ମହାସମୁନ୍ଦ ଡିଭିଜନର ଏକ ମାଓବାଦୀ ଦଳଙ୍କ ଗତିବିଧି ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ମଙ୍ଗଳବାରଠାରୁ ପୋଲିସ ପକ୍ଷରୁ ସେହି ଅଞ୍ଚଳରେ କୋମ୍ବିଂ ଅପରେଶନ୍ ଆରମ୍ଭ କରାଯାଇଥିଲା । ପୋଲିସର ଦୁଇଟି ସ୍ପେଶାଲ ଅପରେଶନ୍ ଗ୍ରୁପ ପକ୍ଷରୁ କୋମ୍ବିଂ ପରେ ବୁଧବାର ପୂର୍ବାହ୍ନ ୯ଟାରେ ଚାନ୍ଦିଲି ଜଙ୍ଗଲ ଉପରେ ଥିବା ମାଓବାଦୀମାନେ ପ୍ରଥମେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ । ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନ ପରେ ମାଓବାଦୀମାନେ ସେହି ସ୍ଥାନ ଛାଡି ପଳାଇଥିଲେ।

ତେବେ ପୋଲିସ ସେହି ଜଙ୍ଗଲରେ ସେମାନଙ୍କ ଏକ କ୍ୟାମ୍ପ ଠାବ କରିଥିଲା। ସେଠାରୁ ଦୁଇଟି ଜୀବନ୍ତ ଗୁଳି ସହ ମାଓବାଦୀମାନଙ୍କ ରନ୍ଧନ ସାମଗ୍ରୀ, ପନିପରିବା ଲୁଗାପଟା, ଦୁଇଟି ଗୁଲେଟ୍ ବାଡି, ଗୋଳା ଓ ଅନ୍ୟ ସାମଗ୍ରୀ ଜବତ୍ କରାଯାଇଥିଲା। ଏହି ଘଟଣା ପରେ ସିଆରପିଏଫ୍, ଏସ୍‌ଓଜି ଏବଂ ଡିଭିଏଫ୍ ପୋଲିସ ଦଳ ସମଗ୍ର ଚାନ୍ଦିଲି ପାହାଡର ବିଭିନ୍ନ ଦିଗରେ ଥିବା ରାସ୍ତାକୁ ଘେରି ରହିଥିବା ଏସ୍‌ପି ମାଡକର ସୂଚନା ଦେଇଛନ୍ତି । ସେହି ଜଙ୍ଗଲରୁ ଏହି ମାଓବାଦୀ ଦଳ ଯେପରି ଖସି ନ ଯିବେ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଗୁଳି ବିନିମୟ ବେଳେ ପୋଲିସ ପକ୍ଷରୁ କାହାରି କିଛି କ୍ଷତି ହୋଇ ନ ଥିବାବେଳେ ମାଓବାଦୀଙ୍କ ମଧ୍ୟରୁ କେହି ଆହତ ହୋଇଥିବା ଏସ୍‌ପି ମାଡକର ସନ୍ଦେହ ପ୍ରକାଶ କରିଛନ୍ତି। ପ୍ରାୟ ୪ମାସ ପୂର୍ବରୁ ଗନ୍ଧମାର୍ଦ୍ଦନ ଜଙ୍ଗଲରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ।

## କାନ୍ଥ ପଡ଼ି ଜଣେ ମୃତ, ବଜ୍ରପାତରେ ଗଲା ଆଉ ଜଣଙ୍କ ଜୀବନ

କୁଆଁରମୁଣ୍ଡା, ୨୪।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଓ ରାଏବଗା ଥାନା ଅଞ୍ଚଳରେ ଶୁକ୍ରବାର ପୃଥକ୍ ଦୁର୍ଘଟଣାରେ ଯାଇଛି ଦୁଇଜଣଙ୍କ ଜୀବନ। ରାଏବଗା ଥାନା ଅନ୍ତର୍ଗତ ବଡମାଲ ବସ୍ତିରେ ପ୍ରବଳ ବର୍ଷାରେ ମାଟିକାନ୍ଥ ପଡି ଥେଓଧର ଟପ୍ପୋ(୪୫)ଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ତାଙ୍କୁ ଚିକିତ୍ସା ଲାଗି ଜାମବାହାଲ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଅପରାହ୍ନରେ କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଝଡବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ମନ୍ଦିରା ଡ୍ୟାମରୁ ମାଛ ଧରି ଫେରୁଥିବା ଡୁମେରଯୋର ଗାଁର ମନୋରଖନ ଅହୀର(୪୭) ଗୁରୁତର ହୋଇଥିଲେ। ତାଙ୍କୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଭୟ ଘଟଣାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

## କରୋନା ଯୁଦ୍ଧରେ ଆଉ ଜଣେ ଯୋଦ୍ଧାଙ୍କ କାହାଣୀ

ଦେବଗଡ଼, ୨୪।୪(ଡି.ଏନ.ଏ.)


ମହିଳା କନଷ୍ଟେବଳ ସଂଯୁକ୍ତା ପାତ୍ର।

**ଅସୁସ୍ଥତାକୁ ପଛରେ ପକାଇ କାମରେ ଯୋଗଦେଲେ ସଂଯୁକ୍ତା**

ଗତ ଜାନୁୟାରୀ ୨୯ରେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିବା ମହିଳା କନ୍‌ଷ୍ଟେବଳ ସଂଯୁକ୍ତା ପାତ୍ର ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନାହାନ୍ତି। ତଥାପି କରୋନା ମୁକାବିଲାରେ ତାଙ୍କ ସହକର୍ମୀମାନେ କାମରେ ଲାଗିଥିବାରୁ ଏହି ଯୁଦ୍ଧରେ ସେ ସାମିଲ ହୋଇଛନ୍ତି। ଏପରି ଘଡିସନ୍ଧି ମୁହୂର୍ତ୍ତରେ ସେ ଜନସାଧାରଣଙ୍କ ସେବା କରିବାକୁ ନେଇଥିବା ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି । ତାଙ୍କର ଏଭଳି ପଦକ୍ଷେପକୁ ଦେବଗଡ଼ ଏସ୍‌ପି ରାହୁଲ ଜୈନଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ପ୍ରଶଂସା କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ବାରକୋଟ ଥାନାରେ କାର୍ଯ୍ୟରତ ସଂଯୁକ୍ତା ଗତ ଜାନୁୟାରୀ ୨୯ରେ ଦେବଗଡ଼ ସହରରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ତାଙ୍କର ସ୍ପାଇନାଲକର୍ଡ ଫ୍ରାକ୍ଚର ହୋଇଥିଲେ। ଦୀର୍ଘଦିନ ଧରି ତାଙ୍କୁ ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ପଡିଥିଲା। ଗତ ୬ ତାରିଖରେ ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଥିଲେ। ଡାକ୍ତର ତାଙ୍କୁ ବିଶ୍ରାମ ନେବାପାଇଁ ପରାମର୍ଶ ମଧ୍ୟ ଦେଇଥିଲେ। ମାତ୍ର କରୋନା ସଂକ୍ରମଣ ଜନିତ ଲକ୍‌ଡାଉନ ପରିପ୍ରେକ୍ଷୀରେ ତାଙ୍କ ସହକର୍ମୀମାନେ ଦିନରାତି ଏକ କରି ପରିଶ୍ରମ କରୁଥିବା ବେଳେ ସଂଯୁକ୍ତା ଘରେ ବିଶ୍ରାମ ନେବାକୁ ଉଚିତ୍ ମଣି ନ ଥିଲେ । ଜଣେ ନିଷ୍ଠାପର କରୋନା ଯୋଦ୍ଧା ଭାବେ କର୍ତ୍ତବ୍ୟ ପାଳନ ପାଇଁ ସଂଯୁକ୍ତା ଗତ ୯ ତାରିଖରେ ନିଜ କାମରେ ଯୋଗଦେଇଥିଲେ।

## ଅଙ୍ଗନୱାଡି କର୍ମୀଙ୍କ ଆତ୍ମହତ୍ୟା

**ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ**

ଝରିଗାଁ, ୨୪।୪(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ଛୋଟାଗୁଡ଼ା ଗ୍ରାମରେ ଜଣେ ଅଙ୍ଗନୱାଡି କର୍ମୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଞ୍ଜନା ସରକାର(୩୦)। ଶାଶୁଘର ଲୋକେ ନିର୍ଯାତନା ଦେଇ ହତ୍ୟା କରିଥିବା ଅଞ୍ଜନାଙ୍କ ବାପା ସୁରେଶ୍ୱର ସରକାର ଝରିଗାଁ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଏତଲାକୁ ଭିତ୍ତିକରି କେସ୍ ନଂ. ୬୭/୨୦ରେ ଏକ ମାମଲା ରୁଜୁ ହୋଇଛି। ଖବରରୁ ଜଣାପଡଛି ଅଞ୍ଜନାଙ୍କ ସ୍ୱାମୀ ଜିତୁ ଦାଶ ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲେ। ଫଳରେ ଏନେଇ ଅଧିକାଂଶ ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ଏଥିପାଇଁ ଜିତୁ ତାଙ୍କୁ ନିର୍ଯାତନା ଦେଉଥିଲେ। ବୁଧବାର ଅଞ୍ଜନାଙ୍କ ଭାଇ ସୁଜିତ ଜିତୁଙ୍କୁ ଫୋନ କରିଥିବା ବେଳେ ତୁମ ଭଉଣୀକୁ ଘରକୁ ନେଇଯାଅ ବୋଲି କହିଥିଲେ। ଲକ୍‌ଡାଉନ ଚାଲିଥିବାରୁ ସୁଜିତ୍ ଛୋଟାଗୁଡା ଗ୍ରାମକୁ ଆସିପାରି ନ ଥିଲେ। ଗୁରୁବାର ସକାଳ ୧୦ଟାରେ ଅଞ୍ଜନା ଭାଇଙ୍କୁ ଫୋନ କରି ମୋତେ ଜିତୁ ବହୁତ ନିର୍ଯାତନା ଦେଉଛନ୍ତି। ଆସିବା ସମୟରେ ମାମୁମାନଙ୍କୁ ଧରି ଆସିବାକୁ କହିଥିଲେ। ଏହାର କିଛି ସମୟ ପରେ ଜିତୁଙ୍କ ଭାଇ ମିଟୁ ଅଞ୍ଜନାଙ୍କ ବାପଘରକୁ ଫୋନ କରି ତୁମେ ଶୀଘ୍ର ଆସ ଅଞ୍ଜନା ଗୁରୁତର ରହିଛି। ତାକୁ ଉମରକୋଟ ମେଡିକାଲକୁ ନିଆଯାଇଥିବା କହିଥିଲେ। ପରେ ସେମାନେ ତାଙ୍କୁ ନବରଙ୍ଗପୁର ନେଇଥିଲେ। ସେଠାରେ ଡାକ୍ତର ଅଞ୍ଜନାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଝିଅ ଗୁରୁତର ଖବର ପାଇ ବାପଘର ଲୋକେ ଉମରକୋଟ ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରୁ ନବରଙ୍ଗପୁର ଯାଇଥିଲେ। ତେବେ ତାଙ୍କ ଝିଅକୁ ନିର୍ଯାତନା ଦେଇ ଶାଶୁଘର ଲୋକେ ହତ୍ୟା କରିଥିବା ବାପା ଏବଂ ଭାଇ ଅଭିଯୋଗ କରିଛନ୍ତି। ଝରିଗାଁ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ତାଙ୍କର ଗୋଟିଏ ଝିଅ ଏବଂ ଗୋଟିଏ ପୁଅ ରହିଛି।


ଅଞ୍ଜନାଙ୍କ ଫାଇଲ୍ ଫଟୋ।

- ଜିତୁଙ୍କ ଅନ୍ୟ ଜଣେ ମହିଳାଙ୍କ ସହ ଥିଲା ସମ୍ପର୍କ
- ବିବାହକୁ ବିତିଥିଲା ୧୦ ବର୍ଷ

## ଜରିମାନା ଗଣିଲେ ୭ ଜଣ

ବଇଣ୍ଡା, ୨୪।୪(ଡି.ଏନ.ଏ.)

କଟକଣା ଉଲ୍ଲଂଘନ ସହ ବିନା ମାସ୍କରେ ବୁଲୁଥିବା ୭ ଜଣଙ୍କଠାରୁ ହଣ୍ଡପା ପୋଲିସ ଜରିମାନା ଆଦାୟ କରିଛି। ସେହିପରି ୫୫ ନମ୍ବର ରାଜପଥର ନାକିଠାରେ ହେଲମେଟ ପିନ୍ଧି ନ ଥିବା ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଆଇଆଇସି ଲବ ବୋଡା, ସେକେଣ୍ଡ ଅଫିସର ସରୋଜ ଦାସ, ଏଏସଆଇ କୁନି ବାରିକ ପ୍ରମୁଖ ଏହି ଯାଞ୍ଚ କରିଥିଲେ।

## କରୋନା ସଚେତନତା ରଥ ଶୁଭାରମ୍ଭ

କଣିହାଁ, ୨୪।୪(ଡି.ଏନ.ଏ.)

କଣିହାଁ ବ୍ଲକର ୨୭ଟି ପଞ୍ଚାୟତବାସୀଙ୍କୁ ସଚେତନ କରିବାକୁ ଶୁକ୍ରବାରଠାରୁ କରୋନା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବିଡିଓ ରମେଶ କୁମାର ଜେନା ଏହି ରଥକୁ ଅନୁମତି ପ୍ରଦାନ କରିଥିଲେ। ପ୍ରଥମ ଦିନରେ ୫ ପଞ୍ଚାୟତର ଲୋକଙ୍କୁ ସଚେତନ କରାଯାଇଛି। ବିଶେଷକରି ବାହାର ରାଜ୍ୟରୁ ଗାଁକୁ ଫେରିବାକୁ ଚାହୁଁଥିବା ବ୍ୟକ୍ତିମାନେ ପଞ୍ଚାୟତରେ ପଞ୍ଜୀକରଣ କଲେ ସରକାର ସମସ୍ତ ସୁବିଧା ଯୋଗାଇ ଦେବେ। ନିୟମ ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏହି ରଥ ପ୍ରଚାର କରୁଛି।


 କରୋନା ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

## ଲକ୍‌ଡାଉନ ବେଳେ ମଦବିରୋଧୀ ସ୍ୱର

ଦଶମନ୍ତପୁର, ୨୪।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ଖଜୁରୀଗୁଡ଼ା ଗ୍ରାମରେ ଲକ୍‌ଡାଉନ ବେଳେ ମଦ ବିରୋଧୀ ସ୍ୱର ତେଜିବାରେ ଲାଗିଛି। ଦେଶୀ ମଦ ବେପାର ଦିନକୁ ଦିନ ବଢୁଥିବା ବେଳେ ଅବକାରୀ ବିଭାଗ ନାଁକୁ ଚଢ଼ାଉରେ ଯାଇ ଖାଲି ହାତରେ ଫେରୁଛି। ମଦ ବେପାରୀ ଓ ଅବକାରୀ ବିଭାଗ ସଲାସୁତରାରେ ମଦ କାରବାର ବଢୁଥିବାରୁ ବାଧ୍ୟହୋଇ ପଞ୍ଚାୟତର ୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଥାନାରେ ଏତଲା ଦେଇଛନ୍ତି। ମା' ମଙ୍ଗଳା, ଶିବ ଶକ୍ତି, ମା' ତାରିଣୀ ଓ ମା' ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଗାଁର ବିକ୍ରମ ମୁଦୁଲି, ହଳଦିସିଲ ଗାଁର ବିଜୟ ମହାନନ୍ଦିଆ, ଅନଗାରଗୁଡ଼ା ଗାଁର ମଜା ନାୟକ ମଦ ବିକୁଥିବା ନେଇ ଥାନାରେ ଏତଲା ଦେଇଛନ୍ତି। ଅବକାରୀ ବିଭାଗ ଉପରୁ ଭରସା ତୁଟାଇ ସେମାନେ ପୋଲିସ ପଦକ୍ଷେପ ନେଉ ବୋଲି ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁଙ୍କୁ ନିବେଦନ କରିଛନ୍ତି। ପୂର୍ବରୁ ଏହି ବ୍ଲକର ଚିକାମ୍ବ ପଞ୍ଚାୟତ ଉପରଗଦଳା ଗାଁର ଏସ୍‌ଏଚ୍‌ଜି ମହିଳାମାନେ ଗତ ୧୬ ତାରିଖ ଅନେକ ମଦଭାଟି ଭାଙ୍ଗିବା ସହ ମହୁଲି ପୋଚ ଢାଳିଦେଇଥିଲେ।


ଥାନାଧିକାରୀଙ୍କୁ ଏତଲା ଦେଉଛନ୍ତି ଏସ୍‌ଏଚ୍‌ଜିର ମହିଳାମାନେ।

**ଥାନାରେ ଏତଲା ଦେଲେ ପିଣ୍ଡାପଦର ପଞ୍ଚାୟତର ୪ ଏସ୍‌ଏଚ୍‌ଜି**

# ଅନ୍‌ଲାଇନ୍ ପାଠପଢ଼ା

ଏବେ ବଦଳିଛି ପାଠ ପଢ଼ିବାର ଷ୍ଟାଇଲ୍। ଲକ୍‌ଡାଉନ୍ ପାଇଁ ସ୍କୁଲ ସବୁ ବନ୍ଦ ରହିଥିବାବେଳେ ପିଲାମାନେ ଏବେ ଅନ୍‌ଲାଇନ୍ ତଥା ଭିଡିଓ କନ୍‌ଫରେନ୍ସ ଏବଂ ହ୍ୱାଟ୍ସ ଆପ୍ ମାଧ୍ୟମରେ ପାଠ ପଢୁଛନ୍ତି। ଏ ସମ୍ପର୍କରେ କେତେକ ଛାତ୍ରୀଛାତ୍ର ଯାହା କହନ୍ତି...



ବିଶ୍ୱଜିତ



ଅନ୍ୱେଷ



ଅର୍ଣ୍ଣବ



ସତ୍ୟ ସମ୍ଭବ



ଦୀକ୍ଷା

**ଅନ୍ୱେଷ କୁମାର ମହାନ୍ତି, ଅଷ୍ଟମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର :** ମୁଁ ଯେତେବେଳେ ଘରେ ଥାଏ ଅଧିକାଂଶ ସମୟ ପାଠପଢ଼ା ପ୍ରତି ଧ୍ୟାନ ଦିଏ। ଏବେ ତ କରୋନା ପାଇଁ ଲକ୍‌ଡାଉନ୍ ଚାଲିଛି। ଯେହେତୁ ସ୍କୁଲ ବନ୍ଦ ଅଛି, ତେଣୁ ଗତ କିଛିଦିନ ହେବ ଆମର ଅନ୍‌ଲାଇନ୍ କ୍ଲାସ ଚାଲିଛି। ଗୁରୁମା-ଗୁରୁଜୀଙ୍କ ନିର୍ଦ୍ଦେଶ ଅନୁସାରେ ପାଠ ପଢୁଛି। ସେମାନେ ପଠାଇଥିବା ପାଠକୁ ନୋଟ୍‌ଡାଉନ୍ କରିବା ସହ ରୀତିମତ ରିଭିଜନ କରୁଛି। ସାଧାରଣ ଜ୍ଞାନ ବିଷୟ, ପୁରାଣ କଥା ଜାଣିବା ମୋର ଏକ ଅଭ୍ୟାସ। ଏଥିପାଇଁ କିଛି ସମୟ ଦେଉଛି। ମୋ ପାଠପଢ଼ାରେ ମା' ରୀନାରାଣୀ ମହାନ୍ତି ଏବଂ ବାପା ସତ୍ୟରଞ୍ଜନ ମହାନ୍ତିଙ୍କ ସହଯୋଗ ମୋତେ ଆଗ୍ରହର ସହ ପାଠ ପଢ଼ିବାକୁ ଆହୁରି ଉତ୍ସାହିତ କରୁଛି। ସମୟ ମିଳିଲେ ଭିଡିଓ ଗେମ୍ ଖେଳୁଛି।

**ଦୀକ୍ଷା ପ୍ରିୟଦର୍ଶିନୀ (ଷଷ୍ଠ, ଟାଇମ୍ସ ଗୁରୁକୁଳ, ଭୁବନେଶ୍ୱର) :** ଲକ୍‌ଡାଉନ୍ ପାଇଁ ପ୍ରଥମେ ଯେଉଁଭଳି ଏତେ ଦିନ ଯାଏ ସବୁ ସ୍କୁଲକୁ ବନ୍ଦ କରି ଦିଆଗଲା, ସେତେବେଳେ ପାଠ କେମିତି ପଢାହେବ ଭାବି ଚିନ୍ତା ଲାଗୁଥିଲା। ଯେହେତୁ ହଠାତ୍ ଛୁଟି ଘୋଷଣା କରାଗଲା, ତେଣୁ ଛୁଟି ପୂର୍ବରୁ ହୋମୱାର୍କ ବି ଦିଆଯାଇ ନ ଥିଲା। ତେଣୁ ଏତେଗୁଡାଏ ବାକି ପାଠ କଥା ଭାବି ଚିନ୍ତା ଲାଗୁଥିଲା। ହେଲେ ଏହି ଚିନ୍ତା ଏବେ ଦୂର ହୋଇଛି। କାରଣ ଆମ ସ୍କୁଲରେ ଅନ୍‌ଲାଇନ୍‌ରେ ପାଠପଢା ଆରମ୍ଭ ହୋଇଛି। ହ୍ୱାଟ୍ସ ଆପ୍‌ରେ ଆମ କ୍ଲାସ ପିଲାଙ୍କର ଗ୍ରୁପ ତିଆରି କରି ପାଠ ପଢା ହେଉଛି। ବେଳେବେଳେ ଭିଡିଓ କଲିଂରେ ନୂଆ ପାଠ ବୁଝାଉଛନ୍ତି ସାର୍‌ମାନେ। ଏମିତି ପଢାହେବା ଫଳରେ ବହୁତ ଭଲ ଲାଗୁଛି। ଯେତେବେଳେ କିଛି ବୁଝିହେଉନି ଫୋନ୍ କରି ସାର୍‌ଙ୍କୁ ପଚାରିଲେ ସେ ଭଲଭାବେ ବୁଝାଇ ଦେଉଛନ୍ତି, ତେଣୁ କିଛି ଅସୁବିଧା ହେଉନି। ଅବଶ୍ୟ ସ୍କୁଲ ଖୋଲା ଥିଲେ ସାଙ୍ଗମାନଙ୍କ ସହ ଦେଖା ହୋଇଥାନ୍ତା, ହେଲେ ଗ୍ରୁପରେ କଥା ହୋଇ ବିଭିନ୍ନ ବିଷୟରେ କଥାବାର୍ତ୍ତା ହୋଇପାରୁଛି। ଅନ୍‌ଲାଇନ୍ କ୍ଲାସ ହେବା ଫଳରେ ବହୁତ ବିଷୟରେ ପାଠ ପଢା ହୋଇ ସାରିଲାଣି। ତେଣୁ ସ୍କୁଲ ଖୋଲିଲେ ଆଉ ବେଶି ପାଠର ବୋଝ ରହିବନି।

**ଅର୍ଣ୍ଣବ ପଟ୍ଟନାୟକ (ଚତୁର୍ଥ, ଡାଇନାମିକ୍ ଇଂଲିଶ୍ ମିଡିୟମ୍ ସ୍କୁଲ, ରାହାମା, ଜଗତ୍‌ସିଂହପୁର) :** ଏବେ ହ୍ୱାଟ୍ସ ଆପ୍‌ରେ ସବୁଦିନ ମ୍ୟାମ୍ ହୋମ୍‌ୱାର୍କ ଦେଉଛନ୍ତି। ସବୁଦିନ ସକାଳେ ଆଉ ସନ୍ଧ୍ୟାବେଳେ ସେସବୁ ପାଠ କରୁଛି। କିନ୍ତୁ ଏତେ ଦିନ ହେଲା ସ୍କୁଲ ଛୁଟି ହୋଇଯାଇଥିବାରୁ ଭଲ ଲାଗୁନି। କାରଣ ଏବେ ତ ବାହାରକୁ କୁଆଡେ ବି ଖେଳିବା ପାଇଁ ମାମା ଛାଡୁନାହାନ୍ତି। ସ୍କୁଲରେ ସବୁ ସାଙ୍ଗ ପିଲାଙ୍କ ସହ ଦେଖା ହେଉଥିଲା ଭଲ ଲାଗୁଥିଲା। ଏବେ ତ ସବୁ ସାଙ୍ଗମାନେ ଖାଲି ହ୍ୱାଟ୍ସ ଆପ୍‌ରେ କଥା ହେଉଛୁ। ନୂଆ ପାଠ ପଢା ହେଉଛି, ଯାହା ବୁଝି ପାରୁନି ମାମାକୁ ପଚାରି କରୁଛି। ହେଲେ ଘରେ ସବୁବେଳେ ଫୋନ ଧରି ପାଠ ପଢିବାକୁ ଭଲ ଲାଗୁନି। ଭଗବାନଙ୍କ ଦୟାରୁ ଶୀଘ୍ର ସ୍କୁଲ ଖୋଲିଲେ ଭଲ ଲାଗିବ।

**ବିଶ୍ୱଜିତ ମହାପାତ୍ର (ନବମ, ସୁଧାନନ୍ଦ ବିଦ୍ୟାଳୟ, ନଛିପୁର, ଫୁଲନଖରା, କଟକ) :** ଏବେ ଆମର ଅନଲାଇନ୍ ପାଠପଢ଼ା ଆରମ୍ଭ ହୋଇଯାଇଛି। ତେଣୁ ମୋତେ ଏ ନେଇ ଆଲର୍ଟ ରହିବାକୁ ପଡୁଛି। ତା' ସହ ଭିଡିଓ କ୍ଲାସ ମଧ୍ୟ ନିଆଯାଉଛି। ନୂଆ କ୍ଲାସ ତା' ସହ ନୂଆ ପାଠ। ତେଣୁ ଆରମ୍ଭରୁ ସେ ନେଇ ସିରିୟସ ହୋଇ ପଢ଼ିବାକୁ ପଡୁଛି। ମୁଁ ସବୁବେଳେ ମୋ ପରିଶ୍ରମ ଉପରେ ଶତ ପ୍ରତିଶତ ବିଶ୍ୱାସ ରଖିଥାଏ। ତା'ସହ କୌଣସି ସମସ୍ୟା ହେଲେ ମୋ ପଛରେ ଛାଇ ପରି ମୋ ବାପା ହିମାଂଶୁ ଶେଖର ମହାପାତ୍ର ଠିଆ ହୋଇଥାଆନ୍ତି। ପାଠ ପଢ଼ିବା ନେଇ ସେ ମୋତେ ଯେଉଁ ଟିପ୍ସ ଦିଅନ୍ତି ତାକୁ ଅକ୍ଷରେ ଅକ୍ଷରେ ପାଳନ କରିଥାଏ। ପାଠ ପଢ଼ିବା ବ୍ୟତୀତ ଲିଜର ସମୟରେ ସାଧାରଣ ଜ୍ଞାନ, ଭଲ ବହି ପଢ଼ିବା ଚାଲିଛି। ତା' ସହ ମାଇଣ୍ଡ ଫ୍ରି କରିବାକୁ ଆମେ ଭାଇ ଭଉଣୀ ଇଣ୍ଡୋର ଗେମ୍ ଖେଳୁଛୁ। ଯେହେତୁ କରୋନା ପାଇଁ ଲକଡାଉନ୍ ଘୋଷଣା କରାଯାଇଛି ତେଣୁ ଘରେ ହିଁ ରହି ସବୁ କାମ କରିବାକୁ ପଡୁଛି।

**ସତ୍ୟ ସମ୍ଭବ ମହାନ୍ତି (ଅଷ୍ଟମ, ମଦର୍ସ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର) :** ଅନ୍‌ଲାଇନ୍‌ରେ ପାଠପଢା ଭଲ ଲାଗୁଛି ହେଲେ ବେଳେବେଳେ ଯୋଗାଯୋଗ ଭଲଭାବେ ହୋଇପାରୁନି। କାରଣ ବହୁତ ବ୍ୟବହାର ଫଳରେ ଇଣ୍ଟରନେଟ୍ ବହୁତ ସ୍ଲୋ ରହୁଛି, ସେଥିପାଇଁ ଜୁମ୍ କ୍ଲାସଗୁଡ଼ିକ ବହୁତ ଡେରି ହେଉଛି। ଫଳରେ ବେଶି ସମୟ ଫୋନ୍ ବ୍ୟବହାର କରିବାକୁ ପଡୁଛି। ଫୋନକୁ ଏତେ ସମୟ ଧରିବାକୁ ଭଲ ଲାଗୁ ନ ଥିଲେ ଅନ୍‌ଲାଇନ୍ କ୍ଲାସ ପାଇଁ ବାଧ୍ୟରେ କରୁଛି। ହେଲେ ଯାହା ବି ହେଉ ପାଠ ପଢା ହେଉଛି ବୋଲି ସମୟ କଟିଯାଉଛି। ନ ହେଲେ ଲକ୍‌ଡାଉନ୍ ପରେ ସ୍କୁଲ ଟିୟୁସନ୍ ପୂରା ବନ୍ଦ ହୋଇଯିବାରୁ ଭଲ ଲାଗୁ ନ ଥିଲା। ଏମିତି ଅନ୍‌ଲାଇନ୍ ପାଠପଢାରେ ବି ଅନେକ ନୂଆ ବିଷୟ ପଢିବାର ସୁଯୋଗ ମିଳୁଛି। ଅନ୍‌ଲାଇନ୍‌ରେ ହେଉ ପଛେ ପାଠ ପଢା ହେଉଥିବାରୁ ଭଲ ଲାଗୁଛି।

## କ ବି ତା

### ଜହ୍ନ ମାମୁ

ଆକାଶ ଦେଶେ ତାରକା ମେଳେ
ଜହ୍ନମାମୁଟି ହସେ,
ହସରୁ ତା'ର ପୃଥିବୀ ଯାକ
ମୁକୁତା ସତେ ଖସେ।
ଝରଣା ଦେହେ କେଡ଼େ ସୁନ୍ଦର
ମୁହଁଟି ତା'ର ଦିଶେ,
ପୂନେଇଁ ଦିନ ବଡ଼ ସରାଗେ
ନାଚି ନାଚିକା ଆସେ।
ଅମାବାସ୍ୟାରେ କେଉଁଠି କେଜାଣି
ମୁହଁ ଲୁଚେଇ ଛପେ,
ଜୋଛନା ତା'ର କାହା ଦେହରେ
ପଡ଼ଇ ନାହିଁ ଠୋପେ।
କାହିଁକି ପକ୍ଷେ କମି କମିକା
ଆର ପକ୍ଷକୁ ବଢ଼େ,
ପୁରାଣଠାରୁ ବିଜ୍ଞାନ ମତ
ଭିନ୍ନ ଅଟଇ କେତେ।
**-କଳ୍ପତରୁ ପାଳ,** ରେଞ୍ଜ, ପୁରୀ

### ଅପାସୋର ପିଲାଦିନ

ମନ ପରଦାରେ ହୁଏ ଝଲମଲ
ଅପାସୋର ପିଲାଦିନ
ଚଳଚଞ୍ଚଳ ଥିଲା ସେହି ବେଳ
ଅତୀତେ ହୋଇଛି ଲୀନ
ଭାବିଲେ ଆସଇ ଦୁଃଖ ଅପାର
ସୁମରଣ ସେ ଜୀବନ।
ସ୍ମୃତିର ଚାରଣ କଲେ ସେହି ଦିନ
ଭରିଯାଏ ଶିହରଣ
ଦେଖୁଥିଲି ବଡ଼ ହେବାର ସପନ
ମନେ ଭରି ଉଚ୍ଚାଟନ।
ପିତା, ମାତା, ଗୁରୁଦେବ ଉପଦେଶ
ଥିଲା ଅମୃତ ସମାନ,
ଜୀବନେ ହୋଇଛି ଯାହା କିଛି ମୁହିଁ
ଦେଇକି ସେଥିରେ ମନ।
ତାଙ୍କଠୁଁ ଶିଖିଲି କେତେ ନୀତି କଥା
ହେବାକୁ ବଡ଼ ମଣିଷ
ନୂଆ ସଂସ୍କାର ଆଣିଲା ମନରେ
ବଡ଼ ହେବା ଅଭିଳାଷ।
କେତେ ନୀତିକଥା ଶିଶୁ ଲାଳିକାରେ
ବୋଉ ମୋର ଗୀତ ଗାଇ
ଜୀବନେ କରିଲ ଭଲ ମଣିଷଟେ
ନୂଆ ଆଲୋକ ଦେଖାଇ।
ମନେ ପଡ଼ିଗଲେ ପିଲାବେଳ କଥା
ଆଖି ହୁଏ ଛଳ ଛଳ
କାଳର ଲହରି ସବୁ ଧୋଇ ନିଏ
ନ ଆସିବ ସେହି ବେଳ।
**-ଅଧ୍ୟାପକ ବିଷ୍ଣୁମୋହନ,**
ଏ/୫୮, କ୍ରିଷ୍ଣା ଗାର୍ଡେନ-୨,
ଖଣ୍ଡଗିରି, ଭୁବନେଶ୍ୱର

## ଆଇନା




## ଖିଲିଖିଲି ହସ

➔ଥରେ ଶିକ୍ଷୟିତ୍ରୀ ରାଜୁକୁ ପଚାରିଲେ, ଟଙ୍କା ଆଉ ବୁଦ୍ଧି ମଧ୍ୟରୁ ତୁମେ କାହାକୁ ଚଏସ କରିବ ? ରାଜୁ କହିଲା, ମୁଁ ଟଙ୍କାକୁ ଚଏସ କରିବି। ଆପଣ କାହାକୁ ଚଏସ କରିବେ ? ଏକଥା ଶୁଣି ମାଡାମ କହିଲେ, ମୁଁ ବୁଦ୍ଧିକୁ ହିଁ ଚଏସ କରିବି। ରାଜୁ କହିଲା, ମାଡାମ, ଯାହା ପାଖରେ ଯାହା କମ୍ ଥାଏ ସେ ତାକୁ ହିଁ ଚଏସ କରେ।

*-ଦିବ୍ୟାଂଶୀ ପ୍ରିୟଦର୍ଶିନୀ, ବରଗଡ଼*

➔ଦୀପୁକୁ ତା' ବାପା ପଚାରିଲେ- କହିଲୁ, ୫ ପରେ କେତେ ଆସିଥାଏ ? ଦୀପୁ ଉତ୍ତର ଦେଲା- ବାପା, ୬ ଆଉ ୭। ପୁଣି ବାପା ପଚାରିଲେ- ଆଉ ତା' ପରେ ? ଦୀପୁ କହିଲା-୮,୯,୧୦। ବାପା କହିଲେ- ଏଥର କହ, ତା'ପରେ କ'ଣ ଆସେ ? ଦୀପୁ ବିଳମ୍ବ ନ କରି ଉତ୍ତର ଦେଲା- ବାପା, ତା'ପରେ ଗୁଲାମ, ବେଗମ, ବାଦଶାହା।

*-ଅଜିତ କୁମାର ସାହୁ, ଯାଜପୁର*

## ବଲ୍ ଧରିବାରେ ରେକର୍ଡ




ପିଲାମାନେ ସମସ୍ତେ ମଜା କରିବା ପାଇଁ ବିଭିନ୍ନ ପ୍ରକାରର ଖେଳ ଖେଳନ୍ତି। ଠିକ୍ ସେହିପରି କିଛି ଲୋକ ମଜା କରିବା ସହ ରେକର୍ଡ କରିବାର ନିଶାରେ ବି ବିଭିନ୍ନ ପ୍ରକାରର ଖେଳ ଖେଳନ୍ତି। ଠିକ୍ ଏମିତି ଟେନିସ୍ ବଲ୍ ଧରିବାରେ ରେକର୍ଡ କରିଛନ୍ତି ଆମେରିକାର ଇଦାହୋ ସହରର ଦୁଇ ଯୁବକ। ଦୁଇ ଯୁବକ ଏକାଠି ନିର୍ଦ୍ଦିଷ୍ଟ ସମୟରେ ୯୮ଟି ଟେନିସ୍ ବଲ୍ ଧରି ଏହି ରେକର୍ଡ କରିଛନ୍ତି। ଏହି ଦୁଇ ଜଣ ହେଉଛନ୍ତି ହାନୋନ୍ ଏବଂ ରଷ୍। ହାନନ୍ ମୋଟ ୧୨୩ଟି ଟେନିସ୍ ବଲ୍ ଫିଙ୍ଗିଥିଲେ ଏବଂ ରଷ୍ ସେସବୁ ବଲ୍‌କୁ ନିଜ ମୁଣ୍ଡ ଉପରେ ଏକ ପ୍ଲାଷ୍ଟିକ୍ ଟବ୍ ଧରି ସେସବୁକୁ ଧରୁଥିଲେ। ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଉଭୟ ଏହିଭଳି ବଲ୍ ପକାଇ ୯୮ଟି ବଲ୍‌କୁ ବାଲଟି ଭିତରେ ଧରି ପାରିଥିଲେ। ଏହା ପୂର୍ବରୁ ସେହି ସମୟ ମଧ୍ୟରେ ୭୯ଟି ବଲ୍‌କୁ ବାଲ୍‌ଟିରେ ଧରିବାର ରେକର୍ଡ ରହିଥିଲା। ତେଣୁ ପୁରୁଣା ରେକର୍ଡକୁ ଭାଙ୍ଗି ହାନନ୍ ଏବଂ ରଷଙ୍କ ଯୋଡ଼ି ଗିନିଜ୍ ରେକର୍ଡରେ ନିଜ ନାଁ ଲେଖାଇଛନ୍ତି।

## ସଡ଼କ ନିୟମ

ଖରସ୍ରୋତା ନଈର ସେପାଖରେ ଥାଏ ଘଞ୍ଚ ଜଙ୍ଗଲଟିଏ। ଜଙ୍ଗଲଟିରେ ଅନେକ ପଶୁପକ୍ଷୀ ଥିବା କାରଣରୁ, ରାସ୍ତାରେଯିବା ବେଳେ ଅସୁବିଧା ହେଉଥିଲା। ତେଣୁ ପ୍ରତ୍ୟେକ ଦିନ ସିଂହରାଜାଙ୍କ ପାଖରେ ନାନାଦି ଅଭିଯୋଗ ପହଞ୍ଚୁଥିଲା। ରାଜାଙ୍କ ପାଖରେ ଅଭିଯୋଗର ଏକ ଲମ୍ବା ଚିଠା ଥିଲେ ମଧ୍ୟ ସମାଧାନର ସହଜ ଉପାୟଟି ମିଳିପାରୁ ନ ଥିଲା। ଶେଷରେ ନିରାଶ ହୋଇ ସିଂହରାଜା ମହାମନ୍ତ୍ରୀ ଭାଲୁର ପରାମର୍ଶ ନେଲେ। ଭାଲୁ କହିଲା, 'ମହାରାଜ ! ମନୁଷ୍ୟମାନେ ଆମଠାରୁ ସଂଖ୍ୟାରେ ଢେର ଅଧିକ। ତଥାପି ସେମାନେ ରାସ୍ତାରେ ଆରାମରେ ଯାଇ ପାରୁଛନ୍ତି। ସେମାନେ ବୋଧହୁଏ କିଛି ନିୟମ ପାଳନ କରନ୍ତି। ଆମେ ଯଦି ସେମାନଙ୍କର ସେହି ସଡ଼କ ନିୟମ ଜାଣିପାରନ୍ତେ ତେବେ ଏହି ସମସ୍ୟାର ସମାଧାନ ଅତି ସହଜରେ ହୋଇପାରିବ। ସହଜ ନିୟମ ଜାଣିବା ପାଇଁ ରାଜସଭାର ପାରିଷଦମାନଙ୍କର ପରାମର୍ଶକ୍ରମେ ମାଙ୍କଡ଼କୁ ସହରକୁ ପଠାଇବାକୁ ରାଜା ସ୍ଥିର କଲେ। ଏହାପରେ ମାଙ୍କଡ ସହରକୁ ଯାଇ ସଡ଼କ ନିୟମକୁ ଭଲ ଭାବରେ ନିରୀକ୍ଷଣ କରି ବୁଝିପାରିଲା। ତା'ପରେ ସେ ଜଙ୍ଗଲକୁ ଫେରିଆସି ସିଂହରାଜାଙ୍କୁ ସଡ଼କ ନିୟମଗୁଡିକ ଗୋଟି ଗୋଟି କହିଲା।ବଣ ରାଇଜରେ ସଡ଼କ ନିୟମ ପାଳନ ପାଇଁ ମାଙ୍କଡ଼କୁ ମୁଖ୍ୟ ଭାବେ ନିଯୁକ୍ତ କରାଗଲା। ଟ୍ରାଫିକ ପୋଲିସ ଭାବରେ କାମ କଲା ହରିଣ। କାଉ, ପାରା ଗଛ ଡାଳରେ ରହି କିଏ ସଡ଼କ ନିୟମକୁ ଅବମାନନା କରୁଛି ତାହାକୁ ନିରୀକ୍ଷଣ କଲେ। ହାତୀ





ଓ ବାଘକୁ ନିୟମ ଭାଙ୍ଗୁଥିବା ପଶୁପକ୍ଷୀଙ୍କୁ କଡ଼ା ଦଣ୍ଡ ଦେବାକୁ ନିଯୁକ୍ତ କରାଗଲା। ସଡ଼କ ନିୟମ ପ୍ରଚଳନ ଦିନଠାରୁ ଜଙ୍ଗଲ ମଧ୍ୟରେ ସମସ୍ତ ଜୀବଜନ୍ତୁ ଏବେ ବେଶ୍ ଆରାମରେ ଯିବା ଆସିବା କରୁଛନ୍ତି। ରାଜାଙ୍କ ପାଖରୁ ଦୁର୍ଘଟଣା କିମ୍ବା ରାସ୍ତା ସମ୍ବନ୍ଧୀୟ ନାନା ଅଭିଯୋଗ ଆସୁନାହିଁ।

**-ଲକ୍ଷ୍ମୀଧର ନାୟକ,**
ବାଉଁଶିଆପଡା, ନୟାଗଡ଼

## ତୁମ ତୂଳୀରୁ



ପି.ସି. ବାଦଲ କୁମାର, ଚତୁର୍ଥ, ଭେଙ୍କଟେଶ୍ୱର ସ୍କୁଲ, ଜାରକା, ଯାଜପୁର






ବି. ସୌମ୍ୟ ସିଦ୍ଧାର୍ଥ, ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୂଆବଜାର, କଟକ





ମିନତି ରାଉଳ, ଦ୍ୱିତୀୟ, କୁଶଗଡି ୟୁ.ପି. ସ୍କୁଲ, ରାଜନଗର, କେନ୍ଦ୍ରାପଡା

## ସଫେଇ କର୍ମଚାରୀ, ସ୍ୱଚ୍ଛସାଥୀଙ୍କୁ ସମ୍ବର୍ଦ୍ଧନା

କଟକ ଅଫିସ,୨୪।୪:କରୋନା ଭଳି ବିପଦ ସମୟରେ ସିଏମ୍‌ସିର ସଫେଇ କର୍ମଚାରୀମାନେ ନିଜ ଜୀବନକୁ ବିପନ୍ନ କରି କାର୍ଯ୍ୟ ନିର୍ବାହ କରୁଛନ୍ତି। କରୋନା ବିପକ୍ଷ ଲଢେଇରେ ସେମାନେ ଜଣେ ଜଣେ ଯୋଦ୍ଧା। ଶୁକ୍ରବାର ସିଏମ୍‌ସି ଅଧୀନ ୫ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ସୁପ୍ରିୟା ରାଉତଙ୍କ ନେତୃତ୍ୱରେ ୨୭ଜଣ ସଫେଇ କର୍ମଚାରୀ, କମ୍ୟୁନିଟି ଅର୍ଗାନାଇଜର ଏବଂ ସ୍ୱଚ୍ଛସାଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସିଡିଏ ସେକ୍ଟର-୭ ଆବାସିକ ଉନ୍ନୟନ ସଂଘ ସଭାପତି ସଞ୍ଜୟ ସେନାପତି, ଉପସଭାପତି ବିଜ୍ଞାନ ମହାପାତ୍ର, ସମ୍ପାଦକ ସଞ୍ଜୟ ରାଉତ, ସହସମ୍ପାଦକ ଦୀପକ ପାଲ୍, କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଜିଲା ପ୍ରଶାସନକୁ ଆମ୍ବୁଲାନ୍ସ ଦାନ

**ପୁରୀ ଅଫିସ,୨୪।୪:** କରୋନା ମୁକାବିଲା ନିମନ୍ତେ ସେଣ୍ଟ୍ ଜନ ଆମ୍ବୁଲାନ୍ସ ପକ୍ଷରୁ ଏକ ଆମ୍ବୁଲାନ୍ସ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି । କରୋନା ମୁକାବିଲା ଅଭିଯାନ ଶେଷ ହେବା ପର୍ଯ୍ୟନ୍ତ ଏହି ଆମ୍ବୁଲାନ୍ସ ସିଡିଏମ୍‌ଓଙ୍କ ତତ୍ତ୍ୱାବଧାନରେ ରହିବ । ଜିଲାପାଳ ବଲୱନ୍ତ ସିଂ ଶୁକ୍ରବାର ଏହାକୁ ଗୋପବନ୍ଧୁ ଆର୍ୟୁବେଦ ମହାବିଦ୍ୟାଳୟ କୋଭିଡ ଚିକିତ୍ସା କେନ୍ଦ୍ର ପରିସରରେ ଶୁଭାରମ୍ଭ କରିଛନ୍ତି। ଏଥିନିମନ୍ତେ ସେଣ୍ଟ ଜନ୍ସ ଆମ୍ବୁଲାନ୍ସର ସହଯୋଗୀ ପୁରୀର ମୁରାରୀ ଆମ୍ବୁଲାନ୍ସ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯାଇଛି। ଏହି ଆମ୍ବୁଲାନ୍ସରେ ଅମ୍ଳଜାନ ଯୋଗାଣ, ମନିଟର, ଭେଣ୍ଟିଲେଟର ଭଳି ଜୀବନ ରକ୍ଷାକାରୀ ବ୍ୟବସ୍ଥା ଉପଲବ୍ଧ ରହିଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ସିଡିଏମ୍‌ଓ ଡା. ନୀଳକଣ୍ଠ ମିଶ୍ର, ସେଣ୍ଟ ଜନ୍ ଆମ୍ବୁଲାନ୍ସର ଗିରୀଶ ଚନ୍ଦ୍ର ଶତପଥୀ, ପ୍ରସନ୍ନ ପାଢ଼ୀ, ପ୍ରମୋଦ ବାରିକ, ସନ୍ତୋଷ ପାତ୍ର, ମୁରାରୀ ଆମ୍ବୁଲାନ୍ସର ସୌମେନ୍ଦ୍ର ଦାସ, ଜିତେନ୍ଦ୍ର ବାରିକ, ସଞ୍ଜୟ ମହାନ୍ତି, କ୍ଷୀରୋଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## କୂଅରୁ ମାଛରଙ୍କା ବିରାଡ଼ି ଉଦ୍ଧାର

**କୃଷ୍ଣପ୍ରସାଦ,୨୪।୪ (ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ ପରଲା ଗାଁର ଏକ କୂଅରୁ ମାଛରଙ୍କା ବିରାଡି ଉଦ୍ଧାର ହୋଇଛି। ଗୁରୁବାର ବିଳମ୍ବିତ ରାତ୍ରିରେ ଏକ ମାଛରଙ୍କା ବିରାଡି ପରଲା ଗାଁ ମଝିରେ ଥିବା ଏକ ଗଭୀର କୂଅରେ ପଡି ଛଟପଟ ହେଉଥିଲା। ଏହାକୁ ଉଦ୍ଧାର କରିବାକୁ ଗ୍ରାମବାସୀ, ବନ ବିଭାଗ ବିଫଳ ହେବା ପରେ ମାଲୁଦ ଅଗ୍ନିଶମ ବିଭାଗକୁ ଫୋନ କରିଥିଲେ। ଅଗ୍ନିଶମ ଅଧିକାରୀ ସୌମ୍ୟ ରଞ୍ଜନ ପରିଡାଙ୍କ ନିର୍ଦ୍ଦେଶକ୍ରମେ କୂଅରେ ପାଣି ଭର୍ତ୍ତି କରାଯିବା ପରେ ବିରାଡିଟି ଉପରକୁ ଉଠି ଡିଆଁ ମାରି ଜଙ୍ଗଲକୁ ଚାଲି ଯାଇଥିଲା।

## ୨୨ ହଜାର ହିତାଧିକାରୀଙ୍କୁ ବଣ୍ଟାଗଲା ରାଶନ ସାମଗ୍ରୀ

**ନିମାପଡା,୨୪।୪(ଡ଼ି.ଏନ.ଏ):** ମହାମାରୀ କରୋନା ଲାଗ ନିମାପଡା ଏନଏସି, ବ୍ଲକର ୩୨ ପଞ୍ଚାୟତର ପ୍ରାୟ ୨୨ ହଜାର ହିତାଧିକାରୀଙ୍କୁ ୪୦ କେନ୍ଦ୍ରରେ ଖାଉଟି ସାମଗ୍ରୀ ବଣ୍ଟନ କରାଯାଇଛି। ଅବଶିଷ୍ଟ ହିତାଧିକାରୀଙ୍କ ନିକଟରେ ଆଗାମୀ ଦୁଇଦିନ ମଧ୍ୟରେ ଯୋଗାଇ ଦିଆଯିବ ବୋଲି ବ୍ଲକ ଯୋଗାଣ ଅଧିକାରୀ ଶୁଭାଶିଷ ଜେନା କହିଛନ୍ତି। ଖାଦ୍ୟ ସାମଗ୍ରୀ ବଣ୍ଟନ ବେଳେ ସରକାରଙ୍କ ସମସ୍ତ ଗାଇଡ୍‌ଲାଇନକୁ ଅନୁକରଣ କରାଯିବା ସହ ପ୍ରତ୍ୟେକ ବଣ୍ଟନ କେନ୍ଦ୍ରରେ ଜଣେ ନୋଡାଲ ଅଫିସର, ଶିକ୍ଷକ ଏବଂ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ତଦାରଖ କରୁଛନ୍ତି। ବଣ୍ଟନ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ବିଡିଓ ମନୋଜ ବେହେରା ମଧ୍ୟ ନିୟମିତ ଭାବେ ବଣ୍ଟନ କେନ୍ଦ୍ର ପରିଦର୍ଶନ କରୁଛନ୍ତି।

## ବର୍ଷାରେ ମୁଗ ଫସଲ ନଷ୍ଟ

**କାକଟପୁର, ୨୪।୪(ଡି.ଏନ୍.ଏ):** କାକଟପୁର ଅଞ୍ଚଳରେ ବର୍ଷା ଯୋଗୁ ବ୍ୟାପକ ମୁଗ ଫସଲ ନଷ୍ଟ ହୋଇଛି। ଫସଲ ନଷ୍ଟ ଚାଷୀଙ୍କୁ ବିଶେଷ ଭାବେ ପ୍ରଭାବିତ କରିଛି। ତେବେ ଶୁକ୍ରବାର ପ୍ରବଳ ବର୍ଷାରେ ମୁଗ ଫସଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅନ୍ୟାନ୍ୟ ପନିପରିବା ମଧ ନଷ୍ଟ ହୋଇଛି। ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇଦେବା ଲାଗି ଦାବି ହେଉଛି।

# ପୁନରୁଦ୍ଧାର ହେବ ପର୍ଯ୍ୟଟନ କ୍ଷେତ୍ର

- ପ୍ରସ୍ତୁତ ହେବ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ୍
- ଭର୍ଚୁଆଲ ଟୁରିଜିମ୍‌କୁ ଗୁରୁତ୍ୱ
- ନିଜ ଗାଡ଼ିରେ ବୁଲି ଆସିବାକୁ ପରାମର୍ଶ

**ଭୁବନେଶ୍ୱର,୨୪।୪ (ବ୍ୟୁରୋ)**

ଲକ୍‌ଡାଉନ୍ ଯୋଗୁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ପର୍ଯ୍ୟଟନ କ୍ଷେତ୍ରକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେଇଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ପରିସ୍ଥିତି ସ୍ୱାଭାବିକ ହେଲେ ଅଧିକରୁ ଅଧିକ ପର୍ଯ୍ୟଟକ କିପରି ଓଡ଼ିଶା ଆସିବାକୁ ଆକୃଷ୍ଟ କରାଯାଇପାରିବେ, ସେ ନେଇ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦପ୍ତରରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲକ୍‌ଡାଉନ ପରେ ପର୍ଯ୍ୟଟନସ୍ଥଳୀଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟକ୍ରମ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟ ରାଜ୍ୟରୁ ପର୍ଯ୍ୟଟକ ନିଜ ନିଜ ଗାଡ଼ିରେ ଯେପରି ଆସିବେ ସେ ନେଇ ପର୍ଯ୍ୟଟନ ବିଭାଗ ସଚେତନ କରିବ। ବିମାନ ଓ ରେଳଯାତ୍ରା ପରିବର୍ତ୍ତେ ବ୍ୟକ୍ତିଗତ ଓ ଭଡ଼ା ଗାଡ଼ିରେ ଆସିବାକୁ ରୋଡ୍ ଚିହ୍ନଟ କରାଯିବ। ପେଟ୍ରୋଲ୍ ପମ୍ପ, ରହଣିସ୍ଥଳ, ରେଷ୍ଟୁରାଣ୍ଟ ପ୍ରଭୃତିର ଠିକ୍ ଚିହ୍ନଟ କରି ସ୍ୱତନ୍ତ୍ର ଗାଇଡ୍ ମ୍ୟାପ୍ ଜାରି କରାଯିବାକୁ ଯୋଜନା ରହିଛି। ବୈଠକରେ ବିଭାଗୀୟ ଶାସନ ସଚିବ ବିଶାଲ ଦେବ ଉପସ୍ଥିତ ରହି ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ବାହାର ରାଜ୍ୟରେ ରୋଡ୍ ଶୋ'ର ଅଧିକ ଆବଶ୍ୟକତା ଥିବା ପରାମର୍ଶ ଦେଇଥିଲେ। କୋଭିଡ୍-୧୯ ପରବର୍ତ୍ତୀ ସମୟକୁ ଦୃଷ୍ଟିରେ ରଖି ଏକ ଉତ୍ସର୍ଗୀକୃତ ହେଲ୍‌ପଲାଇନ୍ ନମ୍ବର ଜାରି କରିବା, ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଫଳକ ଲଗାଇବା,କାର୍‌ଭାନ୍ ଓ ପ୍ୟାକେଜ୍ ଟୁର୍ ପ୍ରଭୃତିର ପ୍ରଚଳନ ପାଇଁ ବ୍ୟବସ୍ଥା କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଓଟିଡିସି ଅଧୀନରେ ଥିବା ହୋଟେଲଗୁଡ଼ିକର ଦରରେ ପରିବର୍ତ୍ତନ ଆଣି ବଜାର ଦର ସମତୁଲ କରିବାକୁ ସେ ପରାମର୍ଶ ଦେଇଥିଲେ। ଖୁବଶୀଘ୍ର ନିଗମ ପକ୍ଷରୁ ନୂଆ ରୋଡ୍ ଶୋ', ଭର୍ଚୁଆଲ୍ ଟୁରିଜିମ୍ ପାଇଁ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଏହି ବୈଠକରେ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ ଓ ପ୍ରୋଜେକ୍ଟ ମନିଟରିଂ ୟୁନିଟ୍‌ର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଭୋକିଲାଙ୍କୁ ଆହାର ଦେଉଛି 'ଇଟ୍ସ ଆୱାର ଟର୍ନ ନାଓ'


'ଇଟ୍ସ ଆୱାର ଟର୍ନ ନାଓ' ନାମକ ସୋସିଆଲ ମିଡିଆର ସଦସ୍ୟ ଖାଦ୍ୟ ବଣ୍ଟନ କରୁଛନ୍ତି।

**ଭୁବନେଶ୍ୱର, ୨୪।୪(ବ୍ୟୁରୋ)**

କରୋନା ପାଇଁ ସାରା ରାଜ୍ୟ ଏବେ ଲକଡାଉନ ଥିବାବେଳେ ସହରରେ ରହୁଥିବା ଅସହାୟଙ୍କ ପାଇଁ ସହଯୋଗର ହାତ ବଢ଼ାଇଛନ୍ତି ରାଜଧାନୀର କିଛି ଯୁବଗୋଷ୍ଠୀ। 'ଇଟ୍ସ ଆୱାର ଟର୍ନ ନାଓ' ନାମରେ ଏକ ସୋସିଆଲ ମିଡିଆ ଗ୍ରୁପ କରି ଏକାଠି ହୋଇଛନ୍ତି ୨୦ରୁ ଅଧିକ ଯୁବକ। ପ୍ରତିଦିନ ନିଜ ସାମର୍ଥ୍ୟ ଅନୁଯାୟୀ ଅର୍ଥ ସଂଗ୍ରହ କରି ବସ୍ତି, ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ରାସ୍ତାକଡ଼ରେ ରହୁଥିବା ଭୋକିଲାଙ୍କୁ ଖାଦ୍ୟ ଯୋଗାଉଛନ୍ତି। ରନ୍ଧା ଖାଦ୍ୟ, ଚୁଡ଼ା, ବିସ୍କୁଟ, କଞ୍ଚା ପରିବା, ହ୍ୟାଣ୍ଡୱାଶ, ମାସ୍କ ଓ ସାନିଟାଇଜର ବାଣ୍ଟି ଲୋକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। କରୋନା ବିରୋଧୀ ଲଢ଼େଇରେ ବିଜୟୀ ହେବାପାଇଁ ଲୋକଙ୍କୁ ସଚେତନ କରାଉଛନ୍ତି। ଏବେ ସୁଦ୍ଧା ୫ ହଜାରରୁ ଅଧିକ ଲୋକ ଏବଂ ବୁଲାପ୍ରାଣୀଙ୍କ ନିକଟରେ ଏହି ଗ୍ରୁପ୍ ଖାଦ୍ୟ ପହଞ୍ଚାଇଛି। ଶୁକ୍ରବାର କଳିଙ୍ଗନଗର ଓ ଏମ୍‌ସ ନିକଟରେ ଥିବା ବସ୍ତିରେ ୧୫୦ରୁ ଅଧିକ ଲୋକଙ୍କୁ ଆଳୁ, ପିଆଜ ଓ କଞ୍ଚା ପରିବା ବଣ୍ଟନ କରାଯାଇଥିଲା। ଗ୍ରୁପର ଆଡ୍‌ମିନ୍ ରଞ୍ଜିତ କୁମାର ଦାସଙ୍କ ନେତୃତ୍ୱରେ ଦୁର୍ଗା ପ୍ରସାଦ ସ୍ୱାଇଁ, ଆଲୋକ ରଞ୍ଜନ ସାହୁ, ବିଶ୍ୱଜିତ୍ ସ୍ୱାଇଁ ଓ ବିଶ୍ୱଜିତ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।


ମହାନଦୀର ଗଡ଼ଗଡ଼ିଆ ଘାଟଠାରେ ଶୁକ୍ରବାର ଗଭୀର ଜଳରାଶିରେ ଦୁଇ ଜଣ ବ୍ୟକ୍ତି ମାଛ ମାରିବା ପାଇଁ ଡଙ୍ଗାରେ ଯାଉଛନ୍ତି।

## ଉତ୍କଳ ବିପନ୍ନ ସହାୟତା ସମିତିର ଖାଦ୍ୟ ବଣ୍ଟନ

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

କୋଭିଡ୍-୧୯ ସଂକ୍ରମଣ ଆଶଙ୍କାରେ ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଛି। କାମ ଧନ୍ଦା ନ ପାଇ ଗରିବ ଲୋକମାନେ ଅସହାୟ ଜୀବନ ବିତାଉଛନ୍ତି। କାମ ନ ଥିବାରୁ ପାଖରେ ପଇସା ନାହିଁ। ପିଲା ଛୁଆଙ୍କୁ ଚଳାଇବା କଷ୍ଟକର ହୋଇ ପଡିଛି। ଏଭଳି ଅସମୟରେ ମଞ୍ଚେଶ୍ୱରରେ ଥିବା ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ଭୁବନେଶ୍ୱରର ବିଭିନ୍ନ ବସ୍ତି ଓ ଗ୍ରାମାଞ୍ଚଳରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି। ଲକ୍‌ଡାଉନ ପରଠାରୁ ସମିତି ପକ୍ଷରୁ ରନ୍ଧା ଖାଦ୍ୟ ଦିଆଯିବା ସହ ଶୁଖିଲା ଖାଦ୍ୟ ପୁଡ଼ିଆ ପ୍ରଦାନ କରାଯାଉଛି। ସମିତି ପକ୍ଷରୁ ଚାଉଳ, ଡାଲି, ତେଲ, ଆଳୁ, ପିଆଜ, ବିସ୍କୁଟ, ସାନିଟାଇଜର ଓ ମାସ୍କ ଆଦି ବଣ୍ଟନ କରାଯାଉଛି। ଶୁକ୍ରବାର ସମିତି ପକ୍ଷରୁ ୟୁନିଟ୍-୮, ଗଙ୍ଗନଗରରେ ୧୫୦ ପ୍ୟାକେଟ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିବା ବେଳେ କେଳାସାହି, କାର୍‌ଗିଲବସ୍ତିରେ ୩୦୦, ବେହେରା ସାହି, ସୋମପୁର, ଆନ୍ଧାରୁଆ, ତପୋବନ ବସ୍ତି, ଖଣ୍ଡଗିରି, ରଘୁନାଥନଗର, ଢୁମୁଢୁମା, ବରମୁଣ୍ଡା ଓ ରେଣ୍ଟାଲ କଲୋନୀ ବସ୍ତିରେ ୩୦୦ ପ୍ୟାକେଟ ଖାଦ୍ୟ ଶସ୍ୟ ବଣ୍ଟନ କରାଯାଇଛି। ଲକଡାଉନ୍ ଶେଷ ହେବା ଯାଏ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯିବ ବୋଲି ସମିତି ସମ୍ପାଦକ ଅଜୟ କୁମାର ଦାସ କହିଛନ୍ତି।

## ସରକାର ହାତଖୋଲା ରିଲିଫ ଦିଅନ୍ତୁ: ମୋକିମ

**କଟକ ଅଫିସ୍,୨୪।୪**

ଲକ୍‌ଡାଉନ୍ ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା ଘୋଷଣା ପ୍ରଚାରରେ ସୀମିତ। ଲୋକେ ଠିକ୍ ଭାବେ ସରକାରୀ ସହାୟତା ପାଉନାହାନ୍ତି। ଗ୍ରାଉଣ୍ଡ ଜିରୋ ସର୍ଭେରୁ ଏହା ଅନୁଭବ ହେଉଛି ବୋଲି ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ କହିଛନ୍ତି। ସରକାର ହାତଖୋଲା ସହାୟତା ଦେବାକୁ ସେ ଦାବି କରିଛନ୍ତି। ତାଙ୍କ କହିବାନୁଯାୟୀ, ଏପର୍ଯ୍ୟନ୍ତ ୪୦ ପ୍ରତିଶତ ହିତାଧିକାରୀଙ୍କ ପାଖରେ ରାଶନ୍ ଏବଂ ଆର୍ଥିକ ସହାୟତା ପହଞ୍ଚି ପାରିଛି। ୭୦ ପ୍ରତିଶତ ଲୋକଙ୍କ ରୋଜଗାରକୁ ଲକ୍‌ଡାଉନ୍ ଗଭୀର ଭାବେ ପ୍ରଭାବିତ କରିଛି। ହିତାଧିକାରୀଙ୍କ ପାଖରେ ରାଶନ୍ ପହଞ୍ଚିଲା କି ନାହିଁ, ସମୀକ୍ଷା ହେଉନି। କେତେଜଣ ମୁଷ୍ଟିମେୟ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା କରୋନା ମୁକାବିଲା କେତେଦୂର ସଫଳ ହେବ, ତାହା ସନ୍ଦେହ ସୃଷ୍ଟି କରୁଛି। ହଜାର ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଧାନମନ୍ତ୍ରୀ କେୟାର୍ସ ଫଣ୍ଡ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଆସୁଛି। ହେଲେ ଦେଶବାସୀଙ୍କୁ ହାତ ଖୋଲି ସହାୟତା ବା ରିଲିଫ ଯୋଗାଇବାରେ ଏତେ କାର୍ପଣ୍ୟ କାହିଁକି ବୋଲି ବିଧାୟକ ମୋକିମ ପ୍ରଶ୍ନ କରିଛନ୍ତି। ପର୍ଯ୍ୟାପ୍ତ ଖାଦ୍ୟ ସାମଗ୍ରୀ ଓ ଆର୍ଥିକ ସହାୟତା ଦୀର୍ଘକାଳୀନ ଭିତ୍ତିରେ କେନ୍ଦ୍ର ଓ ରାଜ୍ୟ ସରକାର ଯୋଗାଇ ଦେବା ସହିତ କୃଷକ, ଭଡ଼ାଟିଆ ଏବଂ ସେବାୟତଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି।

# ୫ ମାସ ହେଲା ଦରମା ମିଳିନି

**ହଇରାଣ ହେଉଛନ୍ତି ଏସ୍‌ସିବି ଡାଟା ଏଣ୍ଟ୍ରି ଅପରେଟର**

**କଟକ ଅଫିସ,୨୪।୪**

ମହାମାରୀ କରୋନାକୁ ଭୟ ନ କରି ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ନିଜ ଦାୟିତ୍ୱକୁ ସୁଚାରୁ ଭାବେ ତୁଲାଉଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ତରଫରୁ ଏମାନଙ୍କ ପାଇଁ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଘୋଷଣା କରାଯାଉଛି। ଏପରି କି ଅଗ୍ରୀମ ଆକାରରେ ୪ ମାସର ଦରମା ମଧ ଦିଆଯାଉଛି। କିନ୍ତୁ ଏସ୍‌ସିବିରେ କାର୍ଯ୍ୟରତ ୧୫ଜଣ ଚୁକ୍ତିଭିତ୍ତିକ ଡାଟା ଏଣ୍ଟ୍ରି ଅପରେଟର ଗତ ୫ମାସ ହେଲା ଦରମା ପାଇନାହାନ୍ତି। ଫଳରେ ନାନା ଦୁର୍ଦ୍ଦଶା ମଧ ଦେଇ ଗତି କରୁଛନ୍ତି।

ସୂଚନା ମୁତାବକ, ଏସ୍‌ସିବିର ବିଭିନ୍ନ ବିଭାଗରେ ପ୍ରାୟ ୧୫ଜଣ ଡାଟା ଏଣ୍ଟ୍ରି ଅପରେଟର ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଛନ୍ତି। ଏକ ଘରୋଇ କର୍ମଚାରୀ ଯୋଗାଣ ସଂସ୍ଥା ମାଧ୍ୟମରେ ଏମାନେ ଠିକାରେ ନିଯୁକ୍ତି ପାଇ ବିଭିନ୍ନ ବିଭାଗରେ କାମ କରୁଛନ୍ତି। ତେବେ ସେମାନଙ୍କୁ ନିୟମିତ ଭାବେ ମାସିକ ଦରମା ତ ଦୂରର କଥା ବକେୟା ପ୍ରାପ୍ୟ ମଧ ଦିଆଯାଉନାହିଁ। ଏଥିଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ କର୍ମଚାରୀମାନେ ସମ୍ପୃକ୍ତ ସଂସ୍ଥାର ପଦାଧିକାରୀଙ୍କୁ ଜଣାଇଥିଲେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ସେମାନେ ଏ ନେଇ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅବଗତ କରିଥିଲେ। ଖୋଳତାଡ଼ ପରେ ସମ୍ପୃକ୍ତ ସଂସ୍ଥା ଏପର୍ଯ୍ୟନ୍ତ ସରକାରୀ ଭାବେ ଅନେକ ବିଭାଗରୁ ହିସାବ ନ ନେଇଥିବାରୁ ଦରମା ଅନୁମୋଦନ ହୋଇପାରିନାହିଁ ବୋଲି ଜଣାପଡ଼ିଛି। ଠିକା ସଂସ୍ଥାର ଏଭଳି ଅବହେଳା ଏହି ନିରୀହ କର୍ମଚାରୀଙ୍କ ଅଭାବ ଓ ଦୁଶ୍ଚିନ୍ତାର କାରଣ ପାଲଟିଛି।

## ରେଭେନ୍‌ଶା ୱେବ୍‌ସାଇଟରୁ ମିଳୁଛି ପାଠ୍ୟପୁସ୍ତକ

**କଟକ ଅଫିସ,୨୪।୪**

କରୋନା ମହାମାରୀ ପାଇଁ ଜୁନ ୧୭ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା। ଅନ୍‌ଲାଇନରେ ହେଉଥିବା କ୍ଲାସର ପାଠପୁସ୍ତକ ବିଶ୍ୱବିଦ୍ୟାଳୟ ୱେବସାଇଟରୁ ଛାତ୍ରୀଛାତ୍ରମାନେ ପାଇପାରିବେ ବୋଲି କୁହାଯାଇଥିଲା। ଗତ କିଛିଦିନ ହେବ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ପାଠ୍ୟପୁସ୍ତକ ୱେବସାଇଟରେ ଅପ୍‌ଲୋଡ୍ କରାଯାଇଛି। ଛାତ୍ରୀଛାତ୍ରମାନେ ଏଠାରୁ ସମସ୍ତ ପୁସ୍ତକ ପାଇପାରିବେ।

ସୂଚନା ଅନୁଯାୟୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଈଶାନ କୁମାର ପାତ୍ର କୋର୍ସ ସାରିବାକୁ ସମସ୍ତ ବିଭାଗର ଅଧ୍ୟାପକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିଲାଗି ଅନ୍‌ଲାଇନରେ ପାଠପଢା ଚାଲିଛି। ଅଧ୍ୟାପକମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ କ୍ଲାସ ନେଉଛନ୍ତି। କ୍ଲାସ ଠିକ ଭାବେ ହେଉଛି କି ନାହିଁ ତଦାରଖ କରିବାକୁ ସମସ୍ତ ବିଭାଗର ମୁଖ୍ୟଙ୍କୁ କୁଳପତି ନିର୍ଦ୍ଦେଶ ଦେଇଛନ୍ତି। ତେବେ ବିଶ୍ୱବିଦ୍ୟାଳୟ ବନ୍ଦ ଥିବାରୁ ଛାତ୍ରୀଛାତ୍ରମାନେ ପାଠ୍ୟପୁସ୍ତକ ପାଇପାରୁନାହାନ୍ତି। ଏଥିଯୋଗୁ ସମସ୍ତ ଅଧ୍ୟାପକ ଯେଉଁ ବିଷୟରେ ପଢାଇଛନ୍ତି ତା'ର ପାଠ୍ୟପୁସ୍ତକ ବିଶ୍ୱବିଦ୍ୟାଳୟକୁ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ବିଭାଗର ଉଭୟ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟପୁସ୍ତକ ଏବେ ବିଶ୍ୱବିଦ୍ୟାଳୟ ୱେବସାଇଟରେ ମିଳୁଛି। ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ଇ-ଗ୍ରନ୍ଥାଳୟକୁ ଯାଇ ପାଠ୍ୟପୁସ୍ତକ ପାଇପାରିବେ। ଆଗାମୀ ଦିନରେ ହେବାକୁଥିବା ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ଏହି ପଦକ୍ଷେପ ସହାୟକ ହୋଇପାରିବ ବୋଲି କୁଳପତି ପାତ୍ର କହିଛନ୍ତି।

## ଏସ୍‌ୟୁସିଆଇ(ସି) ପ୍ରତିଷ୍ଠା ଦିବସ

**କଟକ ଅଫିସ,୨୪।୪:** ଏସ୍‌ୟୁସିଆଇ(ସି)ର ୭୩ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। କଟକ ଜିଲାରେ ଥିବା ସଙ୍ଗଠନର କାର୍ଯ୍ୟାଳୟଗୁଡିକରେ ଏହି ଦିବସକୁ ପାଳନ କରାଯାଇଥିଲା। କର୍ମକର୍ତ୍ତାମାନେ ସଙ୍ଗଠନର ପ୍ରତିଷ୍ଠାତା ଶିବଦାସ ଘୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଉପରେ ରଚିତ ସଙ୍ଗୀତ ଗାନ କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ବୀଣାପାଣି ଦାସ ଜନଗଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ସଙ୍ଗଠନକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗଡ଼ିଲା ପୋଲିସର ସଚେତନତା ରଥ


କରୋନା ସଚେତନତା ପାଇଁ ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ବାହାରିଥିବା ରଥ।

**ଖୋର୍ଦ୍ଧା ଅଫିସ,୨୪।୪**

କରୋନା ସଂକ୍ରମଣକୁ ରୋକିବା ଲାଗି ଦେଶରେ ମାସେ ହେଲା ଲକ୍‌ଡାଉନ ଜାରି ରହିଛି। ଏ ନେଇ ଲୋକଙ୍କ ସଚେତନ ଲାଗି ଖୋର୍ଦ୍ଧା ପୋଲିସ ଆରମ୍ଭ କରିଛି ଅଭିନବ ପ୍ରୟାସ। ଶୁକ୍ରବାର କରୋନା ସଚେତନତା ରଥ ମଧ୍ୟରେ ଜନସାଧାରଣଙ୍କୁ ସଚେନତାର ବାର୍ତ୍ତା ଦେଉଛି ପୋଲିସ। ମୁକୁନ୍ଦପ୍ରସାଦ ଛକଠାରୁ ବାହାରି ଏହି ରଥ ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲା। ଏହାକୁ ଉଦ୍‌ଘାଟନ କରି ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ ଲୋକଙ୍କୁ ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ, ସାମାଜିକ ଦୂରତା ଏବଂ ମାସ୍କ ପରିଧାନ ସହ ସାବୁନରେ ବାରମ୍ବାର ହାତ ଧୋଇବାକୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଇନ୍ସପେକ୍ଟର ଅର୍ଚ୍ଚନା ମଲ୍ଲିକଙ୍କ ଦ୍ୱାରା ପ୍ରସ୍ତୁତ କରୋନା ସଚେତନତା ଭିଡିକ ଗୀତ(କରୋନକୁ ଆମେ ଡରିବାନି) ସାଧାରଣରେ ବେଶ ଆଦୃତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି କୃତ୍ତିବାସ ଜେନା, ସତୀଶ ପାଢୀ, ମାୟାଧର ସେଠୀ, ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଆଦର୍ଶ ଥାନା ଅଧିକାରୀ ଉମାଶଙ୍କର ସିଂଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

# ଓଳିଏ ଖାଇଲେ ଓଳିଏ ଉପାସ

**କଟକ ଅଫିସ,୨୪।୪**

କରୋନା ପାଇଁ ଲକ୍‌ଡାଉନ ଯୋଗୁ ଦୋକାନ ବଜାର ବନ୍ଦ। ରୋଜଗାର ବି ବନ୍ଦ। କଷ୍ଟେମଷ୍ଟେ ଓଳିଏ ଖାଇଲେ ଆର ଓଳିକ ଉପାସ ରହିବାକୁ ପଡୁଛି। ଯାହାର କିଛି ଗଚ୍ଛିତ ଉପାର୍ଜନ ରହିଛି ସେମାନେ କୌଣସି ପ୍ରକାରେ ଚଳିଯାଉଛନ୍ତି। ହେଲେ ଯେଉଁମାନେ ଦିନଟିଏ କାମକୁ ନ ଗଲେ ପେଟ ଅପୋଷା ରହେ ସେମାନଙ୍କ ଆଖିରୁ ଅଶ୍ରୁ ଶୁଖୁନି। କଟକ ସହରରେ ରହି ଲୋକଙ୍କ ଘରେ କାମ କରୁଥିବା ପରିଚାରିକାଙ୍କ ଜୀବନ ଓ ଜୀବିକା ଏବେ ପ୍ରଭାବିତ ହୋଇଛି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ କଟକ ସହରକୁ ଚାଲିଆସି ରହିଛନ୍ତି ଅନେକ ପରିଚାରିକା। ସେମାନେ ଅନ୍ୟଘରେ କାମ କରନ୍ତି। ଯାହା କିଛି ରୋଜଗାର କରନ୍ତି ସେଥିରେ ନିଜର ସଂସାର ଚଳାନ୍ତି। ମାତ୍ର ଏବେ ଯୋଗୁ ବାହାରକୁ ଯାଇହେଉନି। କରୋନା ଭୟରେ ମାଲିକମାନେ ବି ଘରେ ପୂରାଇ ଦେଉନାହାନ୍ତି। ଫଳରେ କାମଧନ୍ଦା ସବୁ ଠପ୍। ଭୋକର ଦାଉ ସହିହେଉନି। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ସେମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ତେଣୁ ମନରେ ଚିନ୍ତା ଓ ଦୁଃଖ ଛାଇଯାଇଛି। କେବେ ପୁଣି ସେମାନଙ୍କ ମୁହଁରେ ହସ ଫୁଟିବ ସେଇ ପ୍ରଶ୍ନ ସେମାନେ ନିଜକୁ ନିଜେ ପଚାରି ହେଉଛନ୍ତି।

**ସେମାନେ କୁହନ୍ତି...**


ଯାହା ଘରେ କାମ କରୁଛି ସେ ମାଲିକ ମୋତେ ଯିବାକୁ ମନା କରିଦେଇଛନ୍ତି। ଅନ୍ୟ କିଛି କାମ ମିଳୁନି। ଖାଇବାକୁ ନ ଥିବାବେଳେ ଘରଭଡା ଦେଇପାରୁନି। କ'ଣ କରିବି କିପରି ଚଳିବି କିଛି ଚିନ୍ତା କରିପାରୁନାହିଁ।

**-କି ଗଙ୍ଗାମା, ପରିଚାରିକା**


ସରକାରଙ୍କ ପକ୍ଷରୁ ମିଳିଥିବା ରାଶନ ସାମଗ୍ରୀ ସରିଗଲାଣି। କେବଳ କିଛି ଚାଉଳ ଅଛି। ସିଏମ୍‌ସି କି ଜିଲା ପ୍ରଶାସନ ପକ୍ଷରୁ କିଛି ସହାୟତା ନାହିଁ। କାମ ମିଳିଲେ ପରିବାର ବୋଝ ହଟିବ।

**-କେ.ପଦ୍ମା, ପରିଚାରିକା**

# ଠିକାଦାର ଛୁ: ଫସିରହିଛନ୍ତି ବାହାର ରାଜ୍ୟର ଶ୍ରମିକ

**ବ୍ରହ୍ମଗିରି, ୨୪।୪(ଡି.ଏନ.ଏ)**

ଚିଲିକା ପାଇଁ ବିପଦ ସାଜୁଛି ମାଲେସିଆର ଏକ ପଣ୍ୟବାହୀ ଜାହାଜର କଣ୍ଟେନର। ଏହା ଦୀର୍ଘଦିନ ଧରି ସମୁଦ୍ର ବେଳାଭୂମିରେ ପଡ଼ିରହିଥିବାରୁ ସମୁଦ୍ରର ଗତିପଥ ବଦଳାଇ ବାଲିବନ୍ଧ ଖାଇବାରେ ଲାଗିଛି । ଏହି କଣ୍ଟେନରକୁ କାଟିବା ପାଇଁ ଲାଗିଥିବା ଠିକା ସଂସ୍ଥାର ଜଣେ ଠିକାଦାର ଶ୍ରମିକମାନଙ୍କୁ ଏଠାରେ ଛାଡ଼ି ଚମ୍ପଟ ମାରିଛନ୍ତି। ଫଳରେ ବାହାର ରାଜ୍ୟରୁ ଆସିଥିବା ସମ୍ପୃକ୍ତ ଶ୍ରମିକମାନେ ଭୋକଉପାସରେ ସମୁଦ୍ର କୂଳରେ ଫସିରହିଛନ୍ତି। ଫଳରେ ଏହି କଣ୍ଟେନର କଟା କାମ ଅଧାରେ ଅଟକିଛି। ସୂଚନା ଅନୁଯାୟୀ, ୨୦୧୯ ଅଗଷ୍ଟ ୮ ତାରିଖରେ ଯାନ୍ତ୍ରିକ ତ୍ରୁଟି ପାଇଁ ମାଲେସିଆର ଏକ ପଣ୍ୟବାହୀ ଜାହାଜ


ରାଜହଂସଠାରେ ଫସିରହିଥିବା ଶ୍ରମିକମାନେ।

ଜିନ୍ ହୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ରାଜହଂସଠାରେ ଲାଗିଥିଲା। ଏହା ଜିଲା ପ୍ରଶାସନର ଚିନ୍ତାର କାରଣ ପାଲଟିଥିଲା। ଜିଲା ପ୍ରଶାସନର ହସ୍ତକ୍ଷେପ ଫଳରେ ୩ ମାସ ପରେ ଜାହାଜଟି ତା'ର ଗନ୍ତବ୍ୟ ସ୍ଥଳକୁ ଫେରିଥିଲା। କିନ୍ତୁ କଣ୍ଟେନରଟି ଏପର୍ଯ୍ୟନ୍ତ ସମୁଦ୍ରରେ ପଡ଼ିରହିଛି । ଏହି ବିରାଟକାୟ କକଣ୍ଟେନରଟି ସମୁଦ୍ର ଜଳର ଗତିପଥକୁ ବଦଳାଉଛି। ଏହି ସମୁଦ୍ର ପାଣି ଅନ୍ୟ ଗତିପଥ ଦେଇ ଚିଲିକା ଓ ସମୁଦ୍ର ମଧ୍ୟରେ ଥିବା ବାଲିବନ୍ଧକୁ ଖାଇବାରେ ଲାଗିଛି। ଏଥିଯୋଗୁ ଚିଲିକା ପାଇଁ ବିପଦ ସୃଷ୍ଟି ହୋଇଛି। ଏପଟେ କଣ୍ଟେନରଟି ଭାଙ୍ଗିବା ପାଇଁ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଏ ନେଇ ଉକ୍ତ ଠିକା ସଂସ୍ଥା ମହାରାଷ୍ଟ୍ରରୁ ୧୪ଜଣ ଶ୍ରମିକଙ୍କୁ ନିୟୋଜିତ କରିଛି । ତେବେ ଏମାନଙ୍କୁ ଘଟଣାସ୍ଥଳରେ ଛାଡ଼ି ଠିକାଦାର ଚାଲିଯାଇଛନ୍ତି। ତେଣୁ ଶ୍ରମିକମାନେ କାମ ବନ୍ଦ କରି ବସିରହିଛନ୍ତି। ଠିକାଦାରଙ୍କ ସହ କୌଣସି ଯୋଗାଯୋଗ କରିପାରୁନାହାନ୍ତି ଶ୍ରମିକ। ଏମାନଙ୍କୁ କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ତରଫରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। କେବେ ସମ୍ପୃକ୍ତ ଠିକାଦାର ଆସିବେ ଓ କାମ ଶେଷ କରିବେ ଏବଂ ଚିଲିକାରୁ କଣ୍ଟେନର ହଟିବ ତାହା ଏବେ ପ୍ରଶ୍ନବାଚୀ ହୋଇଛି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ଧରିତ୍ରୀ
DHARITRI
ଶନିବାର, ୨୫ ଏପ୍ରିଲ, ୨୦୨୦

## ପାଣି ନିଷ୍କାସନକୁ ନେଇ ଗୋଷ୍ଠୀ ସଂଘର୍ଷ: ୮ ଅଟକ

ବିଞ୍ଝାରପୁର,୨୪।୪(ଡି.ଏନ.ଏ.): ବିଞ୍ଝାରପୁର ଥାନା ଗୁହାଳି ପଞ୍ଚାୟତ କରୁଣା ଗ୍ରାମରେ ଶ୍ରୀକାନ୍ତ ମଲିକଙ୍କ ନଳକୂପ ପାଣି କେନାଲକୁ ନିଷ୍କାସନ ହେବାକୁ ଯେନାସାହିର କିଛି ଲୋକ ବିରୋଧ କରିଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଶ୍ରୀକାନ୍ତଙ୍କ ଅବସ୍ଥା ଗୁରୁତର ଥିବାବେଳେ ବାହାନ ମଲିକ ଆହତ ହୋଇଛନ୍ତି। ବିଞ୍ଝାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷର ୮ଜଣଙ୍କୁ ଆଣି ଥାନାରେ ଅଟକ ରଖିଛି।



## ସଂକ୍ଷେପରେ

### ଏରସମା: ୫୦ ବହିରାଗତଙ୍କ ସ୍ୱାବ୍ ନମୁନା ସଂଗ୍ରହ

ଏରସମା, ୨୪।୪ (ସ୍ୱ.ପ୍ର.): ଏରସମା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ବାହାରୁ ଆସିଥିବା ୫୦ ଜଣଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇଛି। ଏରସମା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମୀୟ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏରସମା ହାଇସ୍କୁଲ ସନ୍ଦିଗ୍ଧଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇଥିଲା। ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତ ମଖ୍ୟାଳୟରେ ୨୫ ଆଇସୋଲୋଶନ ସେଣ୍ଟର, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ କ୍ୱାରାଣ୍ଟାଇନର ବ୍ୟବସ୍ଥା କରାଯାଇଛି। ଜିଲା ମୁଖ୍ୟାଳୟରୁ ଆସିଥିବା ଡାକ୍ତରୀ ଦଳ ପ୍ରଥମେ ତହସିଲଦାର ଚିତ୍ତରଞ୍ଜନ ମହାନ୍ତ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ୱାଇଁ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝିଙ୍କ ସମେତ ୫୦ ଜଣ ସନ୍ଦିଗ୍ଧଙ୍କ ସ୍ୱାବ ନମୁନା ସଂଗ୍ରହ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଓ ଏରସମା ଥାନାର କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଖଣ୍ଡପଡ଼ା,୨୪।୪(ସ୍ୱ.ପ୍ର.): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଖଣ୍ଡପଡା ଥାନା ସିଂଘାପଡା ପଞ୍ଚାୟତ ବେଡାଙ୍ଗୀ ଗ୍ରାମର ଜଣେ ଯୁବକଙ୍କୁ ଗୁରୁବାର ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଗ୍ରାମର ବିଜୟ କୁମାର ସ୍ୱାଇଁ (୪୮) ଗୁରୁତର ହୋଇଛନ୍ତି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ବେଳେ ଡ଼ାହାଣ ଗୋଡଟି ଭାଙ୍ଗିଯାଇଛି। ଗୁରୁବାର ରାତିରେ ବିଜୟ ଘରୁ ବାହାରି ନିକଟସ୍ଥ ଖଳା ଘରକୁ ଯାଉଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ପୂର୍ବ ଶତ୍ରୁତାରୁ ତାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ବିଜୟ ଚେତାଶୂନ୍ୟ ହୋଇ ପଡି ଯାଇଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚିଯିବାରୁ ସମ୍ପୃକ୍ତ ଯୁବକ ସେଠାରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ବିଜୟଙ୍କୁ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ବିଜୟଙ୍କ ପିତା ଚନ୍ଦ୍ରମଣି ସ୍ୱାଇଁ ଏ ନେଇ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି।

### ପିପିଏଲ୍ ପକ୍ଷରୁ ମାସ୍କ, ସାବୁନ ବଣ୍ଟନ

ପାରାଦୀପ, ୨୪।୪ (ସ୍ୱ.ପ୍ର.): ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ୍) ପକ୍ଷରୁ ସ୍ଥାନୀୟ ୪ଟି ପଞ୍ଚାୟତରେ ମାସ୍କ ଓ ହାତଧୁଆ ସାବୁନ ବଣ୍ଟନ କରାଯାଇଛି। ଗତ ଏକ ମାସ ହେଲା କମ୍ପାନୀ ପକ୍ଷରୁ ବିଭିନ୍ନ ସ୍ଥାନରେ ମାସ୍କ ଓ ସାବୁନ ବଣ୍ଟନ କରାଯାଉଛି। ଶୁକ୍ରବାର ଫତେପୁର ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ସ୍ନେହମୟୀ ବେଉରା ଓ ସିଡିପିଓ ତନୁପ୍ରଭା ବେହେରାଙ୍କ ଉପସ୍ଥିତିରେ ମାସ୍କ ବଣ୍ଟନ କରାଯାଇଥିଲା। ସେହିପରି ଅନ୍ୟ ପଞ୍ଚାୟତ ଓ ପାରାଦୀପ ପୌରାଞ୍ଚଳର ୨ଟି ବସ୍ତିରେ ୯୦ ହଜାରରୁ ଉର୍ଦ୍ଧ୍ୱ ମାସ୍କ ଓ ସାବୁନ ବଣ୍ଟନ କରାଯାଇଛି ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଦୁର୍ଦ୍ଦଶାରେ ନୀଳାଚଳ ଇସ୍ପାତ କର୍ମଚାରୀ

ଯାଜପୁର ଅଫିସ,୨୪।୪

**କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ**




- ସେଲ୍ କିମ୍ବା ଆର୍‌ଆଇଏନ୍‌ଏଲ୍ ସହ ମିଶ୍ରଣ ଦାବି
- ସରକାରୀ କମ୍ପାନୀ ହିଁ ଜାତୀୟ ବିପତ୍ତିରେ କାମକୁ ଆସିଛି
- ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲା ସଂଘ

କଳିଙ୍ଗନଗରସ୍ଥିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ (ଏନ୍‌ଆଇଏନ୍‌ଏଲ୍)ରୁ ପୁଞ୍ଜି ପ୍ରତ୍ୟାହାର ଓ କୋକ୍‌ଓଭେନ୍ ପ୍ଲାଣ୍ଟ ବନ୍ଦ ହେବା ପାଇଁ କେତେଜଣ ଅଧିକାରୀଙ୍କ ବଡ଼ ଭୂମିକା ରହିଛି। ସେମାନଙ୍କ ଚକ୍ରାନ୍ତ ଯୋଗୁ ଶତାଧିକ ଶ୍ରମିକ ଓ କର୍ମଚାରୀ ଜୀବିକା ହରାଇ ହନ୍ତସନ୍ତ ହେଉଛନ୍ତି। ବିଶେଷକରି ଏବେକାର ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ଶ୍ରମିକଙ୍କ ପେଟପାଟଣା ବହୁଳ ମାତ୍ରାରେ ମଧ୍ୟ ପ୍ରଭାବିତ ହେଉଛି। ଜାତୀୟ ବିପତ୍ତି ବା ଅର୍ଥନୀତି ବିପର୍ଯ୍ୟୟ ସମୟରେ ସରକାରୀ କମ୍ପାନୀ ଦେଶର କାମରେ ଆସିଥିବା ନଜିର ରହିଛି। ତେଣୁ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏନ୍‌ଆଇଏନ୍‌ଏଲକୁ ସେଲ(ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିଃ) ବା ଆର୍‌ଆଇଏନ୍‌ଏଲ(ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିଃ)ରେ ମିଶ୍ରଣ କରିବାକୁ କଳିଙ୍ଗନଗର ଶ୍ରମିକ ସଂଘ ପକ୍ଷରୁ ଦାବି ହୋଇଛି। ଏନେଇ ଗୁରୁବାର କଳିଙ୍ଗନଗର ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରତାପ ଜେନା ପ୍ରଧାନମନ୍ତ୍ରୀଙ୍କୁ ଟୁଇଟ୍ କରି ଏକ ଦାବିପତ୍ର ପ୍ରେରଣ କରିଛନ୍ତି।

ଦାବିପତ୍ରରେ ଜେନା ଦର୍ଶାଇଛନ୍ତି ଯେ, ଏନ୍‌ଆଇଏନ୍‌ଏଲ୍‌ର ବ୍ଲାଷ୍ଟ ଫର୍ନେସକୁ ନିକଟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନବୀକରଣ କରାଯାଇଛି। ଏଥିସହିତ କମ୍ପାନୀର ନିଜସ୍ୱ ଖଣି, ଜମି ଆଦି ବୃହତ୍ ସମ୍ବଳ ରହିଛି। ଏହାସତ୍ତ୍ୱେ ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୃତ୍ୟୁ ହେବାକୁ ବସିଛି। ଏହି ଉଦ୍ୟାଗକୁ ଘରୋଇ କମ୍ପାନୀ ହାତରେ ଟେକି ଦେଇ କେତେଜଣ ଅଧିକାରୀ ଓ ନେତା କୋଟି କୋଟି ଟଙ୍କାର ମୁନାଫା କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ତେଣୁ ଦେଶର ଅର୍ଥନୀତିକୁ ମଜଭୁତ କରିବାକୁ ଏହି ଉଦ୍ୟୋଗକୁ ସେଲ୍ କିମ୍ବା ଆର୍‌ଆଇଏନ୍‌ଏଲ୍ ସହ ମିଶ୍ରଣ କରିବାକୁ ସଂଘ ଦାବି କରିଛି। ଅନ୍ୟପକ୍ଷରେ ଶ୍ରମିକ ଓ କର୍ମଚାରୀଙ୍କ ବକେୟା ଏ ପର୍ଯ୍ୟନ୍ତ ପୈଠ ହୋଇ ନାହିଁ। ପୁଞ୍ଜି ପ୍ରତ୍ୟାହାରଜନିତ ସମସ୍ୟା ଓ ଶ୍ରମିକ ଅଶାନ୍ତି ଦୂର କରିବା ଦିଗରେ ଉଭୟ ସରକାରୀ କଳ ଓ ନେତୃବୃନ୍ଦ ବିଫଳ ହୋଇଛନ୍ତି ବୋଲି ଜେନା ଦାବିପତ୍ରରେ ଦର୍ଶାଇଛନ୍ତି।

ସୂଚନାଥାଉ କି ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ପଦକ୍ଷେପ ସ୍ୱରୂପ ଏନ୍‌ଆଇଏନ୍‌ଏଲ୍‌ର କୋକ୍‌ଓଭେନ୍ ଓ ବାଏ ପ୍ରଡକ୍ଟ ପ୍ଲାଣ୍ଟକୁ ଗତ ମାର୍ଚ୍ଚ ୩୦ରେ ବନ୍ଦ କରିଦିଆଗଲା। କୋକ୍‌ଓଭେନ୍ ବନ୍ଦ ହେବାପରେ ପୁନଶ୍ଚ ଏହାର ଚାଲୁ ପାଇଁ ପ୍ରାୟ ୬୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ନୀଳାଚଳ ବଞ୍ଚାଅ ମିଳିତ ମଞ୍ଚ ତରଫରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହା ସରକାରଙ୍କ ବଡ଼ କ୍ଷତି। ଏହାସହ କମ୍ପାନୀକୁ ଘରୋଇକରଣ ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ଏହାର ମୂଲ୍ୟାୟନ ମଧ୍ୟ ହ୍ରାସ ପାଇବ ଏବଂ ଯେଉଁ କମ୍ପାନୀ ଏନ୍‌ଆଇଏନ୍‌ଏଲ୍‌କୁ କିଣିବାକୁ ପ୍ରସ୍ତୁତ ହୋଇଛି ତାହା ପାଇଁ ଏକ ଅନୁକମ୍ପା ବୋଲି ମଞ୍ଚ ଅଭିଯୋଗ କରିଥିଲା।

# କ୍ୱାରାଣ୍ଟାଇନରେ ୧୧୭ କୋଲକାତା ଫେରନ୍ତା

ରସୁଲପୁର,୨୪।୪(ଡିଏନଏ)

**ରସୁଲପୁରରେ ସମୁଦାୟ ୩୦ କ୍ୱାରାଣ୍ଟାଇନ କେନ୍ଦ୍ର**

ଯାଜପୁର ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୧୨ରେ ପହଞ୍ଚିଛି। ଏହି ସଂଖ୍ୟାକୁ ନିୟନ୍ତ୍ରଣରେ ରଖିବା ପାଇଁ ଜିଲାକୁ ସଟଡାଉନ ଘୋଷଣା କରାଯାଇଛି। ଏହା ସହିତ ଜିଲାବ୍ୟାପୀ ସମୁଦାୟ ୩୩୬ଟି କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲା ଯାଇଥିବାବେଳେ ରସୁଲପୁର ବ୍ଲକ ଅଧୀନ ୨୮ଟି ପଞ୍ଚାୟତରେ ୩୦ଟି କ୍ୱାରାଣ୍ଟାଇନ କେନ୍ଦ୍ର ଖୋଲାଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ୨୦ ଶଯ୍ୟା ବିଶିଷ୍ଟ ରହିଛି। ଏହି ବ୍ଲକର ୩୦ଟି କେନ୍ଦ୍ରରୁ ୨୪ଟିରେ ୧୧୭ଜଣ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ବହିରାଗତଙ୍କୁ ରଖିବା ପାଇଁ ରସୁଲପୁର ଓ ବାହାଦଲାପୁର ପଞ୍ଚାୟତରେ ୨ଟି ଲେଖାଏଁ କେନ୍ଦ୍ର ରହିଥିବାବେଳେ ଅନ୍ୟ ୨୬ଟି ପଞ୍ଚାୟତରେ ଗୋଟିଏ ଲେଖାଏଁ କେନ୍ଦ୍ର ଖୋଲାଯାଇଛି। ଜାବରା, ରାଜେନ୍ଦ୍ରପୁର, ଶ୍ରୀବନ୍ତପୁତ, ମୁଗୁପାଳ ପ୍ରଭୃତି ୪ଟି ପଞ୍ଚାୟତରେ ଏବେ ସୁଧା ଜଣେ ହେଲେ ବହିରାଗତଙ୍କୁ ଠାବ କରାଯାଇ ନାହିଁ। ଏହି ବ୍ଲକର ଭୋଟକା ପଞ୍ଚାୟତରେ ସର୍ବାଧିକ ୧୫ଜଣ ପଶ୍ଚିମବଙ୍ଗ ଫେରନ୍ତା ଥିବାବେଳେ ଦ୍ୱିତୀୟ ସର୍ବାଧିକ (୧୦ଜଣ) ଗନ୍ଧଣ ପଞ୍ଚାୟତରେ ରହିଛନ୍ତି। ଏହାଛଡା ଅନ୍ୟ ୨୨ଟି ପଞ୍ଚାୟତରେ ଏକ ଅଙ୍କ ବିଶିଷ୍ଟ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ଠାବ କରାଯାଇ କ୍ୱାରାଣ୍ଟାଇନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କଠାରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବାକୁ ପଠାଯାଉଛି। ତେବେ ଭୋଟକା ପଞ୍ଚାୟତରେ କ୍ୱାରାଣ୍ଟାଇନ କେନ୍ଦ୍ରରେ ରହୁଥିବା ବ୍ୟକ୍ତିମାନେ କଟକଣାରେ ରହୁ ନ ଥିବା ଅଭିଯୋଗ ହେଉଛି। ଏହି ପଞ୍ଚାୟତରେ ହିଙ୍ଗୁଳା ବିଦ୍ୟାପୀଠକୁ କ୍ୱାରାଣ୍ଟାଇନ କେନ୍ଦ୍ରଭାବେ ସ୍ଥିର କରାଯାଇଛି। ଏଠି ଆବଶ୍ୟକ ଶଯ୍ୟା ନ ଥିବାରୁ ସନ୍ଦିଗ୍ଧଙ୍କୁ ତଳେ ଶୋଇବାକୁ ପଡୁଛି। ଗନ୍ଧଣ ପଞ୍ଚାୟତରେ ଏବେ ବି ଅନେକ କଳିକତା ଫେରନ୍ତା ଲୁଚି ରହିଥିବା ଅଭିଯୋଗ ଆସୁଛି। ଅନ୍ୟପକ୍ଷରେ କ୍ୱାରାଣ୍ଟାଇନ କେନ୍ଦ୍ର ଓ ଶୌଚାଳୟଗୁଡ଼ିକୁ ସଫାସୁତରା ରଖାଯିବା ଉପରେ ଧ୍ୟାନ ଦିଆଯାଉ ନାହିଁ ବୋଲି ପର୍ଯ୍ୟବେକ୍ଷଣରେ ରହିଥିବା ବ୍ୟକ୍ତିମାନେ ଅଭିଯୋଗ କରିଛନ୍ତି। ତେବେ ଏନେଇ ଭୋଟକା ସରପଞ୍ଚ ଅକ୍ଷୟ କୁମାର ମଲିକଙ୍କୁ ପଚାରିବାରୁ, କେନ୍ଦ୍ରରେ ୨୦ଟି ବେଡ ଉପଲବ୍ଧ ହେବାର ବିଧି ରହିଛି। ତେବେ ପ୍ରାରମ୍ଭିକ ଅବସ୍ଥାରେ ୧୦ଟି ବେଡ୍ ପକାଯାଇଛି। ଏବେ ଲକଡାଉନ ଓ ସଟଡାଉନ ଯୋଗୁ ବେଡ୍ ମିଳୁନାହିଁ। ଆବଶ୍ୟକ ସଂଖ୍ୟକ ଶଯ୍ୟାର ବନ୍ଦୋବସ୍ତ କରାଯିବା ନେଇ ପ୍ରୟାସ ଜାରି ରହିଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ ମିଶ୍ରଙ୍କୁ ପଚାରିବାରୁ, ଏ ନେଇ କୌଣସି ନିର୍ଦ୍ଦିଷ୍ଟ ନିୟମାବଳି ନ ଥାଇ ବି ସେ ଜଣଙ୍କୁ ନିୟୋଜିତ କରି ଶୌଚାଳୟକୁ ସଫା କରିବାକୁ ପ୍ରୟାସ କରାଯାଉଥିବା କହିଛନ୍ତି।

# ଆଜିଠାରୁ ପାରାଦୀପ ମୁଖ୍ୟ ମାଛ ମାର୍କେଟ ବନ୍ଦ

ପାରାଦୀପ,୨୪।୪(ଡି.ଏନ.ଏ.)

ପାରାଦୀପ ମୁଖ୍ୟ ମାଛ ଗଦି ବେପାର ସ୍ଥଳରେ କେତେକ କାରଣକୁ ନେଇ ଶନିବାରଠାରୁ ବ୍ୟବସାୟ ବନ୍ଦ କରାଯିବ ବୋଲି ଘୋଷଣା କରାଯାଇଛି। ଅର୍ଥାତ ଏପ୍ରିଲ ୨୫ରୁ ମେ’ ୩ ତାରିଖ ପର୍ଯ୍ୟନ୍ତ ମାଛ ବଜାର ବନ୍ଦ ରହିବ। ପରେ ଯଦି ସରକାର ଲକ୍‌ଡାଉନ କଟକଣା ଅବଧି ବୃଦ୍ଧି କରନ୍ତି କିମ୍ବା ପଶ୍ଚିମବଙ୍ଗ ବ୍ୟବସାୟୀଙ୍କୁ ନେଇ ଅଡୁଆ ବଢ଼େ ତା’ହେଲେ ପୁଣି ବାଲି ପ୍ଲଟରେ ୪୦କଟକଣା କରାଯିବ ବୋଲି କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଂଘ ସଭାପତି କେଦାର ଜେନା କହିଛନ୍ତି।

ସୂଚନା ଅନୁସାରେ, ଅଠରବାଙ୍କୀ ବାଲି ପ୍ଲଟରେ ୩୦ରୁ ଉର୍ଦ୍ଧ୍ୱ ମାଛଗଦି ରହିଛି। ନଦୀ, ସମୁଦ୍ର ମାଛ ଘେରିରୁ ଉତ୍ପାଦନ ହେଉଥିବା ମାଛ ଉକ୍ତ ଗଦିରେ ବିକ୍ରି କରାଯାଏ। ସେହି ମାଛକୁ ରାଜ୍ୟର ବିଭିନ୍ନ ପ୍ରାନ୍ତର କ୍ଷୁଦ୍ର ବ୍ୟବସାୟୀମାନେ କିଣିଥାନ୍ତି। ଏହି କ୍ରମରେ ବାଲି ପ୍ଲଟରେ ପ୍ରତିଦିନ ଶତାଧିକ ବ୍ୟବସାୟୀ ଓ ମାଛ ଚାଷୀଙ୍କ ଭିଡ଼ ଜମିଥାଏ, ଯେଉଁଥିରେ ପଶ୍ଚିମବଙ୍ଗର ବେପାରୀ ଅଧିକ ଥାଆନ୍ତି। ଏବେ ପଶ୍ଚିମବଙ୍ଗ ଫେରନ୍ତାଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହେବା ପରେ ବାଲିପ୍ଲଟରେ ଛନକା ପଶିଛି। ଜିଲା ପ୍ରଶାସନ ପକ୍ଷରୁ ସେଠାରେ ପ୍ରତିଦିନ ପଶ୍ଚିମବଙ୍ଗ ଫେରନ୍ତାଙ୍କ ଉପରେ କଡା ନଜର ରଖିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଉଛି। ଏହି ଘଟଣାକୁ ନେଇ ସେଠାରେ ଏକାଧିକଥର ଗଣ୍ଡଗୋଳ ମଧ୍ୟ ଘଟିସାରିଛି। ଏ ସମ୍ପର୍କରେ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର କହିଛନ୍ତି, ମାଛ ବ୍ୟବସାୟ ବନ୍ଦ କରିବା ପାଇଁ ପ୍ରଶାସନ ବାରଣ କରିନାହିଁ। କେବଳ ପଶ୍ଚିମବଙ୍ଗ ଫେରାନ୍ତଙ୍କ ଉପରେ ନଜର ରଖାଯାଇଛି ଏବଂ ସାମାଜିକ ଦୂରତା ବଜାୟ ରଖିବାକୁ କୁହାଯାଇଛି।

# ୨ ବାଲି ବୋଝେଇ ଟ୍ରକ୍ ଜବତ, ୫୨ ହଜାର ଜରିମାନା ଆଦାୟ

ଜଗତ୍‌ସିଂହପୁର ଅଫିସ,୨୪।୪

ପ୍ରତି ମାସରେ ଜଗତ୍‌ସିଂହପୁର ଓ ପାରାଦୀପ ପୌରାଞ୍ଚଳରେ ନିର୍ଦ୍ଦିଷ୍ଟ ସମୟରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରିକରାଯାଉଛି। କିନ୍ତୁ ଅନେକ ସମୟରେ ଭାରିଯାନଗୁଡିକ ସରକାରୀ ନିର୍ଦ୍ଦେଶକୁ ବେଖାତିର କରୁଛନ୍ତି। ଯାହାର ପ୍ରମାଣ ଗତ ୨୩ ତାରିଖରେ ଦେଖିବାକୁ ମିଳିଛି। ଏହିଦିନ ପ୍ରବେଶ ନିଷେଧ ସମୟରେ ଜଗତ୍‌ସିଂହପୁର ସହରରେ ବାଲି ବୋଝେଇ ୨ଟି ହାଇୱା ଟ୍ରକ୍ ଯାଉଥିବାବେଳେ ଜଗତ୍‌ସିଂହପୁର ପୋଲିସ ଜବତ କରିଥିଲା। ଥାନା ପକ୍ଷରୁ ବୁଧବାର ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ)ଙ୍କୁ ଚିଠି ମାଧ୍ୟମରେ ସୂଚନା ଦିଆଗଲାପରେ ଟ୍ରକ୍‌ଦ୍ୱୟଠାରୁ ୨୬ ହଜାର ଲେଖାଏ ମୋଟ ୫୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ୨ଟି ଟ୍ରକ୍‌କୁ ସ୍ଥାନୀୟ ପୋଷ୍ଟ ଅଫିସ ଛକରେ ଲୋକେ ଅଟକାଇ ପୋଲିସକୁ ସୂଚନା ଦେଇଥିଲେ। ପରେ ପୋଲିସ ଟ୍ରକ୍ ଦୁଇଟିକୁ ଜବତ କରିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଗତ୍‌ସିଂହପୁର ପୌରାଞ୍ଚଳରେ ଭାରିଯାନ ଚଳାଚଳ ଉପରେ ସକାଳ ୮ରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୫ରୁ ରାତି ୮ଟା ଭିତରେ କଟକଣା ଜାରି କରାଯାଇଛି। କିନ୍ତୁ ଟ୍ରକ୍ ଚାଳକଦ୍ୱୟ ନିର୍ଦ୍ଦେଶନାମାକୁ ଅବମାନନା କରିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ସାମାଜିକ କାର୍ଯ୍ୟ ପାଇଁ ଅନୁମତି ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କ ପତ୍ର

ଯାଜପୁର ଅଫିସ,୨୪।୪

**ଲକ୍‌ଡାଉନ ସମୟରେ ସହାୟତା କରିବାରୁ ରଦ୍ଦ ହୋଇଥିଲା ପାସ୍**

ଲକଡାଉନ ସମୟରେ ଯାଜପୁର ଜିଲାର ବହୁ ଗରିବ ଓ ବହିରାଗତଙ୍କୁ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ରିଲିଫ ବଣ୍ଟନ କରାଯାଉଛି। ଏଥିରେ କୋଉଠି ପ୍ରଶାସନର ଅନୁମତି ରହିଛି ତ ଅନ୍ୟ କେଉଁଠି ବିନା ଅନୁମତିରେ ରିଲିଫ କାର୍ଯ୍ୟ ଚାଲିଛି। ହେଲେ ଜିଲାର ଧର୍ମଶାଳା ବ୍ଲକ ସମେତ ବିଭିନ୍ନ ଅଞ୍ଚଳରେ ଗରିବ, ଅସହାୟଙ୍କୁ ଖାଦ୍ୟ ପଦାର୍ଥ ବଣ୍ଟନ କରୁଥିବା ଅଂଶୁମାନ ଟ୍ରଷ୍ଟକୁ ରାଜନୈତିକ ଚକ୍ରାନ୍ତ କରି ବନ୍ଦ କରିଦେବା ଘଟଣାକୁ କେନ୍ଦ୍ର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ନାପସନ୍ଦ କରିଛନ୍ତି। ମନ୍ତ୍ରୀ ଷଡଙ୍ଗୀ ତାଙ୍କ ପତ୍ରସଂଖ୍ୟା ୧୦୧୪/୨୩।୪।୨୦୨୦ରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଏକ ପତ୍ର ଲେଖିବା ସହିତ ପୂର୍ବପରି ରିଲିଫ ବଣ୍ଟନ କରିବାକୁ ସମ୍ପୃକ୍ତ ସାମାଜିକ ଅନୁଷ୍ଠାନ ଅଂଶୁମାନ ଟ୍ରଷ୍ଟକୁ ଅନୁମତି ଦେବା ପାଇଁ ଅନୁରୋଧ କରିଛନ୍ତି। ସେ ଉକ୍ତ ପତ୍ରରେ ଦର୍ଶାଇଛନ୍ତି ଯେ, ସାମାଜିକ ଦୂରତା ବଜାୟ ରହୁ ନ ଥିବାରୁ ଅଂଶୁମାନ ଟ୍ରଷ୍ଟ ଅନୁଷ୍ଠାନର ଗାଡ଼ି ଚଳାଚଳ ଅନୁମତିକୁ ରଦ୍ଦ କରି ଦିଆଯାଇଛି। କିନ୍ତୁ ବେସରକାରୀ ଅନୁଷ୍ଠାନ ଏବଂ ସାମାଜିକ ଅନୁଷ୍ଠାନଗୁଡିକ ଏନେଇ ସଚେତନ ଅଛନ୍ତି ଏବଂ ସେମାନେ ଲୋକଙ୍କୁ ସାମାଜିକ ଦୂରତା ବଜାୟ ରଖି ସହଯୋଗ କରି ଆସୁଛନ୍ତି। ଲକଡାଉନ ସମୟରେ ଉଭୟ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହଯୋଗ କରିବାକୁ ଅନୁମତି ଦେବାକୁ ନିର୍ଦ୍ଦେଶ ହୋଇଛି। ଏଥିଯୋଗୁ ବହୁ ଅଭାବୀ ଓ ଗରିବ ଲୋକ ଉପକୃତ ହୋଇପାରିବେ ବୋଲି ଦର୍ଶାଇଛନ୍ତି।

ରାଜ୍ୟରେ ରକ୍ତ ଅଭାବ ଦୂର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଅଂଶୁମାନ ଟ୍ରଷ୍ଟ ଗତ ୧୬ ତାରିଖରେ ଧର୍ମଶାଳାରେ ଏକ ରକ୍ତଦାନ ଶିବିର କରିଥିଲା। ଏଥିରେ ସାମାଜିକ ଦୂରତା ବଜାୟ ହୋଇ ନ ଥିବା ଅଭିଯୋଗ ହେବା ପରେ ଧର୍ମଶାଳା ତହସିଲଦାର ଟ୍ରଷ୍ଟ ପାସକୁ ବାତିଲ କରିଦେଇଥିଲେ।

# ସୋମନାଥ, କୁଜଙ୍ଗ ହାଟ ବନ୍ଦ



- ଗୋରଖନାଥ ପୀଠରେ ୧୪୪ ଧାରା ଜାରି
- ଜିଲା ମୁଖ୍ୟ ଚିକିତ୍ସାଳୟରେ ଟେଲି ମେଡିସିନ୍ ସୁବିଧା

ଜଗତ୍‌ସିଂହପୁର ଅଫିସ,୨୪।୪: ଜଗତ୍‌ସିଂହପୁର ଜିଲାରେ ଲକ୍‌ଡାଉନ୍ ବଳବତ୍ତର ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରାଯାଉଛି। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଗତ୍‌ସିଂହପୁର ସୋମନାଥ ହାଟ (ନୂଆ ହାଟ) ସପ୍ତାହରେ ଗୋଟିଏ ଦିନ ହେଉଥିଲା। କିନ୍ତୁ ହାଟରେ ନାହିଁ ନ ଥିବା ଭିଡ ହେବାରୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଯାଇଥିଲା। ତଥାପି ପୋଲିସ, ପ୍ରଶାସନ ଲୋକଙ୍କୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରିଲେ ନାହିଁ। ଅନୁରୂପ ଭାବେ କୁଜଙ୍ଗ ହାଟରେ ମଧ୍ୟ ଗହଳି ଚିନ୍ତାର କାରଣ ହେଉଥିଲା। ଏନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେବାରୁ ଶେଷରେ ପ୍ରଶାସନ ହାତ ଟେକି ଦେଇଛି। ବିକଳ୍ପ ସ୍ୱରୂପ କୁଜଙ୍ଗ ଓ ସୋମନାଥ ହାଟ ବନ୍ଦ କରିଦେବାକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିଷ୍ପତ୍ତି ନେଇଛନ୍ତି। ସେହିପରି କେରକେରାସ୍ଥିତ ଗୋରଖନାଥ ପୀଠରେ ଆସନ୍ତା ୨୬ରୁ ମେ’ ୩ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ଏହି ସମୟରେ ବାର୍ଷିକ ଯଜ୍ଞକୁ ଦୃଷ୍ଟିରେ ରଖି ଜନସମାଗମ ହେବାର ଥିବାରୁ ଜିଲା ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଛି। ମନ୍ଦିରରେ ପୂଜକଙ୍କୁ ମିଶାଇ ମୋଟ୍ ୪ ଜଣରୁ ଅଧିକ ଏକାଠି ହୋଇପାରିବେ ନାହିଁ। କେହି ଏହାର ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟେଲି ମେଡିସିନ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। କେହି ଡାକ୍ତରଖାନା ନ ଯାଇ ଘରେ ରହି ହ୍ୱାଟ୍ସଆପ୍ ଭଏସ୍ କଲ୍ କିମ୍ବା ହ୍ୱାଟ୍ସଆପ୍ ଭିଡିଓ କଲରେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନ କରିପାରିବେ। ସୋମବାରଠାରୁ ଶନିବାର ସକାଳ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରୋଗୀମାନେ ଡାକ୍ତରଙ୍କ ସହ ଯୋଗାଯୋଗ କରିପାରିବେ। ଭେଷଜ ବା ଜେନେରାଲ ମେଡିସିନ୍ ସଂକ୍ରାନ୍ତୀୟ ପରାମର୍ଶ ପାଇଁ ଧରଣୀଧର ସେନାପତିଙ୍କୁ ତାଙ୍କ ମୋବାଇଲ ନଂ–୯୪୩୭୯୩୫୧୬୬, ଚକ୍ଷୁ ସମସ୍ୟା ନିମନ୍ତେ ଅଶୋକ ମିଶ୍ରଙ୍କୁ ୯୪୩୭୩୩୪୪୬୦, ପ୍ରସୂତି ଓ ସ୍ତ୍ରୀରୋଗ ପାଇଁ ରୁକ୍ମିଣୀ ଦେବୀଙ୍କୁ ୯୪୩୭୨୨୮୦୨୮, ଶିଶୁ ରୋଗ ପାଇଁ ଛାୟାକାନ୍ତ ଗୌଡ଼ାଙ୍କୁ ୯୪୩୭୧୬୦୬୫୨, ଚର୍ମରୋଗ ପାଇଁ ରଞ୍ଜନ ପଟ୍ଟନାୟକଙ୍କୁ ୭୦୦୮୫୬୫୯୪୪, କାନ, ନାସା ଓ ଗଳା ରୋଗ ପାଇଁ ସିମନ୍ତିନୀ ରାଉତଙ୍କୁ ୯୯୩୮୯୧୩୦୫୫, ଅସ୍ଥି, ଶଲ୍ୟ ନିମନ୍ତେ ସତ୍ୟବ୍ରତ ଭୂୟାଁଙ୍କୁ ୯୪୩୭୧୪୫୬୭୯ ଓ ଦାନ୍ତ ରୋଗ ପାଇଁ ନୀଳାଦ୍ରି ପଣ୍ଡାଙ୍କୁ ମୋବାଇଲ ନଂ. ୭୯୭୮୧୩୮୪୬୦ରେ ଯୋଗାଯୋଗ କରିବାକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଟ୍ୟାଙ୍କର ଚାଳକ, ଖଲାସିଙ୍କ ବିକ୍ଷୋଭ

ପାରାଦୀପ, ୨୪।୪ (ସ୍ୱ.ପ୍ର.): କରୋନା କଟକଣା ସତ୍ତ୍ୱେ ତେଲ ପରିବହନ କରୁଥିବା ଟ୍ୟାଙ୍କଲର ଚାଳକ–ଖଲାସିମାନେ କାମ କରୁଛନ୍ତି। କିନ୍ତୁ ସେମାନଙ୍କୁ ଖାଦ୍ୟ ଓ ପାନୀୟ ଠିକ୍ ଭାବେ ମିଳୁ ନ ଥିବାରୁ ଶୁକ୍ରବାର ସେମାନେ ତେଲ କମ୍ପାନୀ ଏଚ୍‌ପିସିଏଲ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚାଳକ ହେମନ୍ତ ନାୟକ, ଚୁଗଲ ବମିନ ପ୍ରମୁଖ କହିଛନ୍ତି, କରୋନା କଟକଣା ଯୋଗୁ ସେମାନଙ୍କୁ ଖାଦ୍ୟ, ପାନୀୟଜଳ ମିଳୁନି। ଏପରିକି କମ୍ପାନୀ ପକ୍ଷରୁ ମାସ୍କ, ସାନିଟାଇଜର କିମ୍ବା ସାବୁନ ମଧ ମିଳୁ ନ ଥିବାରୁ ବିକ୍ଷୋଭ କରାଯାଉଛି ବୋଲି କହିଛନ୍ତି। ଏ ସମ୍ପର୍କରେ କମ୍ପାନୀ ପରିଚାଳକ ବେଣୁଧର ସେଠୀଙ୍କୁ ପଚାରିବାରେ ସେ ଏ ନେଇ କୌଣସି ପ୍ରତିକ୍ରିୟା ଦେଇପାରିବେ ନାହିଁ ବୋଲି କହିଛନ୍ତି।

# କ୍ୱାରାଣ୍ଟାଇନରେ ରଖି ତଡ଼ିଦେଲେ

## ବିଡିଓ କହିଲେ ରାଜ୍ୟ ଫେରନ୍ତାଙ୍କ ପାଇଁ ଅସୁବିଧା ନାହିଁ

ନୟାଗଡ଼ ଅଫିସ,୨୪।୪: ପଞ୍ଚାୟତର କ୍ୱାରାଣ୍ଟାଇନରେ ଲୋକଙ୍କୁ ୩ଦିନ ରଖି ତଡିଦେବା ପରେ ନୟାଗଡ ବ୍ଲକ କେଶରପୁର ଗାଁରେ ଚାପା ଉତ୍ତେଜନା ଦେଖାଦେଇଛି। ଗାଁ ଲୋକ ପଞ୍ଚାୟତ ନିଷ୍ପତ୍ତିର ପ୍ରତିବାଦ କରିଛନ୍ତି। ଯେଉଁ ୩ଜଣଙ୍କୁ ତଡି ଦିଆଯାଇଛି ସେମାନେ ନିଜ ଘରେ କ୍ୱାରାଣ୍ଟାଇନରେ ସ୍ଥାନ ଅଭାବରୁ ରହି ପାରିବେନି। ଗାଁ ସ୍କୁଲ ଘରେ ରଖିଲେ ସେମାନଙ୍କ ଖର୍ଚ୍ଚ ବୁଝିବା ସମ୍ଭବ ନୁହେଁ। ସରପଞ୍ଚଙ୍କ କଥାକୁ ବିଡିଓ ସମର୍ଥନ କରିବା ପରେ ଅସନ୍ତୋଷ ଦେଖାଦେଇଛି। ପଞ୍ଚାୟତ ଓ ପ୍ରଶାସନର ସହଯୋଗ ନ ପାଇ ଗାଁ ଲୋକ ଭୟଭୀତ ହୋଇ ରହିଛନ୍ତି। କ୍ୱାରାଣ୍ଟାଇନରେ ଥିବା ୩ଜଣ ନିଜ ପରିବାରକୁ ଫେରିଛନ୍ତି। ଏ ନେଇ କେଶରପୁରର ଜଣେ ବ୍ୟକ୍ତି କହିଥିଲେ, ବରଗଡ, ତାଳଚେର ଓ ଭୁବନେଶ୍ୱରରୁ ୩ଜଣ ଗାଁକୁ ଫେରିଥିଲେ। ଗାଁ ପକ୍ଷରୁ ସରପଞ୍ଚଙ୍କ ସହ ଆଲୋଚନା କରାଯାଇ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ହେଲେ ସରପଞ୍ଚ ଗାଁ ଲୋକଙ୍କୁ ଅବଗତ ନ କରାଇ କ୍ୱାରାଣ୍ଟାଇନରେ ଥିବା ଲୋକଙ୍କୁ ତଡିଦେଲେ। ବର୍ତ୍ତମାନ ଭୁବନେଶ୍ୱରରୁ ଆସିଥିବା ଲୋକ ଚିନ୍ତାର କାରଣ ହୋଇଛନ୍ତି। ଯଦି ଏମାନଙ୍କ ଯୋଗୁ ରୋଗ ବ୍ୟାପେ ସେଥିପାଇଁ ଦାୟୀ କିଏ ହେବ ବୋଲି ପ୍ରଶ୍ନ କରିଛନ୍ତି। ଏ ନେଇ ବିଡିଓ ଓ ଉପଜିଲାପାଳଙ୍କୁ ଅଭିଯୋଗ କଲେ ସୁଫଳ ମିଳିଲାନି। ବରଂ ନିଜ ଘରେ କ୍ୱାରାଣ୍ଟାଇନରେ ରୁହନ୍ତୁ ବୋଲି ଉତ୍ତର ମିଳିଥିଲା। ଏ ନେଇ ନୟାଗଡ ବିଡିଓ ମନୋଜ ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ରାଜ୍ୟ ଭିତର ଲୋକଙ୍କ ପାଇଁ କ୍ୱାରାଣ୍ଟାଇନର ଆବଶ୍ୟକତା ନାହିଁ। ଏହି ବ୍ୟବସ୍ଥା ବାହାର ରାଜ୍ୟରୁ ଫେରୁଥିବା ଲୋକଙ୍କ ପାଇଁ କରାଯାଇଛି। ଯଦି କିଛି ଭାବୁଛନ୍ତି ତେବେ ନିଜ ଘରେ କ୍ୱାରାଣ୍ଟାଇନରେ ରହିବା ଦରକାର।

### ପଞ୍ଜୀକୃତ ନ କରି ଗାଁରେ ରହଣି

ଓଡିଶା ବାହାରେ ରହୁଥିବା କିଛି ଲୋକ ୨ରୁ ୩ଦିନ ମଧ୍ୟରେ ଗାଁକୁ ଫେରିଛନ୍ତି। ତେବେ ସେମାନେ ନାଁ ପଞ୍ଜୀକୃତ କରି ନାହାନ୍ତି କି କ୍ୱାରାଣ୍ଟାଇନରେ ରହି ନାହାନ୍ତି। ସେମାନଙ୍କ ଉପରେ ପ୍ରଶାସନର ନଜର ନାହିଁ। ଏଭଳି କିଛି ଲୋକ ନୟାଗଡ ଜିଲାର ଶରଣକୁଳ, କଜଳାଇପଲ୍ଲୀ, ଗୋଡିପଡା ଅଞ୍ଚଳରେ ରହିଥିବା ଜଣାପଡିଛି। ଏମାନଙ୍କୁ ଯଦି ଚିହ୍ନଟ କରା ନ ଯାଏ ତେବେ କରୋନା ରୋଗ ବଢ଼ିବା ସମ୍ଭାବନା ରହିଛି। ଗାଁ ଲୋକ କିଛି ସ୍ଥାନରେ ଏମାନଙ୍କୁ ବିରୋଧ କରିବା ପରେ ବିବାଦ ଦେଖାଦେଉଛି।

# ସମୁଦ୍ର ପଥ ପାଲଟିଛି ସୁରକ୍ଷିତ ରାସ୍ତା

କେନ୍ଦ୍ରାପଡା ଅଫିସ, ୨୪।୪

**କେନ୍ଦ୍ରାପଡ଼ା ଜିଲା**

- ସାମୁଦ୍ରିକ ଥାନାରେ ନାହାନ୍ତି ଆବଶ୍ୟକ କର୍ମଚାରୀ
- ପଶ୍ଚିମବଙ୍ଗରୁ ଫେରୁଛନ୍ତି ଜିଲାର ଶତାଧିକ ଶ୍ରମିକ
- ୩ ଦିନରେ ପଞ୍ଜୀକୃତ ହୋଇଛନ୍ତି ୭୩୨ ଜଣ

ସୀମା ସିଲ୍ ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାର ବହୁ ଶ୍ରମିକ ବିଭିନ୍ନ ଗଳାବାଟ ଦେଇ କଳିକତାରୁ ଗାଁକୁ ଫେରୁଛନ୍ତି। ଗତ ୩ ଦିନ ମଧ୍ୟରେ ପଶ୍ଚିମବଙ୍ଗରୁ ଜିଲାକୁ ଆସିଥିବା ୭୩୨ଜଣଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ଅଦ୍ୟାବଧି ଏମାନଙ୍କ ସଂଖ୍ୟା ୩ ହଜାର ଟପିଛି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲାରେ ପଶ୍ଚିମବଙ୍ଗ ଫେରନ୍ତାଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହେବା ପରେ ରାଜ୍ୟ ସରକାର ଉକ୍ତ ୩ ଜିଲାକୁ ୬୦ ଘଣ୍ଟା ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହାପରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ନେଇ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ରାଜପଥଠାରୁ ଆରମ୍ଭକରି ରାଜ୍ୟ ରାଜପଥ ଓ ଗ୍ରାମ ସୀମାକୁ ସିଲ୍ କରାଯାଇଛି। ତେବେ ଜିଲାର ୩ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ୪୮ କିଲୋମିଟର ସମୁଦ୍ରତଟ ଦେଇ ପଶ୍ଚିମବଙ୍ଗରୁ ଶ୍ରମିକମାନେ କେନ୍ଦ୍ରାପଡ଼ା ଆସୁଥିବା ଆଲୋଚନା ହେଉଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତି, ଜିଲାର ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ରାଜ୍ୟ ଓ ଦେଶ ବାହାରେ ପାଣି ପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଶ୍ରମିକ ପଶ୍ଚିମବଙ୍ଗରେ କାର୍ଯ୍ୟ କରୁଥିବା ବେଳେ ତାଲାବନ୍ଦ ଯୋଗୁ ସେଠାରେ ଅଟକି ରହିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ବିଭିନ୍ନ ଗଳାବାଟ ଦେଇ ଆସି ଘରେ ପହଞ୍ଚି ଥିବା ବେଳେ ଲକ୍‌ଡାଉନ୍ ହଟିବା ପରେ ଏହି ସଂଖ୍ୟା ଦ୍ୱିଗୁଣିତ ହେବାର ଆଶଙ୍କା ରହିଛି। ଏବେ ଜିଲା ସୀମା ସିଲ୍ ଥିବାରୁ ସେମାନେ ସମୁଦ୍ର ପଥ ଦେଇ ଆସୁଛନ୍ତି। ୩ ସାମୁଦ୍ରିକ ଥାନାରେ ୨୮୪ କର୍ମଚାରୀଙ୍କ ଆବଶ୍ୟକତା ଥିବା ବେଳେ ମାତ୍ର ୪୧ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଆବଶ୍ୟକ ପୋଲିସ କର୍ମଚାରୀ ନ ଥିବା ବେଳେ ଭିତ୍ତିଭୂମି ଅଭାବରୁ ସମୁଦ୍ର ପଥ ଦେଇ ଆସୁଥିବା ଲୋକମାନଙ୍କୁ ଧରିବା ସମ୍ଭବ ନୁହେଁ। ତେବେ ଏମାନଙ୍କୁ ଚିହ୍ନଟ କରି କରୋନା ଟେଷ୍ଟ କରାଇବା ଜିଲା ପ୍ରଶାସନ ପାଇଁ ଆହ୍ୱାନ ହୋଇଛି। ସାମାଜିକ କର୍ମୀ ରାଧାକାନ୍ତ ମହାନ୍ତି କହିଛନ୍ତି, କେତେଜଣ ମତ୍ସ୍ୟଜୀବୀ ଟଙ୍କା ଲୋଭରେ ପଶ୍ଚିମବଙ୍ଗରୁ ଶ୍ରମିକଙ୍କୁ ବୋଟରେ ଆଣି ଭିତରକନିକା ତଟାଞ୍ଚଳରେ ଛାଡୁଛନ୍ତି। ମତ୍ସ୍ୟଜୀବୀମାନେ ସଚେତନ ହେଲେ ବାହାରୁ ଆସୁଥିବା ଶ୍ରମିକଙ୍କ ସମ୍ପର୍କରେ ପ୍ରଶାସନ ଖବର ପାଇପାରିବ ବୋଲି ରାଧାକାନ୍ତ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଜିଲା ମଧ୍ୟକୁ ଆସୁଥିବା ଓ ଆସିବାକୁ ଥିବା ବ୍ୟକ୍ତିଙ୍କ ଚିହ୍ନଟ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଗ୍ରାମାଞ୍ଚଳରେ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀ ସେମାନଙ୍କୁ ଚିହ୍ନଟ କରି ଜିଲା ପ୍ରଶାସନକୁ ସୂଚନା ଦେଉଛନ୍ତି। ଏଥିସହିତ ଲକ୍‌ଡାଉନ ପରେ ଜିଲାକୁ ଆସିବାକୁ ଥିବା ବ୍ୟକ୍ତିମାନଙ୍କର ୨୪ ତାରିଖଠାରୁ ପଞ୍ଜୀକରଣ ଆରମ୍ଭ ହେବ। ସେମାନଙ୍କୁ ପଞ୍ଚାୟତସ୍ତରରେ ସଙ୍ଗରୋଧ ଗୃହରେ ରଖାଯିବା ସହ ରକ୍ତ ଓ ସ୍ୱାବ ଟେଷ୍ଟ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଏଡିଏମ୍ ରାଉତ କହିଛନ୍ତି।

## ସଂକ୍ଷେପରେ

### ବହି ବାଣ୍ଟିଲେ ଶିକ୍ଷକ



ବଇଣ୍ଡା, ୨୪।୪(ଡି.ଏନ.ଏ.): କିଶୋରନଗର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ୬ଷ୍ଠ, ୭ମ, ଓ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷକମାନେ ପୁସ୍ତକ ବଣ୍ଟନ କରିଛନ୍ତି। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ସନ୍ତୋଷ କୁମାର ପ୍ରଧାନ, ଶୁଭ୍ରଜିତ ବେହେରା ପ୍ରମୁଖ ସାମାଜିକ ଦୂରତା ରକ୍ଷା କରି ୪୫ ଜଣ ଛାତ୍ରୀଛାତ୍ରଙ୍କୁ ବହି ବାଣ୍ଟିଥିଲେ।

### ହାଟରେ ମାସ୍କ ବଣ୍ଟନ



ବଇଣ୍ଡା, ୨୪।୪(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ ସାପ୍ତାହିକ ହାଟରେ ଶୁକ୍ରବାର ସ୍ଥାନୀୟ ଯୁବକମାନେ ମାସ୍କ ବଣ୍ଟନ କରିଛନ୍ତି। ଚାଷୀ ଓ ଖାଉଟିଙ୍କୁ ମଇମୁରା ସରପଞ୍ଚ ସତ୍ୟାନନ୍ଦ ରାଉତ, ଅଜିତ ପୃଷ୍ଟି, ରଘୁନାଥ ରଣା, ବିପିନ ସାହୁ, ପ୍ରଭଞ୍ଜନ ବିଶ୍ୱାଳ, ବିଜୟ ମେହେଣା ପ୍ରମୁଖ ପ୍ରାୟ ୫ ଶହ ମାସ୍କ ବାଣ୍ଟିବା ସହ କରୋନାରୁ ବର୍ତ୍ତିବା ପାଇଁ ସଚେତନ କରିଥିଲେ।

### କରୋନା ଯୋଦ୍ଧାଙ୍କୁ ସମ୍ମାନପତ୍ର



କଣିହାଁ, ୨୪।୪(ଡି.ଏନ.ଏ.): କଣିହାଁ ବ୍ଲକ ଭାଜପା ପକ୍ଷରୁ ଶୁକ୍ରବାର କରୋନା ଯୋଦ୍ଧାଙ୍କୁ ସମ୍ମାନପତ୍ର ସହ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ବ୍ଲକ ଅଧକ୍ଷା ନମିତା ସାହୁ, ଉପାଧକ୍ଷା ତ୍ରିପୁରାରୀ ପ୍ରଧାନ ଓ କାର୍ଯ୍ୟକର୍ତ୍ତାମାନେ ସାମାଜିକ ଦୂରତା ରକ୍ଷା କରି ବ୍ଲକ ଅଞ୍ଚଳରେ ସେବା ଯୋଗାଉଥିବା ବ୍ଲକ, ତହସିଲ, ଥାନା ଅଧିକାରଙ୍କ ସମେତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସମ୍ମାନପତ୍ର ପ୍ରଦାନ କରିଥିଲେ।

### ୧୧୯ ଜଣଙ୍କ ସ୍ୱାବ୍ ସଂଗ୍ରହ

ଛେଣ୍ଡିପଦା,୨୪।୪(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକର କୋଶଳା ଓ ଛେଣ୍ଡିପଦା ଉଚ୍ଚବିଦ୍ୟାଳୟରେ ହୋଇଥିବା ଅସ୍ଥାୟୀ କ୍ୱାରାଣ୍ଟାଇନ୍ ଶିବିରରୁ ଶୁକ୍ରବାର ୧୧୯ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଧୀରେନ ପ୍ରଧାନଙ୍କ ନେତୃତ୍ୱରେ କୋଶଳା ଶିବିରରୁ ୬୨ ଓ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମହାମିଲନ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଛେଣ୍ଡିପଦା ଶିବିରରୁ ୫୭ ଜଣଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇଛି। ସଂଗୃହୀତ ସମସ୍ତ ସ୍ୱାବ ଭୁବନେଶ୍ୱର ପରୀକ୍ଷା ପାଇଁ ପଠାଯିବ ବୋଲି ସୂଚନା ମିଳିଛି।

# ମିଳିଲା ଚୋରା କାରବାର ଚେର

- କରଡାଗାଡିଆରେ ଭାଟି ସିଲ୍, ୪୩ ଗିରଫ
- ପୋଲିସ ହାତରେ ଜଣାଶୁଣା ମଦ ବ୍ୟବସାୟୀ
- ୪୪୪୦ ଲିଟରର ପାଉଚ, ଦାମୀ ଗାଡ଼ି ଜବତ

ଅନୁଗୋଳ ଅଫିସ,୨୪।୪







ଜବତ ମଦକୁ ଗାଡ଼ିରୁ ଥାନାକୁ ନିଆଯାଉଛି। ଅସୁସ୍ଥ ଅନୁଭବ ପରେ ଗିରଫ ବ୍ୟବସାୟୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

ଲକ୍‌ଡାଉନ୍ ଯୋଗୁ ଅନୁଗୋଳ ସହରର ସମସ୍ତ ମଦ ଦୋକାନ ବନ୍ଦ ଥିଲେ ବି କିଛିଦିନ ହେଲା ଚଢ଼ା ଦରରେ ଚାଲିଥିଲା ଚୋରା କାରବାର। ଏ ନେଇ ଗତ ୨୧ ତାରିଖରେ **'ଦୋକାନରେ ତାଲା, ଚୋରାରେ ଖୋଲାମେଲା'** ଖବର 'ଧରିତ୍ରୀ'ରେ ପ୍ରକାଶ ପରେ ଅନୁଗୋଳ ପୋଲିସ ତଦନ୍ତକୁ ଜୋରଦାର କରିବା ସହ ଗୁରୁବାର ବିଳମ୍ବିତ ରାତିରେ ଉକ୍ତ ଚୋରା କାରବାର ଚେରର ସନ୍ଧାନ ପାଇଛି। ସହର ଉପକଣ୍ଠ କରଡାଗାଡିଆରେ ଥିବା ଏକ ମଦ ଭାଟି ଉପରେ ଚଢ଼ାଉ କରି ତାହାକୁ ସିଲ୍ କରିଛି। ଲାଇସେନ୍ସ ପାଇଥିଲେ ବି ସେଠାରେ ଚୋରା କାରବାର କରୁଥିବା ଅଭିଯୋଗରେ ଭାଟିମାଲିକ ତଥା ସହରର ଜଣାଶୁଣା ବ୍ୟବସାୟୀ ବିକ୍ରମ କିଶୋର ସାହୁଙ୍କ ସହ ମୋଟ୍ ୪୩ଜଣଙ୍କୁ ପୋଲିସ ଗିରଫ କରିଛି। ବିକ୍ରମଙ୍କର ଏକ ଦାମୀ ଚାରିଚକିଆ ଗାଡ଼ି, ଗୋଟିଏ ଅଟୋ ରିକ୍ସା, ୧୮ ବାଇକ୍ ଓ ୪୪୪୦ ଲିଟର ଦେଶୀ ମଦ ପାଉଚ, ୬ ହଜାର ଲିଟର ପୋଚ ଜବତ କରାଯାଇଥିବା ପୋଲିସ କହିଛି।

ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଏସ୍‌ଆଇ ପ୍ରକାଶ ମାଝି, ବିପ୍ଳବ ସାହୁ ପ୍ରମୁଖ ଭୋର୍ ପ୍ରାୟ ୩ଟାରେ ଭାଟି ଉପରେ ଚଢାଉ କରିଥିଲେ। ଦେଶୀମଦ ପ୍ରସ୍ତୁତ ପାଇଁ ବିକ୍ରମଙ୍କୁ ଲାଇସେନ୍ସ ଦିଆଯାଇଥିବା ବେଳେ ଭାଟିରେ ଚୋରାରେ ମଦ ପ୍ରସ୍ତୁତ କରି ପୋଚର (ଚୋରା ବ୍ୟବସାୟୀ)ଙ୍କ ସହାୟତାରେ ବଜାରରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ବିଶ୍ୱସ୍ତସୂତ୍ରରୁ ପୋଲିସ ଖବରପାଇବା ପରେ ଏକ ପ୍ଲାଟୁନ ଫୋର୍ସ ସହ ଉକ୍ତ ଭାଟି ଉପରେ ଚଢାଉ କରାଯାଇଥିଲା। ଜବତ ସମସ୍ତ ସାମଗ୍ରୀ ଥାନାକୁ ନିଆଯାଇଛି। ଗିରଫଙ୍କ ମଧ୍ୟରେ ୩୦ ଜଣ ପୋଚର ଓ ୧୨ ଜଣ ମଦ ଭାଟି କର୍ମଚାରୀ ରହିଥିବା ଏସ୍‌ଡିପିଓ ସାହୁ ସୂଚନା ଦେଇଛନ୍ତି। ତେବେ ଗିରଫ ଭାଟି ମାଲିକ ବିକ୍ରମ କିଶୋର ସାହୁ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ଥାନା ପରିସରରେ ଗାଡ଼ିରେ ଲଗାଗଲା ନମ୍ବର



ଥାନା ପରିସରରେ ଥିବା ଜବତ ଗାଡ଼ିରେ ନମ୍ବର ପ୍ଲେଟ ଲଗାଯାଉଛି।

ବାସଭବନରୁ ଗିରଫ ହୋଇଥିବା ଭାଟି ମାଲିକ ବିକ୍ରମ କିଶୋର ସାହୁଙ୍କ ଏକ ଦାମୀ ଗାଡିକୁ ପୋଲିସ ଜବତ କରି ଥାନାକୁ ଆଣିଥିଲା। ହେଲେ ଉକ୍ତ ଗାଡ଼ିରେ ନମ୍ବର ନ ଥିଲା। ପରେ ତାଙ୍କ ସମ୍ପର୍କୀୟ ଆସି ଥାନା ପରିସରରେ ରଖାଯାଇଥିବା ଗାଡିରେ ସେଲୋ ଟେପ ଦେଇ ଓଡି୧୯ କ୍ୟୁ-୮୮୮୮ ନମ୍ବର ଲଗାଇଥିଲେ। ଏ ନେଇ ପୋଲିସ ନିକଟରେ କୌଣସି ସୂଚନା ନ ଥିବା କୁହାଯାଇଛି।

## ଏବିଭିପି ପକ୍ଷରୁ ରକ୍ତଦାନ ଶିବିର



ଏବିଭିପି ପକ୍ଷରୁ ରକ୍ତ ସଂଗ୍ରହ କରାଯାଉଛି।

ଢେଙ୍କାନାଳ ଅଫିସ, ୨୪।୪

କରୋନା ଆତଙ୍କ ସମୟରେ ରକ୍ତର ଅଭାବ ପୂରଣ ଲାଗି ଏବିଭିପି ଢେଙ୍କାନାଳ ନଗର ପକ୍ଷରୁ ଶୁକ୍ରବାର ଜିଲା ବ୍ଲଡ ବ୍ୟାଙ୍କ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ୍ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲା ଏବିଭିପି ପ୍ରମୁଖ ଅଧ୍ୟାପକ ଚିତ୍ତରଞ୍ଜନ ରାଉତ, ଜିଲା ସଂଯୋଜକ ସୂର୍ଯ୍ୟରୋଶନ ପ୍ରମୁଖ ଉପସ୍ଥିତ ଥିଲେ। ନଗର ସମ୍ପାଦକ ଅରଜିତ ପଟ୍ଟନାୟକ, ଅରୂପ ପଟ୍ଟନାୟକ, ସିଦ୍ଧାର୍ଥ ଜେନା, ହରମୋହନ ବେହେରା, ସ୍ମିତିରଞ୍ଜନ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଅସହାୟଙ୍କୁ ଖାଦ୍ୟ ବଣ୍ଟନ



ଅସହାୟଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି।

ବଆଁରପାଳ, ୨୪।୪(ଡି.ଏନ.ଏ.)

ଭାରତୀୟ ହ୍ୟୁମାନ ରାଇଟ୍‌ସ କାଉନସିଲର ଜାତୀୟ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ବଆଁରପାଳ ବ୍ଲକରେ ଅସହାୟଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏଥିସହ ଗିରାଙ୍ଗ ଗ୍ରାମର ବାଲିସାହିସ୍ଥିତ ଅଙ୍ଗନୱାଡି କେନ୍ଦ୍ରଠାରେ ମାସ୍କ ବିତରଣ କରାଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ଚନ୍ଦନ କୁମାର ସାହୁ, ଜିଲା ମହିଳା ସଭାପତି ସୌଦାମିନି ଚୌଧୁରୀ, ଆଇନଜୀବୀ ବିରଞ୍ଚି ନାରାୟଣ ପ୍ରଧାନ, ଗିରାଙ୍ଗ ଗ୍ରାମର ସାମାଜିକ କର୍ମୀ ଶିଶିର ଗଡ଼ନାୟକ, ଶରତ ଚନ୍ଦ୍ର ଗଡ଼ନାୟକ ଏବଂ ନାଲ୍‌କୋ ଥାନା ଅଧିକାରୀ ସରୋଜିନୀ ସାମ୍ଭାତଙ୍କ ସମେତ ପୋଲିସ କର୍ମଚାରୀମାନେ ସହଯୋଗ କରିଥିଲେ।

## କାଳବୈଶାଖୀ: ଭାଙ୍ଗିଲା ଗଛ, ଟାୱାର

ଅନୁଗୋଳ ଅଫିସ/କଣିହାଁ/ଭୁବନ,୨୪।୪(ଡି.ଏନ.ଏ.)





କଣିହାଁ ବ୍ଲକ୍ ଅଞ୍ଚଳରେ ଏକ ଟେଲିଫୋନ ଟାୱାର ଭାଙ୍ଗିଯାଇଛି। ପବନରେ ଏକ ଆମ୍ବ ଗଛ ଭାଙ୍ଗି ଘର ଉପରେ ପଡ଼ିଛି।

ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ସମୟରେ ବଜ୍ରପାତ ଯୋଗୁ ୨ଜଣଙ୍କ ଜୀବନ ହାନି ହୋଇଛି। ସେମାନେ ହେଲେ ଅନୁଗୋଳ ବ୍ଲକ ବାଲୁଅକଟା ଗାଁର ନାରାୟଣ ସାହୁ ଓ ବନ୍ଧାଣପଶି ଗାଁର ବାବାଜୀ ସାହୁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଅପରାହ୍ନରେ କଣିହାଁ ବ୍ଲକ ଅଞ୍ଚଳରେ ବର୍ଷା ସହ ଜୋରଦାର ପବନ ହୋଇଥିଲା। ଏଥିରେ ପବିତ୍ରନଗର ଅଞ୍ଚଳରେ ଅନେକ ଚାଳ ଓ ଆଜବେଷ୍ଟସ୍ ଘରର ଛପର ଉଡ଼ିଯାଇଛି। ବଡ଼ ବଡ଼ ଗଛ ସହ କେତେକ ସ୍ଥାନରେ ଟେଲିଫୋନ ଟାୱାର ମଧ୍ୟ ଭାଙ୍ଗିଯାଇଛି। ଅନେକଙ୍କ ପନିପରିବା ଚାଷ, କଦଳୀ, ଅମୃତଭଣ୍ଡା ବଗିଚା ଆଦି ନଷ୍ଟ ହୋଇଛି। ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ତେବେ ତହସିଲଦାର ରବୀନ୍ଦ୍ର ସାମଲଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ଥିବାରୁ କ୍ଷୟକ୍ଷତି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରି ନାହିଁ। ସେହିପରି ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାରୁଆ ଗ୍ରାମର ଗୋବିନ୍ଦ ରାଉତ ଶୁକ୍ରବାର ସନ୍ଧ୍ୟାରେ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେ ବାରଣ୍ଡାରେ ବସିଥିବାବେଳେ ବଜ୍ରପାତ ହୋଇଥିଲା। ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।



ଢେଙ୍କାନାଳ ଜିଲା ମିଶନ ଶକ୍ତି ପକ୍ଷରୁ ବିଧାୟକ ସୁଧୀର ସାମଲଙ୍କ ଉପସ୍ଥିତିରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଉଛି।

## ୯୦ ୟୁନିଟ୍ ରକ୍ତ ସଂଗ୍ରହ

ଛେଣ୍ଡିପଦା,୨୪।୪(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବାଲିପଟା ଉଚ୍ଚବିଦ୍ୟାଳୟ ପରିସରରେ ଶୁକ୍ରବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସଭାପତି ସତ୍ୟବ୍ରତ ଦେହୁରୀଙ୍କ ନେତୃତ୍ୱରେ ୯୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିସହ ବିଜେଡି ପକ୍ଷରୁ ୨ଶହ ମାସ୍କ ବଣ୍ଟନ କରାଯାଇଥିଲା। ବ୍ଲକ ଯୁବ ବିଜେଡି ପକ୍ଷରୁ ଆଗାମୀ ୨୬ ତାରିଖରେ ପାତ୍ରପଡାଠାରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ଶ୍ରୀଧର ଗଡନାୟକ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ ସାହୁ, ସରପଞ୍ଚ ରାକେଶ ପ୍ରଧାନ ଓ ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ସୁଧୀର କୁମାର ନାୟକ ପ୍ରମୁଖ ଯୋଗ ଦେଇଥିବାବେଳେ ଆଇନଜୀବୀ ଉତ୍କଳ ପ୍ରଧାନ, ଅଶୋକ ଗଡନାୟକ, ବିଜୟ ମାଝି, ସହଦେବ ପ୍ରଧାନ, ସୁଶାନ୍ତ ପ୍ରଧାନ ଓ ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ମିଛ ଖବରରେ ଅଙ୍କୁଶ ଲଗାଇବ ମାର୍ଗଦର୍ଶିକା

ଢେଙ୍କାନାଳ ଅଫିସ, ୨୪।୪

ସମ୍ପ୍ରତି ମିଛ, ତ୍ରୁଟିପୂର୍ଣ୍ଣ ଖବର ଭୟଙ୍କର ବିପଦ ଭାବେ ଉଭା ହୋଇଛି। ସୋସିଆଲ ମିଡିଆର ବହୁଳ ପ୍ରଚଳନ ଏପରି ମିଛ ଖବରର ବାହାକ ସାଜିଛି। ଏପରି ମିଥ୍ୟା ଖବର ରୋକିବାକୁ ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି। ହିନ୍ଦୀ, ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ଅନୁବାଦିତ ଏହି ମାର୍ଗଦର୍ଶିକା ଶୁକ୍ରବାର ଉନ୍ମୋଚନ କରାଯାଉଛି। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ କହିଲେ, ଜାଲ୍ ବା ମିଥ୍ୟା ଖବର ସାମାଜିକ ବ୍ୟବସ୍ଥା ପାଇଁ ଗୁରୁତର ସମସ୍ୟା। ଏଥିରେ ଅଙ୍କୁଶ ଲଗାଇବା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ସଂଖ୍ୟାଧିକ ଲୋକ ଏବଂ ସାମ୍ବାଦିକଙ୍କ ପାଖରେ ପହଞ୍ଚାଇବା ଲାଗି ଏହାକୁ ୩ଟି ଭାଷାରେ ଅନୁବାଦ କରାଯାଇଛି। ଏହାର ତେଲୁଗୁ ସଂସ୍କରଣ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ଆଇଆଇଏମ୍‌ସି ଢେଙ୍କାନାଳ ଓ ପ୍ରେସ୍ କ୍ଲବ କଲିକତା ପକ୍ଷରୁ ଏହା ପ୍ରସ୍ତୁତ ହୋଇଛି। ପ୍ରେସ୍ କ୍ଲବ କଲିକତା ସଭାପତି ସ୍ନେହାଶିଷ ସୁର ଆବଶ୍ୟକ ସହାୟତା କରିଛନ୍ତି। ବଙ୍ଗଳା ଅନୁବାଦ ସହକାରୀ ପ୍ରଫେସର ସମ୍ବିତ ପାଲ, ଓଡ଼ିଆ ଅନୁବାଦ ସହକାରୀ ପ୍ରଫେସର ଡ. ଜ୍ୟୋତି ପ୍ରକାଶ ମହାପାତ୍ର ଏବଂ ହିନ୍ଦୀ ଅନୁବାଦ ଛାତ୍ରୀ ପ୍ରାଚୀ ରାଠି କରିଛନ୍ତି। ଜିତେନ୍ଦ୍ର ପତି ଏହାର ଡିଜାଇନ କରିଥିବା ଆଞ୍ଚଳିକ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।



ଜାଲ୍ ଖବର ରୋକିବା ଉପରେ ପ୍ରସ୍ତୁତ ମାର୍ଗଦର୍ଶିକା ଉନ୍ମୋଚନ କରାଯାଉଛି।

## ଭୟ ବଢ଼ାଉଛନ୍ତି ଅମାନିଆ

- ସହରରେ ବୁଲିବୁଲି ଯାଞ୍ଚ କଲେ ଜିଲାପାଳ
- ନିୟମ ଭଙ୍ଗକାରୀଙ୍କୁ ବୁଝାଇଲେ, ତାଗିଦ୍ କଲେ
- ସାମାଜିକ ଦୂରତା ରଖିବାକୁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ

ଢେଙ୍କାନାଳ ଅଫିସ, ୨୪।୪





ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଲୋକମାନଙ୍କୁ ସଚେତନ କରୁଛନ୍ତି।

କୋଭିଡ୍-୧୯ ଭୂତାଣୁ ଠାବ ହୋଇଥିବା ଏକମାତ୍ର ରୋଗୀ ସୁସ୍ଥ ହୋଇ ଫେରିବା ପରେ କରୋନା ମୁକ୍ତ ହୋଇଛି ଢେଙ୍କାନାଳ ଜିଲା। ଏପ୍ରିଲ ୯ ତାରିଖ ପରଠାରୁ ଆଉ ନୂଆ ସଂକ୍ରମଣ ମାମଲା ସାମ୍ନାକୁ ଆସିନାହିଁ। ତଥାପି ବିପଦ ସମ୍ପୂର୍ଣ୍ଣ ଟଳିନାହିଁ। ସୀମାନ୍ତ ଯାଜପୁର ଜିଲାରେ କରୋନା ପ୍ରକୋପ ବଢୁଥିବାବେଳେ ସାମାନ୍ୟ ଅବହେଳା ଏଯାଏ ଗ୍ରହଣ କରାଯାଇଥିବା ସମସ୍ତ ସତର୍କତାମୂଳକ ପଦକ୍ଷେପକୁ ମାଟିରେ ମିଶାଇଦେଇପାରେ। ଏହାକୁ ହୃଦୟଙ୍ଗମ କରିଛି ଜିଲା ପ୍ରଶାସନ। ହେଲେ କେତେଜଣ ଅମାନିଆଙ୍କ ଲାଗି ଚିନ୍ତା ବଢୁଛି। ବାରମ୍ବାର ସଚେତନ କରାଯିବା ସତ୍ତ୍ୱେ ସେମାନେ ଖୋଲାମେଲାରେ ବୁଲୁଛନ୍ତି। ଏପରି ନିୟମ ଭଙ୍ଗକାରୀଙ୍କୁ ସାବାଡ଼ କରିବାକୁ ଆକ୍ସନ୍ ମୁଡ୍‌କୁ ଆସିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳ ସ୍ଥାନୀୟ କୁଞ୍ଜସାହୁ ଛକରେ ପହଞ୍ଚି ସେଠାରୁ ପାଦରେ ଚାଲିଚାଲି ଲକ୍‌ଡାଉନ୍ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଲୋକଙ୍କୁ ସଚେତନ କରାଇଥିଲେ। ଏଥିସହ ଅଯଥାରେ ବାଇକ୍‌ରେ ବୁଲୁଥିବା ଲୋକଙ୍କୁ ତାଗିଦ୍ କରିଥିଲେ। ଏକାଧିକ ଆରୋହୀ ଯାଉଥିବା ବାଇକ୍‌କୁ ଅଟକାଇ ଜରିମାନା ଆଦାୟ କରାଯାଇଥିଲା। ମାସ୍କ ବ୍ୟବହାର, ସାମଗ୍ରୀ କିଣାକିଣି ସମୟରେ ସାମାଜିକ ଦୂରତ୍ୱ ରଖିବା, ବାରମ୍ବାର ସାବୁନରେ ହାତ ଧୋଇବା, ପରିଚ୍ଛନ୍ନ ପ୍ରତି ଗୁରୁତ୍ୱ ଦେବା, ବିନା କାରଣରେ ଘରୁ ନ ବାହାରିବା, ବାଇକ୍‌ରେ ଦୁଇଜଣ ବସି ନ ଯିବା ପାଇଁ ଜିଲାପାଳ ସହରବାସୀଙ୍କୁ ନିବେଦନ କରିଛନ୍ତି। ତହସିଲଦାର ଲକ୍ଷ୍ମୀଧର ରାଉତ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଏ ସମ୍ପର୍କରେ ଜିଲାପାଳ କୁହନ୍ତି, ସହରର ୯୦% ଲୋକ ଲକ୍‌ଡାଉନ୍ ନିୟମକୁ ମାନୁଛନ୍ତି। ସହଯୋଗ ମଧ୍ୟ କରୁଛନ୍ତି। ହେଲେ ୧୦% ଅମାନିଆଙ୍କ ଲାଗି ସଂକ୍ରମଣ ବ୍ୟାପିବା ଆଶଙ୍କା ରହିଛି। ପଡ଼ୋଶୀ ଜିଲାରେ କରୋନା ପ୍ରକୋପ ବଢୁଥିବାବେଳେ ସରକାରୀ ଗାଇଡ୍‌ଲାଇନ ପାଳନ କରିବାକୁ ସଚେତନ କରାଯାଉଛି। ଆଇନ ଭଙ୍ଗ ହେଉଥିବା ଜଣାପଡ଼ିଲେ ଜରିମାନା ସହ ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଜିଲାପାଳ କହିଛନ୍ତି।

## ସଂକ୍ଷେପରେ

### ଟ୍ରାକ୍ଟର ଚାପାରେ ଶ୍ରମିକ ମୃତ

ଜୁନାଗଡ,୨୪।୪(ଡି.ଏନ୍.ଏ): ଜୁନାଗଡ ଥାନା ବୋଦେଲ ରାଇସ୍ ମିଲ ନିକଟରେ ଶୁକ୍ରବାର ଟ୍ରାକ୍ଟର ଚାପାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଚକୁଲି ଗାଁର ସୁମନ୍ତ କୁମାର ମାଝୀ(୧୯)। ସୁମନ୍ତ ଟ୍ରାକ୍ଟର ଚାଳକଙ୍କ ପଛପଟେ ବସି ଯାଉଥିବାବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟର ତଳକୁ ଖସି ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା (ନଂ.୧୨୪/୨୦) ରୁଜୁ ହୋଇଛି ।

### ବେଣୁବାବା ମଠ ମହନ୍ତଙ୍କ ଦେହାନ୍ତ

ବରଗଡ଼ ଅଫିସ୍,୨୪।୪: ବରଗଡ଼ ଜୀରନଦୀ କୂଳ ଅମ୍ବାପାଲିରେ ରହିଥିବା ବେଣୁବାବା ମଠର ମହନ୍ତ ହରିଚରଣ ଦାସଙ୍କ ଶୁକ୍ରବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା । ସେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି । ସ୍ୱର୍ଗତ ଦାସ ବେଣୁବାବାଙ୍କ ଉତ୍ତରାଧିକାରୀ ଥିଲେ ଏବଂ ପଶ୍ଚିମ ଓଡ଼ିଶା ସମେତ ସବୁଆଡ଼େ ବେଶ୍ ଜଣାଶୁଣା ଥିଲେ । ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

# ଉଜୁଡ଼ିଲା ପରିବା ଚାଷ

ଲକ୍‌ଡାଉନ ପ୍ରଭାବ

ବୌଦ୍ଧ ଜିଲା



■ ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ ■ ଏକର ଏକର ଜମିର ପରିବା ଫସଲ ନଷ୍ଟ

ବୌଦ୍ଧ,୨୪।୪(ସ୍ୱ.ପ୍ର)

କରୋନା ପାଇଁ ଲକ୍‌ଡାଉନ ଯୋଗୁ ଦେଶରେ କୃଷିକ୍ଷେତ୍ର ପ୍ରଭାବିତ ହୋଇଛି । ବିଶେଷ କରି ପରିବା ଚାଷୀ ଏଥିଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି । କ୍ଷେତରେ ପରିବା ଅମଳ ହେଉଥିଲେ ମଧ୍ୟ ଲକ୍‌ଡାଉନ ଯୋଗୁ ତାହା ବଜାର ପର୍ଯ୍ୟନ୍ତ ଯାଇପାରୁନାହିଁ। ଫଳରେ ପରିବା ଗୁଡିକ କ୍ଷେତରେ ପଚିସଢି ନଷ୍ଟ ହେଉଛି ।

ଶିଳ୍ପବିହୀନ ବୌଦ୍ଧ ଏକ କୃଷି ପ୍ରଧାନ ଜିଲା । ଏଠାକାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାଆନ୍ତି। ଜିଲାରେ ଧାନ ଓ ପନିପରିବା ଚାଷ ଲୋକଙ୍କ ମୁଖ୍ୟ ଆୟକାରୀ ଫସଲ। ସେମାନେ ଚାଷରୁ ହିଁ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଚଳିତ ବର୍ଷ ଚାଷୀମାନେ ଧାନ ବିକ୍ରି କରିବାକୁ ମଣ୍ଡିରେ ରଖିଥିଲେ। ହେଲେ ଅଦିନିଆ ବର୍ଷାରେ ତାହା ନଷ୍ଟ ହୋଇଗଲା। ଏହି କ୍ଷତିକୁ ଚାଷୀମାନେ ଭରଣ କରି ନ ଥିବା ବେଳେ ବର୍ତ୍ତମାନ କରୋନା କଟକଣା ପରିବା ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଲକ୍‌ଡାଉନ ଯୋଗୁ ଚାଷଙ୍କ ପରିବା ଚାଷ ଏକ ପ୍ରକାର ଉଜୁଡିଯାଇଛି। ଜମିରେ ତରଭୁଜ, ବାଇଗଣ, ଟମାଟୋ, କାକୁଡି, କଖାରୁ, କଲରା, ଜହ୍ନି ଆଦି ପରିବା ଗଛରେ ରହି ପଚି ଯାଉଛି। ଗାଡି ଚଳାଚଳ ବନ୍ଦ ଯୋଗୁ ସେହି ପରିବା କିଣିବାକୁ କୌଣସି ବ୍ୟବସାୟୀ ଆସି ପାରୁନାହାନ୍ତି। ଏଣେ ଚାଷୀ ବି ନିଜ ଜମିର ପରିବା ତୋଳି ହାଟ ବଜାରକୁ ନେଇପାରନାହିଁ। ଫଳରେ ଚାଷୀଙ୍କ ଚିନ୍ତା ବଢ଼ିଛି।

ବୌଦ୍ଧ ସହର ନିକଟ ଗିରସିଙ୍ଗା, ମର୍ଯ୍ୟାଜିପୁର, ମୁର୍ଛୁଣ୍ଡି, ବଡିଙ୍ଗା ଆଦି ଗ୍ରାମରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏକର ଏକର ଜମିରେ ଫଳିଥିବା ପନିପରିବା ପଚି ନଷ୍ଟ ହୋଇଛି। ଯାହାକିଛି ଚାଷୀ ବିକ୍ରି ପାଇଁ ସ୍ଥାନୀୟ ବଜାରକୁ ଆଣୁଥିଲେ ତାହା ଲକ୍‌ଡାଉନ ଯୋଗୁ ବନ୍ଦ ରହିଛି। କେତେକ କ୍ଷେତ୍ରରେ ଚାଷୀ ନିଜ ପରିବାକୁ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛି । ଏପରି ପରିସ୍ଥିତିରେ ପରିବା ଚାଷୀମାନେ ସେମାନଙ୍କ ଋଣ କିପରି ଶୁଝିବେ ତାହା ଚିନ୍ତା କରିପାରୁନାହାନ୍ତି । ଜିଲା ପ୍ରଶାସନ ଏହି ପରିବା ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି ।

# ବରଗଡ଼ରେ ପୁଣି କରାମାଡ଼

ବରଗଡ଼ ଅଫିସ୍,୨୪।୪

ବରଗଡ଼ ଜିଲାରେ କ୍ରମାଗତ କାଳବୈଶାଖୀର ତାଣ୍ଡବ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଗତ ଦୁଇଦିନ ଜିଲାର ବିଭିନ୍ନ ସ୍ଥାନରେ କୁଆପଥର ବୃଷ୍ଟି(କରାମାଡ଼), ବର୍ଷାରେ ଅଞ୍ଚଳର ବହୁ ପରିମାଣରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି । ତେବେ ସେହି କ୍ଷୟକ୍ଷତି ଆକଳନ ସମ୍ପୂର୍ଣ୍ଣ ହୋଇ ନଥିବାବେଳେ ଶୁକ୍ରବାର ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ଗୁଲଟ୍, କନବାର୍, ବିଜେପୁର ବ୍ଲକର ଜାରିଂ, ଲେମଧର ଆଦି ଗ୍ରାମରେ ପ୍ରବଳ କରାମାଡ଼ ହୋଇଛି । ଧାନ ଅମଳ ପାଖେଇ ଆସୁଥିବାବେଳେ କ୍ରମାଗତ କରାମାଡ଼ ଧାନ ଫସଲକୁ ଯଥେଷ୍ଟଭାବେ ପ୍ରଭାବିତ କରିଛି। ଫଳରେ ଚାଷୀ ମୁଣ୍ଡରେ ଚଡ଼କ ପଡ଼ଯାଇଛି ।



ବରଗଡ଼ରେ ହୋଇଥିବା କରାମାଡ଼ ।

# ୩୨୯ ନମୁନାରୁ ୨୪୨ ନେଗେଟିଭ

ସୋନପୁର,୨୪।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରୁ ପ୍ରତ୍ୟହ କରୋନା ପରୀକ୍ଷା ପାଇ ସ୍ୱାବ୍ ନମୁନା ଭୁବନେଶ୍ୱର ଯାଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପ୍‌ମେଣ୍ଟ (ପିପିଇ) ପିନ୍ଧି ସନ୍ଦିଗ୍ଧଙ୍କଠାରୁ ଅତ୍ୟନ୍ତ ସତର୍କତାର ସହ ସ୍ୱାବ୍ ସଂଗ୍ରହ କରି ଏକ ସ୍ୱତନ୍ତ୍ର ଗାଡିରେ ସବୁ ନମୁନା ପ୍ୟାକିଂ କରି ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ପଠାଉଛନ୍ତି। ସୂଚନା ଅନୁସାରେ ଶୁକ୍ରବାର ସୁଦ୍ଧା ଜିଲାରୁ ମୋଟ ୩୨୯ଟି ସ୍ୱାବ୍ ନମୁନା ପରୀକ୍ଷା ପାଇଁ ଯାଇଥିବା ବେଳେ ସେଥିମଧ୍ୟରୁ ୨୪୨ଟି ନମୁନାର ରିପୋର୍ଟ ଆସିଛି। ସମସ୍ତ ନମୂନା ନେଗେଟିଭ୍ ଆସିଛି। ଜିଲାରେ ଏ ପର୍ଯ୍ୟନ୍ତ କରୋନା ଆକ୍ରାନ୍ତ ନାହାନ୍ତି ।

# ଗଛମୂଳେ କ୍ୱାରାଣ୍ଟାଇନରେ ଶ୍ରମିକ

ନୂଆପଡା ଅଫିସ/ବୋଡେନ,୨୪।୪

କରୋନା ଲକ୍‌ଡାଉନ ପରେ ଶ୍ରମିକମାନେ ଜିଲା ତଥା ରାଜ୍ୟ ବାହାରେ ହଇରାଣ ହେବା ପରେ ବିକଳ୍ପ ଚିନ୍ତା କରି ଘରକୁ ଫେରିଆସୁଛନ୍ତି। ହେଲେ ଏଠାରେ ପରିବାର କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ କ୍ୱାରାଣ୍ଟାଇନର ବ୍ୟବସ୍ଥା କରୁ ନ ଥିବାରୁ ଗଛମୂଳେ ସେମାନଙ୍କ ଦିନ ବିତୁଛି। ନୂଆପଡା ଜିଲା ବୋଡେନ ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ବିନୋପୁର ଗାଁର ଦୁଇଜଣ ଶ୍ରମିକ ରମେଶ ମାଝି(୨୨) ଓ ଲଳିତ ମାଝୀ(୨୦ )ଅନୁଗୋଳରୁ ସାଇକେଲରେ ଆସିଥିବାବେଳେ ଗାଁର ଏକ ଗଛମୂଳରେ ରହିଛନ୍ତି। ରମେଶ ଏବଂ ଲଳିତଙ୍କ ସହ ଅନ୍ୟ ତିନିଜଣ ଏହି ବ୍ଲକ ଲେସୁନପାଲି ଗାଁର ନୃପ ଭୋଇ(୨୪), ଖଡିଆଳ ବ୍ଲକ କେନ୍ଦୁପାଟୀ ଗାଁର ଦୁଷ୍ମନ୍ତ ପୋଢ(୨୨) ଏବଂ ସୁମନ ପୋଢ (୨୦) ଅନୁଗୋଳସ୍ଥିତ ନାଲକୋ କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ ପରେ ଗତ ୧ତାରିଖଠାରୁ କୌଣସି କାମ ନ ପାଇ ବସି ରହିଥିଲେ। ନିଜ ପାଖରେ ଥିବା ଟଙ୍କାରୁ ୫ଜଣ ୪ଟି ସାଇକେଲ କିଣିଥିଲେ। ଗତ ୨୧ତାରିଖରୁ ବାହାରି ଗୁରୁବାର ପୂର୍ବାହ୍ନରେ ଏଠାରେ ଆସି ପହଞ୍ଚିଥିଲେ। ସେମାନଙ୍କ ପରିବାର ନିକଟରେ ଆବଶ୍ୟକ ଘର ନ ଥିବାରୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ସେମାନଙ୍କୁ ରଖିବାକୁ ମନା କରିଦେଇଥିଲେ। ଶେଷରେ ଯୁବକଦ୍ୱୟ ଗାଁ ନିକଟରେ ଥିବା ଏକ ଗଛମୂଳରେ ରହୁଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ ସେହି ଗଛରେ କ୍ୱାରାଣ୍ଟାଇନ ଷ୍ଟିକର ମାରି ଦେଇଛନ୍ତି। ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ଏ ନେଇ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ। ତେବେ ଅନ୍ୟ ତିନିଜଣଙ୍କୁ ସମ୍ପୃକ୍ତ ପଞ୍ଚାୟତରେ ହୋଇଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି ବୋଲି ସେ କହିଛନ୍ତି।



ଗଛତଳେ ବସିଛନ୍ତି ଦୁଇ ଶ୍ରମିକ।

### ହାଇଦ୍ରାବାଦରେ ଫସିଥିବା ୧୨ ପ୍ରବାସୀ ଓଡ଼ିଆଙ୍କୁ ସହାୟତା

ମନମୁଣ୍ଡା,୨୪।୪ (ଡି.ଏନ.ଏ.)

ହାଇଦ୍ରାବାଦଠାରେ ଲକ୍ ଡାଉନ ଯୋଗୁ ଫସି ରହିଥିବା ୧୨ ପ୍ରବାସୀ ଓଡିଆଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହାୟତା ପ୍ରଦାନ କରିଛନ୍ତି । ଉକ୍ତ ପ୍ରବାସୀ ଓଡିଆମାନେ ଖାଇବା ପିଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ସାମାଜିକ ଗଣମାଧ୍ୟମରେ ନିବେଦନ କରିଥିଲେ । ଓଡ଼ିଶା ଭାଜପା ରାଜ୍ୟ ଯୁବ ମୋର୍ଚ୍ଚ ସମ୍ପାଦକ ଓମ୍‌ପ୍ରକାଶ ମିଶ୍ର ଉକ୍ତ ଭାଇରାଲ ଭିଡିଓ ଦେଖି ସେମାନଙ୍କ ସହ ଯୋଗାଯୋଗ କରିଥିଲେ । ଉକ୍ତ ପ୍ରବାସୀ ଓଡିଆଙ୍କ ମଧ୍ୟରୁ ଅଧିକାଂଶ ବୌଦ୍ଧ ଜିଲାର ବୋଲି ଜାଣିବାକୁ ପାଇବା ପରେ ଓମ୍ ପ୍ରକାଶ ଏ ନେଇ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରିଥିଲେ । ପ୍ରଧାନ ତାଙ୍କ ପ୍ରଚେଷ୍ଟାରେ ସେଠାକାର ପ୍ରଶାସନ ସହ ଯୋଗାଯୋଗ କରି ଉକ୍ତ ପ୍ରବାସୀ ଓଡିଆଙ୍କୁ ଚାଉଳ, ଡାଲି, ପନିପରିବା ଇତ୍ୟାଦି ଯୋଗାଇ ଦେଇଛନ୍ତି । ଏଥିସହିତ ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କୁଆପଥର ମାଡ଼ରେ ଝଡ଼ିଲା ରବିଧାନ



କୃଷି ଓ ରାଜସ୍ୱ ବିଭାଗ ଅଧିକାରୀମାନେ କ୍ଷତିଗ୍ରସ୍ତ ଧାନଜମି ବୁଲି ଦେଖୁଛନ୍ତି।

ବିନିକା,୨୪।୪(ଡି.ଏନ୍.ଏ.)

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ଲକ୍‌ଡାଉନ ଜାରି ରହିଛି। ଏହାର ପ୍ରଭାବ ଜନସାଧାରଣଙ୍କ ଜୀବନଜୀବିକା ଉପରେ ପଡିଛି। ଏହି ପରିସ୍ଥିତିରେ ଗତ ତିନିଦିନର ବର୍ଷା ଓ କୁଆପଥର ମାଡ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳର ରବିଧାନ ଚାଷୀଙ୍କ ନିଦ ହଜାଇ ଦେଇଛି। ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି ବ୍ଲକ ଅନ୍ତର୍ଗତ ସିଂଘିଯୁବା, ବାବୁପାଲି, ବାଙ୍କିଘିର୍ଡି ଓ ସିନ୍ଦୁରପୁର ଗ୍ରାମ ପଞ୍ଚାୟତର ଚାଷୀ। ଅମଳ ଅବସ୍ଥାରେ ଥିବା ରବିଧାନ କ୍ଷେତରେ ଝଡି ପଡିଛି। ଶୁକ୍ରବାର ବିନିକା କୃଷି ବିଭିଗ ଭିଏଡବ୍ଲୁ ହେମନ୍ତ ଭୋଇ, ସିଂଘିଯୁବା ରାଜସ୍ୱ ନିରୀକ୍ଷକ ସରୋଜ ବାଘ ଏବଂ ଅନ୍ୟ ୨ଟି ସର୍କଲର ରାଜସ୍ୱ ନିରୀକ୍ଷକନିଜ ନିଜ ସର୍କଲର ଚାଷୀମାନଙ୍କର କ୍ଷତିଗ୍ରସ୍ତ କ୍ଷେତ ବୁଲି କ୍ଷୟକ୍ଷତି ଆକଳନ କରିଥିଲେ । ଏହି ସମୟରେ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ଉପସ୍ଥିତ ଥିଲେ। ସମୁଦାୟ ୩ଟି ରାଜସ୍ୱ ସର୍କଲ ଅନ୍ତର୍ଗତ ୪ଟି ପଞ୍ଚାୟତର ୫ଟି ଗାଁରେ ପ୍ରଥମ ପର୍ଯ୍ୟାୟରେ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ଆକଳନ ପରେ ତହସିଲଦାର ଓ କୃଷି ବିଭାଗକୁ ରିପୋର୍ଟ ଦିଆଯିବ ବୋଲି ଅଧିକାରୀମାନେ କହିଛନ୍ତି। ଅବିଳମ୍ବେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ସୀତାରାମ ପଳିତା, ଭୂବନ ଗଡୁଆ, ଜିତେନ୍ଦ୍ର କର୍ମୀ, ଯଜ୍ଞେଶ୍ୱର ପଳିତା, ତୁଳସୀରାମ କର୍ମୀ ପ୍ରମୁଖ ଚାଷୀ ଦାବି କରିଛନ୍ତି।

## ଫଟୋରେ ଖବର



କରୋନା ମୁକାବିଲା ସକାଶେ ଲକ୍‌ଡାଉନ ପରିପ୍ରେକ୍ଷୀରେ ଶୁକ୍ରବାର ସମ୍ବଲପୁରରେ ସ୍କାଉଟ ପକ୍ଷରୁ ଶୁଖିଲା ସାମଗ୍ରୀ ବଣ୍ଟନ କରାଯାଉଛି ।

# କଳାହାଣ୍ଡିରେ ପ୍ରଥମେ ବ୍ୟବହୃତ ହେଲା ଟଙ୍କା ବିଶୋଧନ ଯନ୍ତ୍ର

ଜୁନାଗଡ,୨୪।୪(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳଦିଆମାଲସ୍ଥିତ ସିଦ୍ଧାନ୍ତ ଫୁଏଲ ପେଟ୍ରୋଲ ପମ୍ପରେ ଶୁକ୍ରବାର ପ୍ରଥମ କରି ଟଙ୍କା ବିଶୋଧନ ଯନ୍ତ୍ର ବ୍ୟବହାର କରାଯାଇଛି। ଏହି ଯନ୍ତ୍ରକୁ ଗତ କିଛିଦିନ ତଳେ ନୂଆପଡା ଜିଲା ଖଡିଆଳ ଲୋକଦୃଷ୍ଟି କଲେଜର ଲଛମନ ଦୁଣ୍ଡି ନାମକ ଜଣେ ବିଏସି ୨ୟବର୍ଷର ଛାତ୍ର ଉଦ୍ଭାବନ କରିଥିଲେ। ସେ ଏହି ଯନ୍ତ୍ରକୁ ଶୁକ୍ରବାର ବଳଦିଆମାଲସ୍ଥିତ ଉକ୍ତ ପେଟ୍ରୋଲ ପମ୍ପ ମାଲିକଙ୍କୁ ବିକ୍ରି କରିଥିଲେ। ବର୍ତ୍ତମାନ ଏହି ଯନ୍ତ୍ରକୁ ପେଟ୍ରୋଲ ପମ୍ପରେ ବ୍ୟବହାର କରାଯାଉଛି । ଉକ୍ତ ମେଶିନ ଦ୍ୱାରା ଟଙ୍କା ବିଶୋଧନ ହେବା ସହ କରୋନା ସଂକ୍ରମଣ ରୋକାଯାଇପାରିବ ବୋଲି ଲଛମନ ଦାବି କରିଛନ୍ତି। ଏହି ଯନ୍ତ୍ର ୧ଘଣ୍ଟା ମଧ୍ୟରେ ୧କୋଟି ଟଙ୍କା ପର୍ଯ୍ୟନ୍ତ ବିଶୋଧନ କରିପାରିବ। ଏଥିରେ ଟାଇମର ମେଶିନ, ମନିକାଉଣ୍ଟର ସେନ୍‌ସର, କପର, ସାନିଟାଇଜ୍ ଲିକ୍ୟୁଡ ଓ ଥର୍ମାଲ ସ୍କାନର ରହିଛି । କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ଲଛମନ ଏହି ଯନ୍ତ୍ରକୁ ଉଦ୍ଭାବନ କରିଛନ୍ତି। ଏହାର ମୂଲ୍ୟ ୧୦ହଜାର ଟଙ୍କା ରହିଛି। ପୂର୍ବରୁ ମଧ୍ୟ ଲଛମନ ୫ଶହ ଓ ୧୦୦୦ ଟଙ୍କାକୁ ନେଇ ବିଦ୍ୟୁତ ଉଦ୍ଭାବନ ଏବଂ ମହିଳାଙ୍କ ଆତ୍ମସୁରକ୍ଷା ପାଇଁ ସୁରକ୍ଷା ଯନ୍ତ୍ର ଜ୍ୟାକେଟ ଉଦ୍ଭାବନ କରି ଚର୍ଚ୍ଚାରେ ଥିଲେ।




ପେଟ୍ରୋଲ ପମ୍ପରେ ଟଙ୍କା ବିଶୋଧନ ଯନ୍ତ୍ର ସହ ଲଛମନ ।

### ବିପନ୍ନ ପରିବାରକୁ ଆଶ୍ରୟ ଦେଲା ବ୍ଲକ ପ୍ରଶାସନ

ସମ୍ବଲପୁର,୨୪।୪(ବ୍ୟୁରୋ)

**୧୨ ପରିବାର ସଦସ୍ୟଙ୍କୁ ରନ୍ଧାଖାଦ୍ୟ ମିଳିଲା**

ମଙ୍ଗଳବାର ସନ୍ଧ୍ୟାରେ ହୋଇଥିବା ଝଡତୋଫାନ ଓ କରାମାଡରେ ୧୨ ପରିବାର ବେଘର ହୋଇଯାଇଥିଲେ। ଏହି ପରିସ୍ଥିତିରେ ଯୁଯୁମୁରା ବ୍ଲକ ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରକୁ ଆଶ୍ରୟ ଦିଆଯାଇଛି। ଜୟନ୍ତପୁର ଆଶ୍ରୟ ସ୍ଥଳରେ ୮ ପରିବାରର ୩୪ ଜଣ ଓ କବରାପାଲିରେ ଆଶ୍ରୟ ସ୍ଥଳରେ ୪ ପରିବାର ୧୪ ଜଣଙ୍କୁ ରଖା ଯାଇଛି । ସେମାନଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା କରାଯାଇଛି । ବିଡିଓ ସୁରଜ ବିଶ୍ୱାଳ ଆଶ୍ରୟ ସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଅନ୍ୟପଟେ ସେମାନେ ଏବେ ନିଜ ଝାଟିମାଟି ଘରକୁ ସଜାଡିବାରେ ଲାଗିଛନ୍ତି । ଯୁଯୁମୁରା ତହସିଲଦାର ସୁମନ ମିଞ୍ଜ ବିପନ୍ନ ପରିବାରଙ୍କୁ ଭେଟି ପଲିଥିନ ପ୍ରଦାନ କରିଛନ୍ତି । ସେମାନେ ନିଜ ଘରକୁ ଫେରିଯିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ହେଲେ ଶୁକ୍ରବାର ସନ୍ଧ୍ୟାରେ ଝଡତୋଫାନ ଦେଖି ଆଶ୍ରୟ ସ୍ଥଳରେ ରହିଛନ୍ତି । ପାଣିପାଗରେ ସୁଧାର ଆସିଲେ ନିଜ ଘରକୁ ଯିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ୧୮ ପଞ୍ଚାୟତରେ ୧୪୪୬ଜଣ ଅସହାୟଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଛି । ଏସ୍‌ଏସ୍‌ଜି ମହିଳମାନେ ଏଥିରେ ସହଯୋଗ କରୁଛନ୍ତି।

# ବାହାରୁ ଶ୍ରମିକ ଫେରିଲେ ବିସ୍ଫୋରକ ସ୍ଥିତି

ନୂଆପଡ଼ା ଅଫିସ,୨୪।୪

ନୂଆପଡ଼ା ଜିଲା

■ ନୂଆପଡ଼ା ଜିଲାକୁ ଫେରିବେ ୧୯ହଜାର ଶ୍ରମିକ

■ ସଙ୍ଗରୋଧ ଗୃହରେ ରହିପାରିବେ ୧୫୦୦

■ ଗ୍ରୀନ୍ ଜୋନ୍ ରେଡ୍ ଜୋନ୍‌ରେ ପରିଣତ ହେବ

ଲକ୍‌ଡାଉନ କଟକଣା ପରେ ଅନ୍ୟ ରାଜ୍ୟକୁ ଯାଇଥିବା ଶ୍ରମିକମାନଙ୍କୁ ଓଡ଼ିଶା ଫେରାଇ ଆଣିବା ଚିନ୍ତା ଏବେ ସରକାରଙ୍କୁ ଘାରିଛି । ହେଲେ ସେମାନଙ୍କୁ ସଙ୍ଗରୋଧ କରି ରଖିବା ପାଇଁ ସରକାରଙ୍କ ପାଖରେ ଆବଶ୍ୟକ ବ୍ୟବସ୍ଥା ନାହିଁ। ଫଳରେ ଯଦି ସବୁ ଶ୍ରମିକଙ୍କୁ ଏକକାଳୀନ ଫେରାଇ ଆଣିବାର ବ୍ୟବସ୍ଥା କରାଯାଏ ତେବେ ତାହା ଆଗାମୀ ଦିନରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ ବୋଲି ସମୀକ୍ଷକମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ପ୍ରଶାସନର ସର୍ଭେ ମୁତାବକ ଅନ୍ୟ ରାଜ୍ୟରେ ନୂଆପଡା ଜିଲାର ୧୯,୨୬୭ଜଣ ଶ୍ରମିକ ଅଟକି ରହିଛନ୍ତି। ହେଲେ ଜିଲାର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ସଙ୍ଗରୋଧ ଗୃହର ବ୍ୟବସ୍ଥା ରହିଛି । ପ୍ରତି ଗୃହରେ ୧୦ରୁ ୨୦ଜଣ ଲୋକଙ୍କୁ ରଖିବାର ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥାରେ ହିସାବକୁ ନେଲେ ଏକକାଳୀନ ଜିଲାରେ ଅନ୍ୟୂନ ୧୫୦୦ଲୋକଙ୍କୁ ରଖାଯାଇପାରିବ। ଲକ୍‌ଡାଉନ ପରେ ଯଦି ଏତେସଂଖ୍ୟକ ଶ୍ରମିକ ଏକକାଳୀନ ରାଜ୍ୟବାହାରୁ ଆସନ୍ତି ତେବେ ସ୍ଥିତି କିପରି ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏତେସଂଖ୍ୟକ ଦାଦନ ଶ୍ରମିକ ଆସିଲେ ଶୃଙ୍ଖଳିତ ସଙ୍ଗରୋଧ କରିବା ଅସମ୍ଭବ ହୋଇପଡିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ଏ ସଂକ୍ରାନ୍ତରେ ସରପଞ୍ଚ ଓମ୍‌ପ୍ରକାଶ କଳାର କହିଛନ୍ତି, ପ୍ରତି ପଞ୍ଚାୟତରୁ ୨ଶହରୁ ୫ଶହ ଶ୍ରମିକ ରାଜ୍ୟବାହାରେ ଫସି ରହିଛନ୍ତି। ହେଲେ ଆମ ପାଖରେ ମାତ୍ର ୧୦ରୁ ୨୦ଜଣ ଲୋକଙ୍କ ପାଇଁ ଉନ୍ନତମାନର ସଙ୍ଗରୋଧ କେନ୍ଦ୍ର ରହିଛି। ଏକକାଳୀନ ସବୁ ଶ୍ରମିକ ଆସିଲେ ପରିସ୍ଥିତି ଗୁରୁତର ରୂପ ନେବ। ଜିଲା ସରପଞ୍ଚ ସଂଘ ସମ୍ପାଦକ ଭରତଲାଲ ରାଉତ କୁହନ୍ତି, ସରକାର କେବଳ ସରପଞ୍ଚମାନଙ୍କୁ ଜିଲାପାଳଙ୍କ କ୍ଷମତା ପ୍ରଦାନ କରି ନିଜର କାମ ସାରିଦେଇଛନ୍ତି । ହେଲେ ସେଭଳି କ୍ଷମତା ନାହିଁ। ନୂଆପଡ଼ା ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ସଂକ୍ରମଣ ରୋକିବା କାଠିକର ପାଠ ହେବ । ଶିକ୍ଷାବିତ୍ ରାମଚନ୍ଦ୍ର ମାଝିଙ୍କ କହିବା ଅନୁଯାୟୀ, ଦାଦନ ଶ୍ରମିକଙ୍କ ସୁରକ୍ଷା ସକାଶେ ସରକାର କେବେହେଲେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିନାହାନ୍ତି, ବର୍ତ୍ତମାନ ନେଡିଗୁଡ କହୁଣିକୁ ବୋହିବା ବେଳକୁ ଅଣ୍ଡାଳି ହେଉଛନ୍ତି । ସାମାଜିକ କର୍ମୀ ଖୁଟୁରାମ ସୁନାନୀ କହିଛନ୍ତି, ଆଜି ପଶ୍ଚିମବଙ୍ଗରୁ କେତେକ ଶ୍ରମିକ ଆସୁଛନ୍ତି ବୋଲି ସରକାର ଛାନିଆଁ ହେଲେଣି। ହେଲେ ହଜାର ହଜାର ସଂଖ୍ୟାରେ ସଂକ୍ରମିତ ଶ୍ରମିକ ଅନ୍ୟ ରାଜ୍ୟରୁ ଆସିଲେ ଜିଲା ତଥା ରାଜ୍ୟର ସମସ୍ୟା ଦ୍ୱିଗୁଣିତ ହୋଇଯିବ । ବର୍ତ୍ତମାନର ଗ୍ରୀନ୍ ଜୋନ୍ ରେଡ୍ ଜୋନ୍‌ରେ ପରିଣତ ହେବ ।

## ସଂକ୍ଷେପରେ

### ମାଲକାନଗିରି ଜିଲାରେ ୪୨ ଡିଗ୍ରୀ ଟପିଲା ତାପମାତ୍ରା

ମାଲକାନଗିରି,୨୪।୪(ଡି.ଏନ୍.ଏ)- ମାଲକାନଗିରି ଜିଲାରେ ତାପମାତ୍ରା ୪୨ ଡିଗ୍ରୀ ଅତିକ୍ରମ କରିଛି। ସକାଳ ୯ଟାରୁ ଘରୁ ବାହାରିବା କଷ୍ଟକର ହୋଇପଡିଛି। ଫଳରେ ବିଭିନ୍ନ କାର୍ଯ୍ୟ ପାଇଁ ଲୋକେ ଘରୁ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ପ୍ରତିବର୍ଷ ଏହି ସମୟରେ ପ୍ରଶାସନ ପକ୍ଷରୁ ସବୁଠି ଲୋକଙ୍କ ପାଇଁ ପାନୀୟ ଜଳର ସୁବିଧା କରାଯାଇଥାଏ। ପ୍ରତି ବିଶ୍ରାମାଗାରରେ ମାଟିହାଣ୍ଡିରେ ଥଣ୍ଡା ପାନୀୟ ଜଳ ରଖି ଜଳଛତ୍ର ଖୋଲାଯାଇଥାଏ। ମାତ୍ର ଚଳିତବର୍ଷ କରୋନା ଯୋଗୁ ଜଳଛତ୍ର ଖୋଲିବା ସମ୍ଭବ ହୋଇନାହିଁ। ଆଗାମୀ ଦିନରେ ଯଦି ଏପରି ଗ୍ରୀଷ୍ମ ପ୍ରବାହ ଲାଗି ରହେ ତେବେ ଅନେକ ରୋଗ ଦେଖାଦେବା ସମ୍ଭାବନା ରହିଛି।

### ୧୬ ଗଣିଲେ ଜରିମାନା

ପାରଳାଖେମୁଣ୍ଡି, ୨୪।୪ (ସ୍ୱ.ପ୍ର.) - ଶୁକ୍ରବାର ପାରଳାଖେମୁଣ୍ଡି ସହରରେ ଲକ୍‌ଡାଉନ୍ ଉଲ୍ଲଂଘନ କରି ୧୬ ଜଣ ଧରାପଡିଛନ୍ତି। ସେମାନଙ୍କଠାରୁ ୨ଶହ ଲେଖାଏ ଜରିମାନା ଆଦାୟ କରାଯାଇଥିବା ଆଦର୍ଶ ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ କହିଛନ୍ତି।

### ସାନିଟାଇଜ୍ ହେଲା ଜିଲା କୋର୍ଟ

ପାରଳାଖେମୁଣ୍ଡି, ୨୪।୪ (ସ୍ୱ.ପ୍ର.)- ମହାମାରୀ ଆତଙ୍କ ଖେଳାଇଥିବା କରୋନାର ମୁକାବିଲା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମଧ ସ୍ଥାନୀୟ ଅଗ୍ନିଶମ ବିଭାଗ ସହାୟତାରେ ସ୍ଥାନୀୟ ଜିଲା କୋର୍ଟ ପରିସରକୁ ଶୁକ୍ରବାର ବିଶୋଧନ କରାଯାଇଛି । ପ୍ରାଧିକରଣ ଅଧକ୍ଷ ତଥା ଜିଲାଜଜ୍ ବିଶ୍ୱଜିତ ଦାସ ଓ ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ତତ୍ତ୍ୱାବଧାନରେ କୋର୍ଟ ପରିସରକୁ ସହ ପ୍ରାଧିକରଣ କାର୍ଯ୍ୟାଳୟ, ଓକିଲ ସଂଘ ଗୃହ ସହ ଏଠାରେ ଥିବା ସମସ୍ତ କୋଠାକୁ ବିଶୋଧିତ କରାଯାଇଛି।

### ମଦ ଉପରେ ପଦ୍ମପୁର ପୋଲିସ ଚଢ଼ାଉ ଜୋର୍‌ଦାର



ପଦ୍ମପୁର,୨୪।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଶୁକ୍ରବାର ପାଟ୍ରୋଲିଂ କରୁଥିବା ବେଳେ ବ୍ଲକର ତେମ୍ଭାଗୁଡ଼ା ପଞ୍ଚାୟତର ଝିଟିକା ଅଞ୍ଚଳରୁ ୪୦ ଲିଟର ରନ୍ଧାମଦ ଜବତ କରିଛି। ଏଥିରେ ଅଭିଯୁକ୍ତ ସୁବାସ ଶବରଙ୍କୁ ଗିରଫ କରାଯାଇ କେସ୍ ନଂ ୩୨/୨୦ରେ ମାମଲା ରୁଜୁ ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏବେ ସବୁଠି ଲକ୍‌ଡାଉନ ବେଳେ କେତେକ ଅସାଧୁ ବ୍ୟକ୍ତି ଦୁର୍ଗମ ଅଞ୍ଚଳରେ ଦେଶୀମଦର ଆଡ୍ଡା ଜମାଇଛନ୍ତି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରି ଏହା ଉପରେ ଚଢ଼ାଉ ଜାରି ରଖିଛି। ଗତ ଗୁରୁବାର ମଧ ପଦ୍ମପୁର ଥାନାଧିକାରୀ ସଞ୍ଜୟ ନାୟକ ୧୨ ଲିଟର ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲେ।

### ୧୧ ଦାଦନଙ୍କୁ ସଙ୍ଗରୋଧ ଗୃହରେ ରଖାଗଲା



ପାପଡାହାଣ୍ଡି, ୨୪।୪(ଡି.ଏନ.ଏ.)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର ୧୧ ଜଣ ଦାଦନ ଶ୍ରମିକଙ୍କୁ ଶୁକ୍ରବାର ସଙ୍ଗରୋଧ ଗୃହରେ ରଖାଯାଇଛି। ଏହି ଶ୍ରମିକ ମାନେ କଳାହାଣ୍ଡି ଜିଲାକୁ କାମ କରିବାକୁ ଯାଇଥିଲେ। ଲକ ଡାଉନ ଯୋଗୁ ଘରକୁ ଫେରିପାରି ନ ଥିଲେ। ଶୁକ୍ରବାର ସେମାନେ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। ବିଡ଼ିଓ ରଞ୍ଜିତା ମଲିକ ଅବଗତ ହେବା ପରେ ସମସ୍ତଙ୍କୁ ନେଇ ମାନିଗାଁ ସଙ୍ଗରୋଧ ଗୃହରେ ରଖିଥିଲେ।

# ଫୋନ୍‌ରେ ହେବ ରୋଗୀ ସେବା

**ଜିଲା ମୁଖ୍ୟ ଡାକ୍ତରଖାନାରେ ଟେଲି ମେଡିସିନ ସେବା ଆରମ୍ଭ**

ରାୟଗଡ଼ା ଅଫିସ,୨୪।୪

ଫୋନ ଯୋଗେ ହେବ ରୋଗୀ ସେବା। ରୋଗୀ ଫୋନ କରି ନିଜ ରୋଗ ସମ୍ପର୍କରେ କହିବା ପରେ ଡାକ୍ତରଙ୍କଠାରୁ ରୋଗୀଙ୍କୁ ମିଳିବ ପରାମର୍ଶ। ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହି ଟେଲି ମେଡିସିନ ସେବା ଗୁରୁବାର ବିଳମ୍ବିତ ରାତିରୁ ଆରମ୍ଭ କରାଯାଇଛି। ଏହି ସେବା ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ସକାଳ ୮ରୁ ଦିନ ୧୨ଟା ଯାଏ ଉପଲବ୍ଧ ହେବ। ହ୍ୱାଟସଆପ କଲ କିମ୍ବା ଭିଡିଓ କଲ ମାଧ୍ୟମରେ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟ ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିପାରିବେ। ବିଭିନ୍ନ ବିଭାଗ ପାଇଁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଫୋନ ନମ୍ବର ଜାରି କରିଛନ୍ତି। ସାଧାରଣ ଓପିଡି ରୋଗୀଙ୍କ ପାଇଁ ୭୦୬୪୭୧୮୯୯୧, ଔଷଧ ବିଶେଷଜ୍ଞଙ୍କ ସହ ୯୪୩୭୩୯୧୭୬୨, ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ପାଇଁ ୯୪୩୭୩୫୨୩୮୬, ଶିଶୁରୋଗ ବିଶେଷଜ୍ଞଙ୍କ ପାଇଁ ୯୪୩୭୩୫୨୩୮୬ ଓ ଇଏନ୍‌ଟି ବିଭାଗ ପାଇଁ ୯୪୩୭୪୪୧୩୨୫ ନଂ ଜାରି କରାଯାଇଛି। ଏହାଦ୍ୱାରା ମେଡିକାଲରେ ହେଉଥିବା ଅଯଥା ଭିଡ଼କୁ ଏଡ଼ାଇହେବ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡାକ୍ତର ଆର୍ତ୍ତବନ୍ଧୁ ନାୟକ କହିଛନ୍ତି।

## ୩୬ ସୀମାପାରି ରହିଲେ କ୍ୱାରାଣ୍ଟାଇନରେ

ପାରଳାଖେମୁଣ୍ଡି, ୨୪।୪ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ବୃନ୍ଦାବନ ପ୍ୟାଲେସ ସମ୍ମୁଖ ରାସ୍ତାରୁ ୩୬ଜଣ ଆନ୍ଧ୍ରରୁ ଆସିଥିବା ଲୋକଙ୍କୁ ଧରି ପ୍ରଶାସନ କ୍ୱାରାଣ୍ଟାଇନରେ ରଖିଛି। ଏମାନେ ସମସ୍ତେ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଅମରା, ରାଟିଣୀ, ଚାଙ୍ଗୁଡି ଅଞ୍ଚଳ ହୋଇ ନଦୀପାର ହୋଇ ଓଡ଼ିଶାରେ ପ୍ରବେଶ କରୁଥିବାବେଳେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ସେମାଙ୍କୁ ଧରାଯାଇଛି। ସମସ୍ତଙ୍କର ଠିକଣା ଏବଂ ସୂଚନା ଠିକ୍ ଭାବେ ନିଆଯିବା ପରେ ସେମାନେ ପଡୋଶୀ ଆନ୍ଧ୍ର ରାଜ୍ୟର ବୋଲି ଜଣାପଡିଥିଲା। ପରେ ସେମାନଙ୍କୁ କ୍ୱାରାଣ୍ଟାଇନକୁ ପଠାଯାଇଛି । ବର୍ତ୍ତମାନ ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ପୋଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି।

## କରୋନାକୁ ଗ୍ରାମରେ ପୂରାଇ ଦେବୁନି

**ରାମାଗୁଡ଼ାବାସୀ ନେଲେ ଶପଥ**

- ଗ୍ରାମବାସୀଙ୍କୁ ସଚେତନ କଲେ ଖବରଦାତା
- ନିୟମ ମାନି ଚଳିବୁ
- ମାସ୍କ, ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ

ମାଲକାନଗିରି,୨୪।୪(ଡି.ଏନ୍.ଏ)

କରୋନା ଭାଇରସ୍‌ପୃଥିବୀରେ କାୟାବିସ୍ତାର କରିଚାଲିଛି। ଭାରତ ସହ ଓଡ଼ିଶା ମଧ ଏଥିରୁ ବାଦ୍ ପଡ଼ିନାହିଁ। ମାଲକାନଗିରି ଜିଲା ସୀମା ଆନ୍ଧ୍ର, ଛତିଶଗଡ଼ ଓ ତେଲଙ୍ଗାନା ରାଜ୍ୟ ସୀମାକୁ ଲାଗିରହିଛି। ଏହି ଜିଲାର ଘଞ୍ଚ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ପ୍ରାୟତଃ କରୋନା ସମ୍ପର୍କରେ ସଚେତନ ନୁହନ୍ତି। ଏପରି ସ୍ଥିତିରେ ଜିଲାର ଆଭ୍ୟନ୍ତରୀଣ ଗ୍ରାମର ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ଲାଗି ଜିଲାର ଖବରଦାତାମାନେ ଆଗେଇ ଆସିଛନ୍ତି। ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟମାନେ ଶୁକ୍ରବାର ମାଥିଲି ବ୍ଲକର ଆଭ୍ୟନ୍ତରୀଣ ଗ୍ରାମ ରାମାଗୁଡ଼ାଠାରେ ଶତାଧିକ ଗ୍ରାମବାସୀଙ୍କୁ ଘରଘର ବୁଲି ଏ ସମ୍ପର୍କରେ ସଚେତନ କରିବା ସହ ସେମାନଙ୍କୁ ମାସ୍କ, ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ କରିଛନ୍ତି। ମୁହଁରେ କପଡ଼ା ବାନ୍ଧିବା, ସାମାଜିକ ଦୂରତା ରକ୍ଷାକରିବା, କୌଣସି ଜରୁରୀ କାର୍ଯ୍ୟ ନ ଥିଲେ ବାହାରକୁ ନ ବାହାରିବା, ଭୋଜିଭାତ ନ କରିବା, ସାବୁନରେ ବାରମ୍ବାର ହାତ ଧୋଇବା, ଅନ୍ୟ ଅଞ୍ଚଳରୁ ଆସୁଥିବା ଲୋକଙ୍କୁ ଗ୍ରାମରେ ପ୍ରବେଶ କରାଇ ନ ଦେବା ପାଇଁ ଗ୍ରାମବାସୀ ଶପଥ ନେଇଥିଲେ। ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର ସେମାନଙ୍କୁ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମରେ ଶ୍ରୀନିବାସ ପାତ୍ର, ସୀମାଞ୍ଚଳ ପାଣିଗ୍ରାହୀ, ସନୁ ଅନୁଗୁ, ହୃଷୀକେଶ ସେଠୀ, ଉଦୟଭାନୁପାଣିଗ୍ରାହୀ, ବାବୁ ମହାନ୍ତି ଅଂଶଗ୍ରହଣ କରିଥିଲେ।



ରାମାଗୁଡା ବାସୀ ଶପଥ ଗ୍ରହଣ କରୁଛନ୍ତି ।

## ନାବାଳିକାଙ୍କୁ ଉଦ୍ଧାର କଲା ଚାଇଲ୍ଡ୍‌ଲାଇନ

ରାୟଗଡ଼ା ଅଫିସ,୨୪।୪

ରାୟଗଡ଼ା ବ୍ଲକର ପେନଟା ଗ୍ରାମପଞ୍ଚାୟତରେ ଜଣେ ନାବାଳିକା ଉଦ୍ଧାର ହୋଇଛି। ଚାଇଲ୍ଡ ଲାଇନ, ଚାନ୍ଦିଲି ପୋଲିସ, ଆଇସିଡିଏସ୍ ଦ୍ୱାରା ଏହି ଉଦ୍ଧାର କାର୍ଯ୍ୟ ହୋଇଥିଲା। ନାବାଳିକା ଜଣକ ଉକ୍ତ ପଞ୍ଚାୟତର ଜଣେ ବିବାହିତ ଯୁବକଙ୍କ ସାଙ୍ଗରେ ଯାଇ ତାଙ୍କ ସ୍ତ୍ରୀଙ୍କ ଅନୁପସ୍ଥିତିରେ ରହିଥିବାରୁ ତାଙ୍କୁ ଚାଇଲ୍ଡ ଲାଇନ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ଉଦ୍ଧାର ବେଳେ ଚାଇଲ୍ଡ ଲାଇନ କୋର୍ଡିନେଟର କେନିଲିମାଙ୍କ ସହ ଅନ୍ୟ ଅଧିକାରୀ ମଧ ଉପସ୍ଥିତ ଥିଲେ।

## ମାସ୍କ ପିନ୍ଧି ନ ଥିବାରୁ ୨୨ ଗଣିଲେ ଦଣ୍ଡ

କାଲିମେଲା,୨୪।୪(ଡି.ଏନ.ଏ.)

ଏବେ କରୋନାକୁ ନେଇ ସବୁଆଡେ କଟକଣା ଜାରି ରହିଛି। ବାହାରକୁ ଜରୁରୀ କାର୍ଯ୍ୟ ନ ଥିଲେ ବାହାରିବାକୁ ମନା କରାଯାଇଛି। ଯଦି କେହି ବାହାରିବେ ମାସ୍କ ପିନ୍ଧିବାକୁ କୁହାଯାଇଛି। ଏହା ଉଲ୍ଲଂଘନ କଲେ ଜରିମାନା ବ୍ୟବସ୍ଥା କରାଯାଇଛି। ତଥାପି ଏହାକୁ କେତେକ ଅମାନିଆ ମାନୁ ନ ଥିବା ଦେଖିବାକୁ ମିଳୁଛି। ମାଲକାନଗିରି ଜିଲା କାଲିମେଳା ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର କାଲିମେଳା ବଜାରରେ ଯାଞ୍ଚ କରାଯାଇଥିଲା। ସକାଳ ୧୦ଟାରେ ତହସିଲଦାର ଅଲୋକ କୁମାର ଅନୁଗୁଳିଆଙ୍କ ସହ ଏକ ଟିମ ଯାଞ୍ଚ କରୁଥିବା ବେଳେ ୨୨ ଜଣ ଅମାନିଆ ହାବୁଡରେ ପଡିଥିଲେ। ସେମାନଙ୍କଠାର ୨ଶହ ଲେଖାଏ ମୋଟ ୪୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। କାଲିମେଳା ବ୍ଲକରେ ଏଯାଏ ୪୦ ଜଣ ଅମାନିଆ ଦଣ୍ଡ ଗଣିଥିବା ଜଣାପଡିଛି । ଏଥିସହ କାଲିମେଳା ବଜାର ଉପରେ ଜଣେ ବ୍ୟକ୍ତି ନିଜ ସେଲୁନ ଖୋଲି ଲୁଚାଛପାରେ ଚୁଟି କାଟୁଥିବା ବେଳେ ଧରାପଡିଛନ୍ତି। ତାଙ୍କ ଦୋକାନ ସିଲ୍ କରାଯାଇଛି। ବିଡିଓ ଉମା ଶଙ୍କର ଦଳାଇ, ସୁପରଭାଜର ରାମକୃଷ୍ଣ ପଟ୍ଟନାୟକ, ଦିବ୍ୟସିଂ ପାଇକରାୟ ବେଜାଙ୍ଗିୱାଡା ଆରଆଇ ଜୟକୃଷ୍ଣ ଶାହା ସାମିଲ ହୋଇଥିଲେ ।

## ଯୁଏଆଇଏଲ୍, ଏବିପିଏସ୍‌ରେ ଧରିତ୍ରୀ ଦିବସ

ରାୟଗଡ଼ା ଅଫିସ/ଟିକିରି, ୨୪।୪(ଡି.ଏନ.ଏ.)

ସାରା ବିଶ୍ୱ ୨୦୨୦ ଏପ୍ରିଲ ୨୨ରେ ପାଣିପାଗ ପଦକ୍ଷେପ ବିଷୟବସ୍ତୁକୁ ନେଇ ୫୦ତମ ଧରିତ୍ରୀ ଦିବସ ପାଳନ କରିଛି। ଧରାପୃଷ୍ଠ ଓ ପାଣିପାଗ ସୁରକ୍ଷା ପ୍ରତି ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ୍ ପ୍ରତିବଦ୍ଧ ଓ ଏହାକୁ ନେଇ ଦୋରାଗୁଡ଼ାସ୍ଥିତ କମ୍ପାନୀ ପକ୍ଷରୁ ଧରିତ୍ରୀ ଦିବସ ପାଳନ କରାଯାଇଛି। ପ୍ରତୀକାତ୍ମକ ଭାବେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ରାତି ୯ରୁ ୧୫ ମିନିଟ ଯାଏ ଘରର ଲାଇଟ୍ ଅଫ୍ କରି ଧରାପୃଷ୍ଠ ପ୍ରତି ନିଜର ଦାୟିତ୍ୱ ଜଣାଇଛନ୍ତି। ଏହି ଅବସରରେ ଯୁଏଆଇଏଲ୍‌ର ପବ୍ଲିକ୍ ସ୍କୁଲରେ କଳା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଚିତ୍ର ମାଧ୍ୟମରେ ଛାତ୍ରୀଛାତ୍ରମାନେ ପାଣିପାଗର ସୁରକ୍ଷା ଓ ପୁନର୍ସ୍ଥାପନ ପ୍ରତିପାଦିତ କରିଥିଲେ।

## ଅଟୋ ଚାଳକ ସଂଘର ଦାବିପତ୍ର ପ୍ରଦାନ



ଅଟୋଚାଳକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଡାବୁଗାଁ, ୨୪।୪ (ଡି.ଏନ.ଏ.)

ନବରଙ୍ଗପୁର ଜିଲାର ଡାବୁଗାଁ ବ୍ଲକରେ ଥିବା ଜୟ ଭାରତ ଅଟୋ ସଂଘ ପକ୍ଷରୁ ସହାୟତା ନିମନ୍ତେ ଶୁକ୍ରବାର ତହସିଲଦାର ସୁବାସ ଚନ୍ଦ୍ର ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଲକ୍‌ଡାଉନ ଯୋଗୁ ଅଟୋ ଚାଳକ ଓ ମାଲିକମାନେ ଅସହାୟ ହୋଇପଡିଛନ୍ତି। ଅଟୋ ଚଳାଇଲେ ସେମାନଙ୍କ ପରିବାର ଚଳୁଥିଲା। ବିଭିନ୍ନ ବର୍ଗର ଲୋକେ ସହାୟତା ପାଉଥିବା ବେଳେ ପ୍ରଶାସନ ସେମାନଙ୍କୁ କୌଣସି ସହାୟତା ଦେଇନାହିଁ। ସେମାନଙ୍କୁ ସରକାର ସହାୟତା ଯୋଗାଇଦେବାକୁ ଦାବି ହେଉଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ମିହିର ଶଙ୍କର ପାତ୍ର, ଉପ ସଭାପତି ଉତ୍ତମ ପ୍ରଧାନ, ସମ୍ପାଦକ ଗଗନ ଗନ୍ତାୟତ, ଟୁକୁ କର, ପ୍ରଶାନ୍ତ ପଣ୍ଡା,ପୁପୁନ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବହି ପାଉନାହାନ୍ତି ସେବାଶ୍ରମ ଛାତ୍ରୀଛାତ୍ର

ଜୟପୁର,୨୪।୪(ଡି.ଏନ୍.ଏ.)

ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମାଗଣା ବହିଦିଆଯିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ସରକାର। ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁସ୍ତକ ମିଳିବାରେ ସମସ୍ୟା ନ ଥିବାବେଳେ ଅନୁସୂଚିତ ଜାତି, ଜନଜାତି ସେବାଶ୍ରମ ବିଦ୍ୟାଳୟ ହଷ୍ଟେଲର ଛାତ୍ରୀଛାତ୍ର ଏହା ପାଇବାରେ ଅସୁବିଧା ହେଉଛି। ଅଧିକାଂଶ ପିଲା ଅନ୍ୟ ବ୍ଲକର ବାସିନ୍ଦା ହୋଇଥିବା ଯୋଗୁ ସେମାନଙ୍କ ଅଭିଭାବକ ବିଦ୍ୟାଳୟରେ ପହଞ୍ଚିବା କିମ୍ବା ଶିକ୍ଷକମାନେ ସେମାନଙ୍କ ଗ୍ରାମରେ ପହଞ୍ଚିବାରେ ସମସ୍ୟା ଦେଖାଦେଇଛି। ଫଳରେ ଶତ ପ୍ରତିଶତ ବହି ବଣ୍ଟା ନେଇ ଆଶଙ୍କା ପ୍ରକାଶ ପାଇଛି। ଏଭଳି ସମସ୍ୟା ଜିଲାର ଅନ୍ୟ ବ୍ଲକରେ ମଧ ରହିଛି। ଲକ୍‌ଡାଉନ ଯୋଗୁ ବିଦ୍ୟାଳୟ ଛୁଟି ଥିବାରୁ ଗତ ଏପ୍ରିଲ ୩ରେ ପ୍ରବେଶ ଉତ୍ସବ ହୋଇପାରି ନାହିଁ କି ନୂତନ ଶ୍ରେଣୀର ପୁସ୍ତକ ମଧ ବଣ୍ଟାଯାଇ ପାରିନାହିଁ। ଜୟପୁର ବ୍ଲକ ଓ ପୌରାଞ୍ଚଳରେ ୨୩୯ଟି ବିଦ୍ୟାଳୟର ୧୯୬୬୦ ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେଥିରୁ ୧୩ଟି ସେବାଶ୍ରମରେ ପ୍ରାୟ ୨୫୦୦ ଜଣ ଅନ୍ତେବାସୀ ରହିଛନ୍ତି। ଗତ ଶୁକ୍ରବାର ସୁଦ୍ଧା ୮୦ ପ୍ରତିଶତ ବହି ବଣ୍ଟା ସରିଥିବା ବିଇଓ କାର୍ଯ୍ୟାଳୟ ସୂଚନା ଦେଇଛି।

## ୫୫ ଏକର ଧାନ, ପରିବା ଫସଲ ନଷ୍ଟ

**କୁଆପଥର ବର୍ଷା**

ଗୁଣପୁର,୨୪।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅଧୀନ ସିଙ୍ଗୁବାଇ ଗ୍ରାମର ଆଖପାଖ ଅଞ୍ଚଳରେ ହୋଇଥିବା ଧାନ ଏବଂ ପରିବା ଫସଲ କୁଆପଥର ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଗୁରୁବାର ଅପରାହ୍ନରେ ଏହି ଅଞ୍ଚଳରେ ପ୍ରବଳ ବର୍ଷା ସହ କୁଆପଥର ପଡ଼ିଥିଲା। ଫଳରେ ଏହି ଅଞ୍ଚଳରେ ଚାଷ ହୋଇଥିବା ୨୫ ଏକର ଧାନ ସହ ୩୦ ଏକର ଜମିରେ ପରିବା ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ଗୁଣପୁର ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ଏବଂ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ ଶୁକ୍ରବାର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।



ଗୁଣପୁର ତହସିଲଦାର ଓ ଅନ୍ୟମାନେ କ୍ଷତିଗ୍ରସ୍ତ ଫସଲ ଅନୁଧ୍ୟାନ କରୁଛନ୍ତି ।

## ରୋଗୀଙ୍କୁ ରକ୍ତ ଯୋଗାଇ ଦେବାକୁ ହିନ୍ଦୁ ଏକତା ବାହିନୀର ପଦକ୍ଷେପ

ନବରଙ୍ଗପୁର,୨୪।୪(ବି.ପ୍ର.)

ନବରଙ୍ଗପୁର ହିନ୍ଦୁ ଏକତା ବାହିନୀ ପକ୍ଷରୁ ସଠିକ ସମୟରେ ରୋଗୀଙ୍କୁ ଆବଶ୍ୟକ ଗ୍ରୁପ୍‌ର ରକ୍ତ ଯୋଗାଇ ଦେବାପାଇଁ ୫୦୦ ଜଣଙ୍କ ବ୍ଲଡ଼ ଗ୍ରୁପ ତଥ୍ୟ ସଂଗ୍ରହ କରି ଏକ ସୂଚୀ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ବର୍ଷ ତମାମ ରୋଗୀଙ୍କୁ ରକ୍ତ ଯୋଗାଇବାରେ ସହାୟକ ହେବ ବୋଲି ହିନ୍ଦୁ ଏକତା ବାହିନୀ ପକ୍ଷରୁ କୁହାଯାଇଛି। ବାହିନୀର ସଦସ୍ୟ ନେତାଜୀ ପାତ୍ର ଶୁକ୍ରବାର କୋଷାଗୁମୁ ବଡ଼ଗୁମୁ ଗ୍ରାମର ହୀରା ପୂଜାରୀ ନାମକ ରୋଗୀଙ୍କୁ ଓ ପଜେଟିଭ୍ ରକ୍ତ ଦେଇଥିବା ଜଣାପଡିଛି।

## ଚାଉଳ ବାଟମାରଣାକୁ ଧରିଲେ ହିତାଧିକାରୀ

ଜେକେପୁର,୨୪।୪(ଡି.ଏନ୍.ଏ.)

କୋଲନରା ବ୍ଲକ ଦୁଦୁଲି ପଞ୍ଚାୟତରେ କରୋନାକୁ ଦୃଷ୍ଟିରେ ରଖି ୩ ମାସର ଅଗ୍ରୀମ ଚାଉଳ ଦିଆଯାଉଛି। କିନ୍ତୁ ଗତ ଗୁରୁବାର ରାତି ୧୧ଟାରେ ଖାଲି ବସ୍ତା ଓହ୍ଲାଇ ପିଡିଏସ୍ ଚାଉଳ ନେବାକୁ ଉଦ୍ୟମ ହେଉଥିବା ଧରିଛନ୍ତି ଗ୍ରାମବାସୀ। ପିଟେସି ଗ୍ରାମରୁ ଚାଉଳ ବଣ୍ଟନ ରାତି ୮ଟାରେ ସରିଥିଲା। ଖାଲିବସ୍ତାଗୁଡ଼ିକ ପଞ୍ଚାୟତକୁ ଆଣି ରଖିବାରେ ବିଳମ୍ବ ହେଲା ବୋଲି କହିଛନ୍ତି ପିଇଓ ଏମ୍‌କେ ସାହୁ। ଶୁକ୍ରବାର ଗ୍ରାମବାସୀ ଏକଜୁଟ୍ ହୋଇ ପଞ୍ଚାୟତ ସମ୍ମୁଖରେ କେତେକ ଗ୍ରାମର ଲୋକଙ୍କୁ ଡକାଇଥିଲେ। ଚାନ୍ଦିଲି ଥାନାରୁ ଗିରିଶ ମହାରଣା ଓ ଭାସ୍କର ମାଣିଆଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ଏବିଡିଓ ଶିବଗୋପାଳ ରାଓ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପଞ୍ଚାୟତ ଗୋଦାମ ଘରୁ ଗୋଟିଏ ବାଟ ଦେଇ ଚାଉଳ, କିରୋସିନ ବାଟମାରଣା ହେଉଛି। ପିଅନଙ୍କ ଘରେ ୧୧ ବସ୍ତା, ଖଳାରେ ୯ ବସ୍ତା ସହ ୨୦ ବସ୍ତା ଚାଉଳ ଓ ୪୮ଟି ଖାଲି ବସ୍ତା ଜବତ କରିଛି ପୋଲିସ। କୋଲନରା ତହସିଲଦାର ମନୋଜ ନାୟକ ଘଟଣାସ୍ଥଳରେ ପହଞ୍ଚି ୨୦ ବସ୍ତା ଚାଉଳକୁ ନିକଟସ୍ଥ ସ୍କୁଲ ସିଆର୍‌ସିସି ଦେବେନ୍ଦ୍ର ଦୋରାଙ୍କୁ ଦାୟିତ୍ୱରେ ଦିଆଯାଇଛି। ଏହାର ତଦନ୍ତ ଦାବି କରିଛନ୍ତି ପଞ୍ଚାୟତବାସୀ।

## ଶିକ୍ଷକ ସଂଘ ଦେଲା ୭.୪୫ ଲକ୍ଷ

**ରିଲିଫ ପାଣ୍ଠିକୁ ସହାୟତା**

ରାୟଗଡ଼ା ଅଫିସ,୨୪।୪

ରାୟଗଡ଼ା ଜିଲା କଲ୍ୟାଣ ବିଭାଗ ଶିକ୍ଷକ ଓ ଶିକ୍ଷାନୁପରିଦର୍ଶକ ସଂଘ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୭,୪୫,୬୧୧ ଟଙ୍କାର ଅର୍ଥରାଶି ପ୍ରଦାନ କରିଛି। ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ପ୍ରମୋଦ ବେହେରାଙ୍କୁ ଭେଟି ଚେକ ପ୍ରଦାନ କରିଛନ୍ତି। ଅର୍ଥରାଶି ପ୍ରଦାନ ବେଳେ ଡିଆରଡିଏ ପିଡି ଅମ୍ରିତ ଋତୁରାଜ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ପ୍ରତିନିଧି ଦଳରେ ଡିଆଇ ଶ୍ୟାମଘନ ଭୂୟାଁ, ସଂଘର ରାଜ୍ୟ ସଭାପତି ବିଶିକେଶନ ବାଘ, ଜିଲା ସଭାପତି ମନୋଜ ଗମାଙ୍ଗ, ଉପସଭାପତି ପ୍ରଦୀପ ଚୌଧୁରୀ, କାର୍ଯ୍ୟକାରୀ ସଭାପତି କୋଲା ବାମନମୂର୍ତ୍ତି, ସାଧାରଣ ସଂପାଦକ ଶ୍ରୀନିବାସ ରାଓ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ସଙ୍ଗଠନ ସଂପାଦକ ପି. ବୋଦନା, ସଦସ୍ୟ ଉମାଶଙ୍କର ପଣ୍ଡା, ଦ୍ୱିତୀଚନ୍ଦ୍ର ସାହୁ, ଅନନ୍ତ ଶତପଥୀ, ତ୍ରିପତି ହିକ୍‌କା, କୃଷ୍ଣଚନ୍ଦ୍ର ଦାସ, ଦେବାଶିଷ ସାମଲ ଉପସ୍ଥିତ ଥିଲେ।



ଶିକ୍ଷକ ଓ ଶିକ୍ଷାନୁପରିଦର୍ଶକ ସଂଘ ପକ୍ଷରୁ ଜିଲାପାଳଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି ।

## ୩ ମାସର ଚାଉଳ ପାଇଲେନି ଛାତ୍ରୀଛାତ୍ର

ବୋରିଗୁମ୍ମା,୨୪।୪(ଡି.ଏନ୍.ଏ.):

କରୋନା ଭାଇରସ ଯୋଗୁ ସାରା ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ଘୋଷଣା ପରେ ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ବିଭିନ୍ନ ଜରୁରିକାଳୀନ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ବାର୍ଷିକ ପରୀକ୍ଷା ବାତିଲ କରାଯାଇଛି। ଏପ୍ରିଲ, ମେ ଓ ଜୁନ୍ ମାସର ମଧ୍ୟାହ୍ନଭୋଜନ ଚାଉଳ ସେମାନଙ୍କ ପରିବାରକୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ପାଠ ପଢୁଥିବା ପିଲାମାନେ ଏପର୍ଯ୍ୟନ୍ତ ତିନି ମାସର ମଧ୍ୟାହ୍ନ ଭୋଜନ ଚାଉଳ ପାଇନାହାନ୍ତି। ବୋରିଗୁମ୍ମା ବ୍ଲକର ଉପରୋକ୍ତ ବିଭିନ୍ନ ବିଦ୍ୟାଳୟରେ ପ୍ରାୟ ୪୫୫୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କୁ ତିନି ମାସ ପାଇଁ ୯ କିଲୋ, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ୧୩.୫ କିଲୋ ଚାଉଳ ଦେବା ପାଇଁ ସରକାର ଘୋଷଣା କରିଥିଲେ।

## ପିଲାଙ୍କୁ ବହି ବୁହାଇଲେ ସିଆର୍‌ସିସି



ଛାତ୍ରୀଛାତ୍ରମାନେ ଗାଡିରୁ ବିଦ୍ୟାଳୟ ଭିତରକୁ ବହି ବୋହି ନେଉଛନ୍ତି ।

କୋରୁକୋଣ୍ଡା, ୨୪।୪(ଡି.ଏନ.ଏ)

ଲକଡାଉନ ଯୋଗୁ ପିଲାମାନେ ଯେପରି ଘରେ ରହି ପାଠ ପଢିବେ ସେଥିପାଇଁ ସରକାର ପିଲାଙ୍କ ନିକଟରେ ବହି ପଞ୍ଚାଇବାକୁ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାରଲାକୋଟା ପଞ୍ଚାୟତରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପଞ୍ଚାୟତର ସି-କଲୋନୀ ପ୍ରାଥମିକ ବିଦ୍ୟାଳୟକୁ ଆସିଥିବା ବହିକୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଡାକି ସିଆରସିସି ଶରତ ଚନ୍ଦ୍ର ପାଢ଼ୀ ସେମାନଙ୍କୁ ବହି ବୋହି ବିଦ୍ୟାଳୟରେ ରଖିବାକୁ କହିଥିଲେ। ତାରଲାକୋଟା ସିଆରସିସି ପାଢ଼ୀ ପିଲାଙ୍କୁ ସମସ୍ତଙ୍କୁ ଘରୁ ଡାକି ଆଣି ନିଜ ଗାଡିରୁ ବହିଗୁଡିକୁ ନେଇ ବିଦ୍ୟାଳୟରେ ରଖାଇଥିଲେ। ସାମାଜିକ ଦୂରତା ରକ୍ଷା ଏବଂ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହୋଇଥିବା ବେଳେ ସିଆରସିସି ପାଢୀ ଏହି ନିୟମକୁ ନ ମାନି ପ୍ରଚଣ୍ଡ ଖରାରେ ପିଲାଙ୍କୁ ବହି ବୋହିବା କାମରେ ଲଗାଇଥିଲେ। ଏହା ଦେଖି ଗ୍ରାମବାସୀ ତାଙ୍କୁ ପଚାରିବାରୁ ସେ ପିଲାଙ୍କ ବହି କଣ ଆମେ ବୋହିବୁ, ଆମେ କଣ ଶ୍ରମିକ ବୋଲି କହିଥିଲେ। ଏନେଇ ବ୍ଲକ ଶିକ୍ଷାଧିକାରୀ ପତିତପାବନ ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ଧ୍ୱମେଇଲା ଭାରତର 'ଆନିମଲ ସ୍ପିରିଟ୍'

ନୂଆଦିଲ୍ଲୀ,୨୪।୪

କୌଣସି ଅର୍ଥ ବ୍ୟବସ୍ଥାରେ କାର୍ଯ୍ୟ ଆରମ୍ଭ ଲାଗି ନିବେଶକଙ୍କ ମଧ୍ୟରେ ରହିଥିବା ଆତ୍ମବିଶ୍ୱାସ ଅନେକ ଗୁରୁତ୍ୱ ବହନକରେ। କିଛି ମାସର ବଜାର ସ୍ଥିତିକୁ ବିଚାରକରି ନିବେଶକ ବଜାର ଉପରେ ଭରସା କରିଥାନ୍ତି। ଏଭଳି ସ୍ଥିତିକୁ ନେଇ କାର୍ଯ୍ୟ ଆରମ୍ଭ କରିବାକୁ ବ୍ରିଟିଶ ଅର୍ଥନୀତିଜ୍ଞ ଜନ୍ ମେନାର୍ଡ କେନିସଙ୍କ ମତରେ ଆନିମଲ ସ୍ପିରିଟ ବୋଲି କୁହାଯାଇଥାଏ। କରୋନା ମାମଲାରୁ ନିୟନ୍ତ୍ରଣ କରିବା ଲାଗି ସରକାର ଦେଶରେ ଏବେ ୪୦ ଦିନିଆ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହା ଦ୍ୱାରା ଦେଶର ଅର୍ଥବ୍ୟବସ୍ଥାର କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ୧୯୮୦ ପରଠାରୁ ଦେଶର ଅର୍ଥବ୍ୟବସ୍ଥାର ଗତି ସର୍ବନିମ୍ନ ସ୍ତରକୁ ଚାଲିଯିବା ଭଳି ସ୍ଥିତି ଉପନୀତ ହୋଇଛି। ଭାରତୀୟ ବଜାର ଗତ କିଛି ତ୍ରୈମାସ ଧରି ଲଗାତର କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ବର୍ତ୍ତମାନ କରୋନା ଚୋଟ ବଜାରକୁ ଆହୁରି କ୍ଷତାକ୍ତ କରିଛି।

ବ୍ଲୁମ୍‌ବର୍ଗ ଇକୋନୋମିକ୍ସ ପକ୍ଷରୁ ଅଭିଷେକ ଗୁପ୍ତା କହିଛନ୍ତି, ବଜାରକୁ ନେଇ ନିବେଶକ ଏବେ ଆଶଙ୍କାରେ ରହିଛନ୍ତି। ସ୍ଥିତିରେ କେବେ ଉନ୍ନତି ଆସିବ ତାହା ମଧ୍ୟ ସ୍ପଷ୍ଟ ଭାବେ କହିହେବ ନାହିଁ। ବିଭିନ୍ନ କ୍ଷେତ୍ର କରୋନା ପାଇଁ କ୍ଷତିର ସାମ୍ନା କରିଛନ୍ତି। ଭାରତୀୟ ଅର୍ଥ ବ୍ୟବସ୍ଥା ପ୍ରଥମେ ସମସ୍ୟା ଦେଇ ଗତି କରୁଥିବା ବେଳେ ବୋଝ ଉପରେ ଆହୁରି ବୋଝ ଲଦିଲା ଭଳି ପରିସ୍ଥିତି ଉପୁଜିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାରେ ପ୍ରମୁଖ ଯୋଗଦାନ ରଖୁଥିବା ସେବା କ୍ଷେତ୍ର ଯୋଗଦାନ ମାର୍ଚ୍ଚରେ ପ୍ରଥମଥର ଲାଗି ହ୍ରାସ ଘଟିଛି। ଆଇଏଚ୍‌ଏସ୍ ମାର୍କିଟ ଡାଟା ମୁତାବକ ଫେବୃୟାରୀରେ ଏହା ୫୭.୫% ରହିଥିବା ବେଳେ ମାର୍ଚ୍ଚରେ ୪୯.୩%କୁ ଖସିଛି। ଏହାବାଦ ମାନୁଫାକଚରିଂ ପ୍ରଭାବିତ ହେବା ଯୋଗୁ କମ୍ପୋଜିଟ ଇଣ୍ଡେକ୍ସ ୭୫.୬%ରୁ ୫୦.୬%କୁ ଖସିଛି।

ମାର୍ଚ୍ଚରେ ରପ୍ତାନି ୩୫% ହ୍ରାସ ଘଟିଛି। ଏହା ଗତ ୨ ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ ଧରଣର ହ୍ରାସ। ଲକ୍‌ଡାଉନ ପାଇଁ ବିଦେଶରେ ଚାହିଦା ଖସିଥିବାରୁ ରପ୍ତାନିକୁ ଏହା କ୍ଷତିଗ୍ରସ୍ତ କରିଛି। ଶୀଘ୍ର ସ୍ଥିତି ସ୍ୱାଭାବିକ ହେବ ବୋଲି ଆଶା କରାଯାଇ ନ ପାରେ। ଗତ ମାସରେ ପ୍ରମୁଖ କମ୍ପାନୀଗୁଡିକର କାର୍ ବିକ୍ରି ପ୍ରାୟ ୫୧% କମିଛି। ଲକ୍ ଡାଉନ ଘୋଷଣା ହେବା ଆଗରୁ ଖାଉଟିଙ୍କ ଆତ୍ମବିଶ୍ୱାସ ପ୍ରଭାବିତ ସ୍ତରରେ ରହିଥିବା କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ନିଯୁକ୍ତି କମିବା ଏବଂ ଋଣ ଚାହିଦା ହ୍ରାସ ହେବା ଭଳି ସ୍ଥିତି ଉପୁଜିବାରୁ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଅର୍ଥ ବ୍ୟବସ୍ଥାକୁ ଅଧିକ ନଗଦ କିଭଳି ଆସିପାରିବ ସେ ଦିଗରେ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଫେବୃୟାରୀରେ ଶିଳ୍ପ ଉତ୍ପାଦନ ସାମାନ୍ୟ ବଢିଛି। ମାତ୍ର କରୋନା ଯୋଗୁ ବଜାରର ସ୍ଥିତି ସ୍ୱାଭାବିକ ହେବା ପାଇଁ ଆଗାମୀ କିଛି ତ୍ରୈମାସ ଲାଗି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।



- ସ୍ଥିତି ସୁଧୁରିବା ନେଇ ସ୍ପଷ୍ଟ ଭାବେ କହିହେଉନି
- ମାନ୍ଦାବସ୍ଥା ପରେ କରୋନା କରୋଡ଼ା
- ପ୍ରଭାବିତ ସ୍ଥିତିରେ ବିଭିନ୍ନ କ୍ଷେତ୍ର

## ଅର୍ଥ ବ୍ୟବସ୍ଥା ଲାଗି ବିନାଶକାରୀ ଲକ୍‌ଡାଉନ



ଭାରତ ଏବଂ ଇଣ୍ଡୋନେସିଆ ଭଳି ଦେଶଗୁଡିକ ଲାଗି ଲକ୍‌ଡାଉନ ବିନାଶକାରୀ। ଏହା ଦ୍ୱାରା ଅର୍ଥ ବ୍ୟବସ୍ଥା ଏବଂ ଲୋକଙ୍କର ବିଶେଷ ମଙ୍ଗଳ ସାଧନ କରି ହେବ ନାହିଁ। ଲୋକଙ୍କ ଲାଗି ନିଯୁକ୍ତି କ୍ଷେତ୍ରରେ ବିଶେଷ ସୁବିଧା ସୁଯୋଗ ନ ଥିବାରୁ ଲକ୍‌ଡାଉନ ଭାରତ ଲାଗି ଏକ ବିନାଶକାରୀ ପଦକ୍ଷେପ ବୋଲି ଜାଫେରୀର ଇକ୍ୱିଟି ଷ୍ଟ୍ରାଟେଜି ବିଭାଗ ଗ୍ଲୋବାଲ ମୁଖ୍ୟ ଖ୍ରୋଷ୍ଟୋଫର ଉଡ୍ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଆମେରିକା କ୍ଷୁଦ୍ର ବାଣିଜ୍ୟକୁ ବଞ୍ଚାଇବା ଲାଗି ୩୪୯ ବିଲିୟନ ଡଲାରର ଏକ ଯୋଜନା ହାତକୁ ନେଇଛି। ଏଥିରେ କର୍ମଚାରୀଙ୍କୁ ବେତନ ନିରାପତ୍ତା, ଛୋଟ ଛୋଟ କମ୍ପାନୀଗୁଡିକ ଲାଗି ଋଣ ମାଫ ପଦକ୍ଷେପ ମଧ୍ୟ ସାମିଲ ରହିଛି। ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବା କ୍ଷେତ୍ରରେ ମଧ୍ୟ କର୍ମଚାରୀଙ୍କ ଲାଗି କମ୍ପାନୀ ବ୍ୟବସ୍ଥା ହାତକୁ ନେଇଛନ୍ତି। ଲକ୍‌ଡାଉନ ଯୋଗୁ ଭାରତୀୟ ବ୍ୟାଙ୍କଗୁଡିକର ସମସ୍ୟା ଦେଖାଯିବ। କାରଣ କମ୍ପାନୀଗୁଡିକ କାରବାର ହରାଇବା ଯୋଗୁ ଦେବାଳିଆ ସ୍ଥିତିକୁ ଯିବାର ବେଶି ସମ୍ଭାବନା ରହିଛି। ସେହିଭଳି ମଧ୍ୟ ପ୍ରାଚ୍ୟ ତେଲ ଉତ୍ପାଦନକାରୀ କମ୍ପାନୀଗୁଡିକ ଏବେ କ୍ଷତିରେ ଚାଲିଥିବାରୁ ଭାରତକୁ ରେମିଟାନ୍ସରେ ମଧ୍ୟ ସମସ୍ୟା ଉପୁଜିବ ବୋଲି ସେ ମତ ଦେଇଛନ୍ତି।

## ମ୍ୟୁଚୁଆଲ ଫଣ୍ଡ୍ ବଜାର ବେହାଲ



ମୁମ୍ବାଇ,୨୪।୪: କୋଭିଡ୍-୧୯ ଯୋଗୁ ମ୍ୟୁଚୁଆଲ ଫଣ୍ଡ ଶିଳ୍ପ ବଜାର ଗଭୀର ଭାବେ କ୍ଷତିଗ୍ରସ୍ତ ହେଉଥିବା ନଜରକୁ ଆସିଛି। ଫଳରେ ଏହାର ପ୍ରଭାବ ନିବେଶକଙ୍କ ଉପରେ ସିଧାସଳଖ ପଡ଼ିଛି। ଏଭଳି ସମସ୍ୟା ଲାଗି ପ୍ରମୁଖ କମ୍ପାନୀ ଫ୍ରାଙ୍କ୍‌ଲିନ ଟେମ୍ପଲଟନ ମ୍ୟୁଚୁଆଲ ଫଣ୍ଡ ଏହାର ୬ ଡେଟ୍ ସ୍କିମକୁ ବନ୍ଦ କରିଦେଇଛି। ପୁଞ୍ଜିବଜାର କାରବାରକୁ କ୍ଷତିଗ୍ରସ୍ତ କରିବା ପରେ ଏବେ କରୋନାର ମାଡ଼ ମ୍ୟୁଚୁଆଲ ଫଣ୍ଡ ବଜାର ଉପରେ ପଡିଛି। ଫଳରେ ଫ୍ରାଙ୍କ୍‌ଲିନ ଟେମ୍ପଲଟନକୁ ଏହା ୬ କ୍ରେଡିଟ ସ୍କିମ୍ ବନ୍ଦ କରିବାକୁ ପଡିଛି। ମହାମାରୀ ପ୍ରଭାବ ଯୋଗୁ କାରବାର ଉପରେ ଚାପ, ବଣ୍ଡ ବଜାରରେ ଲିକ୍ୱିଡିଟି ସମସ୍ୟା ଆସିବା ଯୋଗୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀର ଏଭଳି ନିଷ୍ପତ୍ତି ଏହାର ନିବେଶକଙ୍କ ସହ ଅନ୍ୟ ବଜାର ନିବେଶକଙ୍କୁ ମଧ୍ୟ ଚିନ୍ତାଗ୍ରସ୍ତ କରିଛି। ନିବେଶ ଉପରେ କମ୍ପାନୀ ନିବେଶକଙ୍କୁ ଅର୍ଥ ଫେରସ୍ତ କରିଦେବ। ହେଲେ ଏଥିପାଇଁ କିଛି ସମୟ ଲାଗିପାରେ।

## ସଂକ୍ଷେପରେ

### ୧୦ ଲକ୍ଷ କୋଟି ଛୁଇଁପାରେ ଏନ୍‌ପିଏ

ନୂଆଦିଲ୍ଲୀ,୨୪।୪: କୋଭିଡ୍-୧୯ ମହାମାରୀ ଯୋଗୁ ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଅନାଦାୟ ଋଣ(ଏନ୍‌ପିଏ) ବୃଦ୍ଧି ଘଟି ୧୦ ଲକ୍ଷ କୋଟି ଟଙ୍କା ଛୁଇଁବା ନେଇ ଆଶଙ୍କା କରାଯାଇଛି। ମହାମାରୀ ପାଇଁ ଦେଶର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ବେଳେ କମ୍ପାନୀଗୁଡିକ ଏବେ ଚାପରେ ରହିଥିବାରୁ ଏହାର ପ୍ରଭାବ ବ୍ୟାଙ୍କଗୁଡିକର ଋଣ ଉପରେ ପଡିବ। ୨୦୨୦-୨୧ରେ ବ୍ୟାଙ୍କଗୁଡିକର ଏନ୍‌ପିଏ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ସୂଚନା ଏକ ବ୍ଲଗ୍‌ରେ ମତ ପ୍ରକାଶ କରିଛନ୍ତି। ଗର୍ଗ କହିଛନ୍ତି ଯେ, ବ୍ୟାଙ୍କଗୁଡିକ ପ୍ରଦାନ କରିଥିବା ସେମାନଙ୍କ ମୋଟ ଋଣ ମଧ୍ୟରୁ ପ୍ରାୟ ୮୦% ନନ୍‌ଏସେନସିଆଲ(ଅଣ ଜରୁରୀ କ୍ଷେତ୍ର)କୁ ପ୍ରଦାନ କରିଛନ୍ତି। ଲକ୍‌ଡାଉନ ପାଇଁ ଏହି କ୍ଷେତ୍ରଗୁଡିକର କାମ ଏବେ ପ୍ରାୟ ଠପ୍ ହୋଇଛି। ବର୍ତ୍ତମାନ କ୍ଷୁଦ୍ର ବାଣିଜ୍ୟ ସେମାନଙ୍କ ସଟର ପକାଇ ଦେଇଥିବା ବେଳେ ଏମ୍‌ଏସ୍‌ଏମ୍‌ଇରେ କାମ ବନ୍ଦ ରହିଛି।

### କରୋନା ଲଢ଼େଇରେ ଡବ୍ଲ୍ୟୁଏଫ୍‌ଏଫ୍ ଇଣ୍ଡିଆ

ଭୁବନେଶ୍ୱର,୨୪।୪: କରୋନା ଲଢ଼େଇରେ ଡବ୍ଲ୍ୟୁଏଫ୍‌ଏଫ୍ ଇଣ୍ଡିଆ ପକ୍ଷରୁ ଯୋଗଦାନ ରଖାଯାଇଛି। ସ୍ମାର୍ଟ ଚିପ୍ ପ୍ରାଇଭେଟ ଲିମିଟେଡ୍‌ର ମିଳିତ ସହଯୋଗରେ ଡବ୍ଲ୍ୟୁଏଫ୍‌ଏଫ୍ ଇଣ୍ଡିଆ ପକ୍ଷରୁ ଗଞ୍ଜାମର ପୋଡ଼ମପେଟା, ଗୋଖୁରକୁଦା ଏବଂ ପୁରୁଣାବନ୍ଧ ଗ୍ରାମବାସୀଙ୍କୁ ହ୍ୟାଣ୍ଡ ସାନିଟାଇଜର, ଶିଶୁ ଖାଦ୍ୟ, ଗ୍ରସେରି ସାମଗ୍ରୀ ପ୍ରଦାନ କରାଯାଇଛି। ଜିଲା ପ୍ରଶାସନର ପ୍ରକ୍ରିୟା ଅନୁସାରେ ବିଡିଓଙ୍କ ସହଯୋଗ କ୍ରମେ ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ବିମାନ ଚଳାଚଳ କ୍ଷେତ୍ରର ୨୯ ଲକ୍ଷ ଚାକିରି ବିପଦରେ

ନୂଆଦିଲ୍ଲୀ,୨୪।୪: ଭାରତୀୟ ବିମାନ ଚଳାଚଳ କ୍ଷେତ୍ର ଏବଂ ଏହାର ଆନୁଷଙ୍ଗିକ କ୍ଷେତ୍ର ଗୁଡିକ କରୋନା ମହାମାରୀ ଯୋଗୁ ଏବେ ଚାପରେ ରହିଛନ୍ତି। ଏହି କ୍ଷେତ୍ରଗୁଡିକରେ ପ୍ରାୟ ୨୯ ଲକ୍ଷ ଚାକିରି ବିପଦରେ ରହିଛି ବୋଲି ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଆସୋସିଏଶନ(ଆଇଏଟିଏ) ପକ୍ଷରୁ ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି। ମେ ମାସ ୩ ଯାଏ ଦେଶ ମଧ୍ୟରେ ବିମାନ ସେବା ବନ୍ଦ ରହିଛି। ଅର୍ଥନୈତିକ କାର୍ଯ୍ୟକଳାପ ଏବେ କ୍ଷତିଗ୍ରସ୍ତ ହୋଇଥିବାରୁ ଦେଶର ପର୍ଯ୍ୟଟନ ତଥା ବିମାନ ଚଳାଚଳ କ୍ଷେତ୍ର ଚାପଗ୍ରସ୍ତ ହୋଇଛି। ଏବେ ପାସେଞ୍ଜର ଟ୍ରାଫିକ ୪୭% ଖସିଛି। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କରୋନା ପ୍ରଭାବ ଅଧିକ ପଡିବା ନେଇ ଏହି ରିପୋର୍ଟରେ କୁହାଯାଇଛି। କରୋନା ପାଇଁ ଭାରତୀୟ ବିମାନ ଚଳାଚଳ ବଜାର ପ୍ରାଥମିକ ଆକଳନ ଅନୁସାରେ ପ୍ରାୟ ୮୫ ହଜାର କୋଟି କ୍ଷତି ସହିବ। ଏସିଆ ପାସିଫିକ ଅଞ୍ଚଳ କଥା ବିଚାରକଲେ ୧୧.୨ ନିୟୁତ ନିଯୁକ୍ତି କ୍ଷତିଗ୍ରସ୍ତ ହେବ ବୋଲି ଆକଳନରେ କୁହାଯାଇଛି।

## ଏମ୍‌ଏସ୍‌ଏମ୍‌ଇ, ଅଣସଙ୍ଗଠିତ କ୍ଷେତ୍ରକୁ ମିଳିବ ପ୍ରାଥମିକତା

ନୂଆଦିଲ୍ଲୀ,୨୪।୪: କେନ୍ଦ୍ର ସରକାର କିଛି ବଛାବଛା କ୍ଷେତ୍ରକୁ ପ୍ୟାକେଜ ପ୍ରଦାନ କରିବା ଲାଗି ଯୋଜନା କରିଛନ୍ତି। ଏହି ପ୍ୟାକେଜ ଶୀଘ୍ର ଘୋଷଣା ହେବା ସମ୍ଭାବନା ରହିଛି। ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଏବଂ ଅଣ ସଙ୍ଗଠିତ କ୍ଷେତ୍ରକୁ ସରକାର ପ୍ରାଥମିକତା ଦେବେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ଏହା ମଧ୍ୟରେ ଦୋକାନୀ, କ୍ଷୁଦ୍ର ବାଣିଜ୍ୟ ବାଦ୍ ତୈଳ କମ୍ପାନୀ ରହିଛି। ଯୋଜନା ଚୂଡାନ୍ତ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଅର୍ଥ ମନ୍ତ୍ରଣାଳୟ ଆଲୋଚନା ଜାରି ରଖିଛନ୍ତି। ସରକାର ଗଠନ କରିଥିବା ୧୧ ଏମ୍ପାୱାର୍ଡ କମିଟିର ପ୍ରସ୍ତାବକ୍ରମେ ବିଭିନ୍ନ ଯୋଜନା ହାତକୁ ନିଆଯାଉଥିବା ଜଣାପଡିଛି। ବର୍ତ୍ତମାନ ସରକାରଙ୍କ ବିତ୍ତୀୟ ସାଧନ ପ୍ରଭାବିତ ସ୍ଥିତିରେ ରହିଥିବାରୁ ପ୍ୟାକେଜ ଏତେ ବଡ ହେବ ନାହିଁ ବୋଲି ଅଧିକାରୀ କହିଛନ୍ତି। ପ୍ୟାକେଜ ପ୍ରାୟ ଚୂଡ଼ାନ୍ତ ସ୍ଥିତିରେ ରହିଛି। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ଜାରି ରଖିଛି। ବଡ ଫାର୍ମଗୁଡିକ ଲାଗି ସେଭଳି କିଛି ପ୍ୟାକେଜ ଆସିବ ନାହିଁ ଅଧିକାରୀ ମତବ୍ୟକ୍ତ କହିଛନ୍ତି।



# ଖେଳ ଖବର

## ଭାରତୀୟ ମହିଳା କ୍ରିକେଟ ଦଳର ଇଂଲଣ୍ଡ ଗସ୍ତ ସ୍ଥଗିତ

ଲଣ୍ଡନ, ୨୪।୪ (ପି.ଟି.): ଭାରତୀୟ ମହିଳା କ୍ରିକେଟ ଦଳର ଇଂଲଣ୍ଡ ଗସ୍ତ ସ୍ଥଗିତ ରହିଛି। କୋଭିଡ୍-୧୯ ସଂକ୍ରମଣ କାରଣରୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ସବୁ ପେସାଦାର କ୍ରିକେଟ କାର୍ଯ୍ୟକଳାପକୁ ବାତିଲ କରିଥିବାରୁ ଏପରି ସ୍ଥିତି ଉପୁଜିଛି। ଜୁନ୍ ୨୫ରୁ ଭାରତୀୟ ମହିଳାଙ୍କ ଗସ୍ତ ଆରମ୍ଭ ହେବା କାର୍ଯ୍ୟକ୍ରମ ଥିଲା। ଦୁଇ ସପ୍ତାହ ବିଶିଷ୍ଟ ଏହି ଗସ୍ତରେ ଭାରତ ୪ଟି ଦିନିକିଆ ଓ ୨ଟି ଟି୨୦ ଖେଳିଥାନ୍ତା। ଭାରତ ଟନ୍‌ଟନ୍ ଓ ବ୍ରିଷ୍ଟଲ୍‌ରେ ଦୁଇଟି ଟି୨୦ ଏବଂ ୪ ଦିନିକିଆ ୱରସେଷ୍ଟର, ଚେମ୍ସଫୋର୍ଡ, କାଣ୍ଟେରବୁରୀ ଓ ହୋଭ୍‌ରେ ଖେଳିଥାନ୍ତା। ଚଳିତ ଗ୍ରୀଷ୍ମରେ କ୍ରିକେଟ ମ୍ୟାଚ୍ ଆୟୋଜନ କରିବାକୁ ଆମେ ଆଶାବାଦୀ ଅଛୁ। ତେବେ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ପ୍ରାଥମିକତା ଦିଆଯିବ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଟମ୍ ହାରିସନ କହିଛନ୍ତି।

## ହକି ପ୍ରୋ ଲିଗ୍ ସିଜନ-୨ ବର୍ଷେ ଘୁଞ୍ଚିଲା

ଲାଉସାନେ, ୨୪।୪ (ପି.ଟି.): ମର୍ଯ୍ୟାଦାପୂର୍ଣ୍ଣ ପ୍ରୋ-ଲିଗ୍ ଦ୍ୱିତୀୟ ସଂସ୍କରଣକୁ ଏକ ବର୍ଷ ଅର୍ଥାତ ୨୦୨୧ ଜୁନ୍ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। କୋଭିଡ୍-୧୯ ମହାମାରୀ ଯୋଗୁ କେତୋଟି ମ୍ୟାଚ୍ ସ୍ଥଗିତ ରଖାଯିବା ପରେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଶୁକ୍ରବାର ଏହି ନିଷ୍ପତ୍ତି ନେଇଛି। ସିଜନ-୨ ୨୦୨୦ ଜାନୁୟାରୀରୁ ଜୁନ୍ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଥିଲା। ମାର୍ଚ୍ଚ ପ୍ରଥମ ଭାଗ ସୁଦ୍ଧା ଏକ ତୃତୀୟାଂଶ ମ୍ୟାଚ ଶେଷ ହୋଇଯାଇଥିଲା। ମାତ୍ର କୋଭିଡ୍-୧୯ ଯୋଗୁ ପ୍ରତିଯୋଗିତାର ପରବର୍ତ୍ତୀ ମ୍ୟାଚ ଗୁଡ଼ିକର ଆୟୋଜନ ସମ୍ଭବ ନ ଥିଲା। ଭାରତ ସମେତ ଅଂଶଗ୍ରହଣକାରୀ ୧୧ଟି ଦେଶର ହକି ଆସୋସିଏଶନ ସହିତ ଏକ ରାଜିନାମା ପରେ ଏଫ୍‌ଆଇଏଚ୍ ଏହି ନିଷ୍ପତ୍ତି ନେଇଛି। ବର୍ତ୍ତମାନ ହକି ର୍‍ୟାଙ୍କିଙ୍ଗ ତାଲିକାରେ ଭାରତ ୧୦ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ଦଳ ଇତିମଧ୍ୟରେ ଦୁଇଟି ମ୍ୟାଚରେ ବିଜୟ ହାସଲ କରିଥିବାବେଳେ ଅନ୍ୟ ଦୁଇଟି ପରାଜିତ ହୋଇଥିଲା। ର୍‍ୟାଙ୍କିଙ୍ଗ ତାଲିକାରେ ଦଳ ଯଥାକ୍ରମେ ବେଲଜିୟମ, ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ପଛକୁ ରହିଛି। କୋଭିଡ୍-୧୯ ଯୋଗୁ ବିଶ୍ୱରେ ସ୍ୱାସ୍ଥ୍ୟଗତ ଅନିଶ୍ଚିତତା ଦେଖାଦେଇଛି। ଏଥିଲାଗି ହକି ପ୍ରୋ-ଲିଗ୍ ସିଜନ-୨କୁ ଏହା ପୂର୍ବରୁ ଦୁଇଥର ସସ୍‌ପେଣ୍ଡ କରାଯାଇଥିଲା। ପ୍ରଥମେ ଏପ୍ରିଲ ୧୫ ପୂର୍ବରୁ ସମସ୍ତ ମ୍ୟାଚ ସସ୍‌ପେଣ୍ଡ କରାଯାଇଥିଲା। ପରେ ଏହାର ମିଆଦକୁ ଏଫ୍‌ଆଇଏଚ୍ ମେ ୧୭କୁ ବୃଦ୍ଧି କରିଥିଲା। ରାଜିନାମା ଅନୁସାରେ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍‌ର ସିଜନ ୩ ସେପ୍ଟେମ୍ବର ୨୦୨୧ରୁ ଜୁନ୍ ୨୦୨୨ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛି।




## ଆଇସିସି ଅଧ୍ୟକ୍ଷ ପଦ ଦୌଡ଼ରେ ଗେଭ୍ସ ଆଗରେ

ନୂଆଦିଲ୍ଲୀ,୨୪।୪(ପି.ଟି.): ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଅଧ୍ୟକ୍ଷ ଭାବେ ଶଶାଙ୍କ ମନୋହରଙ୍କ କାର୍ଯ୍ୟକାଳ ଆଉ ୨ ମାସ ବଢିପାରେ। ଜୁନ୍‌ରେ ସେ ପଦ ଛାଡିବେ ବୋଲି ଆଶା କରାଯାଉଥିଲା। ତେବେ କୋଭିଡ୍-୧୯ ପାଇଁ ଆଇସିସି ବୋର୍ଡ ବୈଠକକୁ ଦୁଇମାସ ଘୁଞ୍ଚାଇ ଦିଆଯାଇଛି। ଫଳରେ ତାଙ୍କ କାର୍ଯ୍ୟକାଳ ବଢିବା ସମ୍ଭାବନା ସୃଷ୍ଟି ହୋଇଛି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଅଧ୍ୟକ୍ଷ କଲିନ୍ ଗେଭ୍ସ ଆଇସିସି ଅଧ୍ୟକ୍ଷ ପଦ ଦୌଡରେ ସମସ୍ତଙ୍କ ଆଗରେ ରହିଛନ୍ତି। ସେ ମନୋହରଙ୍କ ଉତ୍ତରାଧିକାରୀ ବିବେଚିତ ହେଉଛନ୍ତି। ମନୋହର ପଦ ଛାଡିବା ଏକ ପ୍ରକାର ନିଶ୍ଚିତ। ତେବେ ସେ ଆଉ ୨ମାସ ଦାୟିତ୍ୱରେ ରହିବା ସମ୍ଭାବନା ରହିଛି ।

## ପରିବାର ସହ ଜନ୍ମଦିନ ପାଳିଲେ ସଚିନ



ମୁମ୍ବାଇ, ୨୪।୪: କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଶୁକ୍ରବାର ୪୭ବର୍ଷରେ ପଦାର୍ପଣ କରିଛନ୍ତି। କରୋନା ଭାଇରସ ସଂକ୍ରମଣ ଜନିତ ସାମ୍ପ୍ରତିକ ସ୍ଥିତିରେ ସଚିନ ନିଜ ଜନ୍ମଦିନକୁ ନିରାଡ଼ମ୍ବରଭାବେ ପରିବାର ସଦସ୍ୟଙ୍କ ସହିତ ପାଳିଛନ୍ତି। "ମୁଁ ଏବେ ରୋଷେଇ କରିବା ସହ ଘର ପରିଷ୍କାର କରୁଛି ଏବଂ ଗଛରେ ପାଣି ଦେଉଛି। ଲକ୍ ଡାଉନ୍ ସମୟ ପିଲାମାନଙ୍କ(ସାରା, ଅର୍ଜୁନ) ସହିତ ସମୟ କାଟିବା ସୁଯୋଗ ଦେଇଛି। ଉଭୟ ୨୦ବର୍ଷରୁ ଊର୍ଦ୍ଧ୍ୱ ଥିବାରୁ ସନ୍ଧ୍ୟା ସମୟରେ ଘରେ ରହିବା କଷ୍ଟକର ହୋଇ ପଡୁଛି। ସେମାନେ ନିଜ ସାଙ୍ଗମାନଙ୍କ ସହିତ ଯୋଗାଯୋଗ କରି ସମୟ ଅତିବାହିତ କରୁଛନ୍ତି। ତେବେ ଲକଡାଉନ ଥିବାରୁ ମୁଁ ଓ ଅଞ୍ଜଳି(ପତ୍ନୀ) ସେମାନଙ୍କ ସହିତ ସମୟ କଟାଇ ପାରୁଛୁ। ସେହିପରି ମା' ମୋ ସହିତ ଅଧିକ ସମୟ କାଟି ପାରୁଛନ୍ତି" ବୋଲି ସଚିନ କହିଛନ୍ତି। ସଚିନ ୨୦୧୩ରୁ ଅବସର ନେଇ ସାରିଥିଲେ ହେଁ ଅନ୍ତର୍ଜାତୀୟ କ୍ରିକେଟରେ ଏବେ ମଧ୍ୟ ତାଙ୍କର ଅନେକ ରେକର୍ଡ ଅତୁଟ ରହିଛି। ୨୪ ବର୍ଷର ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରରେ ସଚିନ ଉଭୟ ଟେଷ୍ଟ ଓ ଦିନିକିଆରେ ଏକାଧିକ ରେକର୍ଡ ସୃଷ୍ଟି କରି ନିଜ ପ୍ରଶଂସକଙ୍କୁ ଉଲ୍ଲସିତ କରିଛନ୍ତି।

## ବ୍ୟାଡ୍‌ମିଣ୍ଟନରୁ ମାଥିଆସଙ୍କ ଅବସର

ନୂଆଦିଲ୍ଲୀ, ୨୪।୪ (ପି.ଟି.): ଡେନମାର୍କର ଅଗ୍ରଣୀ ବ୍ୟାଡ୍‌ମିଣ୍ଟନ ଡବଲ୍ସ ଖେଳାଳି ମାଥିଆସ ବୋଏ ଖେଳରୁ ଅବସର ନେଇଛନ୍ତି। ଦୁଇ ଦଶନ୍ଧି ଧରି ତାଙ୍କ କ୍ୟାରିୟରରେ ସେ ମାଇକେଲ ଜେନସେନ, ଥୋମାସ୍ ହୋଭାଗାର୍ଡ ଏବଂ ମାଇକେଲ ଲାମ୍ପଙ୍କ ସହିତ ପାର୍ଟନର ହୋଇ ଖେଳିଛନ୍ତି। କିନ୍ତୁ କାର୍ଷ୍ଟେନ ମୋଗେନ୍‌ସେନଙ୍କ ସହିତ ସେ ବହୁ ଦିନ ଧରି ପାର୍ଟନର ହୋଇ ଖେଳିଛନ୍ତି ଏବଂ ସଫଳ ମଧ୍ୟ ରହିଛନ୍ତି। ୩୯ ବର୍ଷୀୟ ମାଥିଆସ କହିଛନ୍ତି ମୋ କ୍ୟାରିୟର ଭିତରେ ଶ୍ରେଷ୍ଠ ବ୍ୟାଡ୍‌ମିଣ୍ଟନ ଖେଳାଳି ହେବା ପାଇଁ ସବୁବେଳେ ଚେଷ୍ଟା କରିଆସିଥିଲା। ବର୍ତ୍ତମାନ ମୋର ପ୍ରଦର୍ଶନ ଆଶାନୁରୂପ ହେଉ ନ ଥିବାରୁ ମୁଁ ଅବସର ନେବାକୁ ଉଚିତ ମଣିଲି। ସେ କହିଛନ୍ତି, ବର୍ତ୍ତମାନ କରୋନା ଭାଇରସ୍ ପାଇଁ ଚାଲିଥିବା ଲକ୍‌ଡାଉନ୍ ସହିତ ମୋ ଅବସର ନିଷ୍ପତ୍ତିର କୌଣସି ସମ୍ପର୍କ ନାହିଁ। ଏଲିଟ୍ ଲେଭେଲରେ ସକ୍ରିୟ ଥିବା ଖେଳାଳିଙ୍କ ମଧ୍ୟରେ ମାଥିଆସ ସବୁଠାରୁ ବୟୋଜ୍ୟେଷ୍ଠ। ୧୯୯୮ରେ ମୋଗେନ୍‌ସେନଙ୍କ ସହିତ ସେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଦୁହିଁଙ୍କର ପ୍ରଥମ ଟୁର୍ନାମେଣ୍ଟ ୟୁଏସ ଓପନ୍ ୨୦୦୪ରେ ସେମାନେ ଫାଇନାଲରେ ପ୍ରବେଶ କରିଥିଲେ। ଏହି ଯୋଡ଼ି ଲଣ୍ଡନ ଅଲିମ୍ପିକ୍ସ ୨୦୧୨ ଏବଂ ବିଶ୍ୱ ଚାମ୍ପିୟନଶିପ୍ ୨୦୧୩ରେ ରୌପ୍ୟ ସହ ଅନେକ ଟୁର୍ନାମେଣ୍ଟରେ ସଫଳତା ହାସଲ କରିଛି। ୨୦୧୬ରେ ଥୋମାସ କପ୍ ଜିତିଥିବା ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ଏହିଯୋଡ଼ି ସୁପର ସିରିଜ ଇଭେଣ୍ଟଗୁଡ଼ିକରେ ଅନେକଥର ପୋଡିୟମ ଫିନିଶ କରିଛନ୍ତି।



## ଓଡ଼ିଆ ମହିଳାଙ୍କ ଶେଷକୃତ୍ୟ କଲେ ଗମ୍ଭୀର

ନୂଆଦିଲ୍ଲୀ, ୨୪।୪ (ପି.ଟି.): ପୂର୍ବତନ କ୍ରିକେଟର ତଥା ଭାଜପା ଏମ୍‌ପି ଗୌତମ ଗମ୍ଭୀର ତାଙ୍କ ଘରେ କାମ କରୁଥିବା ଜଣେ ମହିଳାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ୪୯ ବର୍ଷୀୟା ଏହି ମହିଳାଙ୍କ ନାମ ସରସ୍ୱତୀ ପାତ୍ର। ତାଙ୍କ ଘର ଓଡ଼ିଶାର ଯାଜପୁର ଜିଲାରେ। ସେ ଦୀର୍ଘଦିନ ଧରି ଡାଇବେଟିସ୍ ଓ ହାଇ ବ୍ଲଡପ୍ରେସର ବିରୋଧରେ ସଂଗ୍ରାମ କରି ଆସୁଥିଲେ। କିଛିଦିନ ତଳେ ତାଙ୍କୁ ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା କରାଯାଉଥିବା ବେଳେ ସରସ୍ୱତୀ ଗତ ୨୧ ତାରିଖରେ ମୃତ୍ୟୁବରଣ କରିଥିଲେ। ତେବେ ତାଙ୍କ ମୃତ ଶରୀରକୁ କୋଭିଡ୍-୧୯ ସଂକ୍ରମଣଜନିତ ଲକ୍‌ଡାଉନ କାରଣରୁ ଓଡ଼ିଶାରେ ଥିବା ତାଙ୍କ ପରିବାର ନିକଟକୁ ପଠାଯିବା ସମ୍ଭବ ହୋଇ ନ ଥିଲା। ଫଳରେ ଶେଷରେ ଗମ୍ଭୀର ନିଜେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରିଥିଲେ ବୋଲି ଟୁଇଟ କରି ସୂଚନା ଦେଇଛନ୍ତି।





ସରସ୍ୱତୀ ମୋ ପିଲାର ଯତ୍ନ ନେଉଥିଲେ। ତେଣୁ ତାଙ୍କ ଚାକରାଣୀ ବୋଲି କୁହାଯିବା ଠିକ୍ ହେବନାହିଁ। ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରିବା ମୋର ଦାୟିତ୍ୱ। ସେ ଆମ ଘରେ ଗତ ୬ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ। ସେ ଆମ ପରିବାରର ସଦସ୍ୟ ଥିଲେ ବୋଲି ଗମ୍ଭୀର କହିଛନ୍ତି। ଏହି ବଦାନ୍ୟତା ପାଇଁ କେନ୍ଦ୍ର ଷ୍ଟିଲ୍ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗମ୍ଭୀରଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଗମ୍ଭୀରଙ୍କ ଏହି କାର୍ଯ୍ୟ ମାନବିକତାକୁ ସୂଚାଉଛି। ଦେଶରେ ବହୁ ଗରିବ ଲୋକ ଜୀବିକା ପାଇଁ ଘର ଛାଡି ବାହାରେ କାର୍ଯ୍ୟ କରୁଛନ୍ତି। ତେଣୁ ଗମ୍ଭୀରଙ୍କ ଏ ଭଳି ବଦାନ୍ୟତା ସାରା ମାନବ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଉଲ୍ଲେଖଥାଉ କି, ସରସ୍ୱତୀ ୨୦୧୩ରେ ଜଣେ ପ୍ରତିନିଧି ଭାବେ ଏକ ସେମିନାରରେ ଅଂଶଗ୍ରହଣ କରିବା ପାଇଁ ଦିଲ୍ଲୀ ଯାଇଥିଲେ ବୋଲି ତାଙ୍କ ଭାଇ ପ୍ରଫୁଲ୍ଲ ପାତ୍ର କହିଛନ୍ତି। ସେଠାରେ ସେ ଜଣେ ଓଡ଼ିଆ ମହିଳାଙ୍କୁ ଭେଟିଥିଲେ। ମହିଳା ଜଣକ ଗମ୍ଭୀରଙ୍କୁ ଜାଣିଥିଲେ। ସେ ମୋ ଭଉଣୀଙ୍କୁ ଗମ୍ଭୀରଙ୍କ ଘରକୁ ନେଇଥିଲେ। ସେଠାରେ ସରସ୍ୱତୀ ଘରୋଇ କାର୍ଯ୍ୟରେ ସାହାଯ୍ୟ କରୁଥିଲେ ବୋଲି ପ୍ରଫୁଲ୍ଲ କହିଛନ୍ତି। ବିବାହର କିଛିବର୍ଷ ପରେ ସ୍ୱାମୀଙ୍କଠାରୁ ଅଲଗା ହେବା ପରେ ସରସ୍ୱତୀ ଯାଜପୁରର କୁସୁନପୁରରେ ଥିବା ତାଙ୍କ ବାପାଙ୍କ ଘରେ ରହୁଥିଲେ। ସ୍ୱରସ୍ୱତୀ ମଧ୍ୟ ଯାଜପୁରରେ ମାନବିକ ଅଧିକାର ପାଇଁ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଥିଲେ। ୧୪ ତାରିଖରେ ସରସ୍ୱତୀ ଅସୁସ୍ଥ ହୋଇପଡିବା ପରେ ଗମ୍ଭୀର ଆମ ସହ ଯୋଗାଯୋଗ କରିଥିଲେ ବୋଲି ପ୍ରଫୁଲ୍ଲ କହିଛନ୍ତି। ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯିବା କଥା ମଧ୍ୟ ସେ କହିଛନ୍ତି।

ମନେ ପଡ଼ନ୍ତି
ସପ୍ତମ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଧ୍ରୁବ ଚରଣ ଶତପଥୀ
ଆବିର୍ଭାବ: ୦୫।୦୧।୧୯୩୭
ତିରୋଧାନ: ୧୩।୦୫।୨୦୧୩
(ଅକ୍ଷୟତୃତୀୟା)
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୧୭୨୬୦



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ